# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୬/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 6/2019 | ★★★★★★

୪୫ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



## ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ଟେଷ୍ଟ (Food Intolerance/ Allergy Test) ସହିତ

# ନିଃଶୁଳ୍କ କମ୍ପ୍ଲିଟ୍ ବଡି ପ୍ରୋଫାଇଲ୍ ପରୀକ୍ଷା
## (COMPLETE BODY PROFILE TEST)



**7, 8, 9 ଓ 10 ଜୁଲାଇ ଦିନ ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା କରାଇଲେ କମ୍ପ୍ଲିଟ୍ ବଡି ପ୍ରୋଫାଇଲ୍ ପରୀକ୍ଷା ମାଗଣାରେ କରାଯିବ ।**

**ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ଟେଷ୍ଟ (Food Intolerance/ Allergy Test) ଦ୍ୱାରା ନିଜ ରୋଗଗୁଡ଼ିକର କାରଣ ଜାଣନ୍ତୁ ଯାହାଫଳରେ ଔଷଧ ସେବନକୁ ହ୍ରାସ କରାଯାଇପାରିବ ।**



### ମାଇଗ୍ରେନ୍ (Migraine)
### ଅର୍ଦ୍ଧ କିମ୍ବା ସମ୍ପୂର୍ଣ୍ଣ ମୁଣ୍ଡବିନ୍ଧା

ଆଜିର ଯୁଗରେ ପ୍ରତ୍ୟେକ ଦ୍ୱିତୀୟ-ତୃତୀୟ ବ୍ୟକ୍ତି ମାଇଗ୍ରେନ୍‌ରେ ପୀଡ଼ିତ ଏବଂ ସେ ତାହାର କାରଣ ଜାଣିବା ବିନା ଲଗାତର ଔଷଧ ସେବନ କରିଚାଲନ୍ତି। ଅନେକ ଥର ଏହି ମାଇଗ୍ରେନ୍‌ର କାରଣ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟପଦାର୍ଥ ମଧ ହୋଇପାରେ। ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test) ଦ୍ୱାରା ମାଇଗ୍ରେନ୍‌ର ଠିକ୍ କାରଣକୁ ଚିହ୍ନଟ କରିବା ଅନେକ ମାତ୍ରାରେ ସମ୍ଭବ। କାରଣ ଜଣାପଡ଼ିଗଲେ ସମ୍ପୃକ୍ତ ଖାଦ୍ୟ ସେବନରୁ ବିରତ ରହି ଔଷଧ ସେବନକୁ କମ୍ କରାଯାଇପାରିବ।



### ମାନସିକ ଚାପ
### (Mental Stress)

ମାନସିକ ଚାପ ମନର ବିଚାର କାରଣରୁ ହୋଇଥାଏ। ଏପରି କେତେକ ବିଚାର ଥାଏ ଯାହା ଆପଣଙ୍କ ମନରେ ଚାଲୁ ରହିଥାଏ ଏବଂ ତାହାକୁ ଆପଣ ଅନ୍ୟ କାହାକୁ ଜଣାଇପାରନ୍ତି ନାହିଁ । ପରିବାରକୁ ନେଇ, ଟଙ୍କାପଇସାକୁ ନେଇ ଏବଂ କେତେକ ଚିନ୍ତା ଆପଣଙ୍କ ଉପରେ ଏତେ ମାତ୍ରାରେ ଗ୍ରାସିତ କରିନିଏ ଯେ ସେଥିରୁ ମୁକ୍ତି ପାଇବା ଲାଗି ଆପଣ ଅନ୍ୟମାନଙ୍କର ସହାୟତା ନିଅନ୍ତି ନାହିଁ ଓ ସର୍ବଦା ଚାପଗ୍ରସ୍ତ ରୁହନ୍ତି ଓ ଔଷଧ ଉପରେ ନିର୍ଭରଶୀଳ ରୁହନ୍ତି। ଚାପର କାରଣ ଫୁଡ୍ ଇନ୍‌ଟଲେରାନ୍ସ/ ଆଲର୍ଜି ପରୀକ୍ଷା (Food Intolerance/ Allergy Test)ରୁ ଅନେକ ମାତ୍ରାରେ ଚିହ୍ନଟ ହୋଇପାରିବ।




### ସୁଗାର୍ (Diabetes)

ଯେବେ ଶରୀରର ବ୍ଲଡ୍ ଗ୍ଲୁକୋଜ୍‌କୁ ପ୍ରୋସେସ୍ କରିବାର କ୍ଷମତା ଦୁର୍ବଳ ହୋଇଯାଏ, ତାହାକୁ ସୁଗାର୍ ରୋଗ ବା ମଧୁମେହ କୁହାଯାଏ। ଅନେକ ଗବେଷଣାରୁ ଏହା ଜଣାପଡ଼ିଛି ଯଦି ଆଜିକାଲି ଖାଦ୍ୟଶସ୍ୟ ଓ ଦୁଗ୍ଧଜାତୀୟ ଉତ୍ପାଦ ଭଳି ଖାଦ୍ୟ ସୁଗାର୍ ପାଇଁ ଦାୟୀ ।
ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ପ୍ରି-ଡାଇବେଟିକ୍ ଲୋକ ଖାଦ୍ୟପଦାର୍ଥର ଫୁଡ୍ ଇନ୍‌ଟଲେରାନ୍ସକୁ ଚିହ୍ନଟ କରି ସୁଗାର୍‌ରୁ ବର୍ତ୍ତିପାରିବେ। ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test)ରୁ ସେହି ଖାଦ୍ୟପଦାର୍ଥଗୁଡ଼ିକୁ ଚିହ୍ନଟ କରିବା ଅନେକ ମାତ୍ରାରେ ସମ୍ଭବ, ଯେଉଁଗୁଡ଼ିକ ସୁଗାର୍ ଓ ମଧୁମେହର ପ୍ରମୁଖ କାରଣ ହୋଇଥିବ।



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

### ବଡି ପ୍ରୋଫାଇଲ୍ ପରୀକ୍ଷା-

- Complete Hemogram (28)
- Diabetes Profile (1)
- Iron Deficiency Profile (3)
- Lipid Profile (8)
- Liver Profile (11)
- Renal Profile (5)
- Thyroid Profile (3)
- Vitamin Profile (2)



### ପୃଥୁଳତା (Obesity)

ପୃଥୁଳତା ଏପରି ଏକ ସମସ୍ୟା, ଯାହା ଅନେକ ରୋଗର କାରଣ ସାଜିଥାଏ ଏବଂ ନିୟମିତ ବ୍ୟାୟାମ ଓ ଖାଦ୍ୟ-ପାନୀୟକୁ କମ୍ କରିବା ପରେ ମଧ ବ୍ୟକ୍ତି ନିଜ ପୃଥୁଳତାକୁ କମ୍ କରିପାରନ୍ତି ନାହିଁ, ଯାହାଦ୍ୱାରା ସେ ନିଜ ପୃଥୁଳତାର କାରଣ ମଧ ଜାଣିପାରନ୍ତି ନାହିଁ । ଠିକ୍ ସମୟରେ ପୃଥୁଳତାର କାରଣଗୁଡ଼ିକୁ ଚିହ୍ନଟ କରି ଆପଣ ପୃଥୁଳତା ସହିତ ଅନ୍ୟାନ୍ୟ ଅନେକ ରୋଗକୁ ରକ୍ଷା ପାଇପାରିବେ।

ପୃଥୁଳତାର କାରଣକୁ ଚିହ୍ନଟ କରିବା ପାଇଁ (Food Intolerance/ Allergy Test) ଅନେକ ମାତ୍ରାରେ ପ୍ରଭାବୀ ଅଟେ। ଏହି ପରୀକ୍ଷା ରକ୍ତ ନମୁନାରୁ କରାଯାଇଥାଏ।



### ଗଣ୍ଠିବାତ ଓ ଖଞ୍ଜା ଯନ୍ତ୍ରଣା (Arthiritis)

ଏହି ସମସ୍ୟା ଲୋକଙ୍କ ଖଞ୍ଜାଗୁଡ଼ିକ ଦୁର୍ବଳ ହେବା କାରଣରୁ ଜାତ ହୋଇଥାଏ, ଯେଉଁଥିରେ ଲଗାତର କାମ କାରଣରୁ ତାଙ୍କ ଶରୀରର ଅନେକ ଅଂଶ ଫୁଲିଯାଇଥାଏ। ଗଣ୍ଠିବାତ ଏକ ସାଧାରଣ ନାମ ଅଟେ ଯାହାକୁ କୌଣସି ବ୍ୟକ୍ତିଙ୍କ ଖଞ୍ଜାରେ ପୀଡ଼ା ଓ ଫୁଲା ପାଇଁ ବ୍ୟବହୃତ ହୋଇଥାଏ। ଗଣ୍ଠିବାତ ପାଇଁ ଆପଣଙ୍କ ଖାଦ୍ୟପେୟ ଦାୟୀ ହୋଇପାରେ। କାରଣ ଜାଣିବା ପାଇଁ ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test) କରାନ୍ତୁ।



### ଡାଇରିଆ (Diarrhoea)
### ପେଟ ସମସ୍ୟା

ଡାଇରିଆ ଏକ ସାଧାରଣ ସମସ୍ୟା ଯାହା ହଠାତ୍ ଦେଖାଦିଏ କିମ୍ବା ପୁରୁଣା ରୋଗରେ ପରିଣତ ହୋଇଯାଏ। ଡାଇରିଆର ସମ୍ଭାବ୍ୟ କାରଣ ମଧ୍ୟରେ ବିଷାକ୍ତ ଭୋଜନ, ସଂକ୍ରମଣ, ଖାଦ୍ୟ ଅତି-ସମ୍ବେଦନଶୀଳତା କିମ୍ବା ପାଚନ ସମସ୍ୟା ଓ ଔଷଧ ପ୍ରୟୋଗ ଅନ୍ତର୍ଭୁକ୍ତ। ଲାକ୍ଟୋଜ୍ ହଜମ ନ ହେବା, ଦୁଗ୍ଧରେ ଚିନିକୁ ହଜମ କରିବାରେ ଅକ୍ଷମତା ଡାଇରିଆର ସାଧାରଣ କାରଣ ଅଟେ। ତଥାପି ଅନ୍ୟ ଖାଦ୍ୟ ଯେପରି - ଫଳ ଶର୍କରା, ସେଲିସିଲେଟ୍, ଏମିନ୍ସ ଇତ୍ୟାଦି ପାଚନ ନ ହେବା ସମ୍ଭବ। ଡାଇରିଆର କାରଣ ଜାଣିବା ପାଇଁ ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test) ଅନେକ ମାତ୍ରାରେ ପ୍ରଭାବୀ ଅଟେ।

**ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା ମାତ୍ର ₹2999/-**

HELPLINE
**98759-30840**
**98759-30841**

### ଖାଦ୍ୟ ପଦାର୍ଥ ପାଚନ ନ ହେବାର କାରଣ

- ପାଚନ ଶକ୍ତି ଦୁର୍ବଳ ହେବା।
- ଇମ୍ୟୁନ୍ ସିଷ୍ଟମ୍ ଦୁର୍ବଳ ହେବା।
- ଅନିୟମିତ ଖାଦ୍ୟପାନ ଓ ଦିନଚର୍ଯ୍ୟା।
- ପୀଡ଼ା ନିବାରକ ଔଷଧ ଅତ୍ୟଧିକ ସେବନ କରିବା।
- ଶରୀରରେ ବିଷାକ୍ତ ତତ୍ତ୍ୱର ମାତ୍ରା ବଢ଼ିଯିବା।
- ପେଟରେ ଜ୍ୱାଳା, ଗ୍ୟାସ୍ ସୃଷ୍ଟି ଓ ଏସିଡିଟି।

### ଖାଦ୍ୟ ପଦାର୍ଥ ପାଚନ ନ ହେବାର ଲକ୍ଷଣ

- କୌଣସି ଖାଦ୍ୟ ପଦାର୍ଥ ସେବନ ପରେ ମୁଣ୍ଡ ବିନ୍ଧିବା।
- ଭୋଜନ କିମ୍ବା ଦୁଗ୍ଧ ପିଇବା ପରେ ପେଟରେ ଯନ୍ତ୍ରଣା।
- ହଠାତ୍ ଓଜନ କମିଯିବା କିମ୍ବା ବଢ଼ିଯିବା।
- ବାରମ୍ବାର ଶୌଚାଳୟ (Toilet) ଯିବା।
- ଅତ୍ୟଧିକ ପରିସ୍ରା ଲାଗିବା।
- ଆଳସ୍ୟ କିମ୍ବା ରକ୍ତ ତିଆରି ନ ହେବା।

### ଆମ କେନ୍ଦ୍ରଗୁଡ଼ିକରେ ନିଜର ରକ୍ତ ନମୁନା ଦିଅନ୍ତୁ

**JERATH PATH LABS**

NABL ACCREDITED
MC-2666
Jerath Path Labs & Allergy Testing Centre, Jalandhar

**BHUBANESWAR**
- 94394-00019 - Pradhan path Lab, 351 Sahid Nagar, Opp. Indusind Bank
- 9438431752, 7008831212- Omm Diagnostic, Plot No.49 , Near South Gate Of Capital Hospital, Unit-6

**CUTTACK**
- 99375-18098, 79786-11650 - Udaya Lab, Biju Patnayak Chowk Nursinghpur Plaza, Shop No. 16, Tulsipur
- 94372-27051, 70089-81993 - Deepak Diagnostics, Naya chowk, Madhupatna
- 98612-36899, 06712301199 - Doctors Diagnostic, Kathagola Chhak
- 7504994225, 8270938497 - Trakendcare Lab, Kathagola, Mangalabad, Near Utkal Hospital

**BHAWANIPATNA**
- 94371-88556 - Malaya Pathology, Nr. S.B.I Main Branch
- 94372-93631 - Shree Om Pathology, Old Bus stand, OSRTC Complex

**NABRANGPUR**
- 94395-78237, 7008724177 - Jagannath Pathology, Dwarika Nagar 1st line Chamuriaguda

**RAYAGADA**
- 94373-38953 - Banadurga Pathology, Old Bus Stand

**PURI**
- 94390-46037, 0675-2220244 - Nidan 'a' Patholab, Balagandi Square, Grand Road, Puri

**JAGATSINGHPUR**
- 94396-15720, 94374-18014 - Medi Spot Lab, Nr. Ram Mandir, Medical Road

**JAJPUR**
- 93485-43143, 79789-94242 - Ashok Diagnostics Jageshwarpur, Nr. Taxi Stand, Jajpur Town
- 93384-66911, 99388-48749 - Laxmi Diagnostic Ganesh Bazar, Nr. Govt. Hospital Jajpur Road

**KEONJHAR**
- 94373-79591 - Srimaa Patho Clinic, Opp. Head Quarter Hospital

**KENDRAPARA**
- 94374-73435, 99378-96343 - Sai Arogyam Diagnostics Centre, Medical Road

**KHANDAGIRI**
- 93371-03408 - Sivananda Health Care Unit, 141 Chidananda Vihar

**KHANDAGIRI**
- 98610-35754 - IPSA Clinic & Lab, Plot No. 678, Jagamara Road

**KORAPUT**
- 96580-18910 - Subhashree Pathology Clinic, SLN Medical College & Hospital Road, Nr. Central School

**GAJAPATI**
- 73779-47065, 90405-07796 - Kamala Medical Store Pathapatanam Road, Pralakhemundi



# ପ୍ରତିଶ୍ରୁତିରେ କୃଷକ ନିରାଶ

**ବାସ୍ତବ ଘୋଷଣା ବଦଳରେ ସ୍ୱପ୍ନ ଦେଖାଇଲେ ଅର୍ଥମନ୍ତ୍ରୀ**

**ନୂଆଦିଲ୍ଲୀ,୫।୭(ପି.ଟି.):** ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷ ପାଳନ କରାଯିବ। ଏହି ଅବଧି ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ଲକ୍ଷ୍ୟ ରଖିଥିବା କେନ୍ଦ୍ର ସରକାରଙ୍କ ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ କୃଷକଙ୍କୁ ନିରାଶ କରିଛି। ବିଳମ୍ବିତ ମୌସୁମୀକୁ ନେଇ କୃଷକ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଶୁକ୍ରବାର ଲୋକ ସଭାରେ ଉପସ୍ଥାପିତ ବଜେଟରେ କୃଷି କ୍ଷେତ୍ର ପାଇଁ ବିଶେଷ ଫଳପ୍ରଦ ବ୍ୟବସ୍ଥା ବା ରୋଡ଼ମ୍ୟାପ୍ ଥିବା ଭଳି ମନେହେଉନାହିଁ। ଋଣଛାଡ ପାଇଁ ଆଶା ବାନ୍ଧିଥିବା ଚାଷୀକୁଳ କେବଳ ଶୃଙ୍ଖଳା ପ୍ରତିଶ୍ରୁତିରେ ନିରାଶ ହୋଇଛି । ସେହିପରି ଗରିବ ଓ କୃଷକଙ୍କ ପାଇଁ କୌଣସି ବଡ଼ ଘୋଷଣା କରାଯାଇ ନ ଥିବାରୁ ବିରୋଧୀ ଦଳ ଗୁଡିକ କେନ୍ଦ୍ରକୁ ସମାଲୋଚନା କରିଛନ୍ତି।

ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ସରକାର 'ଗାଁ, ଗରିବ ଓ କିଷାନ'କୁ ଦୃଷ୍ଟିରେ ରଖି ଉଭୟ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଏହାସହ ଖାଦ୍ୟ ପ୍ରକ୍ରିୟାକରଣରେ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହନ ଦିଆଯିବ। 'ବ୍ୟବସାୟରେ ସହଜତା' ଓ 'ସହଜ ଜୀବନ' କୃଷକଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଅନ୍ନଦାତାଙ୍କୁ ଶକ୍ତିଦାତାରେ ପରିଣତ କରିବା ଲାଗି ସମବାୟ ଜରିଆରେ ଡାଏରିକୁ ପ୍ରୋତ୍ସାହନ ଦିଆଯିବ। ଏଥିସକାଶେ ଗୋଖାଦ୍ୟ ଉତ୍ପାଦନ ସହ ଦୁଗ୍ଧ କିଣିବା, ପ୍ରକ୍ରିୟାକରଣ ଓ ମାର୍କେଟିଂର ଭିତ୍ତିଭୂମି ପ୍ରତିଷ୍ଠା କରାଯିବ। ମତ୍ସ୍ୟ ପାଳନକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍ଏମ୍ଏସ୍ୱାଇ) କରିବାକୁ ଯାଉଛନ୍ତି। ଏହାଦ୍ୱାରା ମୂଲ୍ୟ ଶୃଙ୍ଖଳ (ଭାଲ୍ୟୁ ଚେନ୍)ରେ ଥିବା ବ୍ୟବଧାନକୁ ଏହା ପୂରଣ କରିବା ସହ ଭିତ୍ତିଭୂମି, ଆଧୁନିକୀକରଣ, ଠାବ କରିବାର କ୍ଷମତା (ଟ୍ରେସେବିଲିଟି), ଉତ୍ପାଦନ, ଉତ୍ପାଦନ କ୍ଷମତା, ଅମଳ ପର ପରିଚାଳନା ଓ ମାନ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି ସୀତାରାମନ କହିଛନ୍ତି। ସେହିପରି ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିଥିବା କୃଷକମାନଙ୍କୁ ପ୍ରଶଂସା କରି ଅର୍ଥମନ୍ତ୍ରୀ କହିଛନ୍ତି, ଆଗକୁ ସେମାନେ ତୈଳବୀଜ ଅମଳ କ୍ଷେତ୍ରରେ ମଧ୍ୟ ଏହି ସଫଳତା ଦୋହରାଇବେ। ସେମାନଙ୍କ ସେବାରେ ଆମର ଆମଦାନି ବିଲ୍ ହ୍ରାସ ପାଇବ। ଆସନ୍ତା ୫ ବର୍ଷରେ ୧୦ ହଜାର ନୂଆ କୃଷକ ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ) ପ୍ରତିଷ୍ଠା କରି ଚାଷୀଙ୍କ ଅର୍ଥନୀତିକୁ ସୁଦୃଢ଼ କରାଯିବ। ୨୦୧୬ରେ ଆରମ୍ଭ ହୋଇଥିବା ଇଲେକ୍ଟ୍ରୋନିକ୍ ଜାତୀୟ କୃଷି ବଜାର (ଇ-ନାମ୍) ଜରିଆରେ କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାରଗୁଡ଼ିକ ସହ ମିଶି କେନ୍ଦ୍ର କାମ କରିବ। କୃଷି ଉତ୍ପାଦ ବଜାର ସମବାୟ(ଏପିଏମ୍ସି) ଆଇନ ଏଥିରେ ସେମାନଙ୍କୁ ବାଧା ନ ଦେଇ ସହାୟତା ପ୍ରଦାନ କରିବା ଉଚିତ।

ଏହି ଅବସରରେ ସେ ସାରା ଦେଶରେ ଜିରୋ ବଜେଟ୍ ଫାର୍ମିଂ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଏହି ନୂତନ ପ୍ରଣାଳୀକୁ ଅଳ୍ପ କେତେକ ରାଜ୍ୟ ଆପଣାଇଛନ୍ତି। ଜିରୋ ଫାର୍ମିଂ ବଜେଟକୁ 'ମୂଳକୁ ଫେରିବା' ଭାବେ ଅଭିହିତ କରି ଏହା କୃଷକଙ୍କୁ ଋଣ ଜାଲରୁ ମୁକ୍ତ କରିବ ବୋଲି ସୀତାରାମନ ପ୍ରତିଶ୍ରୁତି ଦେଇଛନ୍ତି।

- ଅନ୍ନଦାତାଙ୍କୁ ଶକ୍ତିଦାତାରେ ପରିଣତ କରିବା ପାଇଁ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହନ
- ସମବାୟ ଜରିଆରେ ଡାଏରି ଉଦ୍ୟୋଗକୁ ପ୍ରୋତ୍ସାହନ ଯୋଜନା
- ୫ ବର୍ଷରେ ୧୦ ହଜାର ନୂଆ କୃଷକ ଉତ୍ପାଦକ ସଙ୍ଗଠନ ପ୍ରତିଷ୍ଠା କରାଯିବ

## କୃଷି ମନ୍ତ୍ରଣାଳୟକୁ ୧.୩୯ ଲକ୍ଷ କୋଟି

**ନୂଆଦିଲ୍ଲୀ,୫।୭(ପି.ଟି.):** କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପାଇଁ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ୭୮% ଅଧିକ (୧.୩୯ ଲକ୍ଷ କୋଟି ଟଙ୍କା) ଆବଣ୍ଟନ କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହାର ପରିମାଣ ୭୭,୭୫୨ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ୧.୩୯ ଲକ୍ଷ କୋଟି ମଧ୍ୟରୁ ୭୫,୦୦୦ କୋଟି ଟଙ୍କା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ଖର୍ଚ୍ଚ ହେବ ବୋଲି ବଜେଟ୍ ଦସ୍ତାବିଜରୁ ଜଣାପଡ଼ିଛି। ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ପିଏମ୍-କିଷାନ ଯୋଜନାରେ ୧୨.୬ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩ଟି ସମାନ କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ଲେଖାଏ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ସରକାର ୫.୬୧ କୋଟି ଚାଷୀ ଉପକୃତ ହେଉଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ) ପାଇଁ ୨୦୧୮-୧୯ରେ ୧୨,୯୭୫.୭୦ କୋଟି ଟଙ୍କା ଆବଣ୍ଟନ କରିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହି ପରିମାଣ ୧୪,୦୦୦ କୋଟିକୁ ବୃଦ୍ଧି କରିଛନ୍ତି। ୨୦୧୯-୨୦ରେ ସରକାର ସ୍ୱଳ୍ପମିଆଦୀ ଶସ୍ୟଋଣର ସୁଧ ଛାଡ଼ ପାଇଁ ୧୮,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗତ ଆର୍ଥିକ ବର୍ଷରେ ଏହାର ପରିମାଣ ୧୪,୯୮୭ କୋଟି ଟଙ୍କା ଥିଲା। ଖାଦ୍ୟ ଶସ୍ୟଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପାଇଁ ୩ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଯୋଜନା (ପିଏମ୍-ଏଏସ୍ଏଚ୍ଏ)ର ପାଣ୍ଠିକୁ ୧୦୦ କୋଟିରୁ ୧୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା (ପିଏମ୍‌କେଏସ୍ୱାଇ) ପାଇଁ ସରକାର ପୂର୍ବରୁ ୨,୯୫୪.୬୯ କୋଟି ଆବଣ୍ଟନ କରିଥିବାବେଳେ ଏଥର ୩,୫୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ତେବେ କୃଷି ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲାଗି ବଜେଟରେ ବିଶେଷ ବୃଦ୍ଧି କରାଯାଇନାହିଁ। ଏହାକୁ ମାତ୍ର ୬୦୦ କୋଟି ଟଙ୍କାରେ ସୀମିତ ରଖାଯାଇଛି।

## ଜିରୋ ବଜେଟ ଫାର୍ମିଂ କ'ଣ

ଜିରୋ ବଜେଟ ଫାର୍ମିଂକୁ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନ ଜିରୋ ବଜେଟ ପ୍ରାକୃତିକ ଚାଷ (ଜେଡ୍‌ବିଏନ୍ଏଫ୍) ବୋଲି ଉଲ୍ଲେଖ କରିଥାଏ। ଏହା ହେଉଛି ଏପରି ଏକ କୃଷି ପଦ୍ଧତି, ଯେଉଁଠି କୃଷକମାନେ ପ୍ରାକୃତିକ ଉପାୟରେ ଚାଷ କରନ୍ତି। ସେମାନେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ପରିବର୍ତ୍ତେ କେବଳ ନିଜ ଉତ୍ପାଦିତ ଶସ୍ୟ ଏବଂ ଉର୍ବରକ ପ୍ରୟୋଗ କରିଥାନ୍ତି। କର୍ନାଟକରେ କୃଷିବିତ୍ ସୁଭାଷ ପାଲେକର ଓ ରାଜ୍ୟ କୃଷକ ସଙ୍ଗଠନ କେଆର୍‌ଏସ୍ଏସ୍‌ର ମିଳିତ ଆନୁକୂଲ୍ୟରେ ଏହା ଏକ ବିପ୍ଳବରେ ପରିଣତ ହୋଇଛି। ପରେ ଏହାକୁ ଦକ୍ଷିଣ ଭାରତର ଆଉ କେତେକ ରାଜ୍ୟ ଆପଣାଇଛନ୍ତି।




## କୃଷି ଭିତ୍ତିଭୂମିରେ ଘରୋଇ ନିବେଶ

**ନୂଆଦିଲ୍ଲୀ,୫।୭(ପି.ଟି.):** କୃଷି ଭିତ୍ତିଭୂମିର ବିକାଶ ପାଇଁ ସରକାର ଘରୋଇ ଉଦ୍ୟୋଗର ସହଯୋଗ ନେବେ। ଘରୋଇ ଉଦ୍ୟୋଗଗୁଡ଼ିକର ବିପୁଳ ପୁଞ୍ଜିନିବେଶ କୃଷିକୁ ସମୃଦ୍ଧ କରିବ ବୋଲି ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ତୃତୀୟ ପର୍ଯ୍ୟାୟ)ରେ ୧,୨୫,୦୦୦ କି.ମି. ରାସ୍ତାକୁ ଉନ୍ନତ କରାଯିବ। ଏଥିପାଇଁ ୮୦,୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୋଦି ସରକାରଙ୍କ ପ୍ରଥମ ପାଳିରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମେତ ସବୁଜ ସାମଗ୍ରୀ ବ୍ୟବହାର କରାଯାଇ ୩୦,୦୦୦ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ୨୦୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ) ଅଧୀନରେ ୧.୯୫ କୋଟି ଗୃହ ତିଆରି କରାଯିବ। ସେଥିରେ ରୋଷେଇ ଗ୍ୟାସ୍, ବିଦ୍ୟୁତ୍ ସଂଯୋଗ ସହ ଶୌଚାଳୟ ବ୍ୟବସ୍ଥା କରାଯିବ। ଗରିବ ଓ ଚାଷୀଙ୍କ ସୁବିଧା ପାଇଁ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ୨୦୨୨ ସୁଦ୍ଧା ବିଦ୍ୟୁତ୍ ଏବଂ ଏଲ୍‌ପିଜି ସଂଯୋଗ ଦିଆଯିବ। ସେହିପରି ୨୦୨୪ ସୁଦ୍ଧା ସବୁ ଘରକୁ ଜଳ ଜୀବନ ମିଶନ ଜରିଆରେ ପାଣି ପହଞ୍ଚାଯିବ। ପାଇପ୍‌ରେ ଜଳଯୋଗାଣ, ଭୂତଳ ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳକୁ ସରକାର ଗୁରୁତ୍ୱ ଦେବେ ବୋଲି ସୀତାରାମନ କହିଛନ୍ତି। କିନ୍ତୁ ଏଥିପାଇଁ କେତେ ଅର୍ଥ ଆବଣ୍ଟନ କରାଯାଇଛି ସେନେଇ ଅର୍ଥମନ୍ତ୍ରୀ କିଛି କହିନାହାନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ହ୍ରାସ




**ନୂଆଦିଲ୍ଲୀ,୫।୭(ପି.ଟି.):** ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ କଲ୍ୟାଣମୂଳକ ଯୋଜନା ପାଇଁ ସରକାର ୧.୧୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଥିବାବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନ୍‌ରେଗା) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)-ଗ୍ରାମୀଣରେ ଚଳିତ ଆର୍ଥିକ ବର୍ଷ ଲାଗି କମ୍ ଅର୍ଥ ମଞ୍ଜୁର କରାଯାଇଛି। ଗତବର୍ଷ ଗ୍ରାମାଞ୍ଚଳର ବିଭିନ୍ନ କଲ୍ୟାଣକାରୀ ଯୋଜନା ବାବଦରେ ୧.୧୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଗତବର୍ଷ ମନ୍‌ରେଗାରେ ୬୧,୦୮୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥର ତାହା ୬୦ ହଜାର ଟଙ୍କାକୁ ହ୍ରାସ ପାଇଛି। ସେହିପରି ପିଏମ୍ଏୱାଇ-ଗ୍ରାମୀଣରେ ଗତବର୍ଷ ୧୯,୯୦୦ କୋଟି ମଞ୍ଜୁର ହୋଇଥିବାବେଳେ ଏଥର ତାହା ୧୯,୦୦୦ କୋଟି ଟଙ୍କାକୁ କମାଇ ଦିଆଯାଇଛି।

## ଲୋକପାଳ ଲାଗି ୧୦୦ କୋଟି

ଭ୍ରଷ୍ଟାଚାର ବିରୋଧୀ ଲୋକପାଳ ଲାଗି ବଜେଟରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ(ସିଭିସି) ଲାଗି ଏଥିରୁ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୩୫.୫୫ କୋଟି ଟଙ୍କା ବ୍ୟୟବରାଦ ହେବ। ଗତ ଅନ୍ତରୀଣ ବଜେଟରେ ଲୋକପାଳ ଲାଗି ୪.୨୯ କୋଟି ବ୍ୟୟବରାଦ କରାଯାଇଥିଲା। ୨୦୧୯-୨୦ ଲାଗି ଲୋକପାଳକୁ ୧୦୧.୨୯କୋଟି ବ୍ୟୟବରାଦ କରାଯାଇଛି। ଏବେ ପଞ୍ଚତାରକା ହୋଟେଲରେ ଲୋକପାଳ କାର୍ଯ୍ୟ କରୁଥିବାବେଳେ ଏହାର ନିର୍ମାଣ ଓ ନବୀକରଣ ଲାଗି ବଜେଟରେ ଏଭଳି ବ୍ୟୟ ବରାଦ କରାଯାଇଛି। ଲୋକପାଳ ଭାବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପିନାକୀ ଚନ୍ଦ୍ର ଘୋଷଙ୍କୁ ଗତ ମାର୍ଚ୍ଚ ୨୩ରେ ଶପଥପାଠ କରାଇଥିଲେ। ଅନ୍ୟ ୮ ଲୋକପାଳ ସଦସ୍ୟ ମଧ୍ୟ ଦାୟିତ୍ୱଗ୍ରହଣ କରିସାରିଛନ୍ତି। ଏବେ ଏହାର ଭିତ୍ତିଭୂମି ସଜଡାଯିବା ସହ ଲୋକପାଳକୁ ସଶକ୍ତ କରିବା ଲାଗି ପ୍ରୟାସ ଆରମ୍ଭ ହୋଇଛି।

## ଆଧାରରେ କରିହେବ ରିଟର୍ନ ଫାଇଲିଂ

ନୂଆଦିଲ୍ଲୀ,୫।୭(ପି.ଟି.)

ପାନ୍ ନ ଥିଲେ ଆଧାର କାର୍ଡରେ ଆୟକର ରିଟର୍ନ ଫାଇଲ କରାଯାଇପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ କହିଛନ୍ତି। ଦେଶର ୧୨୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ପାଖରେ ଆଧାର କାର୍ଡ ରହିଛି। ଟିକସଦାତାଙ୍କ ସୁବିଧା ପାଇଁ ପାନ୍ ଏବଂ ଆଧାର କାର୍ଡ ପରସ୍ପର ବିନିମୟଯୋଗ୍ୟ କରିବାକୁ ସେ ପ୍ରସ୍ତାବ ଦେଇଥିବା ସୀତାରାମନ୍ କହିଛନ୍ତି। ଏହାବ୍ୟତୀତ ଯେଉଁ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ଙ୍କ ପାଖରେ ଭାରତୀୟ ପାସ୍‌ପୋର୍ଟ ଥିବ ସେମାନେ ପହଞ୍ଚିବାମାତ୍ରେ ଆଧାର କାର୍ଡ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବାଧ୍ୟତାମୂଳକ ୧୮୦ ଦିନର ପ୍ରତୀକ୍ଷା ସେମାନଙ୍କ କ୍ଷେତ୍ରରେ ଲାଗୁ ହେବନାହିଁ।

## ସବୁ ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ

**ନୂଆଦିଲ୍ଲୀ,୫।୭(ପି.ଟି.)**

'ଭାରତନେଟ୍' ପ୍ରକଳ୍ପ ଅଧୀନରେ ସାର୍ବଜନୀନ ସେବା ଆନୁଗତ୍ୟ ପାଣ୍ଠି (ୟୁଏସ୍‌ଓଏଫ୍) ସହାୟତାରେ ପ୍ରତି ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଇଣ୍ଟରନେଟ୍‌ରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂରକରିବା ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ସରକାରୀ-ଘରୋଇ ଭାଗୀଦାରିତାରେ ଏବଂ ୟୁଏସ୍‌ଓଏଫ୍ ସହାୟତାରେ ଇଣ୍ଟରନେଟ ସଂଯୋଗକୁ ତ୍ୱରାନ୍ୱିତ କରାଯିବ। ୨୦୨୦ ମାର୍ଚ୍ଚ ସୁଦ୍ଧା ସମସ୍ତ ୨.୫ ଲକ୍ଷ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍‌ରେ ସଂଯୋଗ କରାଯିବା ଲକ୍ଷ୍ୟ ରଖାଯାଇଥିବା ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ଗତ ମେ ୩୦ ସୁଦ୍ଧା ୩,୩୩,୧୯୫ କିଲୋମିଟର ଅପ୍ଟିକାଲ ଫାଇବର କେବୁଲ ବିଛାଯାଇ ୧,୨୮,୧୧୮ ଗ୍ରାମପଞ୍ଚାୟତକୁ ସଂଯୋଗ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନରେ ଗ୍ରାମାଞ୍ଚଳର ୨ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷିତ କରାଯାଇଥିବା ଅର୍ଥମନ୍ତ୍ରୀ କହିଥିଲେ।



ପାର୍ଲାମେଣ୍ଟ ପରିସରରେ ବଜେଟ ପୁସ୍ତକ ପ୍ୟାକେଟଗୁଡ଼ିକୁ ସୁରକ୍ଷା କର୍ମୀ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରୁଛନ୍ତି।

## ବ୍ରିଫ୍‌କେସ୍ ବଦଳରେ ବହିଖାତା

**ପରମ୍ପରା ଭାଙ୍ଗିଲେ ସୀତାରାମନ୍**

ନୂଆଦିଲ୍ଲୀ,୫।୭(ପି.ଟି.)

ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପରମ୍ପରା ଭଙ୍ଗକରି ବ୍ରିଫ୍‌କେସ୍ ବଦଳରେ ଗୃହକୁ ଏକ ଲାଲ୍ ରଙ୍ଗର ସିଲ୍କ ବ୍ୟାଗ୍‌ରେ ବଜେଟ ଦସ୍ତାବିଜ୍ ଆଣି ଆସିଥିଲେ। ଏହା ବହିଖାତା ପରମ୍ପରାକୁ ମନେପକାଇଦେଇଥିଲା। ଅତୀତରେ ସମସ୍ତ ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ପାଇଁ ବ୍ରିଫ୍‌କେସ୍ ଧରି ଆସୁଥିଲେ। ଏହା ଉପନିବେଶୀୟ ପରମ୍ପରା ବୋଲି କୁହାଯାଉଥିଲା। ସୀତାରାମନ୍ ଆଣିଥିବା ଲାଲ୍ ବ୍ୟାଗ୍‌ରେ ଜାତୀୟ ସଙ୍କେତ ରହିଥିଲା। ପୂର୍ବରୁ ଉପନିବେଶୀୟ ପରମ୍ପରାକ୍ରମେ ସନ୍ଧ୍ୟା ୫ଟାରେ ବଜେଟ ଉପସ୍ଥାପନ କରାଯାଇଆସୁଥିଲା। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ତତ୍କାଳୀନ ଅର୍ଥମନ୍ତ୍ରୀ ଯଶଓ୍ୱନ୍ତ ସିହ୍ନା ଏହି ପରମ୍ପରା ଭଙ୍ଗ କରି ପୂର୍ବାହ୍ନ ୧୧ଟାରେ ବଜେଟ ଉପସ୍ଥାପନ କରିଥିଲେ। ସେବେଠାରୁ ପୂର୍ବାହ୍ନରେ ବଜେଟ ଉପସ୍ଥାପନ ହୋଇଆସୁଛି। ଭାରତର ବ୍ୟବସାୟୀମାନେ ପାରମ୍ପରିକ ଭାବେ ହିସାବ ରଖୁଥିବା କାଗଜପତ୍ରକୁ ବହିଖାତା କହୁଥିଲେ। ସରକାର ବଜେଟରେ ଭାରତୀୟ ପରମ୍ପରାକୁ ଅନୁସରଣ କରିଥିବା ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ କହିଛନ୍ତି।

## ଭୁଆଁବୁଲା ବଜେଟ



ଏହା ଏକ ଧୋକାଦାରି ବଜେଟ। ଗତ ଫେବୃଆରୀରେ ଆସିଥିବା ଅନ୍ତରୀଣ ବଜେଟକୁ ରିଭାଇଜ୍ କରାଯାଇଛି। ଶେଷ କ୍ୱାର୍ଟରର ଖର୍ଚ୍ଚକାଟ୍‌କୁ ବିଚାରକୁ ନିଆଯାଇନାହିଁ। ଅର୍ଥନୀତିର ଗୋଲାପୀ ଚିତ୍ର ଦେଖାଇ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।

**-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**



ସାମୂହିକ ବିକାଶ ଲାଗି ବଜେଟରେ ଅନେକ ପ୍ରସ୍ତାବ ରହିଛି। ସମସ୍ତଙ୍କୁ ପାନୀୟଜଳ, ବିଦ୍ୟୁତ ଆଦିର ସୁବିଧା ମିଳିବ, କୃଷକ, ଯୁବବର୍ଗ, ମହିଳା ଓ ଗରିବଙ୍କ ସ୍ୱପ୍ନ ପୂରଣ ହେବ। ନୂତନ ଭାରତ ଗଠନ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇପାରିବ।

**-ଅମିତ ଶାହ,ସ୍ୱରାଷ୍ଟ୍ରମନ୍ତ୍ରୀ**



ଏହା ଏକ ଫିକା ବଜେଟ। ପ୍ରସ୍ତୁତି ପୂର୍ବରୁ ଅଭିଜ୍ଞ ଅର୍ଥନୀତିଜ୍ଞ ଓ ସାଧାରଣ ଲୋକଙ୍କ କଥା ଶୁଣାଯାଇ ନାହିଁ। ବଜେଟରେ ଆୟ, ବ୍ୟୟ, ଆର୍ଥିକ ନିଅଣ୍ଟ ସମ୍ପର୍କରେ କିଛି ନାହିଁ। ଅଧିକାଂଶ ଦ୍ରବ୍ୟ ଉପରେ ସୀମା ଶୁଳ୍କ ବୃଦ୍ଧି କରାଯାଇ ଥିବାରୁ ଲୋକଙ୍କ ଲାଗି ଏହା ଚିନ୍ତା ବଢ଼ାଇ ଦେଇଛି।।

**-ପି. ଚିଦାମ୍ବରମ୍,ପୂର୍ବତନ ଅର୍ଥମନ୍ତ୍ରୀ**



ବଜେଟରେ କିଛି ନୂତନତ୍ୱ ନାହିଁ। ଏହା କେବଳ ନୂଆ ବୋତଲରେ ପୁରୁଣା ମଦ ଭଳି। ସରକାରୀ ପ୍ରୟାସ ସମ୍ପର୍କରେ ଏଥିରେ ଘୋଷଣା କରାଯାଇଛି। ନିଯୁକ୍ତି ସୃଷ୍ଟିକରିବା ଲାଗି ଯୋଜନା ନାହିଁ କି କୃଷି ଓ ଶ୍ରମ କ୍ଷେତ୍ର ଲାଗି ସ୍ୱତନ୍ତ୍ର ଯୋଜନା କରାଯାଇନାହିଁ।

**-ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା**



ବଜେଟ କେବଳ ପୁଞ୍ଜିପତିମାନଙ୍କ ଲାଗି ଉଦ୍ଦିଷ୍ଟ। ଏହା ଦାରିଦ୍ର୍ୟ, ବେକାରି, କୃଷକ ସମସ୍ୟା ଆଦିକୁ ବ୍ୟାପକ କରିବ। ସାଧାରଣ ଲୋକେ ଏଥିରୁ ସେଭଳି କିଛି ଫାଇଦା ପାଇପାରିବେ ନାହିଁ।

**-ମାୟାବତୀ,ବିଏସ୍‌ପି ସୁପ୍ରିମୋ**



ବଜେଟରେ କିଛି ଭଲ ନାହିଁ। ସମାଜର କୌଣସି ବର୍ଗ ଏହାଦ୍ୱାରା ଉପକୃତ ହେବେନି।

**-ଶରଦ ଯାଦବ, ଲୋକତାନ୍ତ୍ରିକ ଜନତା ଦଳ ନେତା**

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୬/୨୦୧୯ | Bhubaneswar, Saturday, July 6/2019 | ପୃଷ୍ଠା-୧




**ଶରନ ପ୍ରି-କ୍ୱାର୍ଟରରେ**

ଭାରତର ଡିଭିଜ ଶରନ ୱିମ୍ବେଲଡନ ଓପନ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୬

୧୪

**'ଅଙ୍ଗ୍ରେଜି ମିଡିୟମ୍'ରେ ଡିମ୍ପଲ୍**

ବିଶିଷ୍ଟ ଅଭିନେତ୍ରୀ ଡିମ୍ପଲ କାପାଡିଆଙ୍କ ଅଭିନୀତ 'ଅଙ୍ଗ୍ରେଜି ମିଡିୟମ୍'ର ଶୁଟିଂ ଲଣ୍ଡନରେ ଆରମ୍ଭ ହୋଇଛି।



## ପେଟ୍ରୋଲ, ଡିଜେଲରେ ମାଡ଼

# ସବୁଥିରେ ଦର ବଢ଼ିବ

**ମହଙ୍ଗା** ● ପେଟ୍ରୋଲ ● ଡିଜେଲ ● ମାର୍ବଲ ● ସିଗାରେଟ ● ହୁକ୍କା ● ଚୋବାଇ ହେଉଥିବା ତମାଖୁ ● ସୁନା ● ରୁପା ● ସମ୍ପୂର୍ଣ୍ଣ ରୂପେ ଆମଦାନୀ ହେଉଥିବା କାର ● ସ୍ପ୍ଲିଟ୍ ଏସି ● ଲାଉଡସ୍ପିକର ● ଡିଜିଟାଲ ଭିଡିଓ ରେକର୍ଡର ● ଆମଦାନୀ ହେଉଥିବା ବହି ● ସିସିଟିଭି କ୍ୟାମେରା ● କାଜୁ, ଆମଦାନୀ ହେଉଥିବା ପ୍ଲାଷ୍ଟିକ ● ସାବୁନ ନିର୍ମାଣରେ ଲାଗୁଥିବା କଞ୍ଚା ମାଲ ● ଭିନାଇଲ ଫ୍ଲୋରିଂ ● ଟାଇଲ୍ସ ● ଅପ୍ଟିକାଲ ଫାଇବର ● ସେରାମିକ ଟାଇଲ୍ସ ● ୱାଲ୍ ଟାଇଲ୍ସ ● ଆମଦାନୀ ହେଉଥିବା ଷ୍ଟେନଲେସ ଷ୍ଟିଲ୍ ସାମଗ୍ରୀ ● ଆମଦାନୀ ହେଉଥିବା ଅଟୋ ଯନ୍ତ୍ରାଂଶ ● ନ୍ୟୁଜପ୍ରିଣ୍ଟ ଓ ଖବରକାଗଜ ● ପତ୍ରିକାର କାଗଜ ● ମାର୍ବଲ ସ୍ଲାବ୍ ● ଫର୍ଣ୍ଣିଚର ମାଉଣ୍ଟିଂ

**ଶସ୍ତା** ● ଇଲେକ୍ଟ୍ରିକ ଗାଡ଼ିର ଯନ୍ତ୍ରାଂଶ ● କ୍ୟାମେରା ମଡ୍ୟୁଲ୍ ଏବଂ ମୋବାଇଲ ଚାର୍ଜର ● ସେଟ୍ ଟପ୍ ବକ୍ସ ● ଆମଦାନୀ ହେଉଥିବା ପ୍ରତିରକ୍ଷା ଉପକରଣ



### ସାଧାରଣ ବଜେଟ ୨୦୧୯-୨୦

- ଆୟକର ରିଟର୍ନ ଦାଖଲରେ ଆଧାରକୁ ଗୁରୁତ୍ୱ
- ଏନ୍ଆର୍ଆଇଙ୍କୁ ପଦାର୍ପଣ ମାତ୍ରେ ଆଧାର କାର୍ଡ
- ପ୍ରତ୍ୟକ୍ଷ ଟିକସ ଅପରିବର୍ତ୍ତିତ
- ୪୦୦ କୋଟି ବାର୍ଷିକ କାରବାର ଉପରେ ୨୫ ପ୍ରତିଶତ କର୍ପୋରେଟ୍ ଟିକସ
- ସୁପର ଧନୀଙ୍କଠାରୁ ସରଚାର୍ଜ ଆଦାୟ
- ୪୫ ଲକ୍ଷ ଟଙ୍କା ଘର କିଣା ଋଣ ଉପରେ ଅତିରିକ୍ତ ଦେଢ଼ ଲକ୍ଷ ଟିକସ ଛାଡ଼
- ବଜେଟ ଉପସ୍ଥାପନରେ ସୀତାରାମନ ପ୍ରଥମ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ




ନୂଆଦିଲ୍ଲୀ,୫।୭ (ପି.ଟି.)

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏନ୍ଡିଏ ସରକାରଙ୍କ ଦ୍ୱିତୀୟ ପାଳିରେ ପୂର୍ଣ୍ଣକାଳୀନ ପ୍ରଥମ ମହିଳା ଅର୍ଥମନ୍ତ୍ରୀ ସୀତାରାମନ୍ ୨୭,୮୬,୩୪୯ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ଖର୍ଚ୍ଚ ଅଟକଳ ପ୍ରସ୍ତାବ ଦେଇଛନ୍ତି। ସେହିଭଳି ରେଲୱେକୁ ୬୫,୮୩୭ କୋଟି ଟଙ୍କାର ବଜେଟ ସହାୟତା ଦିଆଯାଇଛି। ତେବେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରାଯାଇଥିବାରୁ ଏଣିକି ସବୁଥିରେ ଦର ବଢ଼ିବ ବୋଲି ନିଶ୍ଚିତ ହୋଇଯାଇଛି। ଧନୀଙ୍କ ଠାରୁ ଅତିରିକ୍ତ ସରଚାର୍ଜ ଆଦାୟ କରିବା ସହ କ୍ୟାସ୍‌ଲେସ୍ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ଯାଇ ଉଚ୍ଚ ମୂଲ୍ୟର ନଗଦ ଉଠାଣ ଉପରେ ଦୁଇ ପ୍ରତିଶତ ଟିଡିଏସ୍ ଆଦାୟ ପାଇଁ ସେ ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଟିକସ କ୍ଷେତ୍ରରେ ଅଧିକ ରିହାତି ଆଶା କରୁଥିବା ମଧ୍ୟବିତ୍ତ ଶ୍ରେଣୀଙ୍କୁ ସୀତାରାମନଙ୍କ ବଜେଟରୁ ନିରାଶ ହେବାକୁ ପଡିଛି। ଚଳିତ ବଜେଟରେ ଆୟକର ରିଟର୍ନ ଦାଖଲ ନେଇ ନୂଆ ବ୍ୟବସ୍ଥା କରାଯାଇଛି। ଏବେଠୁ ପାନ୍ ନ ଥିଲେ ଆଧାର ମାଧ୍ୟମରେ ରିଟର୍ନ ଦାଖଲ କରିହେବ। ଅର୍ଥାତ୍ ଆଧାର କାର୍ଡ ବ୍ୟବହାରକୁ ଅଧିକ ଶକ୍ତିଶାଳୀ କରିବାକୁ ଚାହିଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସେହିପରି ପ୍ରବାସୀ ଭାରତୀୟ (ଏନ୍ଆର୍ଆଇ) ଭାରତରେ ପଦାର୍ପଣ କରିବା ମାତ୍ରେ ସେମାନଙ୍କୁ ତୁରନ୍ତ ଆଧାର କାର୍ଡ ପ୍ରଦାନ କରାଯିବ। ଆଉ ପୂର୍ବ ଭଳି ସେମାନଙ୍କୁ ୧୮୦ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପରମ୍ପରା ଭଙ୍ଗ କରି ବ୍ରିଫ୍‌କେସ୍ ବଦଳରେ ବହିଖାତା ଧରି ସୀତାରାମନ ଗୃହକୁ ପ୍ରବେଶ କରିଥିଲେ। ତାଙ୍କର ୨ ଘଣ୍ଟା ୧୫ ମିନିଟ୍‌ର ଭାଷଣ ବେଳେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୧ ଟଙ୍କା ବଢ଼ାଇବାକୁ ଘୋଷଣା କରି ସେ ସମସ୍ତଙ୍କୁ ଚକିତ କରିଛନ୍ତି। ଖାଲି ସେତିକି ନୁହେଁ, ଏହି ଦୁଇ ପେଟ୍ରୋ ଉତ୍ପାଦ ପରେ ୧ ଟଙ୍କାର ଇନ୍‌ଫ୍ରାଷ୍ଟ୍ରକଚର ସେସ୍ ବସିବା ଫଳରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୨ ଟଙ୍କା ୫୦ ଓ ୨ଟଙ୍କା ୩୦ ପଇସା ବୃଦ୍ଧି ପାଇବ। ପେଟ୍ରୋ ଉତ୍ପାଦକୁ ଜିଏସ୍ଟି ଅଧୀନକୁ ଆଣିବା ଲାଗି ଦାବି ହୋଇଆସୁଥିବା ବେଳେ ବଜେଟ୍‌ରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଟିକସ୍ ବୃଦ୍ଧି ନେଇ ଘୋଷଣା କରିବା ଦେଶବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ସର୍ବନିମ୍ନ ସ୍ତରରେ ଥିବାରୁ ଏହାର ସୁଯୋଗ ନେବାକୁ ସେ ଚାହୁଁଛନ୍ତି ବୋଲି ଅର୍ଥମନ୍ତ୍ରୀ ଯୁକ୍ତି ଦର୍ଶାଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସବୁ ପ୍ରକାର ସାମଗ୍ରୀ ଦର ବଢ଼ିବା ସହିତ ମାଲ୍ ଭଡା ବଢ଼ିବ। ଫଳସ୍ୱରୂପ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା କାରଣରୁ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ସଂଶୋଧନ କରିବାକୁ ବାଧ ହେବେ।

ଅନ୍ୟପକ୍ଷରେ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥାଗୁଡ଼ିକ ଏବେ ନଗଦ ସଙ୍କଟର ସାମ୍ନା କରୁଥିବାବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ ସେକ୍ଟରକୁ ୭୦ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବଜେଟରେ ଘୋଷଣା କରିଛନ୍ତି। ସେହିପରି ରାଷ୍ଟ୍ରାୟତ୍ତ ପ୍ରତିଷ୍ଠାନଗୁଡ଼ିକର ଘରୋଇକରଣ ମାଧ୍ୟମରେ ବଜେଟରେ ଘୋଷିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହର ବ୍ୟବସ୍ଥା ହୋଇଛି। ତେବେ ଚଳିତ ବଜେଟରେ ଟିକସ ଛାଡ଼ ଲାଗି ଆଶା ବାନ୍ଧିଥିବା ମଧ୍ୟବିତ୍ତ ଶ୍ରେଣୀଙ୍କୁ ନିରାଶ ହେବାକୁ ପଡିଛି। ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ଅନ୍ତରୀଣ ବଜେଟରେ ଘୋଷିତ ଟିକସ ବ୍ୟବସ୍ଥାକୁ ସୀତାରାମନ ପରିବର୍ତ୍ତନ କରି ନ ଥିବା ବେଳେ କେବଳ ଘର କିଣା ଉପରେ ସାମାନ୍ୟ ଟିକସ ଛାଡ଼ ଘୋଷଣା କରିଛନ୍ତି। କେବଳ ୨୦୨୦ ମାର୍ଚ୍ଚ ସୁଦ୍ଧା ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର କିଣା ଉପରେ ସୁଧ ହାରରେ ଅତିରିକ୍ତ ୧.୫ ଲକ୍ଷ ଟଙ୍କା ଆୟକର ଛାଡ଼ ଘୋଷଣା କରାଯାଇଛି। ଅର୍ଥାତ୍ ଜଣେ ମଧ୍ୟବିତ୍ତ ଆୟକାରୀ ଶସ୍ତା ଘର କିଣିବାକୁ ଚାହିଁଲେ ତାଙ୍କୁ ମୋଟ୍‌ରେ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଟିକସ ଛାଡ଼ ସୁବିଧା ମିଳିବ। ଏହି ଘୋଷଣା ଦ୍ୱାରା ରିଏଲ ଇଷ୍ଟେଟ ସେକ୍ଟରକୁ ବିଶେଷ ଫାଇଦା ମିଳିବା ସମ୍ଭାବନା ନାହିଁ। ଅପରପକ୍ଷରେ ଅର୍ଥମନ୍ତ୍ରୀ ସୀତାରାମନ୍ କର୍ପୋରେଟ ଜଗତକୁ ଖୁସି କରିବାକୁ ଚେଷ୍ଟା କରି ଟିକସ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ୨୫୦ କୋଟି ଟଙ୍କାର ବାର୍ଷିକ କାରବାର କରୁଥିବା କମ୍ପାନୀଙ୍କୁ ୨୫% ଟିକସ ଦେବାକୁ ପଡୁଥିଲା। ଏହା ଉପରେ ଅଧିକ କାରବାର କରୁଥିଲେ ୩୦% ଟିକସ ଆଦାୟ କରାଯାଉଛି। ଅର୍ଥମନ୍ତ୍ରୀ ଉକ୍ତ ସୀମାକୁ ବୃଦ୍ଧି କରି ବାର୍ଷିକ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ସମସ୍ତ କମ୍ପାନୀଙ୍କୁ ୨୫%ର ସର୍ବନିମ୍ନ ହାରରେ କର୍ପୋରେଟ ଟିକସ ଦେବାକୁ ପଡିବ ବୋଲି ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ପଞ୍ଜୀକୃତ ୯୯.୩ ପ୍ରତିଶତ କମ୍ପାନୀଙ୍କୁ ଫାଇଦା ମିଳିବ। ବଜେଟରେ ସୀତାରାମନ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ କୌଣସି ପରିବର୍ତ୍ତନ କରି ନାହାନ୍ତି। ଅନ୍ତରୀଣ ବଜେଟରେ ଘୋଷଣା କରାଯାଇଥିବା ସ୍ଲାବ୍ କାଏମ ରଖିଛନ୍ତି। କିନ୍ତୁ ସରକାରଙ୍କ ଆୟ ବଢ଼ାଇବାକୁ ଯାଇ ଧନିକ ଶ୍ରେଣୀଙ୍କ ଉପରେ ସେ ଅଧିକ ଟିକସ ବୋଝ ଲଦିଛନ୍ତି। ଆଗକୁ ବାର୍ଷିକ ୨ରୁ ୫ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ଠାରୁ ସରଚାର୍ଜ ବାବଦରେ ୩% ଏବଂ ୫ କୋଟି ଟଙ୍କାରୁ ଅଧିକ ଆୟକାରୀଙ୍କ ଠାରୁ ୭% ଆଦାୟ କରାଯିବ ବୋଲି ଘୋଷଣା କରିଛନ୍ତି। ସେହିପରି ବ୍ୟାଙ୍କ ଆକାଉଣ୍ଟରୁ ବାର୍ଷିକ ୧ କୋଟି ଟଙ୍କାରୁ ଅଧିକ ନଗଦ ଟଙ୍କା ଉଠାଣ ଉପରେ ୨% ଟିଡିଏସ୍ ଆଦାୟ କରିବାକୁ ବଜେଟରେ ଘୋଷଣା କରି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ଉପଲବ୍ଧତା ବଢ଼ାଇବା ସହ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାକୁ ଚାହିଁଛନ୍ତି।

ବଜେଟ୍ ସମ୍ପର୍କିତ ଅଧିକ ଖବର : ପୃଷ୍ଠା-୮,୯

## 'ବଜେଟ ଗରିବଙ୍କୁ ସଶକ୍ତ କରିବ'

ନୂଆଦିଲ୍ଲୀ,୫।୭(ପି.ଟି.)

କେନ୍ଦ୍ର ବଜେଟ ନାଗରିକ ହିତୈଷୀ, ବିକାଶ ଅନୁକୂଳ ତଥା ଭବିଷ୍ୟତୋନ୍ମୁଖୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିହିତ କରିବା ସହ ଏହା ଦେଶର ଗରିବଙ୍କୁ ସଶକ୍ତ କରିବ ଏବଂ ଯୁବପିଢ଼ିଙ୍କ ଲାଗି ଉନ୍ନତ ଭବିଷ୍ୟତ ଯୋଗାଇଦେବ ବୋଲି କହିଛନ୍ତି। ଜନସାଧାରଣଙ୍କ ଆଶାଆକାଂକ୍ଷା ପୂରଣ ହୋଇପାରିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବ ବୋଲି ବଜେଟରୁ ପ୍ରତୀୟମାନ ହୋଇଛି। ସରକାରଙ୍କ ନୂତନ ନୀତି ଅବହେଳିତମାନଙ୍କୁ ସଶକ୍ତ କରିବା ସହ ଦେଶର ବିକାଶ ପାଇଁ ସେମାନଙ୍କ ହାତରେ କ୍ଷମତା ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ପରେ ଏକ ଟେଲିଭିଜନ ବାର୍ତ୍ତାରେ ମୋଦି କହିଥିଲେ, ବଜେଟରେ ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ଇନ୍ଧନ ଏବଂ ପରିବହନ ଉପରେ ଗୁରୁତ୍ୱ ଦିଆଯାଇଛି। କୃଷି ସେକ୍ଟରରେ ଢାଞ୍ଚାଗତ ସଂସ୍କାର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ସହ ଏହି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ। ବଜେଟକୁ ନୂତନ ଭାରତର ଦସ୍ତାବିଜ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହା ଦେଶର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ସହ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଅଧିକ ଲାଭଦାୟକ ହେବ। ବଜେଟରେ ଟିକସ ପ୍ରକ୍ରିୟାର ସରଳୀକରଣ କରାଯାଇଥିବାରୁ ଭିତ୍ତିଭୂମିର ଆଧୁନିକୀକରଣରେ ଏହା ସହାୟକ ହୋଇପାରିବ।

## ପ୍ରମୁଖ କ୍ଷେତ୍ର ପାଇଁ ଖର୍ଚ୍ଚ ଅଟକଳ (କୋଟିରେ)

- ପ୍ରତିରକ୍ଷା- ୩,୦୫,୨୯୬
- କୃଷି ଓ ଅନ୍ୟାନ୍ୟ ୧,୫୧, ୫୧୮
- ଶିଳ୍ପ ଓ ବାଣିଜ୍ୟ ୨୭, ୦୪୩
- ଉତ୍ତର-ପୂର୍ବ ବିକାଶ-୩୦୦୦
- ଶିକ୍ଷା- ୯୪, ୮୫୪
- ଶକ୍ତି- ୪୪,୬୩୮
- ବୈଦେଶିକ ବ୍ୟାପାର ୧୭,୮୮୫
- ଅର୍ଥ- ୨୦,୧୨୧

ପ୍ରମୁଖ ସବ୍‌ସିଡ଼ି ୩,୦୧,୬୯୪

ସୁଧ ୬,୬୦,୪୭୧



ପେନ୍‌ସନ ୧,୭୪,୩୦୦



- ସ୍ୱାସ୍ଥ୍ୟ- ୬୪, ୯୯୯
- ଗୃହ ବ୍ୟାପାର- ୧, ୦୩,୯୨୭
- ଆଇଟି ଓ ଟେଲିକମ୍-୨୧,୭୮୩
- ଗ୍ରାମ୍ୟ ଉନ୍ନୟନ- ୧,୪୦, ୭୬୨
- ବିଜ୍ଞାନ ବିଭାଗ- ୨୭,୪୩୧
- ସାମାଜିକ ବିକାଶ- ୫୦,୮୫୦
- ଟିକସ ପ୍ରଶାସନ- ୧,୧୭,୨୮୫
- ରାଜ୍ୟକୁ ପ୍ରଦାନ- ୧,୫୫, ୪୪୭
- ପରିବହନ- ୧, ୫୭, ୪୩୭
- ସହରାଞ୍ଚଳ ବିକାଶ- ୪୮, ୦୩୨
- ଅନ୍ୟାନ୍ୟ- ୭୬, ୬୬୫



ରେଲୱେକୁ ୬୫,୮୩୭ କୋଟି ଟଙ୍କାର ବଜେଟ୍ ସହାୟତା ୮

**ଆଜିର ସମ୍ପାଦକୀୟ**

**ମିତ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି**

**ଆଜିର ମନ୍ତବ୍ୟ**

" ଦେଶର ଜିଡିପିରେ ଏମ୍ଏସ୍ଏମ୍ଇ ଉଦ୍ୟୋଗଗୁଡିକ ୫୦% ଅବଦାନ ରଖିବା ସହିତ ୫ବର୍ଷରେ ୧୫କୋଟିଙ୍କୁ ନିଯୁକ୍ତି ଯୋଗାଇଦେବେ।

–ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 05.07.2019 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 94 | 150 | 160 |
| DKL | 94 | 150 | 160 |
| BDK | 92 | 148 | 158 |
| BLS | 92 | 148 | 158 |
| ANG | 94 | 150 | 160 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ଆଖିବୁଜିଲେ ଢେଙ୍କାନାଳ ଯୋଡ଼ା ଶିଶୁ

କଟକ ଅଫିସ, ୫।୭

ଡାକ୍ତରମାନଙ୍କ ସମସ୍ତ ଚେଷ୍ଟା ଫେଲ୍ ମାରିଛି। ଶୁକ୍ରବାର ରାତି ୯ଟା ୧୫ ମିନିଟ୍‌ରେ ଶିଶୁଭବନରେ ଆଖି ବୁଜିଛନ୍ତି ଢେଙ୍କାନାଳ ଯୋଡାଶିଶୁ। ଗୁରୁବାର ବିଳମ୍ବିତ ରାତିରୁ ଶିଶୁଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍ଗିନ ଆଡକୁ ଗତି କରିଥିଲା। ଶରୀରରେ ଅମ୍ଳଜାନ ପରିମାଣ ହ୍ରାସ ପାଇବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସେମାନେ ଅସୁବିଧା ଭୋଗିଥିଲେ। ଶିଶୁଦ୍ୱୟଙ୍କୁ ବଞ୍ଚାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଇଥିବା କହିଛନ୍ତି ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ। ଶୁକ୍ରବାର ଶିଶୁଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ନିମନ୍ତେ ଏସ୍‌ସିବି ହୃଦ୍‌ବକ୍ଷ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ ଶିଶୁଭବନ ଯାଇଥିଲେ। ଶିଶୁଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ



କରିବା ପରେ ଅବସ୍ଥା ଗମ୍ଭୀର ଆଡକୁ ଯାଉଥିବା ସେ ସୂଚନା ଦେଇଥିଲେ। ସୂଚନାଥାଉ କି, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ସୋମବାର ଏହି ବିରଳ ଶିଶୁକନ୍ୟା ଦ୍ୱୟ ଜନ୍ମ ହୋଇଥିଲେ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଖାଲପାଳ ଗ୍ରାମର ପ୍ରଦୀପ ବେହେରାଙ୍କ ସ୍ତ୍ରୀ ରେଣୁବାଳା ଏହି ଶିଶୁଦ୍ୱୟଙ୍କୁ ଜନ୍ମ ଦେଇଥିଲେ। ପରେ ଏହି ଯୋଡାଶିଶୁଙ୍କୁ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଥିଲା। ଚିକିତ୍ସା ପାଇଁ ଶିଶୁଭବନରେ ୭ ଜଣିଆ ଡାକ୍ତରୀ ଦଳ ଗଠିତ ହୋଇଥିଲା। ତେବେ ଶିଶୁଦ୍ୱୟଙ୍କର ଇକୋ, ସିଟିସ୍କାନ ଆଦି କରାଯିବା ପରେ ସେମାନଙ୍କ ହାର୍ଟ ଏବଂ ଲିଭର ଗୋଟିଏ ଥିବା ଜଣାପଡ଼ିଥିଲା। ପ୍ରକାଶଥାଉ କି, ଦୁଇବର୍ଷ ତଳେ ଶିଶୁଭବନକୁ ସମାନ ଧରଣର ୨ ଜଣ ଶିଶୁ ଆସିଥିଲେ। ନୟାଗଡ଼ ଅଞ୍ଚଳରୁ ଆସିଥିବା ଏହି ଶିଶୁଦ୍ୱୟଙ୍କର ପେଟରୁ ଛାତି ଯୋଡ଼ି ହୋଇ ରହିଥିଲା। ସେମାନଙ୍କ ନାମ ଗଙ୍ଗା ଯମୁନା ଦିଆଯାଇଥିଲା। ଶିଶୁଭବନରେ ୧୯ ଦିନ ରହିବା ପରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ସାଧାରଣତଃ ଏଭଳି ଶିଶୁମାନଙ୍କୁ ଡାକ୍ତରୀ ଭାଷାରେ ଥୋରାକୋ ଓମ୍ଫାଲୋ ଫାଗସ କୁହାଯାଏ ବୋଲି ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ପି.କେ. ଜେନା କହିଛନ୍ତି।




ଏମ୍‌ଡିଏମ୍‌କେ(ମରୁମାଲାର୍ଚି ଦ୍ରାବିଡ ମୁନେତ୍ରା କାଝଗମ୍) ମୁଖ୍ୟ ଭାଇକୋଙ୍କୁ ଚେନ୍ନାଇର ଏକ ସ୍ୱତନ୍ତ୍ର ଅଦାଲତ ୨୦୦୯ରେ ରାଜଦ୍ରୋହ ମାମଲାରେ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିବା ସହିତ ୧ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଶ୍ରୀଲଙ୍କାରେ ଗୃହଯୁଦ୍ଧ ଉଗ୍ରରୂପ ଧାରଣ କରିଥିବାବେଳେ ଏକ ପୁସ୍ତକ ଉନ୍ମୋଚନ ଅବସରରେ ଭାଇକୋ ଦେଶ ବିରୋଧୀ ମନ୍ତବ୍ୟ ଦେଇଥିଲେ ଏବଂ ତାଙ୍କ ବକ୍ତବ୍ୟ ଏଲ୍‌ଟିଟିଇକୁ ସମର୍ଥନ କରିବା ଭଳି ହୋଇଥିଲା।





## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................



ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ ମାମଲା

# ଶନିବାରକୁ ଘୁଞ୍ଚିଲା ବିଧାୟକଙ୍କ ଜାମିନ ଶୁଣାଣି

■ ଅସୁସ୍ଥତା କାରଣରୁ ଭିଡିଓ କନ୍‌ଫେରେନ୍ସିରେ ହେଲେ ହାଜର

■ ପୋଲିସକୁ ଦୁଇପକ୍ଷର ଜବାବ ରିପୋର୍ଟ ମାଗିଲେ କୋର୍ଟ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ନିମ୍ନମାନର ରାସ୍ତା କାମ ପାଇଁ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବସ୍‌ଉଠ୍ କରାଇବା ମାମଲାରେ ଗିରଫ ହୋଇଥିବା ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଥିଲା। ହେଲେ ସେ ଅସୁସ୍ଥତା କାରଣରୁ କୋର୍ଟକୁ ଆସିପାରି ନ ଥିଲେ। ଭିଡିଓ କନଫରେନ୍ସି ମାଧ୍ୟମରେ ହାଜର ହୋଇଥିଲେ ମଧ୍ୟ ତାହା ଯଥେଷ୍ଟ ନ ଥିଲା। ତେଣୁ କୋର୍ଟ ମାମଲାର ଶୁଣାଣିକୁ ଗୋଟିଏ ଦିନ ଘୁଞ୍ଚାଇ ଦେଇଛନ୍ତି। ଶନିବାର ବିଧାୟକ ମେହେର କୋର୍ଟରେ ହାଜର ହେବେ। ଅନ୍ୟପକ୍ଷରେ ପୋଲିସକୁ ଦୁଇପକ୍ଷର ଜବାବ ରିପୋର୍ଟ ମାଗିଛନ୍ତି କୋର୍ଟ।

ଗତ ୧ ତାରିଖରେ ବିଧାୟକ କୋର୍ଟରେ ହାଜର ହୋଇଥିଲେ ମଧ୍ୟ ଓକିଲଙ୍କ ଆନ୍ଦୋଳନ ଯୋଗୁ ତାଙ୍କ କେସ୍‌କୁ କୌଣସି ଓକିଲ ନେଇ ନ ଥିଲେ। ଫଳରେ ବିଧାୟକ ଓ ଅଭିଯୋଗକାରୀ ନିଜ ପକ୍ଷ ରଖିଥିଲେ। ଦୁଇପକ୍ଷରୁ ଶୁଣିବା ପରେ କୋର୍ଟ ପରବର୍ତ୍ତୀ ଶୁଣାଣି ୫ ତାରିଖକୁ ଧାର୍ଯ୍ୟ କରିଥିଲେ। ଏଥିସହ ଶୁଣାଣି ସରିବା ପର୍ଯ୍ୟନ୍ତ ଝାରପଡ଼ା ଜେଲ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ବିଧାୟକ ମେହେର ଝାରପଡ଼ା ଜେଲ୍‌ରେ ଅଛନ୍ତି। ଶନିବାରଠାରୁ କୋର୍ଟ ଖୋଲୁଥିବାରୁ ତାଙ୍କ ମାମଲା ଜଣେ ବରିଷ୍ଠ ଓକିଲ ନେଇଛନ୍ତି। ଫଳରେ ଜାମିନର ଶୁଣାଣି ସହଜ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଜୁନ ୫ ତାରିଖରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଏକ ରାସ୍ତା କାମ ନିମ୍ନମାନର ହୋଇଥିବା ଦେଖି ବିଧାୟକ ମେହେର ସର୍ବସମ୍ମୁଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ବସ୍‌ଉଠ୍ କରିଥିଲେ। ଏହି ଘଟଣାକୁ ନେଇ ଜୟକାନ୍ତଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ଗତ ୨୪ ତାରିଖ ଦିନ ନୂଆପଡାରୁ ପୋଲିସ ତାଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଅନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଜୁଲାଇ ୧ ତାରିଖରେ ଭୁବନେଶ୍ୱରରେ ହେବାକୁ ଧାର୍ଯ୍ୟ କରିଥିଲେ। ବିଧାୟକ ପାଟଣାଗଡ଼ ଜେଲରେ ଥିବାବେଳେ ଅସୁସ୍ଥ ହୋଇପଡିଥିଲେ। ଗତ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ।

ତେବେ ବିଧାୟକ ତାଙ୍କ ଜାମିନ ଆବେଦନରେ ଦର୍ଶାଇଥିଲେ, ଯେଉଁ ଦଫା ବଳରେ ତାଙ୍କୁ ଗିରଫ କରାଯାଇଛି, କେବଳ ୫୩୫ ଦଫାକୁ ଛାଡିଦେଲେ ଅନ୍ୟସବୁ ଜାମିନ ଯୋଗ୍ୟ। ଲୋକ ପ୍ରତିନିଧି ହୋଇଥିବାରୁ ସେ ପଳାତକ କାର୍ଯ୍ୟ କରିବେ ନାହିଁ। ବିଧାନସଭା ଚାଲିଥିବାରୁ ସେଠାରେ ଲୋକଙ୍କ ସମସ୍ୟା ପହଞ୍ଚାଇବା ନେଇ ଉପସ୍ଥିତ ରହିବା ଆବଶ୍ୟକ। କୋର୍ଟର ସମସ୍ତ ସର୍ତ୍ତକୁ କଡାକଡି ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରିଥିଲେ। ଅପରପକ୍ଷରେ ଅନେକ ନମ୍ବରରୁ ଧମକପୂର୍ଣ୍ଣ ଫୋନ କଲ୍ ଆସୁଥିବାବେଳେ ବିଧାୟକଙ୍କୁ ଜାମିନ ମିଳିଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ତେଣୁ ଶନିବାର କୋର୍ଟ ପରିସରରେ କନିଷ୍ଠ ଯନ୍ତ୍ରୀଙ୍କ ପରିବାରକୁ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

# ପ୍ରଥମ ରିପୋର୍ଟ କାର୍ଡ ଦେବେ ମନ୍ତ୍ରୀ

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ବିଜେଡି ଶାସନର ପଞ୍ଚମ ପାଳି ଆରମ୍ଭ ହୋଇଛି। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କେଉଁ ବିଭାଗ ଯୋଜନାକୁ କିଭଳି କାର୍ଯ୍ୟକାରୀ କରୁଛନ୍ତି, ଯୋଜନା ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ। ଆଗାମୀ ଦିନ ପାଇଁ କି କି ନୂତନ ଯୋଜନା ପ୍ରସ୍ତୁତ କରାଯାଉଛି ମନ୍ତ୍ରୀମାନେ ସେ ସବୁର ଟିକ୍‌ନିକ୍ ହିସାବ ଦେବେ। ପ୍ରତି ମାସର ୭ ତାରିଖ ମଧ୍ୟରେ ନିଜ ନିଜ ବିଭାଗର ରିପୋର୍ଟ କାର୍ଡ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମେ ୨୯ ତାରିଖରେ ମନ୍ତ୍ରିମଣ୍ଡଳ ଶପଥ ନେଇଥିଲା। ଜୁଲାଇ ୭ ତାରିଖ ସୁଦ୍ଧା ମନ୍ତ୍ରୀମାନେ ନିଜ ବିଭାଗର କାର୍ଯ୍ୟଦକ୍ଷତାକୁ ରିପୋର୍ଟ ଆକାରରେ ଉପସ୍ଥାପନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଆସନ୍ତା ରବିବାର ୭ ତାରିଖ ପଡୁଛି। ସେହିଦିନ ସରକାରୀ ଛୁଟି ଦିବସ ଥିବାରୁ କେତେଜଣ ମନ୍ତ୍ରୀ ଶନିବାର ଓ ଅନ୍ୟମାନେ ସୋମବାର ନିଜର ରିପୋର୍ଟ କାର୍ଡ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

ରିପୋର୍ଟ କାର୍ଡ ପ୍ରଦାନ କରିବା ସମ୍ପର୍କରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ନିର୍ବାଚନ ଇସ୍ତାହାର ଅନୁଯାୟୀ ଆମେ ଅଗ୍ରଗତିର ସମୀକ୍ଷା କରୁଛୁ। ଉଦାହରଣ

## କାର୍ଯ୍ୟଦକ୍ଷତା ପରୀକ୍ଷା

ସ୍ୱରୂପ ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଜୁ ଏକ୍ସପ୍ରେସ୍ ୱେର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାକୁ କଳାହାଣ୍ଡି ଯାଉଥିବା ସେ କହିଛନ୍ତି। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି , ପ୍ରତିମାସର ୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହି ନିର୍ଦ୍ଦେଶାନୁସାରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଶନିବାର ରିପୋର୍ଟ ଦାଖଲ କରାଯିବ। କୃଷି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚାଲୁ ରହିଥିବା କାର୍ଯ୍ୟକ୍ରମକୁ କିପରି ତ୍ୱରାନ୍ୱିତ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆ ଭାଷା , ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି, ପ୍ରତିମାସ ପ୍ରଥମ ସପ୍ତାହର ଶେଷ ଦିବସ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁଇଟି ବିଭାଗର ରିପୋର୍ଟ ପ୍ରସ୍ତୁତ ଶେଷ ହୋଇଛି। ଖୁବ୍‌ଶୀଘ୍ର ରିପୋର୍ଟ ଦାଖଲ କରାଯିବ । ପ୍ରଥମ କ୍ୟାବିନେଟ ବୈଠକ ବେଳେ ବିଜେଡି ଇସ୍ତାହାରକୁ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ଯେତେବେଳେ ମୁଁ ପ୍ରଥମ କରି ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ନେଲି ସେତେବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ତ୍ୱରାନ୍ୱିତ କରିବା ଥିଲା ପ୍ରଥମ କର୍ତ୍ତବ୍ୟ। ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା। ଠିକା ଡାକ୍ତରଙ୍କ ଅବସର ବୟସ ସୀମା ୬୮ରୁ ୭୦ ବର୍ଷକୁ ବୃଦ୍ଧି କରିବା ଥିଲା ଦ୍ୱିତୀୟ ଲକ୍ଷ୍ୟ । ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବା ସହିତ ନୂତନ ପଦବୀ ସୃଷ୍ଟି କରିବା ଏବଂ ପୁରୀ ଓ କଳାହାଣ୍ଡିରେ ମେଡିକାଲ କଲେଜ ସ୍ଥାପନ କରିବା ପ୍ରମୁଖ ଦାୟିତ୍ୱ ରହିଛି। ବିଭିନ୍ନ ଦିଗକୁ ଦେଖି ବିଭାଗଗୁଡ଼ିକର ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ଗଣତନ୍ତ୍ରରେ ଏହା ଏକ ଭଲ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରାଯାଉଛି ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି, ଏ ପର୍ଯ୍ୟନ୍ତ ଆମ ବିଭାଗର ରିପୋର୍ଟ ଦାଖଲ କରାଯାଇ ନାହିଁ। ଶୁକ୍ରବାର ସନ୍ଧ୍ୟାରେ ଆମ ବିଭାଗର ଏକ ସମୀକ୍ଷା ବୈଠକ ଡକାଯାଇଛି। ଶନିବାର ଆମେ ରିପୋର୍ଟ ଦାଖଲ କରିବୁ ବୋଲି ମନ୍ତ୍ରୀ କହିଛନ୍ତି। ଆମେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଉପରେ ଅଧିକ ଫୋକସ କରୁଛୁ ବୋଲି ସେ କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ୭ ତାରିଖ ରବିବାର ପଡୁଥିବାରୁ ଏହା ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# କୂଅରେ ପଡ଼ି ମହିଳା, ଯୁବକ ମୃତ

**ଢେଙ୍କାନାଳ ଅଫିସ,୫।୭**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବାବନ୍ଧ ପଞ୍ଚାୟତ ଗୁଆଗରିଆ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କୂଅରେ ପଡି ଜଣେ ମହିଳା ଓ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନଳିନୀ ନାଏକ(୨୭), ଆକାଶ ନାଏକ(୩୨)।

ଗ୍ରାମର ସୁଦାମ ନାଏକଙ୍କ ପତ୍ନୀ ନଳିନୀ କୂଅରୁ ପାଣି କାଢୁଥିବା ସମୟରେ ଗୋଡ ଖସିଯିବାରୁ କୂଅରେ ପଡିଯାଇଥିଲେ। ଏହା ଦେଖି ନିକଟରେ ଛିଡା ହୋଇଥିବା ଆକାଶ ନାଏକ ନାମକ ଜଣେ ଯୁବକ ତାଙ୍କୁ ଉଦ୍ଧାର କରିବା ପାଇଁ କୂଅ ଭିତରକୁ ପଶିଥିଲେ। ଉଭୟେ ଚେତାଶୂନ୍ୟ ହୋଇପଡିବାରୁ ଗୁରୁତର ଅବସ୍ଥାରେ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଆକାଶଙ୍କ ଘର ତାଳଚେର ଅଞ୍ଚଳରେ ହୋଇଥିବାବେଳେ ସେ ଗୁଆଗରିଆ ଗ୍ରାମକୁ ନିଜର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ ବୋଲି ଜଣାପଡିଛି। ଖବରପାଇ ରାସୋଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ କେସ୍ ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ରାସୋଳ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗଜକେଶରୀ ଯୋଗରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟଗୁଡ଼ିକ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଗାଡ଼ି, ମୋଟର ଯାନ୍ତ୍ରିକ ଜିନିଷ ସମ୍ପର୍କୀୟ ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ।

**ବୃଷ** ନିକଟ ସମ୍ପର୍କୀୟ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମଗୁଡିକ ସହଜରେ ସମ୍ପନ୍ନ କରିପାରିବେ। ଅସାବଧାନତାବଶତଃ ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ ପରିବାର ସଦସ୍ୟମାନଙ୍କ ଉପରେ କ୍ରୋଧାନ୍ୱିତ ହୋଇପାରନ୍ତି। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସମାରୋହ, ସଭାସମିତି ରୁ ସଫଳତା ହାସଲ କରିବେ।

**ମିଥୁନ** ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ଗତକାଲିର ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବା ପାଇଁ ଚେଷ୍ଟା କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଧନସ୍ଥାନସ୍ଥ ଚନ୍ଦ୍ର ହେତୁ ଧନଲାଭ ସହ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବ। ଗୃହୋପଯୋଗୀ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ବହୁତ ଦିନର ଚେଷ୍ଟା ସଫଳ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ଜନ୍ମ ଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେଇପାରେ। ଆତ୍ମୀୟସ୍ୱଜନ ପରୋକ୍ଷ ଭାବେ କଡ଼ା ସମାଲୋଚନା କରିପାରନ୍ତି। ଅଭାବ ଲାଗି ରହିଥିଲେ ମଧ୍ୟ କିମ୍ବା କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ସତର୍କ ନ ରହିଲେ ଜିନିଷ ହଜିଯିବା ସହ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜ ଓ ସରଳ ଭାବରେ ଗ୍ରହଣ କରିପାରିବେ ନାହିଁ । ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ନେଇ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମ ମନକୁ ଜମା ପାଇବ ନାହିଁ, ଫଳରେ ମାନସିକ ଅସ୍ଥିରତା ବୃଦ୍ଧି ପାଇବ।

**ତୁଳା** ଦିନଟି ବହୁତ ଭଲ। ଯାହା ପାଇବାକୁ ଇଚ୍ଛା କରିଛନ୍ତି ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇପାରନ୍ତି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ମଧ୍ୟରେ ସଫଳତା ପାଇବେ। କର୍ମକ୍ଷେତ୍ର, ପ୍ରଶାସନ, ପ୍ରକାଶନ, ପରିବହନ, ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ** ଚନ୍ଦ୍ରଙ୍କ ଶୁଭସଂସ୍ଥିତି ଆନୁଷ୍ଠାନିକ କାମ ପାଇଁ ମନ୍ଦ ହେବନି କିନ୍ତୁ ନିକଟ ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ । ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ମକର** ଆଜିର ଅଷ୍ଟମ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟି କରିବ । କର୍ମକ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଅଭାବ ଓ ଅନଟନ କାମକୁ କିଛି ମାତ୍ରାରେ ସଂକୁଚିତ କରିପାରେ । ନିର୍ମାଣାଧୀନ କାମ,ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ ।

**କୁମ୍ଭ** ପରିବାର ସଦସ୍ୟ କିମ୍ବା ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ଚୁକ୍ତିପତ୍ର, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍‌ବା ପରେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଥୀ ଶନିବାର, ଜୁଲାଇ ୬ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଚତୁର୍ଥୀ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୩୩ମି. ଗତେ ଘ୧୦।୧୨ମି. ମଧ୍ୟେ ରାହୁ କାଳ।


# classifieds Everyday
**0674-2580101, 2549302**

real estate

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary side direct owner: 8144391451.** D-13264

2400 sqft Gharabari Conversion plot sale at Nandan Vihar, Patia, Bhubaneswar, 9437260818. D-13278

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର Tamando Kendriya vihar କଲୋନୀ ଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

**ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970.** D-66721

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164.** D-66718

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

**ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/-9437306208.** D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66586

**2500 sqft plot sale at Hanspal (Bharat Villa), Bhubaneswar. Genuine buyers directly contact Deepak: 9937329999.** D-66255

Yellowzone gharabari plots Badagada Canalroad, simplex BJEM-(2) 11,80,000/, Tankapaniroad Saitemple backside sqft 1200/-. 7735738102. D-13263

**4BHK ready to move fully furnished double storeyed independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66254

2 Acre Gharabari Conversion plot sale at Raghunathpur main road, Bhubaneswar, 9437260818. D-13277

GA freehold plot sale at Sailashree Vihar, Bhubaneswar, 9437260818. D-13276

Stithiban gharabari plots measuring 3600 sqft with boundary in Chandrasekharpur, Bhubaneswar is immediate for sale. 9937162220. D-66159

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13279

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Summer special mesmerizing offer expert therapeutic refreshing massage appointment: 9668374480. D-66593

Experience full body massage with us (expert). Call: 7377048581, 0674- 2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Herbal body massage by gents and ladies therapist. Ph. 9090466257. D-13186

Kajal ayurvedic massage club fully relaxed by smart lady, home service available. 9937637219. D-66919

**AFFIDAVIT**

By virtue of an affidavit before Notary, BBSR that my son name is Ayusman Pattanaik is known as Ayushman Pattanaik for all purpose. D-64980

**LEGAL NOTICE**

**ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ**
**ଏସ୍.ଆର.ପି. କେଶ୍ ନମ୍ବର ୩୯୧/୧୫**
(ଓଡ଼ିଶା ବନ୍ଦୋବସ୍ତ ଆଇନ୍‌ର ଧାରା-୧୫-ବି ଅନୁଯାୟୀ)
**ଶ୍ରୀମତୀ ରାଜଲକ୍ଷ୍ମୀ ପଟ୍ଟନାୟକ** ...ବାଦୀ
ବନାମ
**ମ୍ୟାକ୍ସ ରିଅଲକନ୍ ପ୍ରା.ଲି ଓଗେର** ...ପ୍ରତିବାଦୀ

ପ୍ରତିବାଦୀ ନଂ. ୧- ମ୍ୟାକ୍ସ ରିଅଲକନ୍ ପ୍ରା.ଲି, ତରଫ ମ୍ୟାନେଜିଙ୍ଗ ଡ଼ାଇରେକ୍ଟର ପଂଚାନନ ଚାନ୍ଦୁଆ, ପିତା- ବିଶ୍ୱନାଥ ଚାନ୍ଦୁଆ, ହର୍ଷପ୍ରିୟା ହୋମ୍‌ସ, ହାଉସ୍ ନଂ. ୩, ହିଲ୍ ସାଇଡ଼ ନର୍ସିଂହୋମ୍ ନିକଟ, ଏନ.ଏଚ.-୫, ପୋଷ୍ଟ/ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ପ୍ରତିବାଦୀ ନଂ-୭-କୁଳମଣି ପ୍ରହରାଜ, ପିତା- ସ୍ୱର୍ଗତ ଜଗବନ୍ଧୁ ପ୍ରହରାଜ, ସା/ପୋ- ଜାଗମରା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।...ପ୍ରତିବାଦୀ। ନୋଟିସ୍- ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡ଼ାକଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି। ଜମିର ତଫସିଲ- ମୌଜା-ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ ୪୨, ସାବିକ ପ୍ଲଟ ନଂ. ୫୬୦ ସମ୍ବନ୍ଧ ରକବା-ଏ୦.୦୨୭.୫୪ ଡ଼ିସିମିଲି, ହାଲ ଖାତା ନଂ. ୨୬୨, ହାଲ ପ୍ଲଟ ନଂ. ୯୮୭, ରକବା- ଏ୦.୦୪୧ ଡ଼ିସିମିଲି, ହାଲ ପ୍ଲଟ ନଂ. ୯୮୮, ରକବା- ଏ୦.୧୧୦ ଡ଼ିସିମିଲି ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ କେଶରୀ ନଗର, ୟୁନିଟ୍-୫ରେ ଆସନ୍ତା ତା- ୦୯।୦୭।୨୦୧୯ ରିଖ ଦିବା ଘ. ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

**ନିହାର ରଞ୍ଜନ ଦାଶ,**
ଅଦାଲତଙ୍କ ଆଦେଶକ୍ରମେ ଯୁଗ୍ମ ସଚିବ (ବିଚାର)
D-13275



୨୦୦୩ରେ ଗୁଜରାଟର ପୂର୍ବତନ ଗୃହମନ୍ତ୍ରୀ ହରେନ୍ ପାଣ୍ଡ୍ୟା ହତ୍ୟା ମାମଲାର ବିଚାର କରି ସୁପ୍ରିମକୋର୍ଟ ଶୁକ୍ରବାର ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତତ୍କାଳୀନ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଗୁଜରାଟ ସରକାରରେ ପାଣ୍ଡ୍ୟା ଗୃହମନ୍ତ୍ରୀ ଥିଲେ। ସେ ୨୦୦୩ ମାର୍ଚ୍ଚ ୨୬ରେ ଅହମଦାବାଦର ଲ’ ଗାର୍ଡେନ୍‌ରେ ମର୍ନିଂ ୱାକ୍ କରୁଥିବା ସମୟରେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।





## ଜିଲ୍ଲା ଚିଠି
## ଅନୁଗୋଳ

# ପ୍ରଦୂଷଣ ଜହରକୁ ପ୍ରୋତ୍ସାହନ

ଶିଳ୍ପସମୃଦ୍ଧ ଅନୁଗୋଳ ଜିଲାରେ ବଢୁଛି ବାୟୁ ପ୍ରଦୂଷଣ। ଅନେକ ସମୟରେ ସ୍ଥିତି ସାଂଘାତିକ ଓ ବିପଜ୍ଜନକ ସ୍ତରକୁ ଛୁଉଁଥିବା ଅତୀତରେ ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ସରକାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କାରଖାନା କର୍ତ୍ତୃପକ୍ଷମାନେ ଏଥିପ୍ରତି ଆବଶ୍ୟକ ଧ୍ୟାନ ଦେଉ ନାହାନ୍ତି। ବିଶେଷକରି ତାଳଚେର, ବଅଁରପାଳ ଓ କଣିହାଁ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ ରହୁଥିବା କୁହାଯାଉଛି। କାରଣ କୋଇଲା ଖଣି, ଶିଳ୍ପଠାରୁ ଆରମ୍ଭ କରି ପରିବହନରେ ଲାଗିଥିବା ଦୈନିକ ହଜାର ହଜାର ଭାରିଯାନ ଏଠାରେ ପ୍ରଦୂଷଣ ବଢ଼ାଇବାର କାରଣ ସାଜୁଛି। ତାଳଚେରରେ କୋଇଲା ଖଣି ଦିନକୁ ଦିନ ସମ୍ପ୍ରସାରିତ କରାଯାଉଥିବା ବେଳେ ଅଧିକରୁ ଅଧିକ କୋଇଲା ଉତ୍ତୋଳନ କରାଯିବାକୁ ଲକ୍ଷ୍ୟ ରଖାଯାଉଛି। ଉତ୍ପାଦନ ବଢୁଥିବାରୁ ପରିବହନର ମାଧ୍ୟମ ଟ୍ରକ୍ ସଂଖ୍ୟା ମଧ୍ୟ ବୃଦ୍ଧିପାଉଛି। କିନ୍ତୁ ପ୍ରଦୂଷଣକୁ କିପରି ହ୍ରାସ କରାଯାଇ ପାରିବ ସେ ନେଇ ଜରୁରୀ ପଦକ୍ଷେପ ନିଆଯାଉ ନାହିଁ। ଏଠାରେ ବାୟୁର ସ୍ଥିତି କେମିତି ତାହାର ରିପୋର୍ଟ ବିଭିନ୍ନ ସମୟରେ ଆସୁଥିବା ବେଳେ ସ୍ଥାନୀୟ ଲୋକେ କିନ୍ତୁ ଦୈନିକ ଏହା ଆକଳନ କରିପାରୁଛନ୍ତି। କାରଣ ଖରାଦିନେ ତାଳଚେର ରାଜ୍ୟର ଅନ୍ୟତମ ତତଲାଗଡ଼ ପାଲଟି ଯାଉଛି। ସହରରେ ତାପମାତ୍ରା ୪୫ ଡିଗ୍ରୀ ଟପୁଥିବା ବେଳେ ଖଣି ଅଞ୍ଚଳରେ ଏହା ୫୦ ଉପରେ ରହୁଛି। କୋଇଲା ଖଣିରେ ନିଆଁ, କୋଇଲା ଧୂଳି ଓ ଟ୍ରକ୍‌ଗୁଡ଼ିକର ଧୂଆଁ ବାୟୁମଣ୍ଡଳକୁ ଏପରି ପ୍ରଦୂଷିତ ତଥା ଆଚ୍ଛାଦିତ କରି ରଖୁଛି ଯେ ଦିନରେ ବି ଏଠାରେ ଗାଡ଼ିଗୁଡ଼ିକୁ ଲାଇଟ ଲଗାଇ ଯିବାକୁ ପଡୁଛି। ଶୀତଦିନେ କୁହୁଡ଼ି ସହ ଏହି ଧୂଆଁଳିଆ ପରିବେଶ ଜନଜୀବନକୁ ଅଧିକ ବିପର୍ଯ୍ୟସ୍ତ କରିଦେଉଛି। ଦୁର୍ଘଟଣାଜନିତ ଜୀବନହାନିର କାରଣ ମଧ୍ୟ ହେଉଛି। ୫୫ନଂ. ରାଜପଥ ପାର୍ଶ୍ୱରେ ଥିବା ବଅଁରପାଳ ବ୍ଲକବାସୀ ମଧ୍ୟ ସମାନ ସ୍ଥିତି ଭୋଗୁଛନ୍ତି। କାରଣ ଶିଳ୍ପଜନିତ ପରିବହନର ଏହା ମୁଖ୍ୟ ଜଙ୍କ୍‌ସନ ହୋଇଥିବାରୁ ଏଠାକାର ବାୟୁ ବି ପ୍ରଦୂଷଣର ସ୍ତରକୁ ଟପିବା ଆରମ୍ଭ କରିଛି। ଆଗାମୀ କିଛିବର୍ଷ ମଧ୍ୟରେ ଏହା ତାଳଚେରକୁ ଅତିକ୍ରମ କରିଯିବ ବୋଲି ଏବେଠୁ ଅନୁମାନ କରାଗଲାଣି। ସେହିପରି କଣିହାଁ ସ୍ଥିତି ବି ସଙ୍ଗିନ ହେଲାଣି। ଜିଲାର ବିଭିନ୍ନ ସ୍ଥାନରେ କ୍ଲିନ ଏୟାର ଆକ୍ସନ ପ୍ଲାନ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ ବୋଲି କୁହାଯାଇଥିଲା। ହେଲେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି କେହି ଜାଣିପାରୁ ନାହାନ୍ତି। ଅନୁଗୋଳ ସହର ଦେଇ ଯାତାୟାତ କରୁଥିବା ଭାରିଯାନ ସଂଖ୍ୟା କମ୍ ନୁହେଁ। ଉପକଣ୍ଠରେ ଥିବା ଶିଳ୍ପ ଓ ଏହି ଭାରିଯାନ ଯୋଗୁ ରାଜପଥରେ ଧୂଳି ଜମି ଏଠାକାର ପ୍ରଦୂଷଣ ବଢ଼ାଇ ଚାଲିଛି। କିନ୍ତୁ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉ ନାହିଁ। ଧୂଳିକଣାରେ ପ୍ରଦୂଷଣ ମାତ୍ରା ୪ ମାଇକ୍ରନ୍ ରହିଲେ ଏହା ଲୋକଙ୍କୁ ରୋଗଗ୍ରସ୍ତ କରିଦେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ଧୂଳିଜନିତ ପ୍ରଦୂଷଣ ରୋକିବାକୁ ରାଜପଥ ପାର୍ଶ୍ୱ ହେଉ କି ବିଭିନ୍ନ ରାସ୍ତାରେ ମେଶିନ୍ ସାହାଯ୍ୟରେ ସଫେଇ ହେବା କଥା। କିନ୍ତୁ ଅନୁଗୋଳରେ ତାହା ଅଦ୍ୟାବଧି ହୋଇପାରିନାହିଁ। ରାସ୍ତା ପାର୍ଶ୍ୱରେ ଗଢ଼ି ଉଠିଥିବା ଢାବା ଗୁଡ଼ିକର କୋଇଲା ଆଞ୍ଚ ମଧ୍ୟ ପ୍ରଦୂଷଣ ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି। ଅନୁଗୋଳ ଜିଲାର ଚାରି ପାଖରେ ପାହାଡ଼ ଥିବାରୁ ପ୍ରଦୂଷିତ ବାୟୁ ଅନ୍ୟ ଅଞ୍ଚଳକୁ ଚାଲିଯିବାରେ ବାଧା ସୃଷ୍ଟି ହେଉଛି। ଫଳରେ ଏହାର ସିଧାସଳଖ ପ୍ରଭାବ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁହାଯାଉଛି। ପ୍ରଶ୍ୱାସରେ ଏପରି ପ୍ରଦୂଷିତ ବାୟୁ ଗ୍ରହଣ କଲେ ଆଜ୍‌ମାଠାରୁ ଆରମ୍ଭ କରି ଚକ୍ଷୁ, ଚର୍ମ ଓ ପେଟରୋଗ ସୃଷ୍ଟିର ସମ୍ଭାବନା ଅଧିକ। ଏପରି ରୋଗ ମଧ୍ୟ ବହୁ ଲୋକଙ୍କଠାରେ ଦେଖାଦେଲାଣି। ସେଥିପାଇଁ ଅନେକ ସମୟରେ ଲୋକେ ଅଭିଯୋଗ କରିବାକୁ ପ୍ରଶାସନ ନିକଟକୁ ଧାଉଁଛନ୍ତି। ଆନ୍ଦୋଳନ ମଧ୍ୟ କରୁଛନ୍ତି। ତଥାପି ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲାଗୁଛି ଯେପରି ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲୋକଙ୍କ ପ୍ରଶ୍ୱାସରେ ଏହି ଜହରକୁ ପ୍ରୋତ୍ସାହନ ଦେବାରେ ଲାଗିଛନ୍ତି।

**– ଅମିତ କୁମାର ସାମଲ**




# ୨୦୨୧ ମାର୍ଚ୍ଚରେ ସରିବ ଓଡ଼ିଶା ଜନଗଣନା

- କେନ୍ଦ୍ରାପଡା, ବଲାଙ୍ଗୀର ଓ ଖୋର୍ଦ୍ଧା ଜିଲାରେ ପରୀକ୍ଷାମୂଳକ ପ୍ରସ୍ତୁତି
- ୨ଟି ପର୍ଯ୍ୟାୟରେ ତହସିଲୱାରି ହେବ ଏହି କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ଓଡ଼ିଶାରେ ଜନଗଣନା ୨୦୨୧ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଜନଗଣନା ସମ୍ବନ୍ଧିତ ପ୍ରଶାସନିକ ଓ ବୈଷୟିକ ଦିଗ ଉପରେ ଆଲୋଚନା କରିଛନ୍ତି।

ଭାରତ ସରକାରଙ୍କ ଜନଗଣନା ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ବରଦା ପ୍ରସ୍ତାବିତ କାର୍ଯ୍ୟଯୋଜନା ବିଷୟରେ ସୂଚନା ଦେଇଛନ୍ତି। ପ୍ରସ୍ତାବର ବିଭିନ୍ନ ଦିଗକୁ ବିଚାର କରି ଜନଗଣନାକୁ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜନଗଣନାକୁ ନିର୍ଭୁଲ ଏବଂ ସଦ୍ୟତମ କରିବା ପାଇଁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଏକ ମୋବାଇଲ୍ ଆପ୍‌ର ପ୍ରୟୋଗ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ଏଥର ଜନଗଣନାକୁ ତହସିଲୱାରି କରାଯିବ। ପୂର୍ବରୁ ଏହା ଥାନାୱାରି କରାଯାଉଥିଲା। ଜିଲା ମାଜିଷ୍ଟ୍ରେଟମାନେ ମୁଖ୍ୟ ଜନଗଣନା ଅଧିକାରୀ ଏବଂ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟମାନେ ଜିଲା ଜନଗଣନା ଅଧିକାରୀଭାବେ କାର୍ଯ୍ୟ କରିବେ। ସମୁଦାୟ ଗଣନା କାର୍ଯ୍ୟକୁ ୨ଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ଘର ଗଣନା ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ହେବ। ୨ଟି ପର୍ଯ୍ୟାୟର କାର୍ଯ୍ୟକୁ ୨୦୨୧ ମାର୍ଚ୍ଚରେ ଶେଷ କରିବା ପାଇଁ ବୈଠକରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟର ୩ ସ୍ଥାନରେ ଜନଗଣନା କୌଶଳଗୁଡ଼ିକର ପରୀକ୍ଷାମୂଳକ ପ୍ରୟୋଗ( ପ୍ରିଟେଷ୍ଟ) କରାଯିବ। କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ, ବଲାଙ୍ଗୀର ଜିଲାର ପୁଇନ୍ତଳା ଏବଂ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ମହାନଗର ନିଗମରେ ଏହା ପରୀକ୍ଷାମୂଳକ ଭାବେ କାର୍ଯ୍ୟ କରାଯିବ। ଏହି ପ୍ରିଟେଷ୍ଟ ଚଳିତ ବର୍ଷ ଅଗଷ୍ଟ ୧୨ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୦ ମଧ୍ୟରେ ସାରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

# ଆଜିଠୁ ଭାଜପାର ସଦସ୍ୟତା ଅଭିଯାନ, ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ଭାଜପାର ବିଚାରଧାରା ଅନ୍ୟ ରାଜନୈତିକ ଦଳଠାରୁ ଭିନ୍ନ ବୋଲି ପରିଚୟ ଦେଇଥାଏ। ଶନିବାରଠାରୁ ଦେଶବ୍ୟାପୀ ଭାଜପାର ନୂତନ ସଦସ୍ୟତା ଅଭିଯାନ ଆରମ୍ଭ ହେବାକୁ ଯାଉଛି । ଏହି ସଦସ୍ୟତା ଅଭିଯାନ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ । ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ । ଶନିବାର ଓଡିଶାରେ ରାଜ୍ୟସ୍ତରୀୟ ସଦସ୍ୟତା ଅଭିଯାନର ଶୁଭାରମ୍ଭ ଭୁବନେଶ୍ୱର ଏକାମ୍ର ମହାବିଦ୍ୟାଳୟ ସମ୍ମୁଖ ଗୋଖିବାବା କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିବେ। ଏହିଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ସମେତ ବହୁ ରାଜ୍ୟସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ରହିବେ।

# ଘୂର୍ଣ୍ଣିବଳୟ: ଉପକୂଳ ଓଡ଼ିଶାରେ ବଢ଼ିବ ବର୍ଷା

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ଓଡ଼ିଶା ଏବଂ ଛତିଶଗଡ଼ ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, ଗଞ୍ଜାମ, ପୁରୀ, ବରଗଡ଼, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ଯାଜପୁର, କଟକ, ଢେଙ୍କାନାଳ ଏବଂ ଦେବଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହୁଥିଲେ ମଧ୍ୟ କାଁ ଭାଁ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ପାରାଦୀପରେ ୧୦.୨ ମିଲିମିଟର ବର୍ଷା ରେକର୍ଡକରାଯାଇଥିବା ବେଳେ ଭୁବନେଶ୍ୱରରେ ୬.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ADMISSION 2019-20
MBBS / BDS / BAMS in Maharashtra / Karnataka / UP / Rajasthan / Tamil Nadu MBBS in India @ 60 Lacs.
MBBS Abroad at Top Universities Recognized by MCI / WHO / UNESCO / UK & USA in Nepal / Bangladesh / Philippines / China / Ukraine / Russia / & Kazakhstan & America.
For further details, Call : 6291185650






> ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ –ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ।
> –ଶ୍ରୀଅରବିନ୍ଦ



# ମିତ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ତାଙ୍କ ଦ୍ୱିତୀୟ ପାଳି ପ୍ରାରମ୍ଭରେ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ପରି ପ୍ରତିରକ୍ଷା ସଚିବ ସଞ୍ଜୟ ମିତ୍ରଙ୍କ କାର୍ଯ୍ୟକାଳ ଶେଷ ମୁହୂର୍ତ୍ତରେ ବୃଦ୍ଧିକରିଛନ୍ତି, ଯିଏ କି ମେ ୩୧ ତାରିଖରେ ଅବସର ନେବାର ଥିଲା। ତେବେ ମିତ୍ରଙ୍କ ଅବସର ନିମନ୍ତେ ତାଙ୍କ ସହକର୍ମୀ ବନ୍ଧୁମାନଙ୍କ ଦ୍ୱାରା ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ଚାଲିଥିବା ବେଳେ ମାତ୍ର କେଇଘଣ୍ଟା ପୂର୍ବରୁ ତାଙ୍କୁ ଆଉ ତିନିମାସ ସମ୍ପ୍ରସାରଣ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁମାନେ ଭବିଷ୍ୟତ ପଢ଼ିପାରନ୍ତି ବୋଲି ଦାବି କରନ୍ତି ସେମାନଙ୍କ ବିଶ୍ୱାସ ଅନୁସାରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଦୁଇଜଣ ନୂଆ ମନ୍ତ୍ରୀ ଯଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ ଆସିବା ପରିପ୍ରେକ୍ଷୀରେ ସରକାର ଚାହାନ୍ତି ନୂଆ ମନ୍ତ୍ରୀମାନେ ମନ୍ତ୍ରଣାଳୟ ସହ ଖାପ ଖୁଆଇନେବା ପର୍ଯ୍ୟନ୍ତ ପୁରୁଣା ସଚିବମାନଙ୍କୁ କାର୍ଯ୍ୟରେ ରଖିବାକୁ। ପଶ୍ଚିମବଙ୍ଗ କ୍ୟାଡରର ୧୯୮୨ ବ୍ୟାଚ୍ ଆଇଏଏସ୍ ଅଫିସର ମିତ୍ର ତାଙ୍କର ଦୁଇବର୍ଷିଆ କାର୍ଯ୍ୟକାଳ ଶେଷ କରିସାରିଛନ୍ତି ଏବଂ ତାଙ୍କୁ ଯଦି ପୁନଶ୍ଚ ସମ୍ପ୍ରସାରଣ ଦିଆ ନ ଯାଏ, ଯାହା କେତେକେ ଅନୁମାନ କରୁଛନ୍ତି, ତେବେ ସେ ଆସନ୍ତା ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।

### ବିନିବେଶ ଓ ବିରୋଧ

ମୋଦି ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରି କିଛି ପୁଞ୍ଜି ଯୋଗାଡ଼ କରିବା ମତଲବରେ ଥିବାବେଳେ ଏଥିପାଇଁ ତାଙ୍କୁ ଅମଲାତାନ୍ତ୍ରିକ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ପ୍ରମୁଖ ଥିଙ୍କ୍ ଟ୍ୟାଙ୍କ୍ (ପ୍ରବୁଦ୍ଧମଣ୍ଡଳ) ନୀତି ଆୟୋଗକୁ କେଉଁ କେଉଁ ଉଦ୍ୟୋଗରୁ ପୁଞ୍ଜି ବିନିବେଶ କରାଯିବ, ତା'ର ଏକ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଆୟୋଗ ଏଥିପାଇଁ ୫୦ଟି ରାଷ୍ଟ୍ରାୟତ୍ତ ସଂସ୍ଥାର ତାଲିକା ପ୍ରସ୍ତୁତ କରିଥିବା ବେଳେ ତାହା ଏବେ ବିରୋଧର ସମ୍ମୁଖୀନ ହୋଇଛି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତ ଏହି ତାଲିକା ପ୍ରସ୍ତୁତ କରିଛନ୍ତି। ତେବେ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ଏହି ତାଲିକାକୁ ପୁଞ୍ଜିନିବେଶ ଓ ରାଷ୍ଟ୍ର ସମ୍ପଦ ପରିଚାଳନା ବିଭାଗ (ଡିଆଇପିଏଏମ୍) ପକ୍ଷରୁ ବିରୋଧ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ପୁଞ୍ଜିବିନିବେଶ କାର୍ଯ୍ୟ ପରିଚାଳନା କରୁଥିବା ଉକ୍ତ ବିଭାଗ, ଯାହା ଅର୍ଥମନ୍ତ୍ରଣାଳୟର ଏକ ଶାଖା, ଦାବି କରୁଛି ଯେ ଉକ୍ତ ତାଲିକା ପ୍ରସ୍ତୁତ କରିବା ପୂର୍ବରୁ ନୀତି ଆୟୋଗ ପ୍ରଶାସନିକ ମନ୍ତ୍ରଣାଳୟ ଓ ଅନ୍ୟ ବିଭାଗଗୁଡ଼ିକ ସହ ପରାମର୍ଶ କରିନାହିଁ। ଡିଆଇପିଏଏମ୍‌ର ସଚିବ ଅତନୁ ଚକ୍ରବର୍ତ୍ତୀ ନୀତି ଆୟୋଗକୁ ଲେଖିଛନ୍ତି ଯେ, ଉକ୍ତ ପ୍ରବୁଦ୍ଧମଣ୍ଡଳ ତାଲିକା ପ୍ରସ୍ତୁତ କରିବା ବେଳେ ସମ୍ପତ୍ତି ମୁଦ୍ରୀକରଣର ପ୍ରକ୍ରିୟାଗୁଡ଼ିକ ଅବଲମ୍ବନ କରିବା ଉଚିତ ଥିଲା। ନିୟମାନୁସାରେ ଉକ୍ତ ପ୍ରବୁଦ୍ଧମଣ୍ଡଳ ପ୍ରଶାସନିକ ମନ୍ତ୍ରଣାଳୟ, ଡିଆଇପିଏମ୍, ଅର୍ଥନୈତିକ ବ୍ୟାପାର ବିଭାଗ ଓ ପବ୍ଲିକ୍ ଉଦ୍ୟୋଗ ବିଭାଗର ପ୍ରତିନିଧିମଣ୍ଡଳୀ ସହ ପରାମର୍ଶ କରି ତାଲିକା ପ୍ରସ୍ତୁତ କରିବା ଉଚିତ। ତେବେ ଏହା କ'ଣ କ୍ଷେତ୍ରାଧିକାର ଲଢ଼େଇର ପ୍ରାରମ୍ଭ? ଜାଣିବା ପାଇଁ ପାଠକେ ଏହି ସ୍ତମ୍ଭ ଉପରେ ନଜର ରଖିଥାନ୍ତୁ।

### ପାର୍ଶ୍ୱପ୍ରବେଶ ଏବେ ଏକ ବାସ୍ତବତା

ପ୍ରଶାସନିକ ଚାକିରିରେ ପାର୍ଶ୍ୱପ୍ରବେଶ ଏବେ ଏକ ବାସ୍ତବତାରେ ପରିଣତ ହୋଇଛି। ଇନ୍ଦିରା ଗାନ୍ଧୀଙ୍କ ଅମଳରୁ ଅନେକ ପ୍ରଧାନମନ୍ତ୍ରୀ ଏପରି ଚିନ୍ତା ପୋଷଣ କରିଆସିଥିବା ବେଳେ ନରେନ୍ଦ୍ର ମୋଦି ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯେ କି ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଯୁଗ୍ମସଚିବ ରୂପେ ଆନୁଷ୍ଠାନିକ ଭାବେ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ନିକଟରେ ୧୦ ଜଣ ଭାରତୀୟଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି, ଯେଉଁମାନେ ହେବେ ମୋଦିଙ୍କ ଦ୍ୱିତୀୟ ପାଳି ସରକାରର ପ୍ରଥମ ବ୍ୟାଚ୍ ପାର୍ଶ୍ୱପ୍ରବେଶକାରୀ ଅଫିସର। ଏମାନଙ୍କ ନିଯୁକ୍ତି ପରେ ମୋଦି ସରକାର ଆଉ ୫୫ ଜଣଙ୍କୁ ଯୁଗ୍ମସଚିବ ବା ଉଚ୍ଚତର ପାହ୍ୟାର ଅଫିସର ଭାବେ ନିଯୁକ୍ତି ଦେବାକୁ ପ୍ରସ୍ତୁତ ଅଛନ୍ତି। ଭାରତୀୟ ପ୍ରଶାସନିକ ସେବା ବାହାରର ଲୋକଙ୍କ ଦ୍ୱାରା ଏହି ସରକାର ଯୁଗ୍ମସଚିବ ପାହ୍ୟାର ୪୦ ପ୍ରତିଶତ ଅଫିସର ପଦବୀ ପୂରଣ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। କେବଳ ଗୋଟିଏ ଭିନ୍ନତା ହେଉଛି, ଏହି ଚୟନକାର୍ଯ୍ୟ ୟୁପିଏସ୍‌ସି ଦ୍ୱାରା ନୁହେଁ ବରଂ ନୀତି ଆୟୋଗ ଦ୍ୱାରା କରାଯିବ। ଏହି ପଦବୀଗୁଡ଼ିକ ସରକାରୀ ସେବାର ସମତୁଲ ହେବ। ସରକାର ଯୋଜନା କରୁଛନ୍ତି ନୀତି ଆୟୋଗ ଦ୍ୱାରା ନିର୍ଦ୍ଦେଶକ, ଯୁଗ୍ମସଚିବ ଏବଂ ଏପରି କି ଅତିରିକ୍ତ ସଚିବ ପାହ୍ୟାର ଚାରି ଡଜନରୁ ଅଧିକ ପଦବୀରେ ସିଧାସଳଖ ନିଯୁକ୍ତି ଦେବା ଲାଗି ବିଜ୍ଞାପନ ପ୍ରକାଶ କରିବେ। ସେମାନଙ୍କର ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସ୍ଥାୟୀ ଦରମା ଓ ସର୍ବନିମ୍ନ ପାଞ୍ଚବର୍ଷିଆ କାର୍ଯ୍ୟକାଳ ରହିବ। ପ୍ରାରମ୍ଭିକ ପାଞ୍ଚବର୍ଷିଆ କାର୍ଯ୍ୟକାଳ ପରେ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରାଯିବ ଏବଂ ଯଦି ସନ୍ତୋଷଜନକ ହୁଏ, ତେବେ ସେମାନଙ୍କୁ ଆଉ ତିନିବର୍ଷ ପାଇଁ ନିଯୁକ୍ତି ଦିଆଯିବ। ଯାହା ଜଣାଯାଏ, ଉକ୍ତ ପଦବୀଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ ବିଜ୍ଞାପନ ଦିଆଯିବ। ମୋଦି ଚାହାନ୍ତି ଏହି ବ୍ୟବସ୍ଥା ୨୦୨୦ଠାରୁ କାର୍ଯ୍ୟକାରୀ ହେଉ।

Email: dilipcherian@gmail.com

# ରାଜ୍ୟ ବଜେଟରେ ନିଯୁକ୍ତି ପ୍ରସଙ୍ଗ



ନଟବର ଖୁଣ୍ଟିଆ

ପଞ୍ଚମ ପାଳିର ନବୀନ ପଟ୍ଟନାୟକଙ୍କ ସରକାରର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟ ବିଧାନସଭାରେ ଗତ ଜୁନ୍ ୨୮ ତାରିଖରେ ତାଙ୍କ ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ମୋଟ ବ୍ୟୟ ବରାଦ କରିଛନ୍ତି ୧,୩୯,୦୦୦ କୋଟି ଟଙ୍କା। ଏହାକୁ ଗଣମାଧ୍ୟମ ଲୋକାଭିମୁଖୀ ଓ କୃଷକାଭିମୁଖୀ ବଜେଟ କହି ଶିରୋନାମାରେ ଲେଖୁଛନ୍ତି। ବଜେଟ ଯେଉଁ ଦିନ ଉପସ୍ଥାପନ ହେଲା, ସେହିଦିନ ରାଜ୍ୟ ବିଧାନସଭାରେ ରାଜ୍ୟର ଅର୍ଥନୈତିକ ସର୍ଭେ ରିପୋର୍ଟ ମଧ୍ୟ ଉପସ୍ଥାପନ ହୋଇଥିଲା। ସାଧାରଣତଃ ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଭିତ୍ତିକରି ବଜେଟ ପ୍ରସ୍ତୁତ ହୋଇଥାଏ। ସର୍ଭେ ରିପୋର୍ଟରେ ଅନ୍ୟାନ୍ୟ ମଧ୍ୟରେ ଉଲ୍ଲେଖ ଅଛି ଯେ, ଓଡ଼ିଶାରେ ବେକାରି ଭାରତବର୍ଷର ହାରାହାରି ବେକାରି ଅପେକ୍ଷା ଅଧିକ। ଭାରତବର୍ଷରେ ବେକାରି ଅବସ୍ଥା ଅତି ଉତ୍କଟ ବୋଲି ଦେଶସାରା ଚର୍ଚ୍ଚା ହେଉଛି। ଏହା ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ସମାଲୋଚନା ହେଉଛି। ଓଡ଼ିଶାରେ ବେକାରି ତାହାଠାରୁ ଅଧିକ। ଭାରତବର୍ଷରେ ଏହା ୬.୧ ପ୍ରତିଶତ ହୋଇଥିବା ବେଳେ ଓଡ଼ିଶାରେ ୭.୧ ପ୍ରତିଶତ। ଓଡ଼ିଶାରେ ନିଯୁକ୍ତି ସମ୍ଭାବନା କମ୍ ଥିବାରୁ ପ୍ରାୟ ୬୦ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ଯାଇ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ଦାଦନ ଖଟୁଛନ୍ତି। ସୁତରାଂ ଓଡ଼ିଶାର ବଜେଟରେ ରାଜ୍ୟରୁ ବେକାରି କିପରି ଦୂର ହେବ, ସେଥିପାଇଁ ବଜେଟରେ ପ୍ରାବଧାନ ହେବା ଉଚିତ ଥିଲା। ସରକାରଙ୍କର ନିଜସ୍ୱ ରାଜସ୍ୱ ଆୟ ଯଥେଷ୍ଟ ହେଉ ନ ଥିବାରୁ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ କରିପାରୁନାହାନ୍ତି। ଏହି ସ୍ଥିତିରେ ବିଭିନ୍ନ ବିଭାଗ ମାଧ୍ୟମରେ ଦୀର୍ଘସ୍ଥାୟୀ ଭିତ୍ତିଭୂମି ସ୍ଥାପନ କରି ଆତ୍ମନିଯୁକ୍ତି ମାଧ୍ୟମରେ ବେକାରି ଦୂର କରିବା ପାଇଁ ଉଦ୍ୟମ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ।

ଏବେ ଆସନ୍ତୁ ସମ୍ୟକ ଆଲୋଚନା କରିବା ରାଜ୍ୟରେ କେଉଁ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସୁଯୋଗ ରହିଛି। ସାରା ବିଶ୍ୱରେ ପର୍ଯ୍ୟଟନ କ୍ଷେତ୍ର ହେଉଛି ନିଯୁକ୍ତି ସୃଷ୍ଟି କରିବାର ସର୍ବଶ୍ରେଷ୍ଠ କ୍ଷେତ୍ର। ଆଜିକାଲି ଲୋକେ ଅର୍ଥ କମାଇବା ଦୌଡ଼ରେ ବ୍ୟତିବ୍ୟସ୍ତ ହୋଇ କିଛି ସମୟ ପାଇଁ ଅନ୍ୟତ୍ର ବୁଲି ଆସି ପୁନଶ୍ଚ କାମରେ ଲାଗି ଯିବାକୁ ପସନ୍ଦ କରୁଛନ୍ତି। କେବଳ ଭାରତବର୍ଷରେ ନୁହେଁ, ସମଗ୍ର ବିଶ୍ୱରେ ଲୋକଙ୍କର ଆୟ ବଢୁଛି। ସେଥିରୁ କିଛି ଅର୍ଥ ଲୋକେ ପର୍ଯ୍ୟଟନରେ ଖର୍ଚ୍ଚ କରି ମନୋରଞ୍ଜନ କରିବାକୁ ପସନ୍ଦ କରୁଛନ୍ତି। ଆମ ଓଡ଼ିଶାରେ ଯଦି ପର୍ଯ୍ୟଟନ ଶିଳ୍ପ ପ୍ରତି ଗୁରୁତ୍ୱ ଦିଆଯାଇ ଦେଶରୁ ଓ ଦେଶ ବାହାରୁ ପର୍ଯ୍ୟଟକମାନଙ୍କୁ ଆସିବା ପାଇଁ ଆକୃଷ୍ଟ କରାଯାଆନ୍ତା, ତେବେ ଆମର ହୋଟେଲ, ଖାଦ୍ୟ, ପରିବହନ କ୍ଷେତ୍ରରେ ବିକାଶ ହେଲେ ବହୁ ଲୋକ ନିଯୁକ୍ତି ପାଆନ୍ତେ। ଯଦିଓ ଓଡ଼ିଶା ୨୦୧୬ରେ ପର୍ଯ୍ୟଟନ ନୀତି ପ୍ରସ୍ତୁତ କରିଛି, କିନ୍ତୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଯଥେଷ୍ଟ ଧ୍ୟାନ ଦେଇ ନାହିଁ। ଓଡ଼ିଶାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଅପର୍ଯ୍ୟାପ୍ତ ପ୍ରାକୃତିକ ସମ୍ପଦ ସହ କଳାକୃତି ଓ ଧାର୍ମିକ କ୍ଷେତ୍ର ଅଛି। ୪୮୦ କିଲୋମିଟର ବ୍ୟାପୀ ବେଳାଭୂମି, କ୍ରିକ୍‌ରେ ନୌଚାଳନା ପାଇଁ ସୁବିଧା, ଚିଲିକା ପରି ହ୍ରଦ, ପାହାଡ଼, ଜଙ୍ଗଲ, ଅଭୟାରଣ୍ୟ, ନଦୀ, ଜଳପ୍ରପାତ ଆଦି ଅନେକ ପର୍ଯ୍ୟଟନ ବୈଭବ। ଏସବୁକୁ ଓଡ଼ିଶା ଉପଯୋଗ କରି ପାରିନାହିଁ ଏପର୍ଯ୍ୟନ୍ତ। କେରଳ ପରି ଏକ ଛୋଟିଆ ରାଜ୍ୟ ଯାହାର କ୍ଷେତ୍ରଫଳ ଆମର ଅଣ ବିଭାଜିତ ଜିଲା କୋରାପୁଟଠାରୁ ସାମାନ୍ୟ ଅଧିକ ସେ ରାଜ୍ୟ ତା'ର ପର୍ଯ୍ୟଟନ ଶିଳ୍ପକୁ ଏପରି ଉନ୍ନତ କରିଛି ଯେ, ସାରା ବିଶ୍ୱରୁ ପର୍ଯ୍ୟଟକମାନେ ଧାଇଁଛନ୍ତି କେରଳ। ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ କେରଳ ସୃଷ୍ଟି କରିଛି ଅନେକ ନିଯୁକ୍ତି ସୁଯୋଗ। ସେ ରାଜ୍ୟର ଆୟର ଏକ ମୁଖ୍ୟାଂଶ ହେଲା ପର୍ଯ୍ୟଟନ ଶିଳ୍ପରୁ ଆୟ ହେଉଥିବା ଟିକସ। ଆମ ରାଜ୍ୟରେ ପର୍ଯ୍ୟଟନ ପାଇଁ ଆଦୌ ନିଷ୍ଠାପର ଉଦ୍ୟମ ହେଉ ନ ଥିବା ବଜେଟର ବ୍ୟୟବରାଦ କହୁଛି। ୨୦୧୯-୨୦ ବଜେଟରେ ପର୍ଯ୍ୟଟନ ବିକାଶ ପାଇଁ ୧୯୪ କୋଟି ଟଙ୍କାର ବ୍ୟୟବରାଦ ହେବା ବେଳେ ୨୦୧୮-୧୯ରେ ତାହା ହୋଇଥିଲା ୨୧୩.୪୬ କୋଟି ଟଙ୍କା। ପର୍ଯ୍ୟଟନ ପରି ଏକ ନିଯୁକ୍ତି ସୃଷ୍ଟିକାରୀ ବିଭାଗ ପାଇଁ ବ୍ୟୟବରାଦ ହ୍ରାସ ପାଇବା ସୂଚାଇ ଦେଉଛି ସରକାର ଦିଶାହୀନ ଭାବରେ ଚାଲିଛନ୍ତି। ବେକାରି ଦୂର କରିବା ପାଇଁ ମନଧ୍ୟାନ ଦେଇ କାର୍ଯ୍ୟ କରୁନାହାନ୍ତି।

୨୦୦୦ ମସିହାରୁ ନବୀନ ପଟ୍ଟନାୟକଙ୍କ ସରକାର ଆଜି ପର୍ଯ୍ୟନ୍ତ କ୍ରମାଗତ ଭାବେ ରାଜ୍ୟକୁ ଶାସନ କରିଆସୁଛି। ସରକାର ବିଶେଷ ଭାବରେ ବଡ ବଡ ଶିଳ୍ପ ସ୍ଥାପନ କରି ରାଜ୍ୟରୁ ବେକାରି ଦୂର କରିବା ପାଇଁ ଉଦ୍ୟମ କରୁଥିବା ଦେଖାଯାଉଛି। ଶିଳ୍ପ ବିକାଶ ପାଇଁ କନ୍‌କ୍ଲେଭ ପରେ କନ୍‌କ୍ଲେଭ କରି ଦେଶ ବାହାରୁ ଓ ଦେଶ ମଧ୍ୟରୁ ଶିଳ୍ପପତିମାନଙ୍କୁ ଏକତ୍ର କରାଇ ଓଡ଼ିଶାରେ ଶିଳ୍ପ ବିକାଶ ସାଙ୍ଗକୁ ନିଯୁକ୍ତି ସୁବିଧା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି। ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ କହିଛନ୍ତି, ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ୪.୨୩ଲକ୍ଷ କୋଟିଟଙ୍କାର ନିବେଶର ପ୍ରତିଶ୍ରୁତି ପାଇଛି, ଯାହାଦ୍ୱାରା ୫.୯୧ ଲକ୍ଷ ଲୋକ ନିଯୁକ୍ତି ପାଇବେ। କିନ୍ତୁ ବଜେଟ ଭାଷଣରେ ସେ କହିଲେ ନାହିଁ କେତୋଟି ଶିଳ୍ପ କେତେ ଟଙ୍କା ଏ ପର୍ଯ୍ୟନ୍ତ ନିବେଶ କଲେଣି ଓ କେତେଜଣଙ୍କୁ ନିଯୁକ୍ତି ଯୋଗାଇଲେଣି। ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ କହେ ୨୦୦୪ରେ ଘରୋଇ କ୍ଷେତ୍ରର ବଡ ବଡ ସଙ୍ଗଠିତ ଶିଳ୍ପ ୮୯ ହଜାର ଲୋକଙ୍କୁ ନିଯୁକ୍ତି ଦେଇଥିବା ବେଳେ ୨୦୧୫ ବେଳକୁ ତାହା ନାମକୁ ମାତ୍ର ବୃଦ୍ଧି ପାଇ ହୋଇଛି ୧.୦୪ ଲକ୍ଷ। ଏହି ଅନୁଭୂତିରୁ ଜଣାଯିବ ଏହି ବଡ ବଡ ଶିଳ୍ପ ଦେଇଥିବା ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ହିଁ ପ୍ରକୃତରେ ଅଳ୍ପ ପୁଞ୍ଜି ନିବେଶରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି କରି ବେକାରି ଦୂର କରିବା ପାଇଁ ସକ୍ଷମ ହେବ। ଏହି କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବାକୁ ସରକାର ଅଗ୍ରାଧିକାର ଦେବା ଉଚିତ। କିନ୍ତୁ ୨୦୧୯-୨୦ ବଜେଟରେ ସରକାର ଏହି ବିଭାଗ ପାଇଁ ୧୯୨ କୋଟି ବ୍ୟୟ ବରାଦ କରିଥିବା ବେଳେ ଗତବର୍ଷ କରିଥିଲେ ୨୧୨.୨ କୋଟି ଟଙ୍କା। ଏହା ସୂଚାଇ ଦେଉଛି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବାରେ କେତେ ତତ୍ପର। ଏହି କ୍ଷେତ୍ର ଆଜି ସଫଳତାର ସହିତ ବେକାରି ଦୂର କରିପାରିବ, ଯଦି ରାଜ୍ୟରେ ସ୍ଥାପିତ ଦକ୍ଷତା ବିକାଶ ସଂସ୍ଥା ଯେଉଁ ଉଦ୍ୟୋଗୀମାନେ ଏହି କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଇଚ୍ଛୁକ ସେମାନଙ୍କୁ ହିସାବ ରଖିବା, ଶିଳ୍ପ ପରିଚାଳନା କରିବା ଓ ଯେଉଁ ଉଦ୍ୟୋଗ କରିବେ ସେହି ଉଦ୍ୟୋଗ ସମ୍ବନ୍ଧରେ ପ୍ରାଥମିକ ବୈଷୟିକ ଜ୍ଞାନକୌଶଳ ସମ୍ବନ୍ଧରେ ଉପଯୁକ୍ତ ତାଲିମ ଦେବାର ବ୍ୟବସ୍ଥା କରିବେ। ତାହା ନ କରି କେବଳ ଷ୍ଟାର୍ଟ ଅପ୍ ଯୋଜନାରେ ଉଦ୍ୟୋଗୀମାନଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କଗୁଡିକ ଉପରେ ଚାପ ସୃଷ୍ଟି କରିବା ଫଳବବତୀ ହେବନାହିଁ।

ଏବେ ଚାରିଆଡ଼େ ହୁରି ପଡିଛି ଯେ, ସରକାର କୃଷି ବିକାଶ ପାଇଁ ଏଥର ବଜେଟରେ ଅଧିକ ବ୍ୟୟ ବରାଦ କରି କୃଷକମାନଙ୍କର ଆୟ ବଢାଇବା ପାଇଁ ଉଦ୍ୟମ କରିଛନ୍ତି। କୃଷି ବଜେଟ୍‌ରେ ଅଧିକ ବ୍ୟୟବରାଦ କେବଳ କାଳିଆ ଯୋଜନା ପାଇଁ ହୋଇଛି। କାଳିଆ ଯୋଜନା ପାଇଁ ୫୮୧୧ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହା କୌଣସି ଭିତ୍ତିଭୂମି ସୃଷ୍ଟିକରି ଚାଷୀର ଉତ୍ପାଦନ, ଉତ୍ପାଦିକା ଶକ୍ତି ବୃଦ୍ଧି କରିପାରିବ ନାହିଁ ବା ଚାଷୀର ଉତ୍ପାଦନକୁ ମୂଲ୍ୟଯୁକ୍ତ କରି ବଜାରରେ ଲାଭଜନକ ମୂଲ୍ୟରେ ବିକ୍ରି କରିପାରିବ ନାହିଁ। ଏହି ଅର୍ଥ ନଗଦ ଆକାରରେ ୭୫ ଲକ୍ଷ ଚାଷୀଙ୍କୁ ଦିଆଯିବ। ଏହି ଟଙ୍କାକୁ ନେଇ କ'ଣ ଚାଷୀ ଉତ୍ପାଦନ ଖର୍ଚ୍ଚରେ ବିନିଯୋଗ କରିବ ? ତା'ର ଅଭାବ କହିଲେ ନ ସରେ। ସେ ଏହି ଅର୍ଥରୁ ଅଧିକାଂଶ ଭାଗ ଅଣ ଉତ୍ପାଦନ ଖର୍ଚ୍ଚରେ ବିନିଯୋଗ କରିବ। କାଳିଆ ଯୋଜନା ଖର୍ଚ୍ଚକୁ ବାଦ୍ ଦେଲେ ପ୍ରକୃତ ପକ୍ଷରେ ଗତବର୍ଷ ଅପେକ୍ଷା ଏ ବର୍ଷ କୃଷି ବଜେଟରେ କମ୍ ଅର୍ଥର ବ୍ୟୟବରାଦ ହୋଇଛି। ନିଯୁକ୍ତି ସୃଷ୍ଟି କରିବାର ଥିଲେ ଶୀତଳ ଭଣ୍ଡାର, କୃଷି ପ୍ରକ୍ରିୟାକରଣ ଶିଳ୍ପ,କୃଷିଜାତ ଦ୍ରବ୍ୟର ଠିକ୍ ବିପଣନ, ଶସ୍ୟ ଗୋଦାମ, ପନିପରିବା ଓ ଅଣ୍ଡା, ମାଛର ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଉଚିତ ଥିଲା।

ଉପରୋକ୍ତ ଆଲୋଚନାରୁ ଏହା ସହଜରେ ଅନୁମେୟ ଯେ, ୨୦୧୯-୨୦ ବଜେଟରେ କେବଳ ଶସ୍ତା ଲୋକପ୍ରିୟତା ହାସଲ କରିବା ପାଇଁ ବ୍ୟୟବରାଦ ହୋଇଛି। ଦୀର୍ଘସ୍ଥାୟୀ ବିକାଶ ପ୍ରତି ଧ୍ୟାନ ଦିଆ ଯାଇନାହିଁ କି ନିଯୁକ୍ତି ସୃଷ୍ଟି ପାଇଁ ଆନ୍ତରିକ ଉଦ୍ୟମ ହୋଇନାହିଁ।

ଏ ୫୦୨, ମୋତି ବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨

# ମୋ ଘର



ଅଲେଖ ଚନ୍ଦ୍ର ମିଶ୍ର

ଚାରିକାନ୍ଥ ଓ ଛପର ଦ୍ୱାରା ଆବଦ୍ଧ କ୍ଷେତ୍ର ଗୃହ, ବାସସ୍ଥାନ, ବସାଘର ବା ଭଡ଼ାଘର ହୋଇପାରେ (ହାଉସ)। କିନ୍ତୁ ଘର (ହୋମ୍) ନୁହେଁ। ମଣିଷ ଯେଉଁଠି ଖାଏ, ଶୁଏ ଏବଂ ଜିନିଷପତ୍ର ରଖେ ତାହା ଏକ ଆଶ୍ରୟ, ଘର ନୁହେଁ। ଘର ହେଉଛି ସେଇ ପବିତ୍ର ପୀଠ ଯେଉଁଠି ତା'ର ପୂର୍ବଜଙ୍କର ଥାଏ ଷଠୀଘର। ପୋତା କଉଡିର ଅଶ୍ରୁଳ ସ୍ମାରକୀ। ଯେଉଁଠି ପିତାଙ୍କର ଆକଟ, ମା'ର ଯତ୍ନ, ଭାଇଭଉଣୀଙ୍କର ସ୍ନେହ, ସ୍ତ୍ରୀର ସେବା, ସନ୍ତାନମାନଙ୍କର ଆଜ୍ଞାବହତା ଏବଂ ସାହିପଡିଶାଙ୍କର ସହାନୁଭୂତି ଏକ ଅହେତୁକ ବନ୍ଧନର ବଳୟ ସୃଷ୍ଟି କରିଥାଏ। ତାହା ଏକ ସ୍ମୃତିର ମନ୍ଦିର। ଐତିହ୍ୟର ପ୍ରତୀକ। ବୁନିୟାଦିର ନିଦର୍ଶନ ଏବଂ ଅଧିକାରର ଉତ୍ସ, ଯାହାର ବିକଳ୍ପ ନାହିଁ। ଘର ବ୍ୟତୀତ ଅନ୍ୟ ସବୁ ସ୍ଥାନରେ ମଣିଷ ଅତିଥି। ବିଖ୍ୟାତ ଇଂଲିଶ କବି ଆଲେକଜାଣ୍ଡର ପୋପ୍‌ଙ୍କ ଭାଷାରେ ଯେଉଁ ଲୋକ ନିଜ ଜମି ଉପରେ ନିଃଶ୍ୱାସ ମାରେ ସେ ସୁଖୀ (ହାପି ଦି ମ୍ୟାନ ହୁଜ୍ ଉଇସ ଆଣ୍ଡ କେୟାର ଏ ଫିଉ ପାଟର୍ନାଲ ଏକରସ ବାଉଣ୍ଡ, କଣ୍ଟେଣ୍ଟ ଟୁ ବ୍ରେଦ୍ ହିଜ୍ ନେଟିଭ ଏୟାର, ଇନ ହିଜ୍ ଓନ ଗ୍ରାଉଣ୍ଡ)।

ଘର ଏକ ଦ୍ୱୀପର କୁଡିଆ ହୋଇପାରେ କିମ୍ବା ମହାନଗରୀରେ ଏକ ସୁରମ୍ୟ ଅଟ୍ଟାଳିକା, ଏସ୍କିମୋର ଇଗ୍‌ଲୁ ବା ଟିଉପିକ ଅଥବା ବୁଶ୍ ମ୍ୟାନର ବୃକ୍ଷ ଉପର ଘର, ଜାପାନର କାଗଜଘର ବା ଚାଇନାର ଡଙ୍ଗା ଘର, ବେଦୁଇନର ମରୁଦ୍ୟାନ, ବନବାସୀର ଗୁମ୍ଫା। ସମସ୍ତଙ୍କର ପ୍ରିୟତମ ସ୍ଥାନ ତା'ର ଘର। (ହୋମ୍, ହୋମ୍ ସ୍ୱିଟ୍, ସ୍ୱିଟ୍ ହୋମ୍, ଦେୟାର୍ ଇଜ୍ ନୋ ପ୍ଲେସ୍ ଲାଇକ୍ ହୋମ୍- ଜନ ହାୱାର୍ଡ ପେନ୍)। ମଣିଷର ସବୁଠାରୁ ନିରାପଦ ସ୍ଥାନ ଘର। ବିପଦ ଆପଦରେ ସେ ଘରକୁ ହିଁ ଆଶ୍ରା କରେ। ଘର ମଣିଷର ପ୍ରଥମ ଶିକ୍ଷାୟତନ। ''ଚାଟ ଘର ପୁଅ ଚାଟ, ଭାଟ ଘର ପୁଅ ଭାଟ।'' ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ମତରେ ଦି ଫାଷ୍ଟ ଲେଶନ ଅଫ୍ ଏ ଚାଇଲ୍ଡ ଇଜ୍ ଲର୍ନଣ୍ଟ ବିଟ୍ୱିନ ଫାଦର୍‌ସ କେୟାର୍‌ସ ଆଣ୍ଡ ମଦର୍‌ସ କିସେସ୍। (ଶିଶୁଟିର ପ୍ରଥମ ଶିକ୍ଷା ତା'ର ପିତାଙ୍କର ଯତ୍ନ ଏବଂ ମାତାଙ୍କର ସ୍ନେହ ଭିତରେ ଆରମ୍ଭ ହୋଇଥାଏ)। ପ୍ରକୃତରେ ଘରର ଶିକ୍ଷା, ସଂସ୍କୃତି ଓ ଚାଲିଚଳନ ମଣିଷର ଜୀବନକୁ ପ୍ରଭାବିତ କରେ।

ଅନ୍ୟତ୍ର ମଣିଷ କ୍ଷମତା, ପ୍ରଭୁତ୍ୱ, ଐଶ୍ୱର୍ଯ୍ୟ ଇତ୍ୟାଦିର ଅଧିକାରୀ ହୋଇପାରେ। ମାତ୍ର ତାହା ସବୁ କ୍ଷଣସ୍ଥାୟୀ। ଘର ଶାଶ୍ୱତ ଆନନ୍ଦର ଉତ୍ସ। ସେହି ପେନ୍‌ଙ୍କ ଭାଷାରେ ''ଆନ୍ ଏକ୍‌ଜାଇଲ ଫ୍ରମ୍ ହୋମ୍, ସ୍ପ୍ଲେଣ୍ଡର ଡାଜଲ୍ସ ଇନ୍ ଭେନ୍, ଓଃ ଗିଭ୍ ମି ମାଇଁ ଲୋଲି ଥାଚେଡ୍ କଟେଜ୍ ଏଗେନ୍''। ସେଥିପାଇଁ ଅଧିକାଂଶ ହୋଟେଲ, ଲଜିଂ, ଗେଷ୍ଟ ହାଉସ, ପର୍ଯ୍ୟଟକ ନିବାସରେ ଲେଖା ହୋଇଥାଏ, ୟୁ ଆର ହୋମ୍ ନାଓ କିମ୍ବା ହୋମ୍ ଆୱେ ଫ୍ରମ୍ ହୋମ୍। ପୃଥିବୀର ଅନେକ ସେଲିବ୍ରିଟିଙ୍କର ଜନ୍ମିତ ଘରକୁ ଏବେ ବିଶ୍ୱ ଐତିହ୍ୟର ମାନ୍ୟତା ଦିଆଯାଇ ସଂରକ୍ଷଣ କରାଯାଉଛି। କୌଣସି କାରଣରୁ ଘର ଛାଡୁଥିବା ଲୋକ (ବିଶେଷକରି ଯୁବତୀ) ଯେଉଁ ସମସ୍ୟାର ଶିକାର ହୁଏ ତାହା ପ୍ରାୟ ସମସ୍ତେ ଜାଣନ୍ତି। ବାହାରର ମିତ୍ରଠାରୁ ଘରର ଶତ୍ରୁ ବରଂ ଭଲ। ପୃଥିବୀର କୋଟି କୋଟି ଘର ଭିତରୁ ଏଭଳି ନିଜର ଘର ଗୋଟିଏ। ଏକାଧିକ ଘରଥିବା ଲୋକ ପାଇଁ (ବଞ୍ଚିବା ଓ ମରିବା) ମାତ୍ର ଗୋଟିଏ ଘର ଦରକାର ହୁଏ। ତା'ର ପରିଚୟ ପାଇଁ ସେତିକି ଯଥେଷ୍ଟ। ସେତିକି ନ ଥିବା ଲୋକ ବେଘର, ଯାଯାବର, ବେସାହାରା, ଶରଣାର୍ଥୀ ଯାହା ସାରା ବିଶ୍ୱରେ ଏକ ବିରାଟ ସମସ୍ୟା। ଜାତିସଂଘର ୟୁଏନ୍‌ଏଚ୍‌ସିଆର୍ ପାଇଁ (ୟୁନାଇଟେଡ ନେସନ୍ସ ହାଇ କମିଶନ ଫର ରିଫ୍ୟୁଜିସ) ମୁଣ୍ଡ ବ୍ୟଥାର କାରଣ। ଘର ନ ଥିବା ଲୋକଙ୍କ ପାଇଁ ସରକାର ଆବାସ ଯୋଜନା କରିଛନ୍ତି। ଯଦି କୌଣସି କାରଣରୁ ଘରେ ରହିବା ସମ୍ଭବ ହୁଏନା ତେବେ ମଝିରେ ମଝିରେ ଘରଆଡେ ବୁଲି ଆସିଲେ ଯେଉଁ ଆନନ୍ଦ ମିଳେ ତାହାର ଉଦାହରଣ ଆମ ବଡ଼ଠାକୁରଙ୍କର ଘୋଷ ଯାତ୍ରା। କିନ୍ତୁ ହାୟ, କାହିଁ ସେ ଘର କାହିଁ ସେ ବନ୍ଧନ ଯାହା ପାଇଁ ଦିନେ ମଣିଷ ଗାଇ ଉଠିଥିଲା, ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।'' ଏ ପ୍ରଶ୍ନର ଉତ୍ତର କିଏ ଦେବ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର ୟୁନିଟ-୪, ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ରକ୍ତଦାନ ହେଉଛି ମହତ୍ ଦାନ। ଏ କଥା କେହି ବୁଝନ୍ତୁ କି ନ ବୁଝନ୍ତୁ, ବୁଝିଛନ୍ତି ଦିଲ୍ଲୀ ପୋଲିସ୍‌ର ୨ କନ୍‌ଷ୍ଟେବଳ। ରକ୍ତଦାନ କରିବା ଦୁହିଁଙ୍କର ନିଶା ପାଲଟି ଯାଇଛି। ରକ୍ତଦାନ ପାଇଁ ଦେଶରେ ସଚେତନତା ଜାରି ରହିଥିବାବେଳେ ଦିଲ୍ଲୀ ପୋଲିସର ୨ଜଣ କନ୍‌ଷ୍ଟେବଳ ଦୀର୍ଘବର୍ଷ ଧରି ରକ୍ତଦାନ କରିଆସୁଛନ୍ତି। ଦୁହିଁଙ୍କର ପେସା ପୋଲିସ୍‌ଗିରି; ଅଥଚ ନିଶା ରକ୍ତଦାନ। ଦୁହେଁ ହେଉଛନ୍ତି ଅମିତ୍ ଫୋଗତ୍ ଏବଂ ଆଶିଷ କୁମାର। ଆଶିଷ ଇତିମଧ୍ୟରେ ୭୭ ଥର ରକ୍ତଦାନ କରିସାରିଥିବାବେଳେ ଅମିତ ୪୮ଥର ରକ୍ତଦାନ କରିଛନ୍ତି। ଆଶିଷ ୧୬ ବର୍ଷ ଧରି ରକ୍ତଦାନ କରିଆସୁଛନ୍ତି। ସେହିପରି ଅମିତ୍ ଗତ ୫ ବର୍ଷ ହେଲା ରକ୍ତଦାନ କରୁଛନ୍ତି। ଅମିତ୍ ଏକ ରକ୍ତଦାନ ସଂଗଠନ କରିଛନ୍ତି। ଏହାର ସଦସ୍ୟ ସଂଖ୍ୟା ୫୫। ସଦସ୍ୟମାନେ ନିୟମିତ ବ୍ୟବଧାନରେ ରକ୍ତଦାନ କରିଥାନ୍ତି। ଏହି ୨ କନ୍‌ଷ୍ଟେବଳଙ୍କୁ ନେଇ ଏବେ ଦିଲ୍ଲୀ ପୋଲିସ ବିଭାଗ ଗର୍ବ ଅନୁଭବ କରୁଛି।

### ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର କେତନ ବହୁଳ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

**୬ ଜୁଲାଇ ୧୯୯୪**

- କାମ୍ବୋଡିଆରେ ଘଟିଥିବା ସାମରିକ ବିଦ୍ରୋହ ବିଫଳ ହେବା ପରେ ଦେଶର ସରକାର ଖମେରରୁଜ୍ ଗୋଷ୍ଠୀ ଉପରେ ନିଷେଧାଜ୍ଞା ଜାରି କଲେ।
- ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ ମହାପାତ୍ର ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | 0 | | | | | 1 | | 7 | | 6 | 8 | | |
| 7 | | 6 | | C | | 3 | | | | D | 9 | | | |
| | E | | 4 | | 5 | | | | | | | 2 | | 0 |
| | | | 1 | | 9 | D | | | B | | | | | |
| A | C | | 3 | | 8 | | 4 | | E | | | | | |
| | | D | | 3 | 4 | | A | | 0 | | 1 | | | |
| C | 3 | | 2 | B | 7 | E | | | | | 5 | A | | 8 |
| 5 | 9 | A | E | | | | | | | | | | | 2 |
| | | E | 5 | 1 | | | | | | | 8 | | | |
| 2 | | | | | C | | 5 | | | | | | | B |
| | | 7 | | E | | | | | 1 | 8 | | | 0 | C |
| | | C | 6 | | 1 | | D | | 4 | | | 3 | 7 | |
| 3 | | | | | B | | | 8 | 9 | | | | | |
| | D | | | | | 2 | | | | 7 | E | | | |
| | 6 | 1 | | | A | 7 | | | | 2 | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 0 | 2 | 8 | E | 7 | 3 | B | 1 | 9 | A | C | 4 | D |
| C | 9 | D | 4 | 1 | 6 | 8 | 2 | E | 0 | 7 | B | A | 5 | 3 |
| E | 1 | 7 | C | 5 | D | 9 | A | 4 | 2 | 6 | 3 | B | 0 | 8 |
| 3 | A | 2 | 9 | B | 0 | 5 | 6 | D | 8 | C | 4 | E | 7 | 1 |
| 4 | 8 | B | A | 7 | 3 | 0 | C | 1 | D | 5 | E | 9 | 2 | 6 |
| 1 | 0 | E | D | 3 | C | 4 | B | 9 | A | 2 | 6 | 7 | 8 | 5 |
| 6 | 2 | 9 | E | 4 | 7 | A | 8 | 3 | C | D | 5 | 0 | 1 | B |
| 7 | B | 4 | 5 | 6 | A | 1 | 0 | 2 | 9 | 3 | 8 | D | C | E |
| A | 3 | C | 8 | 9 | 1 | D | 7 | 5 | E | B | 0 | 4 | 6 | 2 |
| D | 5 | 8 | 0 | 2 | B | 6 | E | C | 7 | 4 | 1 | 3 | 9 | A |
| 9 | E | A | B | 0 | 8 | 2 | 4 | 6 | 3 | 1 | 7 | 5 | D | C |
| 8 | 4 | 1 | 3 | C | 2 | B | D | 0 | 5 | A | 9 | 6 | E | 7 |
| 2 | D | 5 | 6 | A | 9 | 3 | 1 | 7 | 4 | E | C | 8 | B | 0 |
| 0 | 7 | 6 | 1 | E | 4 | C | 5 | A | B | 8 | D | 2 | 3 | 9 |
| B | C | 3 | 7 | D | 5 | E | 9 | 8 | 6 | 0 | 2 | 1 | A | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକେ ଭକୁଆ

ମହାଶୟ,

ଭାରତ ସ୍ୱାଧୀନ ହେବାଠାରୁ ଯେଉଁସବୁ ନିର୍ବାଚନ ହୋଇଛି, ସେଥିମଧ୍ୟରୁ ଗତ ଉଣେଇଶି ନିର୍ବାଚନ ସୀମା ଲଂଘନ କରିଛି ଟଙ୍କା ବଣ୍ଟାରେ। କେବଳ ଟଙ୍କା ଦେଇ ଭୋଟ କିଣାଯାଉଛି। ଏସ୍‌ଆଇଟି ଉପାଧ୍ୟକ୍ଷଙ୍କ ହିସାବରେ କୁଆଡ଼େ ଅଠତିରିଶ ଶହ କୋଟି ଟଙ୍କା ନିର୍ବାଚନବେଳେ ଜବତ ହୋଇଛି। କିନ୍ତୁ ମନ୍ତ୍ରୀମାନଙ୍କ କାରରେ (ଯାହା ଜବତ ହୋଇପାରିବ ନାହିଁ) କେତେ ହଜାର କୋଟି ରାତିରେ ବଣ୍ଟାଯାଇଛି, ତା'ର ହିସାବ କାହା ପାଖରେ ଅଛି? କେବଳ ଟଙ୍କା ଦେଇ ଓ ଅନ୍ୟ ଦାମୀ ପଦାର୍ଥ ବଦଳରେ ଭୋଟ କିଣି ନେତାଏ ବାହାଦୁରି ମାରୁଛନ୍ତି ଯେ ଲୋକେ ତାଙ୍କୁ ସମର୍ଥନ କରୁଛନ୍ତି। ଏତ ଭୋଟ ନୁହେଁ, କେବଳ ଟଙ୍କାର ଖେଳ ଚାଲିଛି। ଦଣ୍ଡକିରି ଦେଖାଇ ବାଲିଆ ମାରି ଖାଇବାର ଏହା ଏକ ସର୍ବୋତ୍ତମ ବ୍ୟବସ୍ଥା। ଲୋକେ କେବଳ ଭକୁଆ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧ

### କଂଗ୍ରେସ ସୁଦୃଢ଼ ହେଉ

ଗତ ଲୋକ ସଭା ଓ କେତେକ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। କାରଣ, ସଂସଦୀୟ ଗଣତନ୍ତ୍ରରେ ମୁଖ୍ୟ ବିରୋଧୀ ଦଳ ଯେତେ ଦୁର୍ବଳ ହେବ, ଗଣତନ୍ତ୍ର ପ୍ରତି ସେତେ ବିପଦ ସୃଷ୍ଟି ହେବ। ଏଣୁ ଗଣତନ୍ତ୍ରର ସୁରକ୍ଷା ଓ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଦୃଷ୍ଟିରୁ କଂଗ୍ରେସ ଦଳ ସୁଦୃଢ ହେବାର ଆବଶ୍ୟକତା ରହିଛି। ଦେଶର ଏହି ସର୍ବପୁରାତନ ଦଳକୁ ସୁଦୃଢ ଓ ସୁସଙ୍ଗଠିତ କରିବା ପାଇଁ ଦଳ ତରଫରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ନେବା ଅତି ଜରୁରୀ। ଏଆଇସିସିଠାରୁ ଆରମ୍ଭ କରି ଡିସିସି ପର୍ଯ୍ୟନ୍ତ ସମସ୍ତ ସଙ୍ଗଠନରେ ଆମୂଳଚୂଳ ପରିବର୍ତ୍ତନ କରାଯାଉ। ଆଗାମୀ ନିର୍ବାଚନଗୁଡିକରେ 'ଗୋଟିଏ ପରିବାର ଗୋଟିଏ ଟିକେଟ' ନୀତିକୁ କଡାକଡି ପାଳନ କରାଯାଉ। ଗତ ନିର୍ବାଚନରେ ଯେଉଁ ପ୍ରାର୍ଥୀ ଅମାନତ ହରାଇଛନ୍ତି, ସେମାନଙ୍କୁ ଆଗାମୀ ନିର୍ବାଚନରେ ଟିକେଟ ନ ମିଳୁ। ପ୍ରାର୍ଥୀ ଚୟନ ବେଳେ ପ୍ରଭାବ ଅପେକ୍ଷା ପ୍ରତିଭାକୁ ଅଗ୍ରାଧିକାର ମିଳୁ। ଜାତୀୟ ଓ ରାଜ୍ୟସ୍ତରୀୟ ସଙ୍ଗଠନରେ 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ' ନୀତି ଅନୁସୃତ ହେଉ। ବିରୋଧୀଙ୍କ ତରଫରୁ କଂଗ୍ରେସ ଦଳ ବିରୋଧରେ ଆଗତ ଅଭିଯୋଗଗୁଡିକର ଯଥାର୍ଥ ଓ ସନ୍ତୋଷଜନକ ଉତ୍ତର ଦିଆଯାଉ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବାତ୍ୟାରେ ନଷ୍ଟ ସର୍ଭିସ୍ ତାର

ନିକଟରେ ସଂଘଟିତ ଫନୀ ବାତ୍ୟା ଯୋଗୁ ଘର ଭାଙ୍ଗିବା ସହିତ ଅନେକ ଉପଭୋକ୍ତାଙ୍କ ବିଦ୍ୟୁତ୍ ମିଟର ଓ ତାର ନଷ୍ଟ ହୋଇଯାଇଛି। ଏବେ ଉପଭୋକ୍ତାଙ୍କୁ ପ୍ରତ୍ୟକ୍ଷ ବିଦ୍ୟୁତ୍ ଯୋଗାଯାଇଛି, ଯେଉଁଥିରେ କି ମିଟର କିମ୍ବା ମେନ୍ ସୁଇଚ୍ କାର୍ଯ୍ୟକାରୀ ନୁହେଁ। ଏହା ଅନେକ ବିପଦର କାରଣ ହୋଇପାରେ। ଆମର ଅନୁରୋଧ, ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ରିଲିଫ ଭାବେ ମାଗଣାରେ ମିଟର, ମେନ୍ ସୁଇଚ ଓ ସର୍ଭିସ୍ ତାର ଯୋଗାଇଦେଲେ ଭଲ ହୁଅନ୍ତା। ନଚେତ୍ ଏହାର ମୂଲ୍ୟ ଦୀର୍ଘ କିସ୍ତିରେ ଆଦାୟ କରାଯାଇପାରେ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ବିହନ ମିଳୁନି

ଅନେକ ସ୍ଥାନରେ ଚାଷୀମାନେ ଧାନ ବିହନ ପାଉନାହାନ୍ତି। କହିବାର କଥା, ଏମାନେ ନିଜେ ବିହନ ସଂଗ୍ରହ କରୁନାହାନ୍ତି କାହିଁକି। ଗତବର୍ଷ ମୁଁ ଶାରଳା (F) ବିହନ ଆଣିଥିଲି, କିନ୍ତୁ ତାହା ଗଜା ହେଲାନାହିଁ। କୃଷି ଅଧିକାରୀଙ୍କୁ କହିବାରୁ ବିହନ ବୁଣିବା ପୂର୍ବରୁ ଖରା ଦେଇଥାନ୍ତେ। କିନ୍ତୁ ପୂଜା ବିହନ ଥିଲା, ତାହାକୁ ବାଧ୍ୟହୋଇ ତଳି ପକେଇଲି। ସେଥିରୁ ଏକରକୁ ୨୦ କୁଇଣ୍ଟାଲ ଧାନ ହୋଇଥିଲା। ଚାଷୀମାନେ ନିଜେ ବିହନ ରଖନ୍ତୁ, କିନ୍ତୁ ସିଡ୍ କର୍ପୋରେଶନ ଉପରେ ନିର୍ଭର କରନ୍ତୁ ନାହିଁ। ତା'ହେଲେ ଠିକ୍ ସମୟରେ ଚାଷ ହେବ ଏବଂ ଭଲ ଅମଳ ମଧ୍ୟ ହେବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ନୂଆ ଶିକ୍ଷାନୀତିରେ ଗବେଷଣାକୁ ଫୋକସ୍

## ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ୪୦୦ କୋଟି ବ୍ୟୟବରାଦ

ନୂଆଦିଲ୍ଲୀ,୫ା୭(ପି.ଟି.)

ଭାରତରେ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ବଜେଟରେ ୪୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହା ପୂର୍ବବର୍ଷର ଆକଳିତ ବ୍ୟୟ ଅଟକଳର ତିନିଗୁଣ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଏଥିସହିତ ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ସରକାର 'ଷ୍ଟଡି ଇନ୍ ଇଣ୍ଡିଆ'କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଏନ୍‌ଡିଏ ଦ୍ୱିତୀୟ ପାଳି ସରକାରର ପ୍ରଥମ ବଜେଟ ଉପସ୍ଥାପନ କରିବା ଅବସରରେ ଅର୍ଥମନ୍ତ୍ରୀ କହିଥିଲେ, ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟବସ୍ଥାରେ ପରିଣତ କରିବା ଲକ୍ଷ୍ୟରେ ସରକାର ନୂତନ ଜାତୀୟ ଶିକ୍ଷାନୀତି ଆଣିବେ। ଏଥିରେ ଉଭୟ ସ୍କୁଲ ଓ ଉଚ୍ଚଶିକ୍ଷାରେ ବଡ଼ ଧରଣର ପରିବର୍ତ୍ତନ ପ୍ରସ୍ତାବ ରହିଛି। ଏଥିସହିତ ଶିକ୍ଷା ପ୍ରଶାସନରେ ଉନ୍ନତି କରାଯିବା ସହ ଗବେଷଣା ଓ ନବପ୍ରବର୍ତ୍ତନ ଉପରେ ଅଧିକ ଧ୍ୟାନ ଦିଆଯିବ।

ଦେଶରେ ଗବେଷଣାର ବିକାଶ ଏବଂ ସମନ୍ୱୟ ରକ୍ଷା ଲାଗି ଏକ ଜାତୀୟ ଗବେଷଣା ଫାଉଣ୍ଡେଶନ୍ (ଏନ୍‌ଆର୍‌ଏଫ୍) ପ୍ରତିଷ୍ଠା କରାଯିବ। ଏହା ମୋଟାମୋଟି ଭାବରେ ଦେଶର ଗବେଷଣା ପରିବେଶକୁ ସୁଦୃଢ଼ କରିବା ଉପରେ ଧ୍ୟାନଦେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଭାରତର ଉଚ୍ଚଶିକ୍ଷା ଆୟୋଗ (ଏଚ୍‌ଇସିଆଇ) ସ୍ଥାପନ ଲାଗି ଚିଠା ବିଧେୟକ ଚଳିତ ବର୍ଷ ଆଗତ ହେବ। ଏହା ଉଚ୍ଚଶିକ୍ଷା ନିୟାମକ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାରେ ସହାୟକ ହେବ। ଅଧିକରୁ ଅଧିକ ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଧିକ ସ୍ୱାୟତ୍ତତା ପ୍ରଦାନ କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ତୃଣମୂଳ ସ୍ତରରୁ ଦେଶରେ କ୍ରୀଡ଼ା ସଂସ୍କୃତିର ବିକାଶ ଲକ୍ଷ୍ୟରେ ଖେଲୋ ଇଣ୍ଡିଆ ସ୍କିମ୍ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ କ୍ରୀଡ଼ାର ବିକାଶ ଲାଗି ସମସ୍ତ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସବୁସ୍ତରରେ କ୍ରୀଡ଼ାକୁ ଲୋକପ୍ରିୟ କରାଇବା ଲାଗି ଜାତୀୟ କ୍ରୀଡ଼ା ବିକାଶ ଶିକ୍ଷା ବୋର୍ଡ ଗଠନ କରାଯିବ ବୋଲି ସୀତାରାମନ୍ କହିଥିଲେ।



ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ପୂର୍ବରୁ ଶୁକ୍ରବାର ପୂର୍ବାହ୍ନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ବଜେଟ ପ୍ରସ୍ତୁତକାରୀ ଟିମ୍ ରାଷ୍ଟ୍ରପତି ଭବନ ପରିସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# କେନ୍ଦ୍ର ବଜେଟ ଉପସ୍ଥାପନରେ ନିର୍ମଳା ଦ୍ୱିତୀୟ ମହିଳା

ନୂଆଦିଲ୍ଲୀ,୫ା୭(ପି.ଟି.)

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଲୋକ ସଭାରେ ବଜେଟ ଉପସ୍ଥାପନ କରିଛନ୍ତି। ଦେଶ ସ୍ୱାଧୀନ ହେବା ପରେ କେନ୍ଦ୍ର ବଜେଟ ଉପସ୍ଥାପନ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ମହିଳା। ୧୯୭୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଥମ ମହିଳା ଭାବେ କେନ୍ଦ୍ର ବଜେଟ ଉପସ୍ଥାପନ କରିଥିଲେ। ଅର୍ଥମନ୍ତ୍ରୀ ପଦରୁ ମୋରାରଜୀ ଦେଶାଇଙ୍କ ଇସ୍ତଫା ପରେ ଇନ୍ଦିରା ଅର୍ଥ ମନ୍ତ୍ରଣାଳୟକୁ ନିଜ ଅଧୀନରେ ରଖିଥିଲେ।

ବଜେଟ ଉପସ୍ଥାପନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଏହାକୁ ଅନୁମୋଦନ କରିଥିଲା। ପରେ ସୀତାରାମନ୍ ବଜେଟର ଏକ କପି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଦାନ କରିଥିଲେ। ୧୯୯୧ରେ ଆର୍ଥିକ ଉଦାରୀକରଣ ପରେ ଏହା ୨୯ତମ ବଜେଟ। ଏହା ପୂର୍ବରୁ ୬ ଜଣ ଅର୍ଥମନ୍ତ୍ରୀ ଯଥା ମନମୋହନ ସିଂ, ଯଶୱନ୍ତ ସିହ୍ନା, ଯଶୱନ୍ତ ସିଂ, ପି. ଚିଦାମ୍ବରମ୍, ପ୍ରଣବ ମୁଖାର୍ଜୀ ଏବଂ ଅରୁଣ ଜେଟଲୀ ୨୮ଟି ବଜେଟ ଉପସ୍ଥାପନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଚିଦାମ୍ବରମ୍ ସର୍ବାଧିକ ୮ ଥର ବଜେଟ ଆଣିଛନ୍ତି। ଅରୁଣ ଜେଟଲୀ ମୋଦି ସରକାରଙ୍କ ପ୍ରଥମ ପାଳିରେ ସମସ୍ତ ୫ଟି ବଜେଟ ଉପସ୍ଥାପନ କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ଗତ ଫେବୃୟାରୀରେ ଅନ୍ତରୀଣ ବଜେଟ ତାଙ୍କ ପରିବର୍ତ୍ତେ କାମଚଳା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥାପନ କରିଥିଲେ।

# ପ୍ରତିରକ୍ଷା କ୍ଷେତ୍ରକୁ ୩.୧୮ ଲକ୍ଷ କୋଟି

ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ୩,୧୮,୯୩୧ ଲକ୍ଷ କୋଟି ଟଙ୍କାର ଅର୍ଥବରାଦ କରାଯାଇଛି। ନୂଆ ଅସ୍ତ୍ରଶସ୍ତ୍ର କ୍ରୟ, ସାମରିକ ଯନ୍ତ୍ରପାତି , ପ୍ଲାଟଫର୍ମ ଲାଗି ୧,୦୮,୨୪୮ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ। ଏହାବାଦ୍ ସାଲାରୀ ଓ ମେଣ୍ଟେନାନ୍ସ ଆଦି ଲାଗି ୨, ୧୦,୬୮୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗତ ଫେବୃୟାରୀ ପହିଲାରେ ଆଗତ ଅନ୍ତରୀଣ ବଜେଟ ତୁଳନାରେ ଚଳିତ ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ୭.୯୩ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି।

# ମହିଳା ଓ ଶିଶୁ ବିକାଶ ଲାଗି ୨୯,୦୦୦ କୋଟି

ଚଳିତ ବଜେଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଲାଗି ୧୭ ପ୍ରତିଶତ ଅଧିକ ଅର୍ଥ ବରାଦ କରାଯାଇଛି। ସାମାଜିକ ସେବା କ୍ଷେତ୍ର, ସୁରକ୍ଷା ଓ ଜନମଙ୍ଗଳ କାର୍ଯ୍ୟ ଲାଗି ଏହି ବିଭାଗକୁ ଅଧିକ ବ୍ୟୟବରାଦ କରାଯାଇଛି। ୨୦୧୮-୧୯ରେ ବିଭାଗକୁ ୨,୫୫୧ କୋଟି ଟଙ୍କା ମିଳିଥିଲା। ଏବେ ଏଥିରେ ୪,୧୭୮ କୋଟି ଟଙ୍କାର ଅଧିକ ବ୍ୟୟବରାଦ କରାଯାଇଛି। ଶିଶୁ ସୁରକ୍ଷା, ମାତୃତ୍ୱ ସୁବିଧା ଲାଗି ବଜେଟରେ ବିଭିନ୍ନ ସୁବିଧା କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଅର୍ଥ ଦ୍ୱିଗୁଣିତ କରାଯାଇଛି। ପୂର୍ବରୁ ଏହା ୧୨ ହଜାର କୋଟି ଥିବାବେଳେ ଏବେ ଏହାକୁ ୨୫ ହଜାର କୋଟିକୁ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ପ୍ରଥମ ଗର୍ଭବତୀଙ୍କୁ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥାଏ। 'ବେଟି ବଚାଓ ବେଟି ପଢାଓ' ଯୋଜନା ଲାଗି ୨୮୦ କୋଟି, ସମନ୍ୱିତ ଶିଶୁ ସୁରକ୍ଷା ସେବା ଲାଗି ୧,୫୦୦ କୋଟି ଟଙ୍କା, ଅଙ୍ଗନୱାଡ଼ି ସେବା ଲାଗି ୧୯,୮୩୪.୩୭ କୋଟି ଟଙ୍କା, ଜାତୀୟ ପୁଷ୍ଟିସାର ମିଶନ ଲାଗି ୩,୪୦୦ କୋଟି ଟଙ୍କା, ମହିଳା ଶକ୍ତି କେନ୍ଦ୍ର ଲାଗି ୧୫୦ କୋଟି ଟଙ୍କା, କର୍ମଜୀବୀ ମହିଳା ହଷ୍ଟେଲ ଲାଗି ୧୬୫ କୋଟି ଟଙ୍କା, ମହିଳା ସୁରକ୍ଷା, ଉଜ୍ଜ୍ୱଳା ଯୋଜନା, ପୀଡ଼ିତାଙ୍କୁ ଉଦ୍ଧାର, ଥଇଥାନ ଆଦି ଲାଗି ୩୦ କୋଟି ଟଙ୍କା, ମହିଳା ସଶକ୍ତୀକରଣ ଲାଗି ୧,୩୧୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।




ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାନ କରୁଥିବାବେଳେ ନୂଆଦିଲ୍ଲୀରେ ଶିଳ୍ପପତିମାନେ ଏହାକୁ ଟିଭିରେ ଦେଖୁଛନ୍ତି।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ପେନ୍‌ସନ

ନୂଆଦିଲ୍ଲୀ,୫ା୭

ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କ୍ଷୁଦ୍ର ବ୍ୟବସାୟୀ ଓ ଉଠାଦୋକାନୀମାନଙ୍କୁ ପାଇଁ ପେନ୍‌ସନ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଯୋଜନାରେ ୩ କୋଟି ଖୁଚୁରା ବ୍ୟବସାୟୀ ଉପକୃତ ହୋଇପାରିବେ। ଯେଉଁ ବ୍ୟବସାୟୀମାନଙ୍କ ବାର୍ଷିକ କାରବାର ୧.୫ କୋଟି ଟଙ୍କାରୁ କମ୍ ସେମାନେ ପ୍ରଧାନମନ୍ତ୍ରୀ କର୍ମଯୋଗୀ ମାନ ଧନ ଯୋଜନାରେ ପେନ୍‌ସନ ପାଇପାରିବେ। ଏଥିପାଇଁ ବ୍ୟବସାୟୀ ଆଧାର ନମ୍ବର, ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ଏକ ଘୋଷଣାନାମା ଦେଇ ଉକ୍ତ ଯୋଜନାରେ ନିଜକୁ ପଞ୍ଜୀକୃତ କରିବେ। ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ-ଧନ ଯୋଜନା ନାମରେ ଏକ ପେନ୍‌ସନ ସ୍କିମ୍ ଘୋଷଣା ହୋଇଥିଲା। ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଯେଉଁମାନଙ୍କ ମାସିକ ଆୟ ୧୫ ହଜାର ଟଙ୍କାରୁ କମ୍ ସେମାନଙ୍କୁ ଏହି ଯୋଜନାରେ ପେନ୍‌ସନ ଯୋଗାଇଦେବାର ବ୍ୟବସ୍ଥା ହୋଇଛି।

# ବଜେଟ ଉପସ୍ଥାପନ ବେଳେ ହାଶ୍‌ମୀ, ବିବେକାନନ୍ଦଙ୍କ ପଂକ୍ତି

ନୂଆଦିଲ୍ଲୀ,୫ା୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ବଜେଟ ଉପସ୍ଥାପନ କଲାବେଳେ ଭାଷଣରେ ବିଶିଷ୍ଟ ବ୍ୟକ୍ତିଙ୍କ ପଂକ୍ତି ଓ କବିତାକୁ ସ୍ଥାନ ଦେଇଥିଲେ। ସେ ଉର୍ଦ୍ଦୁ କବି ମଞ୍ଜୁର ହାଶମୀ, ଚାଣକ୍ୟ, ସ୍ୱାମୀ ବିବେକାନନ୍ଦ ଏବଂ ଭଗବାନ ବାସବେଶ୍ୱରଙ୍କ ଲୋକପ୍ରିୟ ପଂକ୍ତିକୁ ଉଦ୍ଧାର କରିଥିଲେ। ସେ ହାଶ୍‌ମୀଙ୍କ କବିତା 'ଯକିନ ହୋ ତୋ କୋଇ ରାସ୍ତା ନିକଲତା ହୈ, ହାୱା କି ତୋ କର ଭି ଚିରାଗ ଜଲ୍‌ତା ହୈ' ଗାଇଥିଲେ। ଏହାର ଅର୍ଥ ହେଲା, ଯଦି ଆପଣମାନଙ୍କର ବିଶ୍ୱାସ ରହିଛି ତେବେ ଯେମିତି ହେଲେ ବାଟ ମିଳିଯିବ, ଏପରିକି ଜୋରରେ ପବନ ବହିବା ବେଳେ ଦୀପ ଅଧିକ ଜୋରରେ ଜଳିଥାଏ। ସୀତାରାମନଙ୍କ ଏହି ମନ୍ତବ୍ୟକୁ ଗୃହର ସଦସ୍ୟମାନେ ପ୍ରଶଂସା କରିଥିଲେ। ସେହିପରି ଆଗାମୀ ୫ ବର୍ଷରେ ଭାରତ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ ହେବା ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ କହିବା ବେଳେ ଚାଣକ୍ୟଙ୍କ ନୀତିବାଣୀର ଉଲ୍ଲେଖ କରିଥିଲେ। ସେ କହିଥିଲେ, 'କାର୍ଯ୍ୟ ପୁରୁଷ କରେ ନା ଲକ୍ଷ୍ୟମ୍ ସମ୍ପାଦୟତେ' (ପ୍ରତିବଦ୍ଧ ମାନବୀୟ ଉଦ୍ୟମ ବଳରେ କାର୍ଯ୍ୟ ନିଶ୍ଚୟ ସମ୍ପାଦିତ ହୋଇଥାଏ)। ଏଭଳି ଲକ୍ଷ୍ୟ ହାସଲ ନେଇ ଲୋକେ ଆଶ୍ଚର୍ଯ୍ୟ ହେବା ସହ ସନ୍ଦେହ ପ୍ରକଟ କରୁଥିବାରୁ ଅର୍ଥମନ୍ତ୍ରୀ ଚାଣକ୍ୟଙ୍କ ଉକ୍ତିକୁ ଉଦ୍ଧାର କରିଥିଲେ।

ସେହିପରି ମହିଳା ସଶକ୍ତୀକରଣ ଉପରେ ପ୍ରାଧାନ୍ୟ ଦେବାକୁ ଯାଇ ଅର୍ଥନ୍ତ୍ରୀ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ଉପସ୍ଥାପନ କରିଥିଲେ। ବିବେକାନନ୍ଦ କହିଥିଲେ, 'ଗୋଟିଏ ଡେଣାରେ ପକ୍ଷୀ ଉଡିବା ସମ୍ଭବ ନୁହେଁ। ସେହିପରି ଯେ ପର୍ଯ୍ୟନ୍ତ ମହିଳାମାନଙ୍କ ଅବସ୍ଥାରେ ଉନ୍ନତି ନ ହୋଇଛି, ସେ ପର୍ଯ୍ୟନ୍ତ ବିଶ୍ୱର କଲ୍ୟାଣ ହୋଇପାରିବ ନାହିଁ। ଦ୍ୱାଦଶ ଶତାବ୍ଦୀର ସମାଜ ସଂସ୍କାରକ ଭଗବାନ ବାସବେଶ୍ୱରଙ୍କ ନୀତିକୁ ମଧ୍ୟ ଅର୍ଥମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସ୍ଥାନ ଦେଇଥିଲେ। ବାସବେଶ୍ୱରଙ୍କ 'କର୍ମ ହିଁ ଉପାସନା' ନୀତିକୁ ତାଙ୍କ ସରକାର ଅନୁସରଣ କରୁଥିବା ସୀତାରାମନ୍ କହିଥିଲେ। ସେହିପରି ଟିକସ ବ୍ୟବସ୍ଥା ଉପରେ କହିବା ବେଳେ ଅର୍ଥମନ୍ତ୍ରୀ ତାମିଲ କବି ପିସିରନ୍ଧାୟାରଙ୍କ କବିତା ଗାନ କରିଥିଲେ, ଯାହାର ଅର୍ଥ ହେଲା ହାତୀ ଦୁଇ ପୁଳା ଧାନ ଖାଇ ଖୁସି ହୋଇଥାଏ। କିନ୍ତୁ ସେ ଯେତେବେଳେ ଧାନକ୍ଷେତରେ ପଶେ ବହୁତ ଧାନଗଛକୁ ଦଳିଚକଟି ନଷ୍ଟ କରିଦେଇଥାଏ। ଟିକସ ବ୍ୟବସ୍ଥାରେ ସରକାର ସେହି ନୀତି ଆପଣାଇଛନ୍ତି। ଟିକସଦାତାଙ୍କୁ ସୁହାଇବା ଭଳି ଆବଶ୍ୟକ ପରିମାଣର ଟିକସ ସଂଗ୍ରହରେ ସରକାର ଖୁସିହେବେ ବୋଲି ଅର୍ଥମନ୍ତ୍ରୀ କହିଥିଲେ।

# ସବ୍‌ସିଡି ଲାଗି ବ୍ୟୟବରାଦ ୧୩.୩୨% ବଢ଼ିଛି

ନୂଆଦିଲ୍ଲୀ, ୫ା୭ (ଆଇଏଏନ୍‌ଏସ୍)

କେନ୍ଦ୍ର ବଜେଟରେ ୨୦୧୯-୨୦ ବର୍ଷ ଲାଗି ୩,୦୧,୬୯୪ କୋଟି ଟଙ୍କା ସବ୍‌ସିଡି ବାବଦକୁ ବ୍ୟୟବରାଦ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୧୩.୩୨ ପ୍ରତିଶତ ଅଧିକ। ମୁଖ୍ୟତଃ ଖାଦ୍ୟ, ସାର, କିରୋସିନ ଓ ରନ୍ଧନ ଗ୍ୟାସ୍‌ରେ ସରକାର ସବ୍‌ସିଡି ପ୍ରଦାନ କରୁଛନ୍ତି। ଜାତୀୟ ଖାଦ୍ୟସୁରକ୍ଷା ଯୋଜନାରେ ସବ୍‌ସିଡି ବାବଦକୁ ସର୍ବାଧିକ ୧ ଲକ୍ଷ ୮୪ହଜାର ୨୨୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ସାର ପାଇଁ ୭୯,୯୯୬ କୋଟି ଓ ପେଟ୍ରୋଲିୟମ ସବ୍‌ସିଡି ବାବଦକୁ ୩୭,୪୭୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

# ପ୍ରସ୍ତୁତ ହେବ ଗାନ୍ଧୀପେଡିଆ

ନୂଆଦିଲ୍ଲୀ,୫ା୭

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଥିବାବେଳେ ତାଙ୍କ ମୂଲ୍ୟବୋଧର ପ୍ରଚାର ଲାଗି ଗାନ୍ଧୀପେଡିଆ ପ୍ରସ୍ତୁତ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଘୋଷଣା କରିଛନ୍ତି। ୱିକିପେଡିଆ ଢାଞ୍ଚାରେ ହେବାକୁ ଥିବା ଉକ୍ତ ମାଗଣା ଅନଲାଇନ ଏନ୍‌ସାଇକ୍ଲୋପେଡିଆର ନାଁ ଗାନ୍ଧୀପେଡିଆ ରଖିବା ଲାଗି ପ୍ରସ୍ତାବ ମିଳିଥିଲା। ମହାତ୍ମାଙ୍କ ଜୀବନୀ ଓ କାର୍ଯ୍ୟ ସମ୍ପର୍କିତ ତଥ୍ୟ ଏଥିରେ ଅନ୍‌ଲାଇନ ଉପଲବ୍ଧ ହେବ। ଅର୍ଥମନ୍ତ୍ରୀ ଏହି ଘୋଷଣା କଲାବେଳେ ଗୃହର ସଦସ୍ୟମାନେ ଟେବୁଲ ବାଡେଇ ସ୍ୱାଗତ କରିଥିଲେ।

# ସିବିଆଇକୁ ୭୮୧ କୋଟିରୁ ଅଧିକ ଅର୍ଥ

ବିଭିନ୍ନ ହାଇ ପ୍ରୋଫାଇଲ ତଥା ସମ୍ବେଦନଶୀଳ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଚଳିତ ବଜେଟରେ ୭୮୧.୦୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗତ ବର୍ଷ ଅପେକ୍ଷା ଏଥର ୨.୦୮ କୋଟି ଟଙ୍କା ଅଧିକ ମିଳିଛି। ଖଣି ଦୁର୍ନୀତି, ବ୍ୟାଙ୍କ ଦୁର୍ନୀତିଠାରୁ ଆରମ୍ଭ କରି ପ୍ରତ୍ୟର୍ପଣ ମାମଲା, ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତି, ବିଦେଶରେ ଆଇନଗତ ମାମଲା ଲଢ଼ିବା ପାଇଁ ଏହି ସଂସ୍ଥାକୁ ଅଧିକ ଅର୍ଥ ମଞ୍ଜୁର କରାଯାଇଥିବା ପ୍ରକାଶ। ପ୍ରକାଶଥାଉ କି, ୨୦୧୮-୧୯ ବଜେଟରେ ସିବିଆଇକୁ ୭୭୮.୯୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ସିବିଆଇ ଇ-ଗଭର୍ନାନ୍ସ, ପ୍ରଶିକ୍ଷଣ କେନ୍ଦ୍ରର ଅତ୍ୟାଧୁନିକୀକରଣ, ଫରେନ୍‌ସିକ ସର୍ପୋର୍ଟ ୟୁନିଟ୍ ଆଦି ଲାଗି ଏଥର ସିବିଆଇକୁ ଅଧିକ ଅର୍ଥ ମିଳିଛି।





ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ୍ ନିଯୁକ୍ତି କମିଟି ଶୁକ୍ରବାର ସିବିଆଇ ଅତିରିକ୍ତ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କ କାର୍ଯ୍ୟକାଳ ହ୍ରାସ କରିବା ସହିତ ତାଙ୍କୁ ଗୃହ ମନ୍ତ୍ରଣାଳୟକୁ ବଦଳି କରିଛି। ଏବେ ସେ ଅଗ୍ନିଶମ, ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ମହାନିର୍ଦ୍ଦେଶକ ପଦରେ ଅବସ୍ଥାପିତ ହେବେ। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସରଙ୍କୁ ଅସ୍ଥାୟୀ ଭାବେ ଏଡିଜି ସ୍ତରୀୟ ନିମ୍ନ ପାହ୍ୟାକୁ ଖସାଇ ଦିଆଯାଇଛି।

# ସାଧାରଣ ବଜେଟ : ନେତାଙ୍କ ପ୍ରତିକ୍ରିୟା

**ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ-୨ ସରକାରର ପ୍ରଥମ ବଜେଟ ଶୁକ୍ରବାର ସଂସଦରେ ଉପସ୍ଥାପିତ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବା ସହ ଏହା ଏକ ବିକାଶୋନ୍ମୁଖୀ ବଜେଟ ବୋଲି କହିଛନ୍ତି। ତେବେ ଏହି ବଜେଟକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଭିନ୍ନ ମତପୋଷଣ କରିଛନ୍ତି।**

## ନୂଆ ଭାରତ ଓ ଓଡ଼ିଶାର ମୂଳଦୁଆ ପକାଇବ

୨୦୧୯ ବଜେଟ୍ ନୂଆ ଭାରତ ଓ ଓଡ଼ିଶାର ମୂଳଦୁଆ ପକେଇବ। ଏହା ଭାରତବର୍ଷର ଚାଷୀ, ଯୁବକ, ମହିଳା, ଗରିବ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ କୃତଜ୍ଞତା ଜଣାଇବା ସହ ଏହି ବଜେଟରୁ ଓଡ଼ିଶା ଭଳି ରାଜ୍ୟ ବିଶେଷ ଭାବରେ ଲାଭ ପାଇବ। ଦେଶର ସର୍ବାଧିକ ଲୋକଙ୍କ ଆର୍ଥିକ ଉନ୍ନତି, ସମସ୍ତଙ୍କୁ ମୌଳିକ ସୁବିଧା ତଥା ଘର, ବିଜୁଳି, ସ୍ୱଚ୍ଛ ଇନ୍ଧନ ନାଁରେ ଏଲ୍‌ପିଜି ସଂଯୋଗ, ଶୌଚାଳୟ, ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥା, ରୋଜଗାରର ବ୍ୟବସ୍ଥା, କୃଷି ଉତ୍ପାଦିତ ଜିନିଷର ବଜାରୀକରଣ ବ୍ୟବସ୍ଥାରେ



ବଡ଼ ନିବେଶ ପାଇଁ ଏହି ପୂର୍ଣ୍ଣାଙ୍ଗ ବଜେଟରେ ସ୍ପଷ୍ଟ ଚିତ୍ର ରହିଛି। ଏହାବ୍ୟତୀତ ରେଳ, ରାସ୍ତା, ଜଳପଥ, ଗ୍ୟାସଗ୍ରୀଡ୍, ଇଣ୍ଟରନେଟ୍ ପାଇଁ ହାଇୱେ ଏହି ସବୁ ଗୁଡ଼ିକରେ ମଧ୍ୟ ଚଳିତ ବର୍ଷ ଓ ଆଗାମୀ ୫ବର୍ଷରେ କ'ଣ ନିବେଶ କରାଯିବ ଏବିଷୟରେ ମଧ୍ୟ ବଜେଟରେ ଉଲ୍ଲେଖ କରାଯାଇଛି। ମଧ୍ୟମବର୍ଗୀୟ ଲୋକଙ୍କ ଉପରେ କୌଣସି ଅତିରିକ୍ତ କର ବୋଝ ନାହିଁ। ଏହା ଏକ ଯୁଗାନ୍ତକାରୀ ବଜେଟ୍ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ତୃତୀୟ ପର୍ଯ୍ୟାୟରେ ୧ଲକ୍ଷ ୨୫ହଜାର କି.ମି. ରାସ୍ତା ନିର୍ମାଣ ହେବ। ୮୦ହଜାର କୋଟି ଟଙ୍କା ଏଥିରେ ଖର୍ଚ୍ଚ ହେବ। ଓଡ଼ିଶା ଏହାର ସିଂହ ଭାଗ ପାଇବ।

*ଧର୍ମେନ୍ଦ୍ର ପ୍ରଧାନ, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ*

## ଜନମଙ୍ଗଳକାରୀ ଓ ଗ୍ରାମାଭିମୁଖୀ ବଜେଟ

ଏଥର କେନ୍ଦ୍ର ବଜେଟ୍ ଐତିହାସିକ ଏବଂ ଉତ୍ସାହପ୍ରଦ। ଏଥିରେ ସରକାରଙ୍କ ଭିଜନ, ଆକ୍ସନ୍ ମିଶନ୍ ଏବଂ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ, ସବ୍‌କା ବିକାଶ' ସମ୍ପୂର୍ଣ୍ଣ ପ୍ରତିଫଳିତ ହୋଇଛି। ଏହା ଜନମଙ୍ଗଳକାରୀ ଓ ଲୋକାଭିମୁଖୀ ବଜେଟ୍। ଗାଁର ଗରିବ କୃଷକ, ମହିଳା ଓ ଯୁବକ, ଚାଷୀମୂଲିଆଙ୍କୁ ଫୋକସ୍ କରାଯାଇଛି। ଗାଁର ଯେଉଁ ମହିଳାମାନେ ଏସ୍‌ଏଚ୍‌ଜି ଗଠନ କରିଛନ୍ତି ସେମାନଙ୍କୁ ସଶକ୍ତୀକରଣ କରାଯିବା ସହ ସେମାନଙ୍କ ଆର୍ଥିକ ଉନ୍ନତି ପାଇଁ ବ୍ୟବସ୍ଥା ରଖାଯାଇଛି। କୃଷି ବିକାଶ ସାଙ୍ଗକୁ କ୍ଷୁଦ୍ର, ମଧ୍ୟମ ଓ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ଲାଗି ବ୍ୟବସ୍ଥା ହୋଇଛି। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଉତ୍ପାଦନ ୫ବର୍ଷରେ ୫୦



ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଘରକୁ ଶୌଚାଳୟ, ଗ୍ୟାସ୍, ବିଦ୍ୟୁତ୍ ଭଳି ସର୍ବନିମ୍ନ ସୁବିଧା କରିବା ସକାଶେ ବଜେଟ୍‌ରେ ବ୍ୟବସ୍ଥା ରହିଛି। ମାଛ ଚାଷର ବିକାଶ ଲାଗି ସବ୍‌ସିଡି ବ୍ୟବସ୍ଥା ୫୦ରୁ ୮୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବିଭିନ୍ନ ପ୍ରକାର ପ୍ରଶିକ୍ଷଣ, ଋଣ ପ୍ରଦାନ, ଶିକ୍ଷାଭିତ୍ତିକ ଭ୍ରମଣ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ସରକାର ଓ ପ୍ରଶାସନ ବିକାଶ କାର୍ଯ୍ୟ ପାଇଁ ସହଯୋଗ କରିବା ଦରକାର।

*-ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ*

## ଜନବିରୋଧୀ ବଜେଟ

କେନ୍ଦ୍ର ସରକାର ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଲୋକ ସଭାରେ ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି ତାହା ଜନବିରୋଧୀ । ଏହା କୃଷକ, ଶ୍ରମିକ, ବେକାର ଯୁବତୀଯୁବକଙ୍କୁ ହତାଶ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମ୍ ଥିବା ବେଳେ ଡିଜେଲ ଓ ପେଟ୍ରୋଲ ଦର ବଢ଼ାଇ କେନ୍ଦ୍ର ସରକାର ଲୋକମାନଙ୍କୁ ମହଙ୍ଗା ବଜାରକୁ ଠେଲି ଦେଇଛନ୍ତି। ୨୦୧୪ ଓ ୨୦୧୯ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିର ଏହି ବଜେଟରେ ନାଁ ଗନ୍ଧ ନାହିଁ।



*-ନରସିଂହ ମିଶ୍ର, କଂଗ୍ରେସ ବିଧାୟକ*

## କେବଳ ମିଛ ଭାଷଣ, ସେମିତି କିଛିନାହିଁ

କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ସାଧାରଣ ଓ ଗରିବ ଲୋକଙ୍କୁ ସୁହାଇବା ନେଇ କୌଣସି ପ୍ରସଙ୍ଗ ରହିଥିବା ଜଣାପଡୁନାହିଁ। ଦେଶର ଅର୍ଥନୀତିରେ କିପରି ଅଭିବୃଦ୍ଧି ଘଟିବ ତାହା ଦର୍ଶାଯାଇ ନାହିଁ। ଏପରି କି କୃଷକଙ୍କ ରୋଜଗାର ବଢାଇବା ଦିଗରେ ଚିନ୍ତା କରାଯାଇନାହିଁ। ବଜେଟ୍‌ରେ କୃଷକଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସେଥିରେ ପୁଣି ପେଟ୍ରୋଲ ଓ ଡିଜେଲ ଓ ସୁନା ଦରକୁ ସରକାର ବଢାଇ ଦେଇଛନ୍ତି। ଯାହାଫଳରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଯୋଗୁ ଏବେ ଦୈନନ୍ଦିନ



ବ୍ୟବହାର୍ଯ୍ୟ ସମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ। ନିଯୁକ୍ତି କେମିତି ସୃଷ୍ଟି ହେବ ସେନେଇ କିଛି ଉଲ୍ଲେଖ କରି ନାହାନ୍ତି। କେବଳ ପିଲମାନଙ୍କୁ କୁଶଳୀ କରିବେ ବୋଲି କହିଛନ୍ତି। ହେଲେ ସେମାନେ କେଉଁଠି ନିଯୁକ୍ତି ପାଇବେ ସେକଥା କୁହାଯାଇନାହିଁ। ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ନୂଆ ରାଜନୀତି ଆରମ୍ଭ କରିଛନ୍ତି। କେବଳ ମିଛ ଭାଷଣ ରଖିଥିବା ଦେଖିବାକୁ ମିଳିଛି। ଏହା ସମ୍ପୂର୍ଣ୍ଣ ନୈରାଶ୍ୟଜନକ ବଜେଟ।

*– ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି*

## ଶିଳ୍ପପତିଙ୍କ ପାଇଁ ବଜେଟ୍

ଚଳିତ ବର୍ଷର କେନ୍ଦ୍ର ବଜେଟ୍ ହେଉଛି ଭାରତର ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗଗୁଡିକୁ ବିକି ଘରୋଇ ପୁଞ୍ଜିପତିମାନଙ୍କ ହାତରେ ଟେକିଦେବା ଏବଂ ବୀମା ଓ ଖୁଚୁରା ବଜାରରେ ବିଦେଶୀ ପୁଞ୍ଜିକୁ ଅନୁମତି ଦିଆଯିବା। କହିବାକୁ ଗଲେ ଏହା ଭାରତୀୟ ବଜାରକୁ ବିଦେଶୀ କମ୍ପାନୀ ଦ୍ୱାରା ଲୁଟିବାର ବଜେଟ୍। ଏହି ବଜେଟ୍ ଦ୍ୱାରା କୃଷିର ବିକାଶ ହେବ ନାହିଁ, ଚାଷୀ ଆତ୍ମହତ୍ୟା କମିବନି କିମ୍ବା ବେକାର ଯୁବତୀଯୁବକମାନଙ୍କ ପାଇଁ



କର୍ମନିଯୁକ୍ତି ସୃଷ୍ଟି ହେବନାହିଁ। ପେଟ୍ରୋଲ, ଡିଜେଲ ଉପରେ ଟିକସ ବୃଦ୍ଧି ଏବଂ ଅନ୍ୟପକ୍ଷରେ କର୍ପୋରେଟ୍ ଟିକସର ସ୍ତର ୨୫୦ରୁ ୪ଶହ କୋଟିକୁ ବୃଦ୍ଧି କରି ଶିଳ୍ପପତିମାନଙ୍କୁ ରିହାତି ଦିଆଯାଇଛି।

*– ଦିବାକର ନାୟକ, ସିପିଆଇ ନେତା*

## ନୂଆ ଭାରତ ଗଢିବା ନାଁରେ ଚକ୍ରାନ୍ତ

୧୭ଶ ଲୋକ ସଭାରେ ଶୁକ୍ରବାର ଆଗତ ବଜେଟ୍ ଅତ୍ୟନ୍ତ ନୈରାଶ୍ୟଜନକ। ଏହା ସମ୍ପୂର୍ଣ୍ଣ ଗରିବ ବିରୋଧୀ। ନିର୍ବାଚନ ପୂର୍ବରୁ ଚାଷୀଙ୍କ ଆୟ ୨ ଗୁଣ କରିବାର ପ୍ରତିଶ୍ରୁତି ଦେଇଥିବା ମୋଦି ସରକାର ଦ୍ୱିତୀୟ ଦଫା ସରକାରଙ୍କ ଏହି ବଜେଟ୍ ଚାଷୀ,



ଗରିବ, ଗ୍ରାମୀଣ ଲୋକ, ମଧ୍ୟବିତ୍ତ ସମସ୍ତଙ୍କୁ ନିରାଶ କରିଛି। ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କ ପାଇଁ ବ୍ୟାଙ୍କରୁ ୫ହଜାର ଟଙ୍କା ଅଧିକ ଓଭରଡ୍ରାଫ୍ଟ କରିବାର ପ୍ରତିଶ୍ରୁତି ଏବଂ ଗୋଟିଏ ଏସ୍‌ଏଚଜି ଗ୍ରୁପର ଜଣେ ମହିଳାଙ୍କୁ ୧ଲକ୍ଷ ଟଙ୍କାର ଋଣ ଉଠାଇବାର ବ୍ୟବସ୍ଥା ବ୍ୟତୀତ ବଜେଟ୍‌ରେ ସେଭଳି କିଛିନାହିଁ। ବିଭିନ୍ନ ବିଭାଗ ପାଇଁ ବ୍ୟୟ ବରାଦର କୌଣସି ସ୍ୱଷ୍ଟତା ପ୍ରକାଶ କରାଯାଇ ନାହିଁ। ନୂଆଭାରତ ଗଢିବା ନାଁରେ ବଜେଟ୍‌ରେ ପେଟ୍ରୋଲ, ଡିଜେଲ ଉପରେ ଏହି ବଜେଟ୍‌ରେ ୧ଟଙ୍କା ସେସ୍ ବୃଦ୍ଧି କରାଯାଇଥିବାରୁ ଏହାର ପ୍ରଭାବ ବଜାର ଉପରେ ପଡିବ। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଇବ।

*– ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି*

## ନୂଆ ଭାରତ ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଭଳି ବଜେଟ

କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ଆର୍ଥିକ ବଜେଟ ଆମ ଦେଶର ଆର୍ଥିକ ପ୍ରଗତିକୁ ଆଗେଇ ନେବା ଭଳି ଏକ କ୍ରାନ୍ତିକାରୀ ପଦକ୍ଷେପ । ସବୁ ବର୍ଗକୁ ସୁହାଇଲା ଭଳି ପାର୍ଲାମେଣ୍ଟରେ ପ୍ରଥମ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ବଜେଟ ଆଗତ କରିଛନ୍ତି। ନୂଆ ଭାରତର ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହି ବଜେଟ ସଫଳ ହେବ। ଏହି ବଜେଟରେ ଦେଶର ଚାଷଠାରୁ ଆରମ୍ଭ କରି ମହାକାଶ ଗବେଷଣା ପର୍ଯ୍ୟନ୍ତ, ଦେଶର ବିକାଶ ଓ ପ୍ରଗତି ଦିଗରେ ଗୁରୁତ୍ୱ ବହନ କରୁଥିବା ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି। ଦେଶର ଯୁବ ବର୍ଗଙ୍କର ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହି



ବଜେଟ ଆଗାମୀ ଦିନରେ ଏକ ବଡ଼ ଭୂମିକା ନେବାକୁ ଯାଉଛ। ଚଳିତ ବଜେଟରେ ମହିଳାଙ୍କ ପାଇଁ ଏକ ଲକ୍ଷ ଯାଏଁ ମୁଦ୍ରା ଋଣ ଘୋଷଣା ବିତ୍ତୀୟ ଶୃଙ୍ଖଳା ବଜାୟ ପାଇଁ ପ୍ରଧାନମନ୍ତ୍ରୀ ବଡ଼ ପଦକ୍ଷେପ ନେଇଛନ୍ତି।

*-ସମୀର ମହାନ୍ତି, ଭାଜପା ଉପସଭାପତି*

## ଓଡ଼ିଶା ପ୍ରତି ଅବହେଳା କରାଯାଇଛି

କେନ୍ଦ୍ରୀୟ ବଜେଟରେ ଓଡ଼ିଶା ପ୍ରତି ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। କୃଷକ ଓ ଶ୍ରମିକଙ୍କ ପାଇଁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରାୟ ନିୟମିତ ଭାବେ ବାତ୍ୟା, ବନ୍ୟାରେ ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପ୍ୟାକେଜ ନାହିଁ । ଡିଜେଲ ଓ ପେଟ୍ରୋଲ ଦର ଉପରେ ୧ଟଙ୍କା ସେସ୍ ବୃଦ୍ଧି ନିଷ୍ପତ୍ତି



ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ। ଏଥିରେ ଦରଦାମ ବୃଦ୍ଧି ଅଣାୟତ୍ତ ହେବା ସହିତ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା ନିଶ୍ଚିତ। ତେବେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ସ୍ୱାଗତଯୋଗ୍ୟ ପଦକ୍ଷେପ ।

*-ଆକାଶଦାସ ନାୟକ, କୋରେଇ ପୂର୍ବତନ ବିଧାୟକ*

## ମଧ୍ୟବିତ୍ତ ପରିବାରକୁ ନିରାଶ କରିଛି

ବଜେଟ୍ ମଧ୍ୟବିତ୍ତ ପରିବାରକୁ ନିରାଶ କରିଛି। ପେଟ୍ରୋଲ, ଡିଜେଲର ଅହେତୁକ ଦରବୃଦ୍ଧି ଲୋକଙ୍କୁ ବିଶେଷ ପ୍ରଭାବିତ କରିବ। ଗରିବଙ୍କ ପାଇଁ ବହୁ ଯୋଜନା ହୋଇଛି ହେଲେ ତାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି। ମୁଦ୍ରା ଯୋଜନାରେ ମହିଳାଙ୍କୁ ୧ଲକ୍ଷ ଦିଆଯିବା ବିଷୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବୀମା ଏବଂ ରେଲୱେ କ୍ଷେତ୍ରରେ ଶତ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ ଦେଶକୁ କେତେ ସୁହାଇବ



ତାହା ସମୟ କହିବ। ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେବାକୁ ପଡୁଥିବାବେଳେ ବଜେଟ୍‌ରେ ଏନେଇ ରାଜ୍ୟ ପାଇଁ କିଛି ନ ରହିବା ସମସ୍ତଙ୍କୁ ନିରାଶ କରିଛି। ଏସବୁମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଭଳି ଆଉ କେତେକ କ୍ଷେତ୍ରରେ ବଜେଟ ସ୍ୱାଗତଯୋଗ୍ୟ ଅଟେ।

*-ଶଶିଭୂଷଣ ବେହେରା, କେନ୍ଦ୍ରାପଡା ବିଧାୟକ*

# ଭାଜପା ଆଭିମୁଖ୍ୟ ଉପରେ ନଜର

**ପାଟକୁରା ନିର୍ବାଚନ**

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ଗୁରୁବାର ନିର୍ବାଚନ କମିଶନ ପାଟକୁରା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ୨୦ରେ ପାଟକୁରାରେ ଭୋଟ ହେବାକୁ ଥିବାବେଳେ ୨୪ରେ ହେବ ଗଣତି। ଏହି ଆସନ ହାତେଇବାକୁ ବିଜେଡି ଓ ଭାଜପା ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଅପରପକ୍ଷେ କଂଗ୍ରେସ ମଧ୍ୟ ସମାନଭାବେ ନିଜର ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ବେଳେ ବିଜେଡି ଓ ଭାଜପା ବୁଝାମଣା କଥା ଉଠାଇ କଂଗ୍ରେସ ଲୋକମାନଙ୍କ ନିକଟତର ହେବା ପାଇଁ ଯୋଜନା ରଖିଥିବା ଜଣାପଡିଛି। ଏପରିସ୍ଥିତିରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇ ସାରିଥିବା ବେଳେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩୦୯ ବୁଥ୍‌ରେ ଭୋଟ ଗ୍ରହଣ ପାଇଁ ପ୍ରସ୍ତୁତି ଶେଷ ହୋଇସାରିଛି। ଏପରି କି ନିର୍ବାଚନରେ ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ ଦିଆଯାଇ ସାରିଛି। ତେବେ ନିର୍ବାଚନ ଲାଗି ବିଜେଡି ବହୁ ନେତାଙ୍କୁ ଦାୟିତ୍ୱ ବାଣ୍ଟିଦେଇଛି। ବରିଷ୍ଠ ନେତା ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ଅରୁଣ ସାହୁ ଏବଂ ପ୍ରଦୀପ ପାଣିଗ୍ରାହୀଙ୍କୁ ନେଇ ୩ଟି କମିଟି ଗଠନ କରାଯାଇଛି। ନିର୍ବାଚନକୁ ଆଉ ୧୫ଦିନରୁ କମ୍ ସମୟ ଥିବାବେଳେ ରବିବାର ସୁଦ୍ଧା ସବୁ ନେତାମାନଙ୍କୁ ପାଟକୁରାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଦାୟିତ୍ୱ ପାଇଥିବା ନେତାମାନେ ନିଜ କର୍ତ୍ତବ୍ୟ କିପରି ଠିକ୍ ଢଙ୍ଗରେ ପାଳନ କରିବେ ସେନେଇ ପ୍ରୟାସ ଚଳାଇଛନ୍ତି। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଦିନିଆ ପାଟକୁରା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ଶୁଣାଯାଉଛି। ଅନ୍ୟପଟେ ଭାଜପା ପକ୍ଷରୁ ମଧ୍ୟ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଛି। ଦଳର କେତେଜଣ ନେତାଙ୍କୁ ସଙ୍ଗଠନ ଦାୟିତ୍ୱ ଦିଆଯାଇଥିଲା। ସେହି ନେତାମାନେ ମଧ୍ୟ ସ୍ଥାନୀୟ ଅଞ୍ଚଳ ଗସ୍ତକରି ବୈଠକ କରିସାରିଛନ୍ତି। ୧୪୬ ବିଧାନସଭା ଆସନ ପାଇଁ ନିର୍ବାଚନ ହେବାବେଳେ ଭାଜପା ନେତାଙ୍କ ପାଖରେ ଯେଉଁ ଆଗ୍ରହ ଏବଂ ଲଢୁଆ ମନୋଭାବ ଦେଖିବାକୁ ମିଳୁଥିଲା ତାହା ଏବେକା ସମୟରେ ଆଉ ନ ଥିବା ଚର୍ଚ୍ଚା ହେଉଛି। ଗୋଟିଏ ଶାସକ ଦଳ ନିଜର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାଇଁ ଆସନ ବୁଝାମଣା କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଭାଜପା ପାଇଁ ଯଦି ଶାସକ ବିଜେଡି ଗୋଟିଏ ରାଜ୍ୟ ସଭା ଆସନ ଛାଡିଦେଇ ପାରୁଛି ତେବେ ଉଭୟଙ୍କ ମଧ୍ୟରେ ଭଲ ବୁଝାମଣା ଥିବା ଚର୍ଚ୍ଚା ହେବା ସ୍ୱାଭାବିକ। ଏପରି ସ୍ଥିତିରେ ଭାଜପା କେତେଦୂର ବିଜେଡି ବିରୋଧରେ କଡା ଆଭିମୁଖ୍ୟ ପୋଷଣ କରୁଛି, ତା'ଉପରେ ଲୋକଙ୍କ ନଜର ରହିଛି। ଦଳ ନିକଟରେ ମୁଖ୍ୟ ବିରୋଧୀ ଦଳ ଆସନ ଗ୍ରହଣ କରିଛି। ମାତ୍ର ବିଭିନ୍ନ ପ୍ରସଙ୍ଗରେ ନିର୍ବାଚନ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବହୁ ନେତା ନବୀନଙ୍କ ପ୍ରଶଂସା କରିଛନ୍ତି। ତେଣୁ ବର୍ତ୍ତମାନ କେଉଁ ପଦ୍ଧତିରେ ସେମାନେ ବିଜେଡି ବିରୋଧୀ ଆଭିମୁଖ୍ୟ ରଖି ନିର୍ବାଚନ ରଣାଙ୍ଗନ ଅତିକ୍ରମ କରିବେ ତାହା ମଧ୍ୟ ଦେଖିବା ସାପେକ୍ଷ। ସେପଟେ କଂଗ୍ରେସ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ପାଟକୁରା ନିର୍ବାଚନ ନେଇ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ନେତାମାନଙ୍କୁ ଦାୟିତ୍ୱ ବଣ୍ଟାଯିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲା ବେଳକୁ ସାତପୁଅ ମା**
**ହୁଳହୁଳି ଦେଲା ବେଳକୁ ଜିଭରେ ଘାଆ ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତେ ବ୍ୟସ୍ତତା ପ୍ରକାଶ ପାଏ, ଅନ୍ୟକୁ ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଟତଳେ ଗଲା ବିଛା**
**ଯେଉଁ ଦିନୁ ଧନ ବିଦେଶ ଗଲେଣି**
**ପଲଙ୍କ ପଡ଼ିଛି ତୁଚ୍ଛା ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ସ୍ୱାମୀ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ସବୁ ସୋହାଗ ସରାଗ ତା'ର ମରିଯାଇଥାଏ। ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ଚିରପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74




ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ



ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

See Color Display Classified on every Tuesday & Friday

# ବଜେଟ କଥା

ନୂଆଦିଲ୍ଲୀ,୫।୭

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରର ବଜେଟ କର୍ଣ୍ଣାଟକକୁ ନିରାଶ କରିଛି। ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ବାବଦ ଶେୟାର ୧୬୦୦ କୋଟି ଟଙ୍କା ହ୍ରାସ କରାଯିବା ଦ୍ୱାରା ରାଜ୍ୟର ଅର୍ଥନୀତିକୁ ଶକ୍ତ ଧକ୍କା ଲାଗିଛି। ସେହିପରି ତୈଳ ଦର ବୃଦ୍ଧି ସମସ୍ତଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ କରିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କଠାରୁ ରାଜ୍ୟବାସୀ ଅଧିକ ଆଶା କରୁଥିଲେ।



**-ଏଚ୍.ଡି. କୁମାରସ୍ୱାମୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ**

କେନ୍ଦ୍ର ବଜେଟ ମହିଳାଙ୍କୁ ସଶକ୍ତ କରିବା ସହ ନୂଆ ଭାରତ ଗଠନ ପାଇଁ ମୂଳଦୁଆ ପକାଇବ। ଏଥିରେ ଭିତ୍ତିଭୂମି ବିକାଶ, ଜଳ ଓ ଅକ୍ଷୟ ଶକ୍ତିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିର୍ମଳା ସୀତାରାମନ୍ ଜଣେ ମହିଳା ଅର୍ଥମନ୍ତ୍ରୀ ହୋଇଥିବାରୁ 'ନାରୀ ତୁ ନାରାୟଣୀ' ସ୍ଲୋଗାନକୁ କାର୍ଯ୍ୟରେ ପରିଣତ କରି ଦେଶର ବିକାଶକୁ ଆଗେଇ ନେବା ପାଇଁ ଉଦ୍ୟମ କରିଛନ୍ତି।



**-ବିଜୟ ରୂପାନୀ, ଗୁଜରାଟ ମୁଖ୍ୟମନ୍ତ୍ରୀ**

ଏହି ବଜେଟରେ ଦୂରଦୃଷ୍ଟି ନାହିଁ। ପେଟ୍ରୋଲ ଡିଜେଲ ଦରରେ ସରକାର କେବଳ ସେସ୍ ବସାଇ ନାହାନ୍ତି, ବରଂ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ମଧ୍ୟ ବଢ଼ାଇ ଦେଇଛନ୍ତି। ଫଳରେ ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୫୦ ପଇସା ଓ ଡିଜେଲ ୨ ଟଙ୍କା ୩୦ ପଇସା ବୃଦ୍ଧି ପାଇବ। ଏଥିଯୋଗୁ ପରିବହନ ଓ ବଜାରଠୁ ନେଇ ରୋଷେଇ ଘର ଯାଏଁ ନିଆଁ ଲାଗିବ।



**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

କେନ୍ଦ୍ର ବଜେଟରେ ପ୍ରତ୍ୟେକ ଘରକୁ ପାନୀୟ ଜଳ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ 'ହର୍ ଘର୍ ଜଲ୍' ଯୋଜନା ପ୍ରଶଂସନୀୟ। ବିହାରରେ ମଧ୍ୟ ପୂର୍ବରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ରେଲୱେରେ ସରକାରୀ-ଘରୋଇ ଭାଗୀଦାରି (ପିପିପି) ମଡେଲ ମାଧ୍ୟମରେ ରେଲୱେ ପ୍ରକଳ୍ପ ଲାଗି ପାଣ୍ଠି ଯୋଗାଡ଼ ପ୍ରସ୍ତାବକୁ ଲୋକେ ରେଳବାଇର ଘରୋଇକରଣ ବୋଲି ନ ବୁଝିଲେ ହେଲା।



**-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**

ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବଜେଟ ନ୍ୟୁ ଇଣ୍ଡିଆ ଏବଂ ନୂଆ ଝାଡ଼ଖଣ୍ଡ ଗଠନରେ ଏକ ସକାରାତ୍ମକ ଭୂମିକା ନେବ। ଏହି ବଜେଟରେ ମହିଳା ସଶକ୍ତୀକରଣଠୁ ନେଇ ଯୁବପିଢ଼ିଙ୍କୁ ଆତ୍ମନିଯୁକ୍ତି ଯୋଗାଇଦେବା ଯାଏ ସମାଜର ସବୁ ବର୍ଗର ଲୋକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯାଇଛି।



**-ରଘୁବର ଦାସ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ**

ମୋଦି ସରକାରଙ୍କ ବଜେଟର କୌଣସି ସ୍ପଷ୍ଟ ଆଭିମୁଖ୍ୟ ନ ଥିବାରୁ ଏହା ଦିଶାହୀନ ଏବଂ ନୈରାଶ୍ୟଜନକ। ଏଥିରେ ନାମକୁ ମାତ୍ର ସ୍ଲୋଗାନ ଭାବେ ଗାଁ, ଗରିବ ଓ କୃଷକଙ୍କ କଥା କୁହାଯାଇଛି। ଚାଷୀଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ କୌଣସି ଆଖିଦୃଶିଆ ଯୋଜନା ଘୋଷଣା କରାଯାଇ ନାହିଁ। ସେହିପରି ମଧ୍ୟବିତ୍ତ ଓ ବେତନଭୋଗୀ ବର୍ଗଙ୍କୁ ଆଶ୍ୱସ୍ତ କଲାଭଳି କିଛି ଯୋଜନା ଏଥିରେ ନ ଥିବାବେଳେ ତୈଳ ଦର ବୃଦ୍ଧି ସାଧାରଣ ବର୍ଗ ପାଇଁ ବୋଝ ପାଲଟିବ।



**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

୨୦୧୯-୨୦ ବଜେଟ ଲୋକଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି କରିଛି। ତୈଳ ଦର ହ୍ରାସ ପରିବର୍ତ୍ତେ ବୃଦ୍ଧି କରାଯାଇଥିବାରୁ ସାମଗ୍ରୀ ଗୁଡିକର ଦରଦାମ୍ ବଢ଼ିବ। ସେହିପରି କୃଷିଋଣ ଛାଡ଼ ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ଏଥିରେ କରାଯାଇ ନାହିଁ। ତେଣୁ ସାଧାରଣ ଲୋକ ନିଜକୁ ଠକି ହୋଇଯାଇଥିବା ମନେ କରୁଛନ୍ତି।



**-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**

କେନ୍ଦ୍ରର ଏହି ବଜେଟ କେବଳ ଏକ ରୁଟିନ୍। ଏଥିରେ କିଛି ନୂତନତ୍ୱ ନାହିଁ। ଏଏପି ସରକାର କେନ୍ଦ୍ରୀୟ ଟିକସ ବାବଦ ଅଂଶଧନ ୬୦୦୦ କୋଟି ଟଙ୍କା ଦାବି କରିଥିବାବେଳେ ବଜେଟରେ ସେପରି କୌଣସି ବ୍ୟବସ୍ଥା କରାଯାଇନାହିଁ। ଏହି ବାବଦରେ ଦିଲ୍ଲୀକୁ ମାତ୍ର ୩୨୫ କୋଟି ଟଙ୍କାଦେବା ପାଇଁ କୁହାଯାଇଥିବାରୁ ଏହା ନିରାଶ କରିଛି।



**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଭେଟି ଛତିଶଗଡର ସ୍ୱାର୍ଥ ପାଇଁ ସର୍ବଶିକ୍ଷା ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା ସମେତ ୧୧ଟି ପ୍ରସ୍ତାବ ଦେଇଥିଲି। କିନ୍ତୁ କେନ୍ଦ୍ର ସରକାରଙ୍କ ଏହି ବଜେଟରେ ସେଥିରୁ ଗୋଟିଏକୁ ବି ସ୍ଥାନ ମିଳିଲା ନାହିଁ। ଏଠି କଂଗ୍ରେସ ସରକାର ଚାଲିଛି ବୋଲି ଛତିଶଗଡବାସୀଙ୍କ ସହ ମୋଦି ସରକାର ଭେଦଭାବପୂର୍ଣ୍ଣ ନୀତି ଆପଣାଇଛନ୍ତି।



**-ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

ଗତବର୍ଷର କରାଳ ବନ୍ୟା କେରଳକୁ ଧୋଇଦେଇଥିଲା। ପୁନର୍ବାସ ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲେ ହେଁ ଅନୁକମ୍ପା ଦୃଷ୍ଟିରେ ସରକାର ଦେଖିନାହାନ୍ତି। ଅନ୍ୟପକ୍ଷରେ ବଜେଟରେ କରାଯାଇଥିବା ବ୍ୟବସ୍ଥା ରାଜ୍ୟବାସୀଙ୍କ ଉପରେ ବୋଝ ପାଲଟିବ। କେରଳରେ ଏମ୍‌ସ ପ୍ରତିଷ୍ଠା ସମେତ ଅନ୍ୟ ପ୍ରତିଶ୍ରୁତିଗୁଡିକ ପୂରଣ କରିବା ଦିଗରେ ସରକାର ଆଖିବୁଜି ଦେଇଛନ୍ତି।



**-ପିନାରାୟୀ ବିଜୟନ, କେରଳ ମୁଖ୍ୟମନ୍ତ୍ରୀ**

କେନ୍ଦ୍ର ବଜେଟ ଅଦୂରଦର୍ଶୀ। ସମାଜର କୌଣସି ବର୍ଗ ଲାଭାନ୍ୱିତ ହେଲାଭଳି କିଛି ଯୋଜନା ଏଥିରେ ନାହିଁ। ଏପରିକି ପ୍ରତିରକ୍ଷା କ୍ଷେତ୍ର ଏବଂ ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଏଥିରେ ବ୍ୟୟବରାଦ କରାଯାଇନାହିଁ। ଅର୍ଥମନ୍ତ୍ରୀ ସୀତାରାମନ୍ ଜାତୀୟ ସ୍ୱାର୍ଥକୁ ବି ଅଣଦେଖା କରିଛନ୍ତି।



**-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ**

ଏହି ବଜେଟ ଧନିକ ବର୍ଗଙ୍କୁ ସୁହାଇଲା ଭଳି ଓ ଗରିବଙ୍କ ଉପରେ ବୋଝ। ଏଥିରେ ତେଲେଙ୍ଗାନା ସ୍ୱାର୍ଥକୁ ଅଣଦେଖା କରାଯାଇଛି। କାଳେଶ୍ୱରମ୍ ପ୍ରକଳ୍ପ ଓ ମିଶନ ଭଗୀରଥକୁ ବଜେଟରେ ସ୍ଥାନିତ କରାଯାଇନାହିଁ।



**-କେ. ଚନ୍ଦ୍ରଶେଖର ରାଓ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ**

କେନ୍ଦ୍ରର ଏହି ଦୂରଦୃଷ୍ଟିସମ୍ପନ୍ନ ବଜେଟ ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରି ନ୍ୟୁ ଇଣ୍ଡିଆର ବାଟ ଫିଟାଇବା ପାଇଁ ଦ୍ରୁତ ଗତିରେ ଟାଣିନେବ। ଗାଁ, ଗରିବ, କୃଷକ ଓ ମହିଳା ଏଥିରେ ସର୍ବାଧିକ ଲାଭବାନ ହେବେ। ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି।



**-ଦେବେନ୍ଦ୍ର ଫଡ଼ନବିସ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

କେନ୍ଦ୍ର ବଜେଟରେ ସବୁ ବର୍ଗର ଲୋକଙ୍କ ଆସ୍ଥା ପ୍ରତିଫଳିତ ହୋଇଛି। ଭାରତକୁ ଏକ ଅର୍ଥନୈତିକ ଦକ୍ଷତାସମ୍ପନ୍ନ ଶକ୍ତିରେ ପରିଣତ କରିବା ଲକ୍ଷ୍ୟ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ ଉପସ୍ଥାପନ କରିଥିବାରୁ ସେ ଧନ୍ୟବାଦର ପାତ୍ର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ।



**-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**

ଏହି ବଜେଟରେ ଗ୍ରାମ୍ୟ ନିଯୁକ୍ତି ଓ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦିଆଯାଇଛି। ଏହା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଆର୍ଥିକ ବ୍ୟବଧାନକୁ ହ୍ରାସ କରିବ। ଦେଶର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ବଜେଟରୁ ଲାଭାନ୍ୱିତ ହେବେ। **-ସର୍ବାନନ୍ଦ ସୋନୋୱାଲ, ଆସାମ ମୁଖ୍ୟମନ୍ତ୍ରୀ**



## ଦୂରଦୃଷ୍ଟିସମ୍ପନ୍ନ ବଜେଟ



ଭୁବନେଶ୍ୱର,୫।୭(ବ୍ୟୁରୋ)

ପାର୍ଲାମେଣ୍ଟରେ କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଜେଟକୁ କେତେକ କ୍ଷେତ୍ରରେ ସ୍ୱାଗତ କରିବା ବେଳେ ଅନ୍ୟ କେତେକ ଯୋଜନାରେ ବ୍ୟୟ ହ୍ରାସ କରାଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହା ଏକ ଦୂରଦୃଷ୍ଟି ସମ୍ପନ୍ନ ବଜେଟ, ଯାହାକି ଦେଶ ପାଇଁ ଶୁଭଙ୍କର। ତେବେ ସେହି ଅନୁଯାୟୀ ବଜେଟରେ ବ୍ୟୟ ବରାଦ ହେବା ଆବଶ୍ୟକ। ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ପାନୀୟ ଜଳ, ଜୀବିକା ମିଶନ, ମହିଳା ଓ ଶିଶୁ ବିକାଶ ବିଭାଗ ଲାଗି ଅଧିକ ଅର୍ଥ ବରାଦ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ଏସ୍‌ସି/ଏସ୍‌ଟି ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ବର୍ଗଙ୍କ କଲ୍ୟାଣ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ପେନସନ ବାବଦରେ ଅର୍ଥ ହ୍ରାସ କରାଯାଇଥିବାରୁ ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରେଳ ବିଭାଗ ପାଇଁ ଅଧିକ ବ୍ୟୟ ବରାଦ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ରେଳ ପ୍ରକଳ୍ପକୁ ଆଗେଇ ନେବାକୁ ଅଧିକ ବ୍ୟୟ ବରାଦ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ ଅଛନ୍ତି।

## ଗୃହ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟକୁ ୪୮ ହଜାର କୋଟି

ବଜେଟରେ ଗୃହ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟକୁ ୪୮ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ୬,୮୫୩.୨୬ କୋଟି ଟଙ୍କା ଦିଆଯାଇଛି। ସେହିଭଳି ମେଟ୍ରୋ ପ୍ରୋଜେକ୍ଟ ଲାଗି ୨୫ ପ୍ରତିଶତ ଅଧିକ ଅର୍ଥ ବରାଦ କରାଯାଇଛି। ମୋଟ ୧୭,୭୧୩.୯୩ କୋଟି ଟଙ୍କା ଏଥିଲାଗି ବଜେଟରେ ଆବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଟ ୪.୮୩ ଲକ୍ଷ କୋଟି ଟଙ୍କାରେ ୮୧ ଲକ୍ଷରୁ ଅଧିକ ଘର ନିର୍ମାଣ କରାଯିବ। ଅଟଳ ଓ ଅମୃତ ଯୋଜନା ଲାଗି ୧୫,୭୦୦ କୋଟି ଟଙ୍କା, ସ୍ମାର୍ଟ ସିଟି ଯୋଜନା (୧୦୦ ସହର) ଲାଗି ୬,୪୫୦ କୋଟି ଟଙ୍କା ଅର୍ଥବରାଦ କରାଯାଇଛି। ସେହିଭଳି ସ୍ୱଚ୍ଛ ଭାରତ ମିଶନ ଅର୍ଥ ଗତ ଥର ଅପେକ୍ଷା ଏଥର ବୃଦ୍ଧି କରାଯାଇଛି। ଗତ ଥର ଏହା ୨,୫୦୦ କୋଟି ଟଙ୍କା ଥିବାବେଳେ ଏଥର ୨,୭୫୦ କୋଟିକୁ ବୃଦ୍ଧି ପାଉଛି।

## ୧୭ ପର୍ଯ୍ୟଟନ ସ୍ଥଳ ବିଶ୍ୱସ୍ତରୀୟ ହେବ



ନୂଆଦିଲ୍ଲୀ,୫।୭(ପି.ଟି.)

ପର୍ଯ୍ୟଟନ ସେକ୍ଟରର ବିକାଶ ପାଇଁ ଦେଶର ୧୭ଟି ପ୍ରସିଦ୍ଧ ସ୍ଥାନକୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ କରାଯିବ। ପର୍ଯ୍ୟଟକଙ୍କ ଆଗମନକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ୨୦୧୯-୨୦ ବର୍ଷରେ ଶହେ ନୂଆ କ୍ଲଷ୍ଟର ଖୋଲାଯିବ, ଯାହା ୫୦ ହଜାର କାରିଗରଙ୍କୁ ଅର୍ଥନୈତିକ ମୂଲ୍ୟ ଶୃଙ୍ଖଳ ମଧ୍ୟକୁ ଆଣିବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆଦିବାସୀ ସଂସ୍କୃତିର ସୁରକ୍ଷା ଲାଗି ସରକାର ପଦକ୍ଷେପ ନେବେ। ସେମାନଙ୍କର ଫଟୋ, ଭିଡିଓ, ଜୀବନଶୈଳୀ, ପାରମ୍ପରିକ କଳା ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରି ରଖିବା ଲାଗି ଏକ ଆଦିବାସୀ ଭଣ୍ଡାର ନିର୍ମାଣ କରାଯିବ।

**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

ନାମଲେଖା ବିଜ୍ଞାପନ

Sd/- Principal, Chikiti Mahavidyalaya, Chikiti (Gm.)

ବ୍ୟାଙ୍କ ଅଫ୍ ବରୋଦା Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଜୟ ଗ୍ଲୋମୋହର, ଦେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମର ୱେବସାଇଟ www.bankofbaroda.com
ଉପ-ମହାପ୍ରବନ୍ଧକ




**ଆଲ୍ଲାହାବାଦ ବ୍ୟାଙ୍କ** (ଭାରତ ସରକାରଙ୍କ ଉପକ୍ରମ)
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍ (ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର | (୧)ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ | ୨୯.୦୪.୨୦୧୯ | ୦୩.୦୭.୨୦୧୯ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



## ସଂକ୍ଷେପରେ

### ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ୧.୦୫ ଲକ୍ଷ କୋଟି

ନୂଆଦିଲ୍ଲୀ,୫-୭:୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହା ଅନ୍ତରୀଣ ବଜେଟରେ ୯୦,୦୦୦ କୋଟି ଟଙ୍କା ରହିଥିଲା। ଦେଶର ମୋଟ ଜିଡିପିକୁ ବାହ୍ୟ ଋଣ କ୍ଷେତ୍ରରେ ଭାରତ ସାରା ବିଶ୍ୱ ସ୍ତରରେ କମ୍ ରହିଛି। ଏହା ଘରୋଇ ବଜାରରେ ୫% ରହିଛି। ୧,୨,୫,୧୦ ଏବଂ ୨୦ ବର୍ଗରେ ନୂଆ କଏନ ବଜାରକୁ ଆସିବ ବୋଲି ବଜେଟରେ ସୂଚନା ଦିଆଯାଇଛି। ଏହା ଦ୍ୱାରା ଦୃଷ୍ଟିବାଧିତଙ୍କୁ ମୁଦ୍ରା ଚିହ୍ନଟ କରିବାରେ ସହାୟକ ହେବ।

### ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମିଳିବ ୭୦,୦୦୦ କୋଟି

ନୂଆଦିଲ୍ଲୀ,୫-୭:ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦,୦୦୦ କୋଟି ଟଙ୍କାର ପୁଞ୍ଜି ସହାୟତା ପ୍ରଦାନ କରିବାକୁ ସରକାର ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଏହା ବ୍ୟାଙ୍କଗୁଡ଼ିକୁ ସଶକ୍ତ କରିବା ଦିଗରେ ସହାୟକ ହେବ। ଫଳରେ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଧାରା ତ୍ୱରାନ୍ୱିତ ହେବ ବୋଲି ସରକାର କହିଛନ୍ତି।

### ବିଭିନ୍ନ କ୍ଷେତ୍ର ଏଫ୍‌ଡିଆଇ କୋହଳ ପାଇଁ ପ୍ରସ୍ତାବ

ନୂଆଦିଲ୍ଲୀ,୫-୭: ମିଡିଆ, ବିମାନ ଚଳାଚଳ, ବୀମା ଏବଂ ଏକକ ବ୍ରାଣ୍ଡ ରିଟେଲ୍ କ୍ଷେତ୍ରରେ ଏଫ୍‌ଡିଆଇ ନିୟମ କୋହଳ କରିବାକୁ ବଜେଟରେ ପ୍ରସ୍ତାବ ଦିଆଯାଇଛି। ଉପରୋକ୍ତ କ୍ଷେତ୍ରଗୁଡ଼ିକ ସହ ଆନିମେଶନ, ଭିଜୁଆଲ ଇଫେକ୍ଟ, ଗେମିଂ, କମିକ୍ସ ଏବଂ ବୀମା କ୍ଷେତ୍ରରେ ଏଫ୍‌ଡିଆଇ ଆକୃଷ୍ଟ କରିବା ପାଇଁ ଅଂଶୀଦାରଙ୍କ ସହ ଆଲୋଚନା କରାଯାଉଥିବା ସୀତାରାମନ କହିଛନ୍ତି। ବୀମା କ୍ଷେତ୍ରରେ ମଧ୍ୟସ୍ଥଙ୍କ ଲାଗି ୧୦୦% ଏଫ୍‌ଡିଆଇ ଏବଂ ଏକକ ବ୍ରାଣ୍ଡ ରିଟେଲ କ୍ଷେତ୍ରରେ ସ୍ଥାନୀୟ ସୋର୍ସିଂ ନିୟମ ଉପରେ ବିଚାର କରାଯିବାକୁ ପ୍ରସ୍ତାବ ରହିଛି।

### ନିବେଶକ ହରାଇଲେ ୨.୨୨ ଲକ୍ଷ କୋଟି

ନୂଆଦିଲ୍ଲୀ,୫-୭:ସରକାରଙ୍କ ବଜେଟ ଘୋଷଣା ଦେଶର ପୁଞ୍ଜି ବଜାର ଉପରେ ପ୍ରଭାବ ପକାଇଛି। ଶୁକ୍ରବାର ବଜେଟ ଘୋଷଣା ପରେ ବମ୍ବେ ଷ୍ଟକ ବଜାରରେ ସୂଚକାଙ୍କ ୩୯୫ ପଏଣ୍ଟ ଖସି ଆସିଥିବା ଦେଖାଯାଇଥିଲା। ଏଥିଲାଗି ନିବେଶକଙ୍କ ସମ୍ପତ୍ତିରେ ୨.୨୨ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଥିବା ଷ୍ଟକ ବଜାର ସୂତ୍ରରୁ ସୂଚନା ରହିଛି।

### ପେଟ୍ରୋଲ, ଡିଜେଲ ମୂଲ୍ୟ ବଢ଼ିଲା

ନୂଆଦିଲ୍ଲୀ,୫-୭: ବଜେଟ ଯୋଜନା ମୁତାବକ ଇନ୍ଧନ ଉପରେ ଟିକସ ବୃଦ୍ଧି ହେବା ଯୋଗୁ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଘଟିଛି। ପେଟ୍ରୋଲ ଦର ଶୁକ୍ରବାର ୨.୫ ଟଙ୍କା ଏବଂ ଡିଜେଲ ଦର ୨.୩ ଟଙ୍କା ବଢ଼ିଥିବା ଜଣା ପଡ଼ିଛି। ଇନ୍ଧନ ଉପରେ ଉତ୍ପାଦ ଟିକସ ଏବଂ ଭିତ୍ତିଭୂମି ସେସ୍ ଲାଗୁ ହେବାରୁ ଏଭଳି ଦର ବୃଦ୍ଧି ଘଟିଛି। ଏହି କ୍ଷେତ୍ରରୁ ୨୮୦୦୦ କୋଟି ଟଙ୍କା ସଂଗ୍ରହ କରିବା ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲରେ ୨ ଟଙ୍କା ଲେଖାଏ ଟିକସ ଲାଗୁ କରିଛନ୍ତି।

### ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ୩.୩%

ନୂଆଦିଲ୍ଲୀ,୫-୭:ଚଳିତ ଆର୍ଥିକ ବର୍ଷ ଲାଗି ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟକୁ ହ୍ରାସ କରାଯାଇ ୩.୩% କରାଯାଇଛି। ଏହା ପୂର୍ବ ଆର୍ଥିକ ବର୍ଷରେ ୩.୪% ରହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟରେ ବିତ୍ତୀୟ ନିଅଣ୍ଟ ୩.୪% ରହିବ ବୋଲି ଆକଳନ କରାଯାଇଥିଲା।

### ବାସଗୃହ ଋଣ ଉପରେ ଅତିରିକ୍ତ ଟିକସ ରିହାତି

ନୂଆଦିଲ୍ଲୀ,୫-୭:୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଗ୍ରାହକ ନେଉଥିବା ବାସଗୃହ ଋଣ ଉପରେ ପ୍ରଦାନ କରୁଥିବା ସୁଧ ଉପରେ ଅତିରିକ୍ତ ୧.୫୦ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଟିକସ ରିହାତି ପ୍ରଦାନ ନେଇ ସରକାର ଘୋଷଣା କରିଛନ୍ତି। ଲିଥିୟମ ବ୍ୟାଟେରି ଏବଂ ସୋଲାର ଚାର୍ଜର୍ସ ପ୍ରଡକ୍ଟ ମାନୁଫାକଚରରଙ୍କ ଲାଗି ନିବେଶ ସଂଯୋଗ ଟିକସ ସୁବିଧା ପ୍ରଦାନ କରିବାକୁ ବଜେଟରେ କୁହାଯାଇଛି।

# ରେଳ ଭିତ୍ତିଭୂମି ବିକାଶ ଉପରେ ଫୋକସ

ନୂଆଦିଲ୍ଲୀ,୫-୭



ବଜେଟରେ କେନ୍ଦ୍ର ସରକାର ରେଳ ଭିତ୍ତିଭୂମି ବିକାଶ ଉପରେ ଫୋକସ ରଖିଛନ୍ତି। ୨୦୧୮ରୁ ୨୦୩୦ ସୁଦ୍ଧା ଦେଶର ରେଳ ଭିତ୍ତିଭୂମିରେ ୫୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକତା ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରି ଏହା କହିଛନ୍ତି। ଚଳିତ ବର୍ଷ ରେଳୱେରେ ମୋଟ ୧.୬୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହା ସର୍ବାଧିକ ଥିବା ଜଣା ପଡ଼ିଛି। ରେଳୱେକୁ ବଜେଟରେ ୬୫,୮୩୭ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଗତ ବର୍ଷ ରେଳୱେରେ ମୋଟ୍ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ୧.୪୮ ଲକ୍ଷ କୋଟି ଟଙ୍କା ବେଳେ ବଜେଟ ସହାୟତା ଭାବେ ୫୫,୦୮୮ କୋଟି ଟଙ୍କା ମିଳିଥିଲା।

ବଜେଟରେ ପ୍ରଦାନ କରାଯାଇଥିବା ଅର୍ଥରେ ନୂଆ ଲାଇନ ବିଛାଇବା ଲାଗି ୭,୨୫୫ କୋଟି, ଗଜ୍ ପରିବର୍ତ୍ତନ ଲାଗି ୨,୨୦୦ କୋଟି, ଲାଇନ୍ ଦୋହରୀକରଣ ବାବଦକୁ ୭୦୦ କୋଟି, ରୋଲି ଷ୍ଟକ ପାଇଁ ୬,୧୧୪.୮୨ କୋଟି ଏବଂ ସିଗ୍‌ନାଲ ଉନ୍ନତୀକରଣ ଓ ଟେଲିକମ୍ ପାଇଁ ୧୭୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅନ୍ତରୀଣ ବଜେଟ ଭଳି ଏହି ବ୍ୟୟବରାଦ ସମାନ ରହିଛି। ରେଳ ସଂଯୋଗକୁ ପ୍ରୋତ୍ସାହନ ଏବଂ ଯାତ୍ରୀ, ମାଲ୍ ପରିବହନ ସେବା ତ୍ୱରାନ୍ୱିତ କରିବା ଲାଗି ସରକାରୀ ଘରୋଇ ସହଭାଗିତା ନେଇ ବଜେଟରେ ପ୍ରସ୍ତାବ ଦିଆଯାଇଛି। ସ୍ପେଶାଲ ପର୍‌ପୋଜ ଭେହିକିଲ(ଏସ୍‌ପିଭି) ଦ୍ୱାରା ସହରତଳି ଅଞ୍ଚଳଗୁଡ଼ିକରେ ଚଳାଚଳ କରୁଥିବା ରେଳ ଭିତ୍ତିଭୂମି ବିକାଶ, ପିପିପିରେ ମେଟ୍ରୋ ରେଳ ପ୍ରକଳ୍ପ ଉନ୍ନତିକୁ ପ୍ରୋତ୍ସାହିତ କରିବାକୁ ପ୍ରସ୍ତାବ ରଖାଯାଇଛି। ନଦୀଗୁଡ଼ିକରେ ମାଲ ପରିବହନ ଦ୍ୱାରା ସଡକ ଏବଂ ରେଳ ପଥରେ ଟ୍ରାଫିକ କମାଯାଇ ପାରିବ ବୋଲି ସୀତାରାମନ ବଜେଟରେ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ବର୍ଷ ରେଳ ଷ୍ଟେଶନ ବିକାଶ ପ୍ରକଳ୍ପ ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଯାତ୍ରୀ ସେବା ଉନ୍ନତୀକରଣ ଉପରେ ସୀତାରାମନ କହିଛନ୍ତି ଯେ, ଯାତ୍ରୀ ସେବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଯୋଜନା ମୁତାବକ ଏଥିରେ ବ୍ୟୟ ବରାଦ ହେଉଛି। ବଜେଟରେ ସରକାର ଏଥି ଲାଗି ଚଳିତ ବର୍ଷ ୩, ୪୨୨.୫୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେହିଭଳି ଯାତ୍ରୀ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଅତିରିକ୍ତ ୧୦୦୦ କୋଟି ଟଙ୍କାର ବ୍ୟୟ ନେଇ ଲକ୍ଷ୍ୟ ରଖିଛନ୍ତି। ସେହିଭଳି କର୍ମଚାରୀଙ୍କ ବେତନ ବାବଦ ଅର୍ଥ ପ୍ରଦାନ ରେଳୱେ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି। ଏହା ଚଳିତ ବର୍ଷ ୮୬,୫୫୪.୩୧ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ଯାହା ଗତ ବର୍ଷ ତୁଳନାରେ ୧୪,୦୦୦ କୋଟି ଟଙ୍କା ଅଧିକ। ଏହାବାଦ୍ ନିର୍ଭୟା ପାଣ୍ଠି ଲାଗି ୨୬୭.୬୪ କୋଟି, ଏମର୍ଜେନ୍ସି ଇଣ୍ଟିଗ୍ରେଟେଡ ରେସପନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଆର୍‌ଏମ୍) ଲାଗି ୨୫୦ କୋଟି, କୋଙ୍କଣ ରେଳୱେ କର୍ପୋରେଶନ ଲିମିଟେଡ ଲାଗି ୧୭.୬୪ ପ୍ରଦାନ କରାଯାଇଛି। ୨୦୧୯-୨୦ ବର୍ଷ ଲାଗି ଗ୍ରସ୍ ଟ୍ରାଫିକ ରିସିପ୍ଟ ୨.୧୬ ଲକ୍ଷ କୋଟି ଟଙ୍କା ରହିଛି। ଏହା ୨୦୧୮-୧୯ ପରିବର୍ତ୍ତିତ ଆକଳନ ଅନୁସାରେ ୧୯,୯୯୧ କୋଟି ଟଙ୍କା ଅଧିକ।

- ବଜେଟ୍ ସହାୟତା ୬୫,୮୩୭ କୋଟି
- ୨୦୩୦ ସୁଦ୍ଧା ୫୦ ଲକ୍ଷ କୋଟି ନିବେଶ ଆବଶ୍ୟକତା
- ପିପିପିରେ ପ୍ରକଳ୍ପ ଉନ୍ନତୀକରଣକୁ ଗୁରୁତ୍ୱ

# ୩ ଟ୍ରିଲିୟନ ଡଲାର ଛୁଇଁବ ଅର୍ଥନୀତି

ନୂଆଦିଲ୍ଲୀ,୫-୭

ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥନୀତି ୩ ଟ୍ରିଲିୟନ ଡଲାର ଛୁଇଁବ। ଆଗାମୀ ଦିନରେ ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାର ବିଶିଷ୍ଟ କରିବା ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହାକୁ ହାସଲ କରିବା ଲାଗି ଦେଶରେ ସଂସ୍କାର ଧାରା ଜାରି ରହିବା ଆବଶ୍ୟକ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ ଅବସରରେ ସୂଚନା ଦେଇଛନ୍ତି। ପାଞ୍ଚ ବର୍ଷ ତଳେ ଦେଶର ଅର୍ଥନୀତି ୧.୮୫ ଲକ୍ଷ କୋଟି ଡଲାର ରହିଥିଲା। ଏହା ବର୍ତ୍ତମାନ ୨.୭ ଲକ୍ଷ କୋଟି ଡଲାର ଛୁଇଁଛି। ଆଗାମୀ ଦିନରେ ଅର୍ଥନୀତି ୫ ଲକ୍ଷ କୋଟି ଡଲାର ଛୁଇଁବା ନେଇ ଆଶାବାଦୀ ଥିବା ନିର୍ମଳା କହିଛନ୍ତି। ଗତ ୫ ବର୍ଷ ତଳେ ଦେଶର ଅର୍ଥନୀତି ସାରା ବିଶ୍ୱରେ ୧୧ତମ ସ୍ଥାନରେ ଥିଲା। ଏହା ବର୍ତ୍ତମାନ ୬କୁ ଉନ୍ନୀତ ହୋଇଛି।




କ୍ରୟ କ୍ଷମତାକୁ ବିଚାର କଲେ ଭାରତ ଚାଇନା ଏବଂ ଆମେରିକା ପରେ ତୃତୀୟ ବୃହତ୍ ଅର୍ଥନୀତି ବୋଲି ନିର୍ମଳା କହିଛନ୍ତି।

ଗତ ପାଞ୍ଚ ବର୍ଷରେ ସରକାର ପରୋକ୍ଷ ଟିକସ, ରିୟଲ ଇଷ୍ଟେଟ ଏବଂ ବ୍ୟାଙ୍କରପ୍ସି ଭଳି କ୍ଷେତ୍ରରେ ବିଭିନ୍ନ ସଂସ୍କାର ଧାରା ଗ୍ରହଣ କରିଛନ୍ତି। ମୁଦ୍ରା ଋଣ ଦ୍ୱାରା ସାଧାରଣ ଲୋକଙ୍କ ବିକାଶ ହୋଇଛି। ଦେଶର ରୋଷେଇଘରଗୁଡ଼ିକ ଧୂଆଁମୁକ୍ତ, ପରିବାରଗୁଡ଼ିକୁ ବିଜୁଳି ଏବଂ ପାଇଖାନା ସହ ଯୋଡ଼ାଯିବା ଦ୍ୱାରା ମହିଳାଙ୍କ ସମ୍ମାନ ବୃଦ୍ଧି ହୋଇଛି। ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର ଫାର୍ମଗୁଡ଼ିକରେ ନିବେଶ ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଦେଶର ଅର୍ଥନୀତି ୧ ଲକ୍ଷ କୋଟି ଡଲାର ଛୁଇଁବା ଲାଗି ୫୫ ବର୍ଷ ଲାଗିଲା। ମାତ୍ର ଆଉ ଏକ ଟ୍ରିଲିୟନ ଡଲାର ଅର୍ଥନୀତି ଯୋଡ଼ିବା ଲାଗି ୫ ବର୍ଷ ଲାଗିଛି। ଏବେ ଦେଶ ୩ ଟ୍ରିଲିୟନ ଡଲାର ଅର୍ଥନୀତିର ନିକଟବର୍ତ୍ତୀ। ଏଥିରେ ଲୋକଙ୍କ ଆଶା, ବିଶ୍ୱାସ ଏବଂ ଆକାଂକ୍ଷା ଯୋଡ଼ି ହୋଇଥିବା ସୀତାରାମନ କହିଛନ୍ତି। ଦେଶର ଅଭିବୃଦ୍ଧି କ୍ଷୁଦ୍ର ତଥା ବୃହତ୍ ଶିଳ୍ପଗୁଡ଼ିକର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ନିର୍ମଳା କହିଛନ୍ତି। ବର୍ତ୍ତମାନ ଦେଶର କମ୍ପାନୀଗୁଡ଼ିକ ମେକ୍ ଇନ ଇଣ୍ଡିଆକୁ ବୁଝିପାରିଥିବା ସେ ପ୍ରକାଶ କରିଛନ୍ତି। ଦେଶର କମ୍ପାନୀଗୁଡ଼ିକ ନିଯୁକ୍ତି ସୃଷ୍ଟି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଦେଶର ସମ୍ପତ୍ତି ସୃଷ୍ଟିରେ ପ୍ରମୁଖ ଯୋଗଦାନ ରଖୁଥିବା ସେ ମତ ଦେଇଛନ୍ତି।

## ଧନୀଙ୍କଠୁ ଆଦାୟ ହେବ ସରଚାର୍ଜ

ବଜେଟ ୨୦୧୯ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଚ୍ଚୋଟ ଟିକସଦାତାଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ ଦେଶର ଦାୟିତ୍ୱସମ୍ପନ୍ନ ନାଗରିକ ରୂପେ ଦେଶର ବିକାଶରେ ମୂଲ୍ୟବାନ ଯୋଗଦାନ ଦେଉଛନ୍ତି। ସେମାନଙ୍କ ଯୋଗୁ ଦେଶର ବିକାଶ ଚତୁର୍ମୁଖୀ ହେଉଛି। ତେବେ ଧନିକ ଶ୍ରେଣୀଙ୍କୁ ମୋଦି ସରକାର ଝଟକା ଦେଇଛନ୍ତି। ଏବେ ୨ରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୩% ଏବଂ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ ଉପରେ ୭% ଅତିରିକ୍ତ ସରଚାର୍ଜ ଦେବାକୁ ହେବ। ଏହାଛଡ଼ା ବ୍ୟାଙ୍କରୁ ଗୋଟିଏ ବର୍ଷରେ ୧ କୋଟି ଟଙ୍କାରୁ ଅଧିକ ନଗଦ ରାଶି କାଢ଼ିବା କ୍ଷେତ୍ରରେ ଏହା ଉପରେ ୨% ଟିଡିଏସ୍ ଆଦାୟ କରାଯିବ। ଏହାର ଅର୍ଥ ବାର୍ଷିକ ୧ କୋଟି ଟଙ୍କା କାଢ଼ିବା ମାତ୍ରେ ଟିକସଦାତାଙ୍କଠାରୁ ୨ ଲକ୍ଷ ଟଙ୍କା କାଟି ନିଆଯିବ। ତେବେ ଅନ୍ତରୀଣ ବଜେଟରେ ଦିଆଯାଇଥିବା ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ଼ ବଳବତ୍ତର ରହିଛି। ସେହିପରି ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆୟ ଉପରେ ଟିକସ ବ୍ୟବସ୍ଥା ଅପରିବର୍ତ୍ତିତ ରହିଛି। ତେବେ ଘର କିମ୍ବା ଇ-ଯାନ କିଣିବା କ୍ଷେତ୍ରରେ ଟିକସଦାତାଙ୍କୁ ଅତିରିକ୍ତ ଟିକସ ଛାଡ଼ ସୁବିଧା ମିଳିବ। ଇ-ଗାଡ଼ି କିଣିବା କ୍ଷେତ୍ରରେ ଋଣ ଉପରେ ଲାଗୁ ଥିବା ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଅତିରିକ୍ତ ଆୟକର ଛାଡ଼ ମିଳିବ। ପୂର୍ବରୁ ଏହା ଉପରେ ୨ ଲକ୍ଷ ଟଙ୍କାର ଛାଡ଼ ମିଳୁଛି। ଫଳରେ ଟିକସଦାତାଙ୍କୁ ମୋଟରେ ୩.୫ ଲକ୍ଷ ଟଙ୍କାର ଟିକସ ଛାଡ଼ ମିଳିବ।

# ଷ୍ଟାର୍ଟଅପ୍‌ଗୁଡ଼ିକୁ ମିଳିବ ପ୍ରୋତ୍ସାହନ

ନୂଆଦିଲ୍ଲୀ,୫-୭

ଦେଶ ମଧ୍ୟରେ ଷ୍ଟାର୍ଟଅପଗୁଡ଼ିକୁ ସରକାର ପ୍ରୋତ୍ସାହିତ କରିବେ ବୋଲି ବଜେଟରେ ଘୋଷଣା କରିଛନ୍ତି। ଏଥି ଲାଗି ବିଭିନ୍ନ ପ୍ରୋତ୍ସାହନ ଯୋଜନା ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଫଇସଲା ହୋଇ ନ ଥିବା ଆୟକର ମାମଲାର ସମାଧାନ କରିବାକୁ ସରକାର ପଦକ୍ଷେପ ନେବେ। କମ୍ପାନୀଗୁଡ଼ିକୁ ଉତ୍ସାହିତ କରିବା ଲାଗି ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଷ୍ଟାର୍ଟଅପଗୁଡ଼ିକର ନିରନ୍ତର ଅଭିବୃଦ୍ଧି ଲାଗି ତୃଣମୂଳ ସ୍ତରରୁ ପଦକ୍ଷେପ ନେବା ଉପରେ ବଜେଟରେ ଗୁରୁତ୍ୱାରୋପ କରାଯାଇଛି। ଆଞ୍ଜେଲ ଟିକସ ସମାଧାନ ଲାଗି ଷ୍ଟାର୍ଟଅପ ଏବଂ ନିବେଶକଙ୍କ ଲାଗି କୋହଳ ବ୍ୟବସ୍ଥା କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆବଶ୍ୟକ ଘୋଷଣାପତ୍ର ଫାଇଲ କରୁଥିବା ଷ୍ଟାର୍ଟଅପ ନିବେଶକାରୀଙ୍କୁ ମୂଲ୍ୟାୟନ ଏବଂ ଶେୟାର ପ୍ରିମିୟମ ବାବଦରେ ଯାଞ୍ଚ କରାଯିବ ନାହିଁ। ନିବେଶକଙ୍କ ପରିଚୟ ଏବଂ ପାଣ୍ଠି ସମ୍ପର୍କରେ ପରିଚୟ ଦେବା ବେଳେ ଇ-ଭେରିଫିକେଶନ ବ୍ୟବସ୍ଥା କରାଯିବ। ସେହିଭଳି ଷ୍ଟାର୍ଟଅପ୍‌ଗୁଡ଼ିକ ଉଠାଣ କରୁଥିବା ପାଣ୍ଠି ଉପରେ ଆୟକର ବିଭାଗ କୌଣସି ଯାଞ୍ଚ କରିବ ନାହିଁ। ଦୀର୍ଘ ଦିନ ଧରି ପଡ଼ିରହିଥିବା ଷ୍ଟାର୍ଟ ଅପ୍‌ଗୁଡ଼ିକର ଅଭିଯୋଗ ଏବଂ ଆସେସମେଣ୍ଟର ସମାଧାନ ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା କରାଯିବାକୁ ବଜେଟରେ ପ୍ରସ୍ତାବ ରହିଛି। ସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ସ୍ୱତନ୍ତ୍ର ଟିଭି ଚ୍ୟାନେଲ ଭଳି ଅନ୍ୟ ପ୍ରସ୍ତାବ ଷ୍ଟାର୍ଟ ଅପ୍‌ଗୁଡ଼ିକ ଲାଗି ରହିଛି। ଏହା ଫଳରେ ଷ୍ଟାର୍ଟଅପ୍ ଗୁଡ଼ିକ ଲାଗି ଭିତ୍ତିଭୂମି ସୃଷ୍ଟି ଦିଗରେ ଏହା ସହାୟକ ହେବ।

# ଇ-ଯାନରେ ମିଳିବ ୧.୫ ଲକ୍ଷର ଅତିରିକ୍ତ ଟିକସ ଛାଡ଼

ନୂଆଦିଲ୍ଲୀ,୫-୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି ପ୍ରଦୂଷଣମୁକ୍ତ ସହର ଗଢ଼ିବା ସରକାରଙ୍କ ଲକ୍ଷ୍ୟ ବୋଲି ଉଲ୍ଲେଖ କରିଛନ୍ତି। ଦେଶରେ ଇଲେକ୍ଟ୍ରିକ ଗାଡ଼ିର ପ୍ରଚଳନକୁ ପ୍ରୋତ୍ସାହିତ କରିବାକୁ ଯାଇ ଅର୍ଥମନ୍ତ୍ରୀ କେତେକ ଟିକସ ରିହାତି ଘୋଷଣା କରିଛନ୍ତି। ଇଲେକ୍ଟ୍ରିକ ଗାଡ଼ି କିଣିବା ଲାଗି ଋଣ ନେଲେ ସୁଧ ଉପରେ ୧.୫ ଲକ୍ଷ ଟଙ୍କାର ଅତିରିକ୍ତ ଆୟକର ଛାଡ଼ ମିଳିବ ବୋଲି ସେ ଘୋଷଣା କରିଛନ୍ତି। ତେବେ ଦେଶରେ ଏବେ ଇ-ଯାନର ପ୍ରଚଳନ ଅଧିକ ମାତ୍ରାରେ ହୋଇ ନ ଥିବାରୁ ମଧ୍ୟବିତ୍ତଙ୍କୁ ଏ କ୍ଷେତ୍ରରେ ଟିକସ ଛାଡ଼ର ସୁବିଧା ତୁରନ୍ତ ମିଳିବାର ସମ୍ଭାବନା ନାହିଁ। ସୀତାରାମନ ତାଙ୍କ



ବଜେଟରେ ଭାଷଣରେ ଇଲେକ୍ଟ୍ରିକ ଗାଡ଼ି ପ୍ରଚଳନ ଉପରେ ଏନ୍‌ଡିଏ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ଇଲେକ୍ଟ୍ରିକ ଗାଡ଼ି ଉପରେ ବର୍ତ୍ତମାନ ଲାଗୁଥିବା ୧୨ପ୍ରତିଶତ ଜିଏସ୍‌ଟିକୁ ୫%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଜିଏସ୍‌ଟି କାଉନସିଲ୍‌କୁ ଅନୁରୋଧ କରିଛନ୍ତି। ଫଳରେ ଲୋକେ ଇ-ଯାନ କିଣିବା ଲାଗି ଆଗ୍ରହ ଦେଖାଇବେ ଏବଂ ଏହା ଅନ୍ୟ ପାରମ୍ପରିକ ଯାନ ଠାରୁ ଅଧିକ ଶସ୍ତା ହେବ ବୋଲି ସେ କହିଛନ୍ତି।

ବାର୍ଷିକ ୫୦ କୋଟି ଟଙ୍କା କାରବାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଭୀମ୍, ୟୁପିଆଇ, ଆଧାର ପେ, ଏନ୍‌ଇଏଫ୍‌ଟି, ଆର୍‌ଟିଜିଏସ୍ ବ୍ୟବସ୍ଥା ଆପଣାଇ ଟଙ୍କା ନେଣଦେଣ କରିବାକୁ ହେବ। ଗ୍ରାହକଙ୍କ ଠାରୁ ଏଥିପାଇଁ କୌଣସି ଚାର୍ଜ ଆଦାୟ କରାଯିବ ନାହିଁ। ରିଜର୍ଭ ବ୍ୟାଙ୍କ ଏବଂ ବ୍ୟାଙ୍କଗୁଡ଼ିକ ଏହି ଖର୍ଚ୍ଚ ବହନ କରିବେ। ସେହିଭଳି ସିକ୍ୟୁରିଟିଜ ଟ୍ରାଞ୍ଜାକଶନ ଟ୍ୟାକ୍ସରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି।

୩ କୋଟି କ୍ଷୁଦ୍ର ବ୍ୟବସାୟୀଙ୍କୁ ପେନସନ ଯୋଜନା ସହ ଯୋଡ଼ାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଅନ୍‌ଲାଇନ ପୋର୍ଟାଲ, ଏଥିଲାଗି ୩୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ବୀମା ମଧ୍ୟସ୍ଥଙ୍କ ଲାଗି ୧୦୦ ପ୍ରତିଶତ ଏଫ୍‌ଡିଆଇ, ସୋସିଆଲ ଷ୍ଟକ୍ ଏକ୍ସଚେଞ୍ଜ, ଇସ୍ରୋର ରିସର୍ଚ୍ଚ ଲାଗି ସ୍ପେଶ୍ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସେ ଜଣାଇଛନ୍ତି।

## ଶିଳ୍ପ ଜଗତର ପ୍ରତିକ୍ରିୟା

### ପ୍ରତି ବର୍ଗକୁ ସୁହାଇବ



"କେନ୍ଦ୍ରର ଏହି ବଜେଟ ପ୍ରତି ବର୍ଗର ଆବଶ୍ୟକତାକୁ ନଜରରେ ରଖି ପ୍ରସ୍ତୁତ ହୋଇଛି। ଏହା ସ୍ୱାଗତଯୋଗ୍ୟ ବଜେଟ। କୃଷି କ୍ଷେତ୍ର ଏବଂ ତୃଣମୂଳ ସ୍ତରର ବିକାଶକୁ ଗୁରୁତ୍ୱ ଦିଆଯାଇଥିବାରୁ ଏହା ଲୋକଙ୍କ ବିକାଶ ଦିଗରେ ସହାୟକ ହେବ।

– ରାଜ କିଶୋର ଅଗ୍ରୱାଲ, ସିଏ

### ଅଭିବୃଦ୍ଧିରେ ସହାୟକ



"ଇ-ଯାନ କ୍ରୟକୁ ପ୍ରୋତ୍ସାହନ, ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ଅଂଶଧନ ନିୟମରେ ପରିବର୍ତ୍ତନ, କର୍ପୋରେଟ ଟିକସରେ ନୂଆ ଘୋଷଣା, ନିଯୁକ୍ତି ସୃଷ୍ଟି ପଦକ୍ଷେପ ଭଳି ବିଭିନ୍ନ ଘୋଷଣା ବଜାରର ଅଭିବୃଦ୍ଧି ଦିଗରେ ବେଶ୍ ସହାୟକ ହେବ ବୋଲି ଆଶାବାଦୀ।

– ପ୍ରଦୀପ ଅଗ୍ରୱାଲ, ଏଣ୍ଟରପ୍ରେନ୍ୟୁୟର

### ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି ସ୍ୱାଗତଯୋଗ୍ୟ



"ଏଫ୍‌ଡିଆଇ ବୃଦ୍ଧି ପଦକ୍ଷେପ, ଭିତ୍ତିଭୂମି ବିକାଶ ଲାଗି ବିଭିନ୍ନ ଯୋଜନା ମନ୍ଥର ଅର୍ଥନୀତି ଅଭିବୃଦ୍ଧିରେ ନେବାରେ ସହାୟକ ହେବ। ମାତ୍ର ଇନ୍ଧନ ଦର ବୃଦ୍ଧି ଲୋକଙ୍କୁ ପ୍ରଭାବିତ କରିବ। କର୍ପୋରେଟ ଟିକସ ପଦକ୍ଷେପ ଏବଂ ଜିଏସ୍‌ଟି ପଞ୍ଜୀକୃତ ଏମ୍‌ଏସ୍‌ଏମ୍‌ଇ ଲାଗି ବଜେଟର ବିଭିନ୍ନ ଘୋଷଣା ଲାଭ ଦେବ।

– ସୁଶାନ୍ତ ପଣ୍ଡା,ଉଦ୍ୟୋଗୀ

### ଲୋକଙ୍କ ଉନ୍ନତିକୁ ଧ୍ୟାନରେ ରଖାଯାଇଛି



"ଦେଶର ଅଭିବୃଦ୍ଧି ଏବଂ ଲୋକଙ୍କର ଉନ୍ନତିକୁ ଧ୍ୟାନରେ ରଖି ବଜେଟରେ ବିଭିନ୍ନ ଘୋଷଣା କରାଯାଇଛି। ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ଏତେଟା ଗୁରୁତ୍ୱ ଦିଆଯାଇ ନ ଥିଲେ ମଧ୍ୟ ସୁସ୍ଥ ସମାଜ ଗଠନ ଲାଗି ସରକାର ଏ ଦିଗରେ କାର୍ଯ୍ୟ କରିବେ ବୋଲି ଅଶାବାଦୀ।

– କଲୋନେଲ୍ ହେମରାଜ ସିଂ ପାରମାର, ସିଇଓ, ବିଆର୍ ଲାଇଫ୍

### ବଜେଟ ସ୍ୱାଗତଯୋଗ୍ୟ



"ବଜେଟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜୀକରଣ, ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ, ଭିତ୍ତିଭୂମିର ବିକାଶ, ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଭଳି ବିଭିନ୍ନ ଘୋଷଣା ସ୍ୱାଗତଯୋଗ୍ୟ। ସରକାର ଗ୍ରାମାଞ୍ଚଳର ଆବଶ୍ୟକତା ଆଧାରରେ ପଦକ୍ଷେପ ନେଇଛନ୍ତି।

– ଶୁଭ୍ରକାନ୍ତ ପଣ୍ଡା, ଫିକି ଓଡ଼ିଶା ପରିଷଦ, ଅଧ୍ୟକ୍ଷ

### ୫ ଟ୍ରିଲିୟନ ଅର୍ଥନୀତି ଲାଗି ରୋଡ୍ ମ୍ୟାପ୍



"୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲକୁ ନଜରରେ ରଖି ବଜେଟରେ ବିଭିନ୍ନ ଘୋଷଣା କରାଯାଇଛି। ବଜେଟରେ ଅନେକ ସକାରାତ୍ମକ ଦିଗ ସ୍ଥାନିତ ହୋଇଛି।

– ସନ୍ଦୀପ ସୋମାନି, ଫିକି, ଜାତୀୟ ସଭାପତି

### ପ୍ରଗତିଶୀଳ ବଜେଟ



"ଇ-ଯାନ ପ୍ରୋତ୍ସାହନ ଲାଗି ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଚଳିତ ବର୍ଷର ବଜେଟରେ ବିଭିନ୍ନ ପ୍ରଗତିଶୀଳ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଛି। ଏହା ଦେଶର ଅଭିବୃଦ୍ଧିରେ ସହାୟକ ହେବ।

– ଜୟ ପ୍ରକାଶ ଦିଦ୍‌ୱାନିଆ, ଉଦ୍ୟୋଗୀ

### ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ବିଶେଷ ପଦକ୍ଷେପ ନାହିଁ



"ରିୟଲ ଇଷ୍ଟେଟ କ୍ଷେତ୍ରର ବିକାଶ ଲାଗି ବଜେଟରେ ସରକାର କୌଣସି ପଦକ୍ଷେପ ସମ୍ପର୍କରେ ଘୋଷଣା କଲେ ନାହିଁ। ମାନ୍ଦାବସ୍ଥା ଦେଇ ଗତି କରୁଥିବା ରିୟଲ ଇଷ୍ଟେଟ ଶିଳ୍ପ ଲାଗି କିଛି ଘୋଷଣା ହେବ ବୋଲି ଆଶା ରହିଥିଲା ମାତ୍ର ଏହାର ହେଲା ନାହିଁ।

– ନିଶିଥ ନନ୍ଦ, ସଭାପତି, ଆଫୋର୍ଡ

### ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି ଲାଗି ସହାୟକ



"ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ନିଆଯାଇଥିବା ସୁଧଛାଡ ପଦକ୍ଷେପ ଶିଳ୍ପ ଲାଗି ସହାୟକ ହେବ। ଭିଜନ ଡକ୍ୟୁମେଣ୍ଟ ଆଧାରରେ ସରକାର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେଇଛନ୍ତି। କହିବାକୁ ଗଲେ ଏଥିରେ କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ନିଆଯାଇଥିବା ପଦକ୍ଷେପ ବେଶ ପ୍ରଶଂସାଯୋଗ୍ୟ।

–ସାତ୍ତ୍ୱିକ ସ୍ୱାଇଁ, ସହାସଚିବ , ଓସ୍‌ମେ

### ବ୍ୟାଙ୍କିଙ୍ଗ୍ ଶିଳ୍ପ ଦୃଢ଼ ହେବାରେ ସହାୟତା କରିବ



"ବ୍ୟାଙ୍କଗୁଡ଼ିକୁ ୭୦,୦୦୦ କୋଟି ଟଙ୍କାର ପୁଞ୍ଜୀକରଣ ନେଇ ହୋଇଥିବା ଘୋଷଣା ବ୍ୟାଙ୍କିଙ୍ଗ ଶିଳ୍ପକୁ ସଶକ୍ତ କରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁଧ ରିହାତି ସାଧାରଣ ବର୍ଗଙ୍କ ଲାଗି ଖୁସି ଖବର। ଗ୍ରାମାଞ୍ଚଳକୁ ଜଳ ଯୋଗାଣ, କର୍ପୋରେଟ ଟିକସ ପଦକ୍ଷେପ ସ୍ୱାଗତଯୋଗ୍ୟ।

– ଦାମୋଦର ନନ୍ଦ, ବ୍ୟାଙ୍କର

### ବେକାରି ସମସ୍ୟା ସମାଧାନ ଲାଗି ପଦକ୍ଷେପ ନାହିଁ



"ବଜେଟରେ ୫ ଟ୍ରିଲିୟନ ଅର୍ଥନୀତି ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଛି। ବେକାରି ସମସ୍ୟା ସମାଧାନ ଲାଗି ସେମିତି କିଛି ପଦକ୍ଷେପ ନିଆଯାଇନି। ଦେଶର ଘରୋଇ ଉତ୍ପାଦ ବୃଦ୍ଧି ପାଇ ଯଦି ନିଯୁକ୍ତି ବୃଦ୍ଧି ନ ହୁଏ ତେବେ ଅର୍ଥନୈତିକ ବିଭେଦ ବୃଦ୍ଧି ପାଇବ।

– ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ଅଭିବୃଦ୍ଧି ତ୍ୱରାନ୍ୱିତ ହେବ



"ଦେଶ ମଧ୍ୟରେ ସଂଯୋଗୀକରଣକୁ ସରକାର ବଜେଟରେ ପ୍ରାଥମିକତା ଦେଇଛନ୍ତି। ଗ୍ୟାସ୍ ଗ୍ରୀଡ, ୱାଟର ଗ୍ରୀଡ୍, ଆଞ୍ଚଳିକ ବିମାନ ଚଳାଚଳ ଭଳି ଅନ୍ୟ ପଦକ୍ଷେପ ଦେଶର ବିକାଶକୁ ତ୍ୱରାନ୍ୱିତ କରିବ।

– ଅନିଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ

**କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରର ପ୍ରଥମ ବଜେଟ ଶୁକ୍ରବାର ଲୋକ ସଭାରେ ଉପସ୍ଥାପିତ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହି ବଜେଟ ଉପସ୍ଥାପନ କରି ଅନେକଙ୍କ ପାଇଁ ସୁନେଲି ଭବିଷ୍ୟତର ଆଶା ଦେଖାଇଛନ୍ତି। ଏ ସମ୍ପର୍କରେ ବିଭିନ୍ନ ବର୍ଗର ଲୋକଙ୍କଠାରୁ ମିଳିଥିବା ମତାମତକୁ ନେଇ ଉପସ୍ଥାପନା....**

## ପ୍ରଚାର ସର୍ବସ୍ୱ



“ କେନ୍ଦ୍ର ଅର୍ଥମନ୍ତ୍ରୀ ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି, ତାହା ଜଣେ ପଢ଼ିଲେ ଭାବିବ ଯେ, ଦେଶରେ କୌଣସି ସମସ୍ୟା ନାହିଁ, ସମସ୍ତେ ଘିଅ ମହୁରେ ଭାସୁଛନ୍ତି। ବଜେଟରେ କେବଳ ସରକାରଙ୍କର ଅଧିକ ପ୍ରଚାର କରାଯାଇଛି। କର୍ପୋରେଟ ଜଗତକୁ ଛାଡ଼ିଦେଲେ ଅନ୍ୟ ସବୁ ଶ୍ରେଣୀର ଲୋକଙ୍କୁ ନିରାଶ କରିଛନ୍ତି। ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଟିକସ ରିହାତିର ସୀମା ବୃଦ୍ଧି କରିବା ପରିବର୍ତ୍ତେ କମ୍ପାନୀ ଟିକସ ହ୍ରାସ କରିଛନ୍ତି। ପେଟ୍ରୋଲ, ଡିଜେଲ ଉପରେ ଅଧିକ ଟିକସ ଅର୍ଥ ସବୁଶ୍ରେଣୀ ଉପରେ ବୋଝ ପଡ଼ିବ। ଗତ ବର୍ଷ ଟିକସ ଆଦାୟ ହ୍ରାସ ପାଇବା ସହିତ ମୋଟ ବ୍ୟୟ ହ୍ରାସ କରାଯାଇଛି। କିନ୍ତୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତିର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରୟାସ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ସହିତ ନିଯୁକ୍ତି ବୃଦ୍ଧି, ବୈଷମ୍ୟ ହ୍ରାସ, କ୍ଷୁଧା ଦୂରୀକରଣ ପରି ପ୍ରମୁଖ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଘୋଷଣା କରାଯାଇନି। ବଜେଟ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି।

**- ଡ. ସନ୍ତୋଷ କୁମାର ମହାପାତ୍ର, ଅର୍ଥନୀତିଜ୍ଞ, କଟକ**

## ଉପକାରୀ ନୁହେଁ



“ ବଜେଟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ନିର୍ବାଚନ ସମୟର ଅଧିକାଂଶ ପ୍ରତିଶ୍ରୁତି ବଜେଟରେ ପ୍ରତିଫଳିତ ହୋଇଛି। ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ପାଠପଢ଼ାକୁ ଅଣଦେଖା କରାଯାଇଛି। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ସ୍ୱାଗତଯୋଗ୍ୟ ପଦକ୍ଷେପ। ଶିଳ୍ପପତିଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ରହିଥିବା ଜଣାପଡୁଛି। ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇ ମଧ୍ୟବିତ୍ତଙ୍କ ଉପରେ ବୋଝ ଲଦି ଦେଇଛନ୍ତି। ସେହିଭଳି ସୁନା ଓ ତମାଖୁ ଦ୍ରବ୍ୟ ମହଙ୍ଗା ହୋଇଛି, ଯାହାକି ସବୁ ବର୍ଗର ଲୋକ କ୍ଷତିଗ୍ରସ୍ତ ହେବେ। ସର୍ବସାଧାରଣଙ୍କ ପାଇଁ ଏହା ଉପକାରୀ ବଜେଟ ନୁହେଁ। ଭାରତ ଛାତ୍ରଙ୍କୁ ଅଣଦେଖା କରାଯାଇ ବିଦେଶୀ ଛାତ୍ରଙ୍କୁ ଆକୃଷ୍ଟ କରାଯାଇଛି। ବାସ୍ତବତା ନ ଥାଇ ନିଯୁକ୍ତି ସୁବିଧା ପାଇଁ ସ୍ୱପ୍ନ ଦେଖାଯାଇଛି। ତୃଣମୂଳ ସ୍ତରରେ ଶିକ୍ଷା ପାଇଁ ବ୍ୟବସ୍ଥା ନାହିଁ।

**- ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି**

## ଉପାଦେୟ ହୋଇଛି



“ କେନ୍ଦ୍ରୀୟ ବଜେଟ ଉପାଦେୟ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସମସ୍ତ ବର୍ଗ ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରାଗଲେ ନିଶ୍ଚିତ ଏକ ଉପଯୋଗୀ ବଜେଟ ହେବ। ଅନ୍ତରୀଣ ବଜେଟରେ ଯାହା ଉପସ୍ଥାପନ କରିଥିଲେ ପ୍ରାୟତଃ ସେୟା ରହିଛି। ଆୟକର ଆଇନରେ ବିଶେଷ ପରିବର୍ତ୍ତନ ଆଣିନାହାନ୍ତି।

**- ରଜନୀକାନ୍ତ ମହାପାତ୍ର, ସଭାପତି, ପୁରୀ ଟ୍ୟାକ୍ସ ବାର୍ ଆସୋସିଏଶନ**

## ଗରିବଙ୍କ ଉପରେ ପ୍ରଭାବ ପକାଇବ ଦରବୃଦ୍ଧି



“ ଏଥର ବଜେଟରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ କମିବା ଆଶା ଥିଲା। ହେଲେ ଏହାର ଦର ବଢ଼ିଛି, ଯାହାଫଳରେ ଯାନବାହନ ପରିବହନ କ୍ଷେତ୍ରରେ ଭଡ଼ା ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ବ୍ୟବସାୟୀ ଗୋଷ୍ଠୀଙ୍କୁ ଏହି ବଜେଟ ସୁହାଇବ। ସୁନା ଦର ମଧ ବଢୁଛି। ବାହାଘର ସମୟରେ ଗରିବଙ୍କ ଉପରେ ଏହା ପ୍ରଭାବ ପକାଇବ।

**- ଡ. ସଂଯୁକ୍ତା ଦାସ, ଅବସରପ୍ରାପ୍ତ ଅଧକ୍ଷା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**

## ଗରିବ ବିରୋଧୀ



“ କେନ୍ଦ୍ର ବଜେଟ ଗରିବ ବିରୋଧୀ। ପେଟ୍ରୋଲ, ଡିଜେଲ ଦର ବଢ଼ାଇ କେନ୍ଦ୍ର ସରକାର ପରୋକ୍ଷରେ ଗରିବ ଓ ମଧ୍ୟବିତ୍ତଙ୍କୁ ଛାଟ ମାରିଛନ୍ତି। ଏହି ଦର ବଢ଼ିବା ଦ୍ୱାରା ପରିବହନ ଖର୍ଚ୍ଚ ବଢ଼ିଯିବ। ଫଳରେ ଆପେଆପେ ସବୁ ଜିନିଷ ଦର ବଢ଼ିଚାଲିବ। ପେଟ୍ରୋଲ, ଡିଜେଲର ପ୍ରକୃତ ଦରଠାରୁ ଦ୍ୱିଗୁଣ ନିଆଯାଉଛି। ଏହାକୁ ଜିଏସ୍‌ଟି ପରିସରଭୁକ୍ତ ନ କରି ସରକାର ଚଞ୍ଚକତା କରିଛନ୍ତି। ଋଣ ଭାର କିପରି କମିବ ତା ଉପରେ ଗୁରୁତ୍ୱ ଦିଆ ନ ଯାଇ ଲୋକଙ୍କୁ ଭଣ୍ଡାଇବାକୁ ଚେଷ୍ଟା କରାଯାଇଛି। କେବଳ ଏହି ସରକାର ନୁହେଁ, କୌଣସି ସରକାର ଏଥିପ୍ରତି ଗୁରୁତ୍ୱାରୋପ ନ କରିବା ଚିନ୍ତାଜନକ କଥା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିଲା ପରେ ଗରିବ, ମଧ୍ୟବିତ୍ତ ବିଶେଷ କ୍ଷତିରେ ପଡୁଛନ୍ତି। ବ୍ୟାଙ୍କଗୁଡିକରେ ଜମା ରାଶି ଉପରେ ୩% ସୁଧ କମିଛି, ଅଥଚ କର୍ପୋରେଟ୍ ସଂସ୍ଥାଗୁଡିକୁ ୩%ରୁ କମ୍ ସୁଧରେ ଋଣ ଦିଆଯାଉଛି।

**- ବାସୁଦେବ, ବରିଷ୍ଠ ଆଇନଜୀବୀ, ଜଗତ୍‌ସିଂହପୁର**

## ଉତ୍ସାହଜନକ



“ ଏହା ସାଧାରଣ ଲୋକଙ୍କ ପାଇଁ ଉତ୍ସାହଜନକ । ୬୦ ବର୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ପେନସନ, ଚାଷୀଙ୍କ ଆୟ ଦୁଇଗୁଣା ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ସୁଦ୍ଧା ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ୫ ଲକ୍ଷରୁ କମ୍ ଆୟ ପାଇଁ ଆୟକର ଛାଡ଼ ଓ କର୍ପୋରେଟ ଟିକସ କ୍ଷେତ୍ରରେ କୋହଳ ମନୋଭାବ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଏକ ଭଲ ବଜେଟ। ପ୍ରଧାନମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିଛନ୍ତି।

**- ପ୍ରମୋଦ ପଟ୍ଟନାୟକ, ସମାଜସେବୀ, ନୟାଗଡ଼**

## ସାଧାରଣ ଲୋକ ପ୍ରଭାବିତ ହେବେ



“ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ବଜେଟ୍ ଗରିବ ଲୋକଙ୍କୁ ଅଧିକ ଗରିବ ଏବଂ ଧନୀଲୋକଙ୍କୁ ବିତ୍ତଶାଳୀ କରିବ। ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଶିକ୍ଷାକ୍ଷେତ୍ରରେ ବିକାଶର କୌଣସି ଅର୍ଥନୈତିକ ଉଦାରପଣିଆ ଦେଖାଇନାହାନ୍ତି। ସେହିପରି ନାରୀ ସଶକ୍ତୀକରଣ ଯୋଜନାକୁ କ୍ରିୟାଶୀଳ ଓ ତ୍ୱରାନ୍ୱିତ ବ୍ୟବସ୍ଥାର କୌଣସି ଭିତ୍ତିଭୂମି ନାହିଁ। ଅନ୍ୟପକ୍ଷରେ ପେଟ୍ରୋଲ ଓ ଡିଜେଲ ଉପରେ ୧ଟଙ୍କା ସେସ୍ ଲଗାଇବା ଫଳରେ ସାଧାରଣ ଲୋକମାନଙ୍କର ଅର୍ଥନୈତିକ ମାନଦଣ୍ଡ ପ୍ରଭାବିତ ହେବ।

**- ମନୋଜ ନାୟକ, ଆଇନଜୀବୀ, ବାଲେଶ୍ୱର**

## ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ମିଳିଛି



“ ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇ ଏଥର କେନ୍ଦ୍ର ବଜେଟ୍ ପ୍ରସ୍ତୁତ କରାଯାଇଛି। ବିଦେଶୀ ପୁଞ୍ଜି ଆଣିବା ପାଇଁ ପଦକ୍ଷେପ ନିଆଯିବା ସହ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ୀକରଣ କରିବା ଲାଗି ପ୍ରାଥମିକତା ଦିଆଯାଇଛି। ମହିଳାଙ୍କୁ ବିନା ସୁଧରେ ଋଣ ପ୍ରଦାନ ସମେତ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ନ୍ୟାୟ ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ମଧ ଏଥିରେ ଗୁରୁତ୍ୱ ଦିଆଯାଇଛି।

**- ଡ. ବଳରାମ ମିଶ୍ର, ଅର୍ଥନୀତିଜ୍ଞ, ଭଦ୍ରକ**

## ଚିରାଚରିତ ଓ ଅନ୍ତଃସାରଶୂନ୍ୟ



“ ଏଥର କେନ୍ଦ୍ର ବଜେଟ ଚିରାଚରିତ ଓ ଅନ୍ତଃସାରଶୂନ୍ୟ। ସାଧାରଣ ନିର୍ବାଚନ ପରେ ଲୋକେ ଅନେକ କିଛି ପରିବର୍ତ୍ତନ ଆଶା ରଖିଥିଲେ। ଶିକ୍ଷା ସବୁ ବିକାଶର ମୂଳାଧାର। ହେଲେ ବିଭିନ୍ନ ରାଜ୍ୟର ବୁଦ୍ଧିଜୀବୀଙ୍କୁ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇନାହିଁ। ବଜେଟରେ ମଧ କୌଣସି ନୂତନତ୍ୱ ନାହିଁ। ସାଧାରଣ ଲୋକେ ଏଥିରୁ ସୁଫଳ ପାଇବେ ନାହିଁ। ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଯେଉଁଭଳି ପ୍ରଲୋଭିତ କରାଯାଇଛି, ତାହା ଦୀର୍ଘକାଳୀନ ନୁହେଁ। ତେଲ ଦରରେ ସେସ୍ ଲାଗୁହେବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ବୋଝ ପଡ଼ିବ। ଦରଦାମ୍ ବୃଦ୍ଧି ପାଇବ। ସରକାରୀ କର୍ମଚାରୀଙ୍କୁ ଖୁସି କରିବା ପାଇଁ ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

**- ବିଭୂତି ଭୂଷଣ ଦାଶ, ଅଧକ୍ଷ, କେନ୍ଦୁଝର ମାଧମିକ ଉଚ୍ଚ ବିଦ୍ୟାଳୟ**

## ଲୋକଙ୍କ ସୁବିଧା ଦେଖି ବଜେଟ



“ ଏଥର କେନ୍ଦ୍ର ବଜେଟରେ ଇନକମ ଟ୍ୟାକ୍ସ ସ୍ଲାବରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଗୃହ ଋଣ କ୍ଷେତ୍ରରେ ଅତିରିକ୍ତ ଦେଢ଼ ଲକ୍ଷ ଛାଡ କିଛିଟା ଆଶ୍ୱସ୍ତି ଦେଇଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ବ୍ୟବସ୍ଥା ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜିଏସ୍‌ଟି ଥିବା ଛୋଟ ଉଦ୍ୟୋଗଗୁଡିକୁ ଋଣ ବେଳେ ୨ ପ୍ରତିଶତ ଛାଡ ହେବା ଦ୍ୱାରା ଲୋକେ ଲାଭ ପାଇବେ। ମୋଟାମୋଟି କହିବାକୁ ଗଲେ ଲୋକଙ୍କ ସୁବିଧାକୁ ଲକ୍ଷ୍ୟ କରି ଏହି ବଜେଟ କରାଯାଇଛି।

**- ଅଭିଜିତ ରାମ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବାରିପଦା**

## ସାଧାରଣ ଲୋକଙ୍କୁ ସୁହାଇବ



“ ଚଳିତ ବଜେଟ ସବୁ ଦିଗରୁ ଲୋକଙ୍କୁ ସୁହାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ାର ବିକାଶ ପାଇଁ ଏଥିରେ ପଦକ୍ଷେପ ନିଆଯାଇଛି। ଏଥିସହ ଆଧାର ମାଧମରେ ଆୟକର ରିଟର୍ନ, ଗବେଷଣାକୁ ପ୍ରାଧାନ୍ୟ, ୫ ଲକ୍ଷ ଟଙ୍କା ଯାଏ ଆୟକର ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ବିଶ୍ୱସ୍ତରୀୟ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଯୁବତୀ ଯୁବକଙ୍କ ପାଇଁ ରୋଜଗାର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇବା ଯୋଜନା ବଜେଟରେ ସ୍ଥାନ ପାଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶ୍ରମିକଙ୍କୁ ମାସିକ ୩ ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇପାରିବେ।

**- ବୁଲୁ ହୋତା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ, ନବରଙ୍ଗପୁର**

## ସରକାରଙ୍କ ଲକ୍ଷ୍ୟ ପୂରଣ କରିପାରେ



“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଇନିଂର ପ୍ରଥମ ବଜେଟ ଏକ ଲୋକାଭିମୁଖୀ ବଜେଟ। ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପରିଣତ କରିବା ନେଇ ସରକାରଙ୍କ ରହିଥିବା ଲକ୍ଷ୍ୟ ପୂରଣ କରିପାରେ। ବଜେଟ୍‌ରେ ମହିଳା ଚାଷୀଙ୍କ ଅର୍ଥନୈତିକ ଉନ୍ନତି ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ବଜେଟ୍‌ରେ ବରାଦ ଅର୍ଥ ତଳ ସ୍ତରରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଖର୍ଚ୍ଚ କରାଗଲେ ସାଧାରଣ ଲୋକେ ଏହାର ସୁଫଳ ପାଇବେ।

**- ଈଶ୍ୱର ପଟ୍ଟନାୟକ, ବୁଦ୍ଧିଜୀବୀ, ମାଲକାନଗିରି**

## ଲାଭବାନ ହେବ ପର୍ଯ୍ୟଟନ ଶିଳ୍ପ



“ ଚଳିତ ବଜେଟ୍ ସବୁଦିଗରୁ ଉତ୍ତମ ରହିଛି। ଏଥିରେ ଉଚ୍ଚଶିକ୍ଷା ପାଇଁ ଗୁରୁତ୍ୱରୋପ, ଗବେଷଣାକୁ ପ୍ରାଧାନ୍ୟ, କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ, ଆଧାର ମାଧମରେ ଆୟକର ରିଟର୍ନ, ୫ ଲକ୍ଷ ଟଙ୍କା ଯାଏ ଆୟକର ଛାଡ଼ ରହିଛି। ବିଶ୍ୱସ୍ତରୀୟ ପର୍ଯ୍ୟଟନ ପାଇଁ ପଦକ୍ଷେପ ଯୋଗୁ ଭାରତକୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିପାରିବେ, ଯାହା ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଯୁବତୀ ଯୁବକଙ୍କୁ ରୋଜଗାର ଦେଇପାରିବ। ସେହିଭଳି ବଜେଟ୍‌ରେ ‘ହର୍ ଘର୍ ଜଲ୍’ ପାନୀୟ ଜଳ ଯୋଜନା ଘୋଷଣା ଦ୍ୱାରା ସାଧାରଣ ଲୋକେ ଉପକୃତ ହେବେ ବୋଲି ଭାବୁଛି।

**- ଭବାନୀ ଶଙ୍କର ମିଶ୍ର, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ, କୋରାପୁଟ**

## ବିକାଶମୁଖୀ ଏବଂ ପୂର୍ଣ୍ଣାଙ୍ଗ ବଜେଟ



“ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୨୦୧୯-୨୦ ବାର୍ଷିକ ବଜେଟ ଏକ କ୍ରିୟାଶୀଳ, ବିକାଶମୁଖୀ ଏବଂ ପୂର୍ଣ୍ଣାଙ୍ଗ ବଜେଟ ଅଟେ। ଏଥିରେ କୃଷି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଗ୍ରାମୀଣ କ୍ଷେତ୍ର, କ୍ଷୁଦ୍ରଶିଳ୍ପ ଇତ୍ୟାଦି କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ପ୍ରାଧାନ୍ୟ ଦିଆଯାଇଛି। ଆଶାକରେ ଏହା ଦେଶର ସାମୁହିକ, ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବା ସହ ଜାତୀୟ ଅଭିବୃଦ୍ଧି ହାରକୁ ଗତିଶୀଳ କରିବ।

**- ମେଜର ଅବୁ ତାହିର, ଅଧକ୍ଷ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର**

## ବ୍ୟବସାୟୀଙ୍କ ଦାବି ପୂରଣ ହୋଇଛି



“ ବଜେଟ ସମ୍ପୂର୍ଣ୍ଣ ଭଲ ନ ହେଲେ ମଧ ଚଳନୀୟ ହୋଇଛି। ବ୍ୟବସାୟୀମାନଙ୍କ ଦୀର୍ଘଦିନର ଦାବିକୁ ବଜେଟରେ ସ୍ଥାନ ଦିଆଯାଇଛି। ବ୍ୟବସାୟୀମାନେ ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ଦେଉଛନ୍ତି। ପ୍ରତିବଦଳରେ ସେମାନେ ପେନ୍‌ସନ ଦାବି କରିଆସୁଥିଲେ। ବଜେଟ୍‌ରେ ୩ କୋଟି ଉଠା ଦୋକାନୀଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା କରାଯାଇଛି। ବାର୍ଷିକ ଦେଢ଼ କୋଟିରୁ କମ୍ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ମଧ ଏହି ସ୍କିମ୍‌ରେ ସାମିଲ କରାଯାଇଛି। ସେହିପରି ୫ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତିଙ୍କ ଆୟକର ଛାଡ଼ କରାଯାଇଛି। କିନ୍ତୁ ତୈଳ ଦର ବୃଦ୍ଧିର ପ୍ରତିକୂଳ ପ୍ରଭାବ ଜନସାଧାରଣଙ୍କ ଉପରେ ନିଶ୍ଚୟ ପଡ଼ିବ।

**- ଶରତ ଚନ୍ଦ୍ର ପାଢ଼ୀ, ଚାମ୍ବର ଅଫ୍ କମର୍ସ ସଭାପତି, ଢେଙ୍କାନାଳ**

## ୧୦ରୁ ୧୫ବର୍ଷ ପରେ ଫଳ ମିଳିବ



“ କେନ୍ଦ୍ରୀୟ ବଜେଟ ଦୂରଦୃଷ୍ଟିସମ୍ପନ୍ନ ହୋଇଛି। ଏହା ନ୍ୟୁ ଇଣ୍ଡିଆ ବଜେଟ ଭଳି ଲାଗୁଛି। ଆଗାମୀ ୧୦ରୁ୧୫ ବର୍ଷ ପରେ ଏହା ଫଳପ୍ରଦ ହେବ। ସୁପର ଧନିକ ଗୋଷ୍ଠୀ ଉପରେ ପ୍ରହାର ପଡ଼ିଛି। ଗରିବ, ମଧ୍ୟବିତ୍ତ ପରିବାର ଆଶ୍ୱସ୍ତ ହୋଇଛନ୍ତି। ଇନ୍‌କମ୍ ଟ୍ୟାକ୍ସ ସ୍ଲାବ୍ ବୃଦ୍ଧି କରାଯାଇଛି। କୃଷିକ୍ଷେତ୍ର, ଚାଷୀ, ମହିଳାଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ବ୍ୟାଙ୍କ ନନ୍ ପର୍‌ଫର୍ମିଂ ଆସେଟ୍ (ଏନ୍‌ପିଏ) ଗୁଡ଼ିକରୁ ମର୍ଜିଂ ହେବା ପରେ ୩ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ପିଏସ୍‌ୟୁ ବ୍ୟାଙ୍କଗୁଡ଼ିକୁ ମଧ ୭୦ହଜାର କୋଟି ଟଙ୍କା ରି-କ୍ୟାପ୍ କରାଯାଇଛି। ୪୫ଲକ୍ଷ ଟଙ୍କାରେ ଘର କିଣିଲେ ପୂର୍ବରୁ ୨.୫ ଲକ୍ଷ ଛାଡ଼ ସୁବିଧା ଥିଲା। ଚଳିତ ବଜେଟରେ ଏହାକୁ ୩.୫ ଲକ୍ଷକୁ ବୃଦ୍ଧି କରାଯାଇଛି। ବଜେଟ ମୋଟାମୋଟି ଭଲ ହୋଇଛି।

**- ତୁଷାରକାନ୍ତ ପ୍ରଧାନ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଅନୁଗୋଳ**

## କୃଷକଙ୍କୁ ନିରାଶ କରିଛି



“ ଦେଶରେ କୃଷି ସଙ୍କଟ ବଢ଼ି ଚାଲିଥିବା ବେଳେ ମୋଦି ସରକାରଙ୍କ ଚଳିତ ବଜେଟ ଦେଶର କୃଷି ଏବଂ କୃଷକଙ୍କୁ ସମ୍ପୂର୍ଣ୍ଣ ନିରାଶ କରିଛି। କୃଷି ଖର୍ଚ୍ଚରେ ବୃଦ୍ଧି, ଋଣଭାର, ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଆଦି ସମସ୍ୟାକୁ ବଜେଟ୍‌ରେ ଅଣଦେଖା କରାଯାଇଛି। କୃଷି ଉତ୍ପାଦନ ଖର୍ଚ୍ଚ କମାଇବା ପାଇଁ କୌଣସି ଘୋଷଣା କରାଯାଇନି। ବରଂ ପେଟ୍ରୋଲ ଓ ଡିଜେଲରେ ଲଗାତର ଦର ବୃଦ୍ଧି ଉତ୍ପାଦନ ଖର୍ଚ୍ଚକୁ ବଢ଼ାଇଛି। ଋଣଛାଡ଼, ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇବା, ଜଳସେଚନ, ଶୀତଳଭଣ୍ଡାର ବାବଦରେ କୌଣସି ବ୍ୟୟବରାଦ କରାଯାଇନାହିଁ। ବଜେଟ୍‌ରେ କୃଷକ ଶ୍ରେଣୀକୁ ପ୍ରତାରଣା କରିଛନ୍ତି।

**- ଭାଲଚନ୍ଦ୍ର ଷଡ଼ଙ୍ଗୀ, ସାମାଜିକ କର୍ମୀ, ବ୍ରହ୍ମପୁର**

## ସମତୁଲ



“ ଏଥର ବଜେଟ ସମତୁଲ ହୋଇଛି। କୃଷିଠାରୁ ଆରମ୍ଭ କରି ପେନସନ ପର୍ଯ୍ୟନ୍ତ ସବୁଠି ଲୋକଙ୍କ ପାଇଁ ସମାନ ସୁବିଧା ସୁଯୋଗ ରଖିବାକୁ ସରକାର ଚେଷ୍ଟା କରିଛନ୍ତି। ଏହା ଏକ ବିକାଶଶୀଳ ବଜେଟ। କିନ୍ତୁ ବାସ୍ତବରେ ଦେଖିଲେ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ସେପରି କିଛି ନାହିଁ ଆଉ ଟିକେ ଭଲ ହୋଇ ପାରିଥାନ୍ତା।

**- ଜ୍ୟୋତି ପ୍ରକାଶ ରଥ, ଅଧାପକ, ଫୁଲବାଣୀ**

## ଗତାନୁଗତିକ ଧାରା



“ ଚଳିତ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଅର୍ଥମନ୍ତ୍ରୀ ମହିଳା ସଶକ୍ତୀକରଣ ଓ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ। କରଦାତାମାନଙ୍କୁ କିଛିଟା ସୁବିଧା ପ୍ରଦାନ କରିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ମୋଟାମୋଟି ଉପରେ ଦେଖିଲେ ବଜେଟ୍‌ଟି ଗତାନୁଗତିକ ପରି ମନେ ହେଉଛି। ବିଶେଷ କିଛି ନୂଆକଥା ନାହିଁ। ମୁଖ୍ୟତଃ ନିଯୁକ୍ତି ବିହୀନ ଆର୍ଥିକ ଅଭିବୃଦ୍ଧି ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଶୁଭଙ୍କର ନୁହେଁ।

**- ସତ୍ୟନାରାୟଣ ପାଢ଼ୀ, ବୁଦ୍ଧିଜୀବୀ, ବରଗଡ଼**

## ବାସହୀନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି



“ ଦେଶରେ ଆଉ କେହି ବାସହୀନ ରହିବେନି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିବ। ୨୦୨୨ ପୂର୍ବରୁ ଏହି ଯୋଜନାରେ ଗ୍ରାମୀଣ ଅଞ୍ଚଳରେ ୧.୯୫ କୋଟି ଘର ନିର୍ମାଣ କରାଯିବ। ସେହି ଘରେ ବିଜୁଳି ଓ ଶୌଚାଳୟ ବ୍ୟବସ୍ଥା ଉପଲବ୍ଧ ରହିବ। ୧୧୪ ଦିନରେ ଘର ପ୍ରସ୍ତୁତ ହେବ। ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣା ଏକ ଭଲ ପଦକ୍ଷେପ। ୨୦୨୪ ସୁଦ୍ଧା ସମସ୍ତଙ୍କୁ ପିଇବା ପାଣି ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ୬୦ ବର୍ଷ ବୟସ ପରେ ଉଠା ଦୋକାନୀଙ୍କୁ ୩ ହଜାର ଟଙ୍କା ମାସିକ ପେନସନ ଦିଆଯିବ।

**- ନୀଳିମା ଗୁରୁ, ଅର୍ଥନୀତି ଅଧାପିକା, ବିଜୁ ପଟ୍ଟନାୟକ ମହିଳା କଲେଜ, ସୋନପୁର**

## ଜଳସେଚନ, ଏମ୍‌ଏସ୍‌ପି ଉପରେ ଗୁରୁତ୍ୱ ନାହିଁ



“ ବଜେଟରେ ଚାଷୀମାନଙ୍କୁ ଗୁରୁତ୍ୱ ଦିଆଯାଉଥିବା କେନ୍ଦ୍ର ସରକାର କହିଛନ୍ତି। ହେଲେ ଏବେ ଚାଷୀ ସମସ୍ୟାରେ ବୁଡି ରହିଛି। ଏଥର ବଜେଟ୍‌ରେ ଯଦି ଜଳସେଚନ ଉପରେ ଅଧିକ ଅର୍ଥ ବିନିଯୋଗ ପାଇଁ ବ୍ୟବସ୍ଥା ହୋଇଥାନ୍ତା ତେବେ ଚାଷୀ ଲାଭବାନ ହୋଇଥାନ୍ତେ। ଏହାସହ ସ୍ୱାମୀନାଥନ କମିଶନ ରିପୋର୍ଟକୁ ଆଧାର କରି ଧାନର ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବାର ପ୍ରତିଶ୍ରୁତିକୁ କେନ୍ଦ୍ର ସରକାର ଭୁଲି ଯାଇଛନ୍ତି। ଧାନ କୁଇଣ୍ଟାଲ ପିଛା ମାତ୍ର ୬୫ ଟଙ୍କା ବୃଦ୍ଧି କଲେ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ ନାହିଁ। ଚାଷର ଉନ୍ନତି ସହିତ ଚାଷୀର ଉନ୍ନତି ଉପରେ ବଜେଟ୍‌ରେ ବ୍ୟବସ୍ଥା ନାହିଁ।

**- ଅଶୋକ ପ୍ରଧାନ, ଚାଷୀନେତା, ସମ୍ବଲପୁର**

## ଲୋକାଭିମୁଖି



“ ସହଜରେ କହିବାକୁ ଗଲେ ଏଥର ଅର୍ଥମନ୍ତ୍ରୀ ସଂସଦରେ ଉପସ୍ଥାପନ କରିଥିବା ବଜେଟ ଲୋକାଭିମୁଖି ହୋଇଛି। କିନ୍ତୁ ଆୟକର ଛାଡ ସୀମା ବୃଦ୍ଧି ହେବା ନେଇ ସମସ୍ତେ ଆଶା ରଖିଥିଲେ। କିନ୍ତୁ ତାହା କରାଯାଇନାହିଁ। ୫ ଲକ୍ଷରୁ ଅଧିକ ଆୟ ଉପରେ ସିଧାସଳଖ ୨୦ ପ୍ରତିଶତ ଟିକସ ମଧ୍ୟବିତ୍ତ ପରିବାର ଲୋକଙ୍କ ପାଇଁ ଠିକ୍ ହୋଇନାହିଁ। ପେଟ୍ରୋଲ ଓ ଡିଜେଲ ଉପରେ ସେସ ଲାଗିବା ସାଧାରଣ ଲୋକଙ୍କ ପାଇଁ ବୋଝ ହେବ। ଏହାଦ୍ୱାରା ସବୁ ସାମଗ୍ରୀର ଦରଦାମ ବୃଦ୍ଧି ହେବ। ଲୋକେ ଏପରି ଦରବୃଦ୍ଧିକୁ ସହଜରେ ଗ୍ରହଣ କରିପାରିବେ ନାହିଁ।

**- କେତନ କୁମାର ଅଗ୍ରୱାଲା, ସଭାପତି, ମାରୱାଡି ଯୁବାମଞ୍ଚ, ବୌଦ୍ଧ**

## ଦୂରଦୃଷ୍ଟିସମ୍ପନ୍ନ



“ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ବଜେଟ୍। ୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ପକ୍କାଘର ଓ ବିଜୁଳି ସଂଯୋଗ ତଥା ୨୦୨୪ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରଖି ବଜେଟ୍ ପ୍ରସ୍ତୁତି ହୋଇଛି। ଅତି ଧନିକ ଶ୍ରେଣୀଙ୍କ ଉପରେ ଅତିରିକ୍ତ ଟିକସ ବୃଦ୍ଧି ମାଧମରେ ଆୟବୃଦ୍ଧି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀଙ୍କ ପାଇଁ ବାଧକ ହେବ।

**- ଜୟକୃଷ୍ଣ ସାହୁ, ଆଡଭୋକେଟ, ବଲାଙ୍ଗୀର**

## ଘରୋଇକରଣ ପ୍ରକ୍ରିୟା ପୁଞ୍ଜିପତିଙ୍କୁ ସମୃଦ୍ଧ କରିବ



“ କେନ୍ଦ୍ର ସରକାରଙ୍କ ବଜେଟ ଶୁଣିବାକୁ ଶ୍ରୁତି ମଧୁର, ମାତ୍ର ଏଥିରେ ବାସ୍ତବତା କମ୍ ନଜରକୁ ଆସୁଛି। ସ୍ୱପ୍ନ ଦେଖାଇବାରେ କିଛି ଅସୁବିଧା ନାହିଁ। କାର୍ଯ୍ୟକାରୀ ହେବା ହିଁ ମୁଖ୍ୟ କଥା। ସବୁ ବର୍ଗର ଲୋକଙ୍କ ଉତ୍ଥାନ ନେଇ ବ୍ୟବସ୍ଥା ନାହିଁ। ବିଶେଷ କରି ଦେଶର ବେକାରଙ୍କ ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ଯୋଜନା ଥିବା ପରି ମନେ ହେଉନାହିଁ। ଘରୋଇକରଣ ପ୍ରକ୍ରିୟା ପୁଞ୍ଜିପତିଙ୍କୁ ସମୃଦ୍ଧ କରିବ। ସରକାର ବାକି ଯାହା ଚିତ୍ର ଦେଖାଇଛନ୍ତି ତାହା ପୂରଣ ହେବା ଦୁରୂହ ବ୍ୟାପାର। ଏଥିପାଇଁ କେନ୍ଦ୍ର ସରକାର ଅନ୍ୟ କୌଣସି ବ୍ୟବସ୍ଥା କରିବା ଆବଶ୍ୟକ ଥିଲା।

**- ରମେଶ ବଳ, ପୂର୍ବତନ ନଗରପାଳ, ରାଉରକେଲା**

## ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ



“ ବଜେଟରେ ବିଭିନ୍ନ ବର୍ଗକୁ ଖୁସି କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବିଶେଷରେ ବଜେଟ୍‌ରେ କୃଷି, ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦିଆଯାଇଛି। ମହିଳା ସଶକ୍ତୀକରଣ ଉପରେ ବି ଦୃଷ୍ଟି ଦିଆଯାଇଛି। ଆୟକର ସୀମା ଛାଡ଼ରେ ପରିବର୍ତ୍ତନ ଆସିଛି, ଯଦ୍ୱାରା ମଧ୍ୟବିତ୍ତ ପରିବାରମାନଙ୍କ ପାଇଁ ଆର୍ଥିକ ସ୍ଥିତି ସୁଧୁରିପାରିବ। କହିବାକୁ ଗଲେ ବଜେଟ୍ ଦେଶର ଅଗ୍ରଗତିରେ ସହାୟକ ହେବ ବୋଲି ଆଶା କରାଯାଉଛି।

**- ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍, ଦେବଗଡ଼**

## ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆସିବ



“ ବଜେଟ୍‌ରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ସ୍ପଷ୍ଟ ଆଭାସ ମିଳିଛି। ନୂତନ ଶିକ୍ଷାନୀତି ପ୍ରଚଳନ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିବ। ବିଶେଷ କରି ଉଚ୍ଚ ଗବେଷଣା କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ବିଦେଶୀ ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ କରିବା ପାଇଁ ଷ୍ଟଡି ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଘୋଷଣା କରିବା ଏ ଦେଶ ପାଇଁ ଗର୍ବର ବିଷୟ।

**- ଡ. ଉମେଶ ଚନ୍ଦ୍ର ଶତପଥୀ, ଶିକ୍ଷାବିତ୍, ଭବାନୀପାଟଣା**

## ଅର୍ଥନୈତିକ, ସାମାଜିକ ବିକାଶ ଉପରେ ଗୁରୁତ୍ୱ



“ ବହୁ ବର୍ଷ ପରେ ଏକ ଭଲ ବଜେଟ ଦେଖିବାକୁ ମିଳିଛି। ବଜେଟରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। କୃଷି ଏବଂ ଶିଳ୍ପ ବିକାଶ ଦିଗରେ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ମେକ୍ ଇନ୍ ଇଣ୍ଡିଆ ଉପରେ ଗୁରୁତ୍ୱ ଦେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ଦେଶର ଚାଷୀ, ଗରିବ, ଖଟିଖିଆ, ମହିଳା, ଯୁବ ସମାଜ ସକାଶେ ବିକାଶର ରାସ୍ତା ଦେଖାଇବ।

**- ସୁରେଶ କୁମାର ଦଣ୍ଡସେନା, ସାମାଜିକ କର୍ମୀ, ନୂଆପଡ଼ା**

## ପ୍ରତିଶ୍ରୁତି ପ୍ରତିଫଳିତ ହୋଇନାହିଁ



“ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ପୁଞ୍ଜିବାଦୀଙ୍କୁ ସୁହାଇଲା ଭଳି ହୋଇଛି। ଏଥିରେ ଗରିବ, ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ଭୁଆଁ ବୁଲାଯାଇଛି। ଏହି ବଜେଟରେ କୌଣସି ନୂତନତ୍ୱ ନାହିଁ। ଏହା ନୂଆଁ ବୋତଲରେ ପୁରୁଣା ମଦ ସଦୃଶ ହୋଇଛି। ଗରିବ ଲୋକଙ୍କୁ ମୋଦି ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରତିଫଳିତ ହୋଇନାହିଁ।

**- ନିମାଇଁ ଚରଣ ନାଏକ, ବରିଷ୍ଠ ଆଇନଜୀବୀ, ସୁନ୍ଦରଗଡ଼**

## ସ୍କୁଲଗୁଡ଼ିକ ଫି’ ବର୍ଦ୍ଧିତ କରିବେ



“ ଲାଗୁ ହେବାକୁ ଥିବା ନୂଆ ଶିକ୍ଷା ନୀତି ଅନୁସାରେ ଶିକ୍ଷା ବଜେଟ ଜିଡିପିର ୬% ହେବା କଥା। କିନ୍ତୁ ବଜେଟରେ ଏହି ବ୍ୟବସ୍ଥା ନାହିଁ ଏହା ଚିନ୍ତାର ବିଷୟ। ଅଶୋଧିତ ତୈଳରେ ୧% ସେସ୍ ବୃଦ୍ଧି ପରେ ପେଟ୍ରୋଲ ଏବଂ ତେଲ ଦର ବୃଦ୍ଧି ପାଇବ, ଯାହାକି ଯାତ୍ରୀ ଓ ପରିବହନ ଭଡ଼ା ବୃଦ୍ଧିକୁ ବାଧ କରିବ। ଫଳରେ ସ୍କୁଲଗୁଡ଼ିକ ଫି’ ବର୍ଦ୍ଧିତ କରିବେ। ଅଭିଭାବକମାନେ ହିଁ ପ୍ରଭାବିତ ହେବେ।

**- ବାସୁଦେବ ଭଞ୍ଜ, ଅଧକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

## ଗରିବଙ୍କ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱ



“ କେନ୍ଦ୍ର ବଜେଟରେ ଗ୍ରାମୀଣ ଅର୍ଥନୀତି, ମହିଳା ଓ ଗରିବଙ୍କ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଯେଉଁ ବର୍ଗ ମୋଦି ସରକାରଙ୍କୁ ବିପୁଳ ସମର୍ଥନ ଦେଇ ବିଜୟୀ କରାଇଛନ୍ତି, ସେମାନଙ୍କୁ ବଜେଟରେ ସନ୍ତୁଷ୍ଟ କରିବାକୁ ପ୍ରୟାସ ହୋଇଛି। ପେଟ୍ରୋଲ ଓ ଡିଜେଲ ଉପରେ ୧ ଟଙ୍କାର ଲିଟର ପିଛା ଅତିରିକ୍ତ କର ଲୋକଙ୍କୁ ବାଧିବ ଓ ମୂଲ୍ୟ ବଢ଼ାଇବ। ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ଏହା କରାଯାଇଥିବା ବେଳେ ପେଟ୍ରୋଲିୟମକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବା ଉଚିତ।

**- ଡାକ୍ତର ରବି ରଞ୍ଜନ ସାହୁ, କଟକ**

## ଗରିବ, ଚାଷୀଙ୍କୁ ଅଣଦେଖା



“ ଏହା ଗତାନୁଗତିକ ଓ ଜନବିରୋଧୀ ବଜେଟ। ସରକାରଙ୍କର ଚରିତ୍ର ବଜେଟରେ ପ୍ରତିଫଳିତ ହୋଇଛି। ଭିତ୍ତିଭୂମି ସୁଦୂରପ୍ରସାରୀ ଜଣାପଡୁଥିଲେ ମଧ ଏହା ଫଳବ୍ରତି ହେବାକୁ ଅଧିକ ସମୟ ଦରକାର। ଖଟିଖିଆ, ଦିନ ମଜୁରିଆ ଓ ଭୂମିହୀନ ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବ୍ୟବସାୟୀଙ୍କ ପାଇଁ ପେନସନ୍ ଓ କୃଷକମାନଙ୍କ ପାଇଁ ଯୋଜନା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ହେଁ କୃଷକ ସୁଫଳ ପାଇବେ ନାହିଁ।

**- ଅନନ୍ତ ମଙ୍ଗରାଜ, ସିପିଆଇଏମ ନେତା, ଖୋର୍ଦ୍ଧା**

## ଅଭିବୃଦ୍ଧି ପାଇଁ ସୁଚିନ୍ତିତ ପଦକ୍ଷେପ ନାହିଁ



“ ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, କୃଷି ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଭୃତ ସୁବିଧା ମିଳିବା ଆଶା କରାଯାଉଥିଲା। ଆସନ୍ତା ୫ବର୍ଷରେ ୫ଲକ୍ଷ ଡଲାର ଭାରତୀୟ ଅର୍ଥନୀତି ସ୍ୱପ୍ନ ଦେଖୁଥିବା ବଜେଟରେ ଅଭିବୃଦ୍ଧି ପାଇଁ ସୁଚିନ୍ତିତ ପଦକ୍ଷେପ ନାହିଁ।

**- ଉଲ୍ଲାସ ବେହୁରା, ପୂର୍ବତନ ଅତିରିକ୍ତ ଶାସନ ସଚିବ, ପୁରୀ**

## ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତିର ଗୁରୁତ୍ୱ କମ୍



“ ଗରିବ, କୃଷକ, ଶୋଷିତମାନଙ୍କୁ ଶକ୍ତିଶାଳୀ କରିବା ସହିତ କୃଷି, ଗ୍ରାମୀଣ ବିକାଶ ଆଦିକୁ ପ୍ରାଧାନ୍ୟ ଦିଆଯାଇ ରିଫର୍ମ, ପରଫର୍ମ ଓ ଟ୍ରାନ୍ସଫର୍ମକୁ ମୂଳମନ୍ତ୍ର କରାଯାଇ ଏଥର ବଜେଟ୍ ପ୍ରସ୍ତୁତ କରାଯାଇଛି। ସବୁ ଗାଁକୁ ପାନୀୟ ଜଳ ଏବଂ ସମସ୍ତଙ୍କୁ ସମାନ ଦରରେ ବିଜୁଳି ପାଇଁ ୱାନ ନେସନ୍-ୱାନ୍ ଗ୍ରୀଡ଼ ବ୍ୟବସ୍ଥା କରାଯାଇଛି। ୫ ଲକ୍ଷରୁ କମ୍ ଆୟ ପାଇଁ ଆୟକର ଛାଡ଼ ବଳବତ୍ତର ଥିବାବେଳେ କର୍ପୋରେଟ୍ କ୍ଷେତ୍ରରେ ୨୫୦ କୋଟି ପରିବର୍ତ୍ତେ ୪ଶହ କୋଟି କାରବାର ଥିବା କମ୍ପାନୀକୁ ୨୫% ଟିକସ ଦେବାକୁ ପଡ଼ିବ। ହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତିରେ ସେପରି କିଛି ଆଖି ଦୃଶିଆ ପଦକ୍ଷେପ ନିଆଯାଇନି। ବଜେଟରେ ଏସବୁ କ୍ଷେତ୍ରର ଗୁରୁତ୍ୱ କମ୍ ରହିଛି।

**- ଶରତ କୁମାର କର, ଶିକ୍ଷାବିତ୍, ଭୁବନେଶ୍ୱର**



ନିଷ୍ଠାପର ଲୋକ ହିଁ ଅନ୍ୟର ନିଷ୍ଠାକୁ ଚିହ୍ନିପାରେ।
- କାର୍ଲାଇଲ

## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ବିଶ୍ୱବିଦ୍ୟାଳୟର ଏନଏସ୍ଏସ୍ ପକ୍ଷରୁ ବନ ମହୋତ୍ସବ, ତାଳପଦେଶ୍ୱରୀ ମନ୍ଦିର ନିକଟ, ସକାଳ ୮ଟା ୩୦।
- ଇଣ୍ଡିଆନ ଡେଣ୍ଟାଲ କାଉନସିଲ ପକ୍ଷରୁ ଷଷ୍ଠତମ ବାର୍ଷିକ ମହିଳା ଦାନ୍ତ ସମ୍ବନ୍ଧୀୟ ପରିଷଦ ବୈଠକ, ହୋଟେଲ ନ୍ୟୁ ମାରିଆନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଏଓଏଚ୍ଡବ୍ଲୁଏ ପକ୍ଷରୁ ଦିବ୍ୟାଙ୍ଗଙ୍କ ଚିତ୍ରାଙ୍କନ ପ୍ରତିଯୋଗିତ ଓ ପୁରସ୍କାର ବିତରଣ ଉତ୍ସବ, ପଲାଶପଲ୍ଲୀ, ପୂର୍ବାହ୍ନ ୧୧ଟା।
- ସୁସମ୍ପର୍କ ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ, ବାଣୀ ବିଦ୍ୟାମନ୍ଦିର, ପଳାଶପଲ୍ଲୀ, ପୂର୍ବାହ୍ନ ୧୧ଟା।
- ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ରାଲି, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ତୋଷାଳି ୱାକରସ୍ କ୍ଲବ ପକ୍ଷରୁ ବନ ମହୋତ୍ସବ, ସେଣ୍ଟ ଜାଭିୟର ହାଇସ୍କୁଲ ପରିସର, ଭିଏସ୍ଏସ୍ ନଗର, ଅପରାହ୍ନ ୨ଟା ୩୦।
- ଜେଡି ଇନଷ୍ଟିଚ୍ୟୁଟ ଅଫ ଫ୍ୟାଶନ ଟେକ୍ନୋଲୋଜିର ବାର୍ଷିକ ଫ୍ୟାଶନ ଶୋ, ହୋଟେଲ ଏଚ୍ଏଚ୍ଆଇ, ସନ୍ଧ୍ୟା ୬ଟା।
- ଏବିଭିପି ପକ୍ଷରୁ ଆଲୋଚନାଚକ୍ର, ଇଡ୍କୋଲ ଅଡିଟୋରିୟମ, ସନ୍ଧ୍ୟା ୬ଟା।
- ହେଲ୍ପମେଟ ଅନୁଷ୍ଠାନ ପକ୍ଷରୁ ମାଗାଜିନ ‘ବନ୍ଧୁତ୍ୱ’ର ଦ୍ୱିତୀୟ ଅଧ୍ୟାୟ ଉନ୍ମୋଚନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୭ଟା।

**ପୁରୀ**

- କିରଣ ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷରୁ ପାନୀୟ ଜଳ ବଣ୍ଟନ, ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟ (ମେଡିକାଲ ଛକ), ପୂର୍ବାହ୍ନ ୧୧ଟା।

**ସାକ୍ଷୀଗୋପାଳ**

- ବନ ବିଭାଗ ଓ ଅବସରପ୍ରାପ୍ତ ଓଏଏସ୍ ସଂଘ ପକ୍ଷରୁ ବୃକ୍ଷରୋପଣ ଓ ଚାଷୀମାନଙ୍କୁ ଚାରା ବଣ୍ଟନ, ଗବକୁଣ୍ଡ, ପୂର୍ବାହ୍ନ ୯ଟା।

## କଟକ କଲେଜରେ ଖୋଲିଲା ଆଇଟି ପାଠ୍ୟକ୍ରମ

**କଟକ ଅଫିସ,୫।୭:** ଚଳିତ ଶିକ୍ଷାବର୍ଷଠାରୁ ନୂଆବଜାରସ୍ଥିତ କଟକ କଲେଜର ଯୁକ୍ତ ଦୁଇ କଳାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା (ଆଇଟି) ପାଠ୍ୟକ୍ରମ ଖୋଲିଛି। ବିଭାଗରେ ମୋଟ ୩୨ଟି ସିଟ୍ ରହିଛି। ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଏ ନେଇ ଅନୁମତି ପ୍ରଦାନ କରିଛି ବୋଲି କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି।

## ୩ ମହଲା ଛାତରୁ ଖସି ରୋଷେୟାଙ୍କ ମୃତ୍ୟୁ

**କଟକ ରୋଡ, ୫।୭(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଜଣେ ରୋଷେୟାଙ୍କ ଗୁରୁବାର ରାତିରେ ୩ମହଲା ଛାତରୁ ଖସି ପଡିବାରୁ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନରସିଂହପୁର ଥାନା ଶରଧାପୁର ଗ୍ରାମର ସଞ୍ଜୟ ନାୟକ(୨୩)। ସୂଚନା ଅନୁଯାୟୀ, ସଞ୍ଜୟ ଲକ୍ଷ୍ମୀସାଗର ଥାନା ଅଧୀନ ବମିଖାଲରେ ଥିବା ଏକ ଆପାର୍ଟମେଣ୍ଟରେ ଘର ଭଡା ନେଇ ରହୁଥିଲେ। ଗୁରୁବାର ରାତି ପ୍ରାୟ ୧୧ଟା ରେ ସଞ୍ଜୟ ତାଙ୍କ ବନ୍ଧୁଙ୍କ ସହ ଭଡାଘରକୁ ଫେରିଥିଲେ। ଉଭୟ ଖାଇବା ପରେ ସଞ୍ଜୟ ଛାତର ପାରାପେଟ ଉପରେ ବସିଥିଲେ। ସେଠାରୁ ସେ ତଳକୁ ଖସି ପଡିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଏ ନେଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୧୯/୧୯) ରୁଜୁ ହୋଇଛି।

## ୧୮ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**କଟକ ରୋଡ,୫।୭(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ ରେଞ୍ଜ ଶୁକ୍ରବାର ଲିଙ୍ଗରାଜ ଥାନା ଅଧୀନ ବଶିଷ୍ଠ ନଗର ଅଞ୍ଚଳରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଅଞ୍ଚଳରେ ରହୁଥିବା ସାଗର ଭୋଇ। ତାଙ୍କ ଠାରୁ ୧୮ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୧ଲକ୍ଷ ୮୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସଞ୍ଜୟ ବଶିଷ୍ଠନଗରରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ସୂଚନା ମିଳିବା ପରେ ପୂର୍ବାହ୍ନ ପ୍ରାୟ ୧୦ଟା ରେ ରେଞ୍ଜ ଅଧିକାରୀଙ୍କ ସହ ଏକ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ଏନେଇ ଅବକାରୀ କାର୍ଯ୍ୟାଳୟରେ ମାମଲା(ନଂ. ୨୪/୨୦୧୯-୨୦୨୦)ରୁଜୁ ହୋଇଛି।

# ‘ଗାନ୍ଧୀ ସର୍କିଟ’କୁ ଭୁଲିଗଲେ ସରକାର

**ଭୁବନେଶ୍ୱର,୫।୭(ବ୍ୟୁରୋ)**

- ୨୦୧୫ରେ ଆରମ୍ଭ ହୋଇଥିଲା ପ୍ରକ୍ରିୟା
- ବିଧାନସଭାରେ ଘୋଷଣା କରିଥିଲେ ସରକାର
- ହୋଇପାରିଲାନି ଇଟର୍ନାଲ୍ ଗାନ୍ଧୀ ପିସ୍ ସେଣ୍ଟର

ମହାତ୍ମା ଗାନ୍ଧୀଙ୍କ ଓଡିଶା ଗସ୍ତକୁ ଉଜ୍ଜୀବିତ କରି ରଖିବା ପାଇଁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀ ସର୍କିଟ୍ର ପରିକଳ୍ପନା କରାଯାଇଥିଲା। ମୃତ୍ୟୁ ପୂର୍ବରୁ ଗାନ୍ଧିଜୀ ଓଡିଶାର ଯେଉଁସବୁ ସ୍ଥାନକୁ ଆସିଥିଲେ ତାହାକୁ ଏକାଠି କରି ଗାନ୍ଧୀ ସର୍କିଟ୍ରେ ପରିଣତ କରିବାକୁ ୨୦୧୫ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏନେଇ ବ୍ୟାପକ ଆଲୋଚନା ହୋଇଥିଲା। ଗୁଜରାଟର ଏକ ପ୍ରତିନିଧି ଦଳ ଓଡିଶା ଗସ୍ତକରି ଭିତ୍ତିଭୂମି ବୁଲି ଦେଖିଥିଲେ। ତାହାର ବିକାଶ ଲାଗି ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବ ବୋଲି ସରକାରଙ୍କ ପକ୍ଷରୁ ବିଧାନସଭାରେ ଘୋଷଣା କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଘୋଷଣା କେବଳ ପରିକଳ୍ପନାରେ ରହିଯାଇଥିବାବେଳେ ଗାନ୍ଧିଜୀଙ୍କ ସହ ଜଡ଼ିତ ଉକ୍ତ ସ୍ଥାନଗୁଡିକ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସୂଚନା ଅନୁଯାୟୀ, ୧୯୨୧ରେ ପ୍ରଥମଥର ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସିଥିଲେ। ମାର୍ଚ୍ଚ ମାସରେ କଟକରେ ପହଞ୍ଚିବା ପରେ କାଠଯୋଡି ପଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମ ଲାଗି ଗାନ୍ଧିଜୀ ସେଠାରେ ମଞ୍ଚି ବୁଣିଥିଲେ। ଏହାପରେ ସେ ଭଦ୍ରକ ଜିଲାର ସାଳନ୍ଦୀ ନଦୀ ନିକଟରେ ଏକ ସଭାରେ ଯୋଗଦେଇ ସେଠାରୁ ସିଧା ପୁରୀ ଅଭିମୁଖେ ଯାଇଥିଲେ। ମାର୍ଚ୍ଚ ୨୯ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ମିଶି ବ୍ରହ୍ମପୁର ଯାଇଥିଲେ। ସେଠାରେ ଏକ ବିଶାଳ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଫେରିଯାଇଥିଲେ। ସେହିଭଳି ୧୯୨୫ ଅଗଷ୍ଟରେ ଗାନ୍ଧିଜୀ ଦ୍ୱିତୀୟ ଥର ଲାଗି କଟକକୁ ଆସିଥିଲେ। ୧୯୨୭ ଡିସେମ୍ବରରେ ବାଲେଶ୍ୱର, ଭଦ୍ରକ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ପରେ କଟକ ଫେରି ଆସିଥିଲେ। ୧୯୨୮ରେ ଝାରସୁଗୁଡା ଏବଂ ସମ୍ବଲପୁର ଗସ୍ତରେ ଆସିଥିଲେ। ୧୯୩୪ ମେ’ରେ ଓଡିଶା ଗସ୍ତ କରିବା ସମୟରେ ଏକାଧିକ ସଭାରେ ଅଭିଭାଷଣ ପ୍ରଦାନ କରିଥିଲେ। ଝାରସୁଗୁଡା, ସମ୍ବଲପୁର, ଭଦ୍ରକ, ପୁରୀର ବିଭିନ୍ନ ସଭାରେ ଯୋଗଦେଇ ପୁରୀରୁ କଟକ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ଏହି ପଦଯାତ୍ରା ସମୟରେ ସେ ହରେକୃଷ୍ଣପୁର, ଚନ୍ଦନପୁର, ସାକ୍ଷୀଗୋପାଳ, କାଦୁଅ ଆଶ୍ରମ, ଦାଣ୍ଡମୁକୁନ୍ଦପୁର, ପିପିଲି, ବାଲକାଟୀ, ସତ୍ୟଭାମାପୁର, ତେଲେଙ୍ଗାପେଣ୍ଠ, କାଜିପାଟଣା ଦେଇ ଅତିକ୍ରମ କରିଥିଲେ। ଏକ ସପ୍ତାହ ଧରି ଅବିଭକ୍ତ କଟକ, ଭଦ୍ରକ ଏବଂ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନକୁ ଗସ୍ତ କରିଥିଲେ। ୧୯୩୮ ମାର୍ଚ୍ଚରେ ପୁରୀ ଜିଲାର ଗାନ୍ଧୀ ସେବାସଂଘର ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିଲେ। ଶେଷଥର ଲାଗି ୧୯୪୬ରେ କଟକ ଏବଂ ବ୍ରହ୍ମପୁରରେ ଭାଷଣ ଦେଇଥିଲେ ଗାନ୍ଧୀ।

ମହାତ୍ମା ଗାନ୍ଧୀ ଗସ୍ତ କରିଥିବା ସ୍ଥାନଗୁଡିକରେ ତାଙ୍କର ଜୀବନୀ ଏବଂ ଚାଲିଚଳଣି ଆଜି ବି ଦେଖିବାକୁ ମିଳୁଛି। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଉକ୍ତ ସ୍ଥାନଗୁଡ଼ିକର ବିକାଶ କରି ତାହାକୁ ପରସ୍ପର ସହ ଯୋଡ଼ିବାକୁ ଗାନ୍ଧୀ ସର୍କିଟ୍ର ପରିକଳ୍ପନା କରାଯାଇଥିଲା। କଟକର ସ୍ୱରାଜ ଆଶ୍ରମ, ତେଲେଙ୍ଗାପେଣ୍ଠ, ପୁରୀ ଜିଲାର ବେରବୋଇ ଏବଂ ବାଲିଅନ୍ତାକୁ ଏହି ସର୍କିଟରେ ଅନ୍ତର୍ଭୁକ୍ତ କରାଯାଇଥିବା ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ। ଏପରି କି ପ୍ରଥମ ପର୍ଯ୍ୟାୟରେ ଡେଲାଙ୍ଗର ବେରବୋଇ ଏବଂ ବାଲିଅନ୍ତାର ନିକୁଞ୍ଜ ବିହାରୀର ଭିତ୍ତିଭୂମି ବିକାଶ ସହ ଟଙ୍କପାଣି ରୋଡ୍ ଅଞ୍ଚଳରେ ଗାନ୍ଧିଜୀଙ୍କର ୧୧ଟି ପ୍ରତିମୂର୍ତ୍ତି ସ୍ଥାପନା କରି ତାହାକୁ ଗାନ୍ଧୀ ସର୍କିଟ ସହ ଯୋଡ଼ିବାକୁ ମଧ ମନ୍ତ୍ରୀ ଘୋଷଣା କରିଥିଲେ। ଏଥିପାଇଁ ୩କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିଲା। କେବଳ ଗାନ୍ଧୀ ସର୍କିଟ୍ ନୁହେଁ, ଖଣ୍ଡଗିରି ପାଦଦେଶରେ ୨୦୧୩ରୁ ନିର୍ମାଣ ପାଇଁ ଯୋଜନା ହୋଇଥିବା ଇଟର୍ନାଲ୍ ଗାନ୍ଧୀ ପିସ୍ ସେଣ୍ଟର ମଧ ଆଜିପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏନେଇ ବର୍ତ୍ତମାନର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏନେଇ ଯାଞ୍ଚ କରିବାପରେ ପଦକ୍ଷେପ ନେବେ ବୋଲି କହିଛନ୍ତି।



## ବିଜିୟୁ ଓ ଏମ୍ଏମ୍ୟୁ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଓ ମାଲେସିଆସ୍ଥିତ ମଲ୍ଟି ମିଡିଆ ୟୁନିଭର୍ସିଟି (ଏମ୍ଏମ୍ୟୁ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣା ଅନୁସାରେ ଗବେଷଣା ସହ ଷ୍ଟୁଡେଣ୍ଟ ଫାକଲ୍ଟି ଏକ୍ସଚେଞ୍ଜ ପ୍ରୋଗ୍ରାମ ଜରିଆରେ ଉଭୟ ଶିକ୍ଷାନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବାକୁ ପରସ୍ପରକୁ ସହଯୋଗ ପ୍ରଦାନ କରିବେ। ବିଜିୟୁର କୁଳପତି ଡ. ପ୍ରଫେସର ସୁଧାକର ପଣ୍ଡା ଏବଂ ଏମ୍ଏମ୍ୟୁର ସଭାପତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଦାତୁକ୍ ଟିଏସ୍ ଏବଂ ଡ. ଅହମ୍ମଦ ରଫି ଇସାକ୍ ଏହି ବୁଝାମଣା ସ୍ୱାକ୍ଷରିତ କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ଏବଂ ଏମ୍ଏମ୍ୟୁ ଏଫ୍ଓବିର ଡିନ୍ ଗେରାଲ୍ଡ ଗୋ ଗୁଆନ୍ ଉପସ୍ଥିତ ଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ବିଜିୟୁର ୪୦ଜଣ ଛାତ୍ରୀଛାତ୍ର ପ୍ରଫେସର ସୁଜିତ କୁମାର ପାତ୍ର ଓ ପ୍ରଫେସର ଅର୍ଚ୍ଚନା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏକ ସପ୍ତାହ ପର୍ଯ୍ୟନ୍ତ ଏମ୍ଏମ୍ୟୁକୁ ଷ୍ଟଡି ଟୁର୍ରେ ଯାଇଥିଲେ। ଅନ୍ୟପକ୍ଷରେ ଦୀର୍ଘ ୨୦ବର୍ଷ ଧରି ଶିକ୍ଷାକ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଏମ୍ଏମ୍ୟୁ ମାଲେସିଆ ଛାତ୍ରୀଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଜ୍ଞାନ ପ୍ରଦାନ କରିଆସୁଥିବାବେଳେ ଏହି ଶିକ୍ଷାନୁଷ୍ଠାନ ସହ ଏମ୍ଓୟୁ ଦ୍ୱାରା ବିଜିୟୁ ଛାତ୍ରୀଛାତ୍ରମାନେ ବିଶେଷ ଉପକୃତ ହେବେ। ଏହାବ୍ୟତୀତ ବିଜିୟୁର ସ୍ଲୋଭେନିଆସ୍ଥିତ ୟୁନିଭର୍ସିଟି ଅଫ୍ ଲୁବ୍ଲିନିୟା, ଫ୍ରାନ୍ସର ଏସ୍କା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଏବଂ ପୋଲାଣ୍ଡସ୍ଥିତ କୋଜମିନ୍ସ୍କି ସହ ସହବନ୍ଧନ ରହିଛି।

## ତନିଷ୍କର ରଥଯାତ୍ରା ଅଫର

**ଭୁବନେଶ୍ୱର,୫।୭**




ଗ୍ରାହକଙ୍କ ରଥଯାତ୍ରା ଶପିଂକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଦେଶର ଭରସାଯୋଗ୍ୟ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ରଥଯାତ୍ରା ଅଫର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକ ସୁନା ଗହଣା ଗଢା ମୂଲ୍ୟରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହାସହ ପ୍ରତି କ୍ରୟରେ ମାଗଣା ସୁନା ମୁଦ୍ରା ପାଇପାରିବେ। ରାଜ୍ୟରେ ଉପଲବ୍ଧ ସମସ୍ତ ତନିଷ୍କ ଶୋ’ ରୁମ୍ରେ ଏହି ଅଫର ଉପଲବ୍ଧ। ପବିତ୍ର ରଥଯାତ୍ରା ଅବସରରେ ଗ୍ରାହକ ଏହି ଦୁଇଟି ଅଫର ମାଧମରେ ସେମାନଙ୍କ ଶପିଂକୁ ମୂଲ୍ୟଯୁକ୍ତ କରପାରିବେ। ତନିଷ୍କର ଅତ୍ୟାଧୁନିକ କଲେକ୍ସନ୍ ଯଥା- ସ୍ୱୟମ୍, ଉତ୍ସବ, ଲାବଣ୍ୟମ, ଗୁଲନାଜ୍, ପ୍ରିନ ଏବଂ ଆଭିର ଆଦିରୁ ସେମାନଙ୍କ ପସନ୍ଦର ଗହଣା କିଣିପାରିବେ। ଏହି କଲେକ୍ସନରେ ଗହଣାଗୁଡ଼ିକ ମାତ୍ର ୧୦ହଜାର ଟଙ୍କାରୁ ଆରମ୍ଭ ହେଉଥିବା ଶୋ’ ରୁମ ପକ୍ଷରୁ କୁହାଯାଇଛି।

### ଓକିଲଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

## ଆଜିଠାରୁ ସ୍ୱାଭାବିକ ହେବ ଭୁବନେଶ୍ୱର କୋର୍ଟ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ଓକିଲଙ୍କୁ ଆକ୍ରମଣ ଘଟଣା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଭୁବନେଶ୍ୱର ବାର ଆସୋସିଏଶନ ପକ୍ଷରୁ ଗତ ୨୦ ତାରିଖରୁ କାର୍ଯ୍ୟ ବନ୍ଦ ଚାଲିଥିଲା। ଏଥିଯୋଗୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ଓ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହ ମାମଲାର ବିଚାର ହୋଇ ନ ପାରିବାରୁ ନ୍ୟାୟ ପାଇବାରେ ବିଳମ୍ବ ହୋଇଥିଲା। ଇତିମଧ୍ୟରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ହାଇକୋର୍ଟରୁ ଆଗୁଆ ଜାମିନ ପାଇଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶୁକ୍ରବାର ଭୁବନେଶ୍ୱର ବାର ଆସୋସିଏଶନ ପକ୍ଷରୁ ଏକ ବୈଠକ ବସିଥିଲା। ବହୁ ସମୟ ଧରି ଆଲୋଚନା କରାଯିବା ପରେ ଶେଷରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା। ଏ ସମ୍ପର୍କରେ ଆସୋସିଏଶନ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ସୂଚନା ଦେଇ ଶନିବାରଠାରୁ ସ୍ୱାଭାବିକ ଭାବେ କୋର୍ଟ କାର୍ଯ୍ୟ ଚାଲୁରହିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ଜମିର ସୀମା ନିର୍ଦ୍ଧାରଣକୁ ନେଇ ଦୁଇଜଣ ଓକିଲଙ୍କୁ ଉକ୍ତ ଅଞ୍ଚଳର ୬ଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ଓକିଲ ଗୁରୁତର ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ପ୍ରଥମେ ମାମଲା ରୁଜୁ କରି ବସି ପଡିଥିଲା। ଶେଷରେ ଭୁବନେଶ୍ୱର ବାର ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇ ଥିଲା।

### ଏସ୍‌ସି ଓ ଏସ୍‌ଟି ହଷ୍ଟେଲରେ ଛାତ୍ରୀ ଗର୍ଭବତୀ ହେବା ଘଟଣା

# ପୀଡ଼ିତାଙ୍କ ଠିକଣା ଦେଇ ହରବରଘଣାରେ ପୋଲିସ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

**କମିଶନରେଟ ପୋଲିସ ନାଁରେ ପିଟିଶନ**

ରାଜଧାନୀର ଏକ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି ଓ ଏସ୍‌ଟି) ଛାତ୍ରୀ ନିବାସରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଘଟଣାକୁ ନେଇ ବିବାଦରେ ଛନ୍ଦି ହୋଇଛି ପୋଲିସ। ଗଣମାଧମକୁ କମିଶନରେଟ ପୋଲିସ ପକ୍ଷରୁ ଦିଆଯାଇଥିବା ପ୍ରେସ୍ ରିଲିଜ୍‌ରେ ପରୋକ୍ଷରେ ପୀଡିତାଙ୍କ ଠିକଣା ଉଲ୍ଲେଖ କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଚାଇଲ୍ଡ ଲାଇନ୍ ଡାଇରେକ୍ଟର ବେଣୁଧର ସେନାପତି ଉଭୟ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ଓ ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ (ଓଏସ୍‌ସିପିସିଆର୍)ରେ ପିଟିଶନ କରିଛନ୍ତି। ପୋଲିସର ଏପରି ପ୍ରେସ୍ ରିଲିଜ୍ କେୟାର ଆଣ୍ଡ ପ୍ରେଟେକ୍ସନ ଅଫ୍ ଚିଲଡ୍ରେନ ଆକ୍ଟ ୨୦୧୭ ସେକ୍ସନ ୭୪କୁ ଉଲ୍ଲଂଘନ କରୁଛି। ପୋକ୍‌ସୋ ଆକ୍ଟ ଅନୁଯାୟୀ କୌଣସି ନାବାଳିକା ପୀଡିତାଙ୍କ ପରିଚୟ ବା ଘର ଠିକଣା ସର୍ବସମ୍ମୁଖରେ ପ୍ରକାଶ କରିବା ଦଣ୍ଡନୀୟ ଅପରାଧ ଅଟେ। କମିଶନରେଟ ପୋଲିସ ପୋକ୍‌ସୋ,ଜେଜେ ଆକ୍ଟ ଏବଂ ଚାଇଲ୍ଡଲାଇନର ଗାଇଡ୍ ଲାଇନକୁ ଉଲ୍ଲଂଘନ କରିଥିବା ନେଇ ଗଣମାଧମରେ ବୁଧବାର ଖବର ପ୍ରକାଶ ପାଇଥିଲା। ଏହାକୁ ଆଧାର କରି ଭୁବନେଶ୍ୱର ଚାଇଲ୍ଡଲାଇନ ଡାଇରେକ୍ଟର ସେନାପତି ପିଟିସନ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଉଲ୍ଲେଖ କରାଯାଇଛି। ଏପରି ଘଟଣାକୁ ଓଏସ୍‌ସିପିସିଆର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଅତି ଗୁରୁତ୍ୱର ସହ ନେଇ କହିଛନ୍ତି, ଅନେକ ଘଟଣାରେ ନାବାଳିକା ପୀଡିତାଙ୍କ ଠିକଣା ସର୍ବସମ୍ମୁଖକୁ ଆସିବା ପରେ ଅନେକ ଆତ୍ମହତ୍ୟାର ପନ୍ଥା ବାଛିନେବାର ନଜିର ରହିଛି। ତେଣୁ ଉକ୍ତ ଘଟଣାରେ ତଦନ୍ତକାରୀ ଅଧିକାରୀ କିପରି ଅବହେଳା ପ୍ରଦର୍ଶନ କଲେ। ଏ ନେଇ ପୋଲିସ କମିଶନରଙ୍କୁ ଚିଠି କରାଯିବା ସହ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ । ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com


ବିଭୂତି


ଅଜିତ୍


ଟୁବୁଲା


ଅଭିଷେକ


ସୌଭାଗ୍ୟ


ତୁଷାରକାନ୍ତ



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ରହିଥାଏ।
- ମହାତ୍ମାଗାନ୍ଧୀ



# ରାସ୍ତାରେ ଲହଡ଼ି ମାରୁଛି ବର୍ଷାଜଳ



ଏସ୍‌ପ୍ଲାନେଡ୍ ନିକଟରେ ଜମିରହିଥିବା ବର୍ଷା ଜଳ।



ରାଜମହଲଠାରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତାରେ ଲହଡ଼ି ମାରୁଛି ପାଣି।

- ବିଭିନ୍ନ ସ୍ଥାନରେ ଡ୍ରେନ ଜାମ୍
- ମୌସୁମୀ ମୁକାବିଲାରେ ବିଏମ୍‌ସି ଫେଲ

ଭୁବନେଶ୍ୱର,୫।୭(ବ୍ୟୁରୋ)

ଜନପଥ, କଟକରୋଡ଼, ସଚିବାଳୟ ମାର୍ଗ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ବାଣୀବିହାର ପରି ପ୍ରମୁଖ ଅଞ୍ଚଳର ରାସ୍ତାରେ ସାମାନ୍ୟ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ପାଣି ଜମୁଛି। ସହରର ସମସ୍ତ ଆଭ୍ୟନ୍ତରୀଣ ଡ୍ରେନ ସଫେଇ ହୋଇସାରିଛି ବୋଲି ବିଏମ୍‌ସି କହୁଥିବାବେଳେ ମାତ୍ର ପ୍ରକୃତରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ମୌସୁମୀ ଆରମ୍ଭରୁ ରାଜଧାନୀରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହେଉଛି।

ଜନପଥ ଏବଂ ସଚିବାଳୟ ମାର୍ଗକୁ ସ୍ମାର୍ଟ କରିବା କଥା ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ ଚିନ୍ତା କରିସାରିଲେଣି। କିନ୍ତୁ ଜନପଥରେ ଯାତାୟାତ କରିବା ଭୁବନେଶ୍ୱରବାସୀଙ୍କ ପାଇଁ ବଡ଼ କଷ୍ଟସାଧ୍ୟ ହେଉଛି। ନୂଆକରି ରାଜମହଲରୁ ଶିଶୁ ଭବନ ଛକ ଯାଏଁ କରାଯାଇଥିବା ରାସ୍ତା ଓ ଡ୍ରେନ ଆବଶ୍ୟକତାଠାରୁ ଅଧିକ ଉଚ୍ଚତାରେ ଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ବର୍ଷାଜଳ ଦୀର୍ଘସମୟ ଧରି ରାସ୍ତାରେ ଲହଡ଼ି ମାରୁଛି।

ସେହିପରି କଟକରୋଡର ସ୍ଥିତି ମଧ୍ୟ ସମାନ। ବମିଖାଲ ଓଭରବ୍ରିଜ୍‌ରୁ ଏସ୍‌ପ୍ଲାନେଡ ଶପିଂ ମଲ ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମୁଛି। ଇଞ୍ଜା ଅଫିସ୍‌ର ବିପରୀତ ପାର୍ଶ୍ୱରେ ଏହି ସ୍ଥିତି ସଙ୍ଗିନ ହୋଇପଡୁଛି। ଡ୍ରେନ ଉପରେ ବେଆଇନ୍ ନିର୍ମାଣଗୁଡ଼ିକୁ ଉଚ୍ଛେଦ ନ କରି ଲୋକଦେଖାଣିଆ ଭାବେ ଡ୍ରେନ ସଫେଇ କରି କର୍ମଚାରୀ ଚାଲିଯାଉଛନ୍ତି। ଏଥିଯୋଗୁ ଏଭଳି ସମସ୍ୟା ଦେଖାଯାଉଛି ବୋଲି ବମିଖାଲ ଅଞ୍ଚଳର ସାମାଜିକ କର୍ମୀ ପ୍ରଶାନ୍ତ ଦାସ କହିଛନ୍ତି। ଅନୁରୂପ ଭାବେ ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଇସ୍କନ, ବାଣୀବିହାର ଓ ରସୁଲଗଡ଼ ଛକରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହି ଚିତ୍ର ଦେଖିଲା ପରେ ବିଏମ୍‌ସି ମୌସୁମୀ ମୁକାବିଲା ପାଇଁ କରିଥିବା ପ୍ରସ୍ତୁତି ଫେଲ ମାରିଥିବା ପ୍ରତିଫଳିତ ହେଉଛି।

ଏନେଇ ବିଏମ୍‌ସି ଡ୍ରେନେଜ୍ ବିଭାଗୀୟ ଇଞ୍ଜିନିୟର ପ୍ରଦୀପ ଦୁରିଆ କୁହନ୍ତି, ସମସ୍ତ ଡ୍ରେନର ସଫେଇ ସରିବା ପରେ ପୁଣିଥରେ କାର୍ଯ୍ୟ ଆରମ୍ଭ ହେଉଛି। ପ୍ରଥମ ବର୍ଷା ହେବା ପରେ ଡ୍ରେନ ବାହାରେ ଥିବା ଅଳିଆ ଭିତରେ ପଶିବାରୁ ଡ୍ରେନ ଜାମ ରହୁଛି। ଏନେଇ ସଫେଇ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ରାଜଧାନୀବାସୀଙ୍କୁ ଜଳବନ୍ଦୀ ସମସ୍ୟାରୁ କେମିତି ଦୂରେଇ ରଖାଯାଇପାରିବ ସେନେଇ ବିଏମ୍‌ସି ଚେଷ୍ଟା ଚଳାଇଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଭୁବନେଶ୍ୱରରେ ମୌସୁମୀ ବର୍ଷା ଦିନତମାମ୍ ଲାଗି ରହିଥିଲା। ଏଥିରେ ବିଭିନ୍ନ ଅଞ୍ଚଳରେ ହାରାହାରି ୨୦ ମିମିରୁ ଉର୍ଦ୍ଧ୍ୱ ବର୍ଷା ହୋଇଥିବା କାରଣରୁ ରାସ୍ତାରେ ପାଣି ଜମିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। କିଛି ସ୍ଥାନରେ ଗାଡି ପଛକୁ ପଛ ଧାଡିବାନ୍ଧି ଘଣ୍ଟାଏ ପର୍ଯ୍ୟନ୍ତ ଛିଡା ହୋଇଥିଲେ। ଯାତାୟାତରେ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପ୍ରତ୍ୟେକଥର ବିଏମ୍‌ସି ପକ୍ଷରୁ ଏହାର ନିରାକରଣ ପାଇଁ ବ୍ୟବସ୍ଥା କରାଯାଉଛି ହେଲେ କିଛି ସୁଫଳ ମିଳୁନି।

## ■ ବର୍ଷାଜନିତ ସମସ୍ୟାର ମୁକାବିଲା ପାଇଁ ବିଏମ୍‌ସିର ତତ୍ପରତା
# ସମ୍ବେଦନଶୀଳ ଅଞ୍ଚଳ ତଦାରଖ କଲେ ଅଧିକାରୀ

- ଭାଗବତ ସନ୍ଧାନ ଅଞ୍ଚଳରେ ଘର ନିର୍ମାଣ ବନ୍ଦ କଲେ
- ଡ୍ରେନ୍ ସଫା କରିବାକୁ ଏନ୍‌ଏଚ୍‌ଆଇକୁ ଅବଗତ କରାଗଲା

ଭୁବନେଶ୍ୱର, ୫।୭(ବ୍ୟୁରୋ)

ମୌସୁମୀ ବର୍ଷା ଜାରି ରହିଥିବାବେଳେ ରାଜଧାନୀବାସୀ ଯେପରି ଜଳ ନିଷ୍କାସନଜନିତ ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ବିଏମ୍‌ସି ତତ୍ପର ହୋଇପଡ଼ିଛି। ବିଶେଷକରି ଆରମ୍ଭରୁ ଭୁବନେଶ୍ୱର ସମେତ ସହରର କେତେକ ସ୍ଥାନରେ ବର୍ଷାପାଣି ଜମି ରହି ସମସ୍ୟା ସୃଷ୍ଟି କରିଥିଲା। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ବିଏମ୍‌ସି ପଦକ୍ଷେପ ଆରମ୍ଭ କରିଛି। ଶୁକ୍ରବାର ବିଏମ୍‌ସି ଅତିରିକ୍ତ କମିଶନର ଶ୍ରୀମନ୍ତ ମିଶ୍ରଙ୍କ ସହ ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ଉତ୍ତର ମଣ୍ଡଳ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର-୧ ପି.ଏସ୍.ଏନ୍. ପାତ୍ର, ଡ୍ରେନେଜ୍ ଇଞ୍ଜିନିୟର ପ୍ରଦୀପ ସାଗର ଦୁରିଆ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ସେମାନଙ୍କ ସହ ବିଭାଗୀୟ ଅଧିକାରୀ ଓ ଅମିନମାନେ ଥିଲେ। ୱାର୍ଡ ନଂ.୧୯ ଅନ୍ତର୍ଗତ ଭାଗବତ ସନ୍ଧାନ ଅଞ୍ଚଳରେ ଉପରୋକ୍ତ ଅଧିକାରୀମାନେ ଜଳବନ୍ଦୀ ସମସ୍ୟାର ସମୀକ୍ଷା କରିଥିଲେ। ପାଣି ଯିବା ବାଟରେ ବେଆଇନ ଭାବେ ଘରୋଇ ନିର୍ମାଣ କରାଯାଉଥିବା ଅଧିକାରୀଙ୍କ ଦୃଷ୍ଟିଗୋଚର ହୋଇଥିଲା। ଅତିରିକ୍ତ କମିଶନ ମିଶ୍ର ତୁରନ୍ତ ଉକ୍ତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଜମିର ସ୍ଥିତି ଅନୁଧ୍ୟାନ ନ କରାଯିବା ଯାଏ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ଅଧିକାରୀମାନେ କହିଛନ୍ତି। ସେହିପରି ଅଧିକାରୀମାନେ ୱାର୍ଡ ନଂ. ୩୮ ଅନ୍ତର୍ଗତ ନୟାପଲ୍ଲୀ ଖିମ୍‌ଜୀ ଗଳିରେ ଥିବା ଡ୍ରେନ୍ ଡିସେଲଟିଙ୍ଗ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ସିଆର୍‌ପି ଛକରେ ଜାତୀୟ ରଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଦ୍ୱାରା କରାଯାଇଥିବା ରାସ୍ତାତଳ ଡ୍ରେନ୍‌ରେ ଆବର୍ଜନା ଜମା ହୋଇଥିବା ଦେଖିଥିଲେ। ଉକ୍ତ ଡ୍ରେନ ସଫା ହେଉ ନ ଥିବାରୁ ଇସ୍କନ ମନ୍ଦିର ନିକଟରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଉପୁଜୁଛି। ଉକ୍ତ ଡ୍ରେନ୍‌ର ନିୟମିତ ସଫେଇ କରିବା ନିମନ୍ତେ ଅଧିକାରୀମାନେ ଏନ୍‌ଏଚ୍‌ଏଆଇଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### କଟର ମେଶିନ ଚୋରି ଅଭିଯୋଗ, ୨ ଗିରଫ

**ପୁରୁଣା ଭୁବନେଶ୍ୱର,୫।୭(ଡି.ଏନ୍.ଏ.):** କାଠ କଟର ମେଶିନ ଚୋରି ଅଭିଯୋଗରେ ଶୁକ୍ରବାର ଏୟାରଫିଲ୍ଡ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କାରଗିଲ ବସ୍ତି କେଳା ସାହିର ଶିବ ଭୋଲଏବଂ ବାବୁ ମିଶ୍ର। ସୂଚନା ମୁତାବକ, ଅଭିଯୁକ୍ତଦ୍ୱୟ ଶୁକ୍ରବାର ପୂର୍ବାହ୍ନରେ ସୁନ୍ଦରପଦା-ଜଟଣୀ ରୋଡରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟ ଅମୀୟ ରଞ୍ଜନ ମହାରଣାଙ୍କ ଘରୁ କାଠ କଟର ମେଶିନ ଚୋରି କରି ନେଇଥିଲେ। ଏହି ସମୟରେ ସ୍ଥାନୀୟଲୋକେ ଜାଣିପାରି ୨ଜଣଙ୍କ ଧରି ପୋଲିସ ଜିମା ଦେଇଥିଲେ। ପରେ ଅମୀୟଙ୍କ ଅଭିଯୋଗ କରିବା ପରେ ପୋଲିସ ୧୦୫/୧୯ରେ ଏକ ମାମଲା ରୁଜୁ କରିଛି।

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗିରଫ

**ବାଲକାଟୀ,୫।୭(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଟଙ୍କପାଣି ବ୍ରିଜ ଉପରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଏକ ହାଇୱା ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ବିଜୟ ଜେନା। କିନ୍ତୁ ସେ ଭୁବନେଶ୍ୱରର ଚକେଇସିଆଣିରେ ରହୁଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱା ଓ ବାଇକ୍‌କୁ ବାଲକାଟୀ ଫାଣ୍ଡି ପୋଲିସ ଜବତ କରିଥିବାବେଳେ ଡ୍ରାଇଭରକୁ ଗିରଫ କରାଯାଇଥିବା ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବିଜୟ ନିଜ ବାଇକ (ନଂଓଆର ୦୨ଏଏଲ ୨୦୬୧) ଯୋଗେ ଟଙ୍କପାଣି ବ୍ରିଜ ଦେଇ ସାଇ ମନ୍ଦିର ଅଭିମୁଖେ ଯାଉଥିବା ସମୟରେ ବିପରୀତ ପଟୁ ଆସୁଥିବା ନଂ ଓଡି ୦୨ଏଆର ୨୧୨୯ ହାଇୱାଟି ଧକ୍କା ଦେଇଥିଲା। ସେଠାରେ ହିଁ ବିଜୟଙ୍କ ମୃତ୍ୟୁ ହୋଇଯିବାବେଳେ ହାଇୱା ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇଯାଇଥିଲା। ପରେ ଫାଣ୍ଡି ଅଧିକାରୀ ପହଞ୍ଚି ଡ୍ରାଇଭର ଫେରାର ହୋଇଥିବା ଜାଣି ପରେ ଧଉଳି ଥାନା ଅଞ୍ଚଳରୁ ଡ୍ରାଇଭର ଓ ହାଇୱାକୁ ଧରିଥିଲା। ଏ ନେଇ ବାଲିଅନ୍ତା ଥାନାରେ ନଂ ୧୬୫/୧୯ରେ ଏକ ମାମଲା ରୁଜୁ ହୋଇଛି।

### ବ୍ଲକ ଶିକ୍ଷାଧିକାରୀଙ୍କୁ ଶିକ୍ଷା ପ୍ରବୀଣା ସମ୍ମାନ

**ବାଲିଅନ୍ତା,୫।୭(ଡି.ଏନ୍.ଏ.):** ନହର କଣ୍ଟାସ୍ଥିତ ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ସସ୍ମିତା ମାଳି, ରମାକାନ୍ତ ଜେନା, ମହେନ୍ଦ୍ର ଜେନା, ଡା.କାମଦେବ ପତି, ପ୍ରଦୀପ ଛୋଟରାୟ ଓ ମନୁ ମହାରଣା ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ମାଳିଙ୍କୁ ବିଦ୍ୟାଳୟ ପକ୍ଷରୁ 'ଶିକ୍ଷା ପ୍ରବୀଣା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ପାତ୍ର ମଧ ତାଙ୍କୁ ମାନପତ୍ର ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟାଯାଇଥିଲା। ଭାରପ୍ରାପ୍ତ ଶିକ୍ଷକ ତୋଫାନ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଆମ ପୋଲିସ ସମିତି ବୈଠକ

**ବାଲିଅନ୍ତା,୫।୭(ଡି.ଏନ୍.ଏ.):** ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଅଧୀନ ବାଲିଅନ୍ତା ଥାନା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଆମ ପୋଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ପ୍ରଦୀପ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ପାହାଲ ଫାଣ୍ଡି ଅଧିକାରୀ ଓମ ପ୍ରକାଶ ମହାନ୍ତି, ବାଲକାଟୀ ଫାଣ୍ଡିଅଧିକାରୀ ଦେବେନ୍ଦ୍ର କୁମାର ସାହୁଙ୍କ ସମେତ ସମିତିର ସମସ୍ତ ସଭ୍ୟ ଯୋଗଦେଇଥିଲେ। ସମିତି ସଭ୍ୟମାନେ ନିଜ ନିଜ ପଞ୍ଚାୟତ ଅଞ୍ଚଳରେ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ନିଶା କାରବାର ବନ୍ଦ, ଟ୍ରାଫିକ ସମସ୍ୟା ଓ ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡା ପଦକ୍ଷେପ ଉପରେ ନିଜର ମତ ଉପସ୍ଥାପନା କରିଥିଲେ। ସଭ୍ୟ ଦିଲୀପ କୁମାର ସାହୁ ପୋଲିସ କର୍ମଚାରୀଙ୍କ ପାଇଁ ଏକ ବ୍ୟାରକ ନିର୍ମାଣ ଓ ଭିଙ୍ଗାରପୁର ଅଞ୍ଚଳ ପାଇଁ ଏକ ପିସିଆର ଗାଡି ଯୋଗାଇ ଦେବାପାଇଁ ବୈଠକ ଦାବି କରିଥିଲା। ସେହିପରି ସଭ୍ୟ ମହେଶ ରାୟ ପୋଲିସ ଓ ପବ୍ଲିକ ମଧରେ ଥିବା ଦୂରତା ହ୍ରାସ କରିବାସହ ଅପରାଧୀଙ୍କ ଉପରେ କଡ଼ା ପଦକ୍ଷେପ ନେବାକୁ ଦାବି ରଖିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ବନ ମହୋତ୍ସବ

**ବାଲିଅନ୍ତା,୫।୭(ଡି.ଏନ୍.ଏ.)**–ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ଶିକ୍ଷାମନ୍ଦିରର ଛାତ୍ରୀଛାତ୍ର, ଗୁରୁଜୀ ଗୁରୁମା ସାମିଲ ହୋଇ ବିଭିନ୍ନ ଚାରା ରୋପଣ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆଙ୍କ ଅଧକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଯୋଗଦେଇ ଛାତ୍ରୀଛାତ୍ର ନିଜ ଘର ବଗିଚାରେ ବୃକ୍ଷ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ସାମନ୍ତରାୟ, ସନ୍ତୋଷ ଜେନା ଓ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ଅଧ୍ୟାପକଙ୍କ ସହ ଛାତ୍ରମାନେ ବୃକ୍ଷ ରୋପଣ କରୁଛନ୍ତି।

## ଯୌତୁକ ପାଇଁ ନିର୍ଯାତନା, ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

ଭୁବନେଶ୍ୱର, ୫।୭(ବ୍ୟୁରୋ)

ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ସାଲିଆ ସାହି ହାତିଆଣ୍ଡୁଣି ବସ୍ତିରେ ରହୁଥିବା ନରେନ୍ଦ୍ର ବରାଳ (୩୪)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ମୁତାବକ, ୨୦୦୭ରେ ନରେନ୍ଦ୍ର ପ୍ରେମ ବିବାହ କରିଥିଲେ। ତାଙ୍କର ୧୨ ବର୍ଷର ଗୋଟିଏ ଝିଅ ଓ ୮ ବର୍ଷର ଗୋଟିଏ ପୁଅ ଅଛନ୍ତି। ନରେନ୍ଦ୍ର ଗୋଟିଏ କ୍ୟାଟରିଂ ସଂସ୍ଥାରେ କାର୍ଯ୍ୟ କରନ୍ତି। ଅନେକ ସମୟରେ ନରେନ୍ଦ୍ର ତାଙ୍କ ସ୍ତ୍ରୀକୁ ମାଡ ମାରିବା ସହ ବାପଘରୁ ଟଙ୍କା ଆଣିବାକୁ କହିଥିଲେ। ଏନେଇ ନୟାପଲ୍ଲୀ ଥାନାରେ ୨୦୧୭ରେ ଏକ ମାମଲା (ନଂ-୪୦୨/୧୯) ରୁଜୁ ହୋଇଥିଲା। ଅଭିଯୋଗ ପରେ ପୋଲିସ ଉଭୟଙ୍କୁ ଡ଼ାକି ସମାଧାନ କରିଥିଲା । ପରେ ଦୁହେ ମିଳିମିଶି ରହି ଆସୁଥିଲେ । ପୁଣି କିଛିଦିନ ହେବ ଉଭୟଙ୍କ ଭିତରେ କଳହ ଲାଗି ରହିଥିଲା। ଗୁରୁବାର ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ସ୍ତ୍ରୀଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବାକୁ ନରେନ୍ଦ୍ର ଉଦ୍ୟମ କରଥିଲେ। ରାତିରେ ମରଣାନ୍ତକ କରିବା ସହ ହତ୍ୟା ଉଦ୍ୟମ କରୁଥିବାବେଳେ ଚିତ୍କାର ଶୁଣି ପଡୋଶୀ ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୪୯୮(ଏ), ୩୦୭ରେ କେସ୍ ନଂ.୨୯୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଓୟୁଏଟିକୁ ଗଲା ବାରାସିଙ୍ଗାର ମାଂସ ନମୁନା

ବାରଙ୍ଗ,୫।୭(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୮ନଂ ଏନ୍‌କ୍ଲୋଜରରେ ଥିବା ୮ବର୍ଷର ଏକ ମାଇ ବାରାସିଙ୍ଗାର ମାଂସ ନମୁନା ଶୁକ୍ରବାର ପରୀକ୍ଷା ପାଇଁ ଓୟୁଏଟିକୁ ପଠାଯାଇଛି। ଗତ କିଛିଦିନ ହେବ ବାରାସିଙ୍ଗାଟିର ବାମପଟ ଆଖିପତା ଫୁଲିଥିଲା। ଧୀରେ ଧୀରେ ଏହି ଫୁଲା ପରିମାଣ ବଢିବାରୁ ନନ୍ଦନକାନନର ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ସାଜିବା ସହ ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସା ସତ୍ତ୍ୱେ ଫୁଲା ପରିମାଣ କମି ନଥିଲା। ଫଳରେ ଏହାର କାରଣ ଜାଣିବା ପାଇଁ ଶୁକ୍ରବାର ନନ୍ଦନକାନନ ତରଫରୁ ବାରାସିଙ୍ଗାଟିର ଫୁଲାସ୍ଥାନରୁ ମାଂସ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି। ଏହି ରିପୋର୍ଟ ଆସିବା ପରେ ଫୁଲାର କାରଣ ଜଣାପଡିବା ସହ ନିରାକରଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ୍ ଅଶୋକ କୁମାର ଦାସ କହିଛନ୍ତି। ଏବେ ନନ୍ଦନକାନନରେ ବାରାଶିଙ୍ଗା ସଂଖ୍ୟା ୧୦ ଥିବାବେଳେ ସେଥିମଧ୍ୟରେ ୪ ମାଇ ଓ ୬ ଅଣିରା ରହିଛନ୍ତି।

## ବିପଦସଙ୍କୁଳ ସ୍ଥିତିରେ ରହିଛି ବିଦ୍ୟୁତ୍ ଖୁଣ୍ଟ

ପୁରୁଣା ଭୁବନେଶ୍ୱର,୫।୭(ଡି.ଏନ୍.ଏ.)

ଫନୀକୁ ଦୁଇମାସ ବିତି ଯାଇଥିବାବେଳେ ଏବେ ବି କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟଗୁଡିକ ସଜଡା ନ ହୋଇ ବିପଜ୍ଜନକ ଅବସ୍ଥାରେ ରହିଛି। ପୋଖରୀପୁଟ ଅଞ୍ଚଳର କୋକିଳା ଏନ୍‌କ୍ଲେଭ ୧ ଓ ୨କୁ ସଂଲଗ୍ନ ହୋଇଥିବା ଅନନ୍ତ ବିହାର ରାସ୍ତାରେ ଥିବା ଏକ ବିଦ୍ୟୁତ ଖୁଣ୍ଟଟି ବାତ୍ୟାରେ ଭାଙ୍ଗିପଡିଥିଲା। ବାତ୍ୟା ପରେ ରାଜଧାନୀରେ ବହୁ ବିଦ୍ୟୁତ ଖୁଣ୍ଟ ସଜଡା ହୋଇଥିବାବେଳେ ଏହି ଖୁଣ୍ଟଟି ଏଯାବତ ମରାମତି ହୋଇପାରିନାହିଁ। ଫଳରେ ବର୍ଷାଜଳ ପଡି ଖୁଣ୍ଟରେ ଗଛଲତା ଉଠିଯାଇଥିବାବେଳେ ରାସ୍ତା ଉପରୁ ଅଧା ନଇଁ ପଡି ଗଲାଣି। ଉକ୍ତ ରାସ୍ତାରେ ପ୍ରତ୍ୟହ ହଜାର ହଜାର ଜନସାଧାରଣ ଯାତାୟାତ କରିଥାନ୍ତି। ଏହାସହ ବିଦ୍ୟାଳୟର ଗାଡ଼ିଗୁଡ଼ିକ ଛାତ୍ରୀଛାତ୍ରମାନଙ୍କୁ ଉକ୍ତ ରାସ୍ତାଦେଇ ନେବା ଆଣିବା କରିଥାଏ। କେଉଁ ମୁହୂର୍ତ୍ତରେ ବି ଖୁଣ୍ଟଟି ଲୋକଙ୍କ ଉପରେ ପଡିଯାଇପାରେ ତାହା କହିବା ମୁସ୍କିଲ୍। ଏହିପରି ଅନେକ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ ଦାବି କରିଛନ୍ତି।



## ବିଜେଇଏମ୍ ସ୍କୁଲ୍‌ରେ ସମ୍ବର୍ଦ୍ଧନା ଉତ୍ସବ




ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଭୁବନେଶ୍ୱର, ୫।୭(ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ୍ ପକ୍ଷରୁ ଚଳିତ ବର୍ଷ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଆଇ.ସି.ଏ.ଆର୍‌ର ବୈଜ୍ଞାନିକ ଡ. ପି.ଏସ୍. ବ୍ରହ୍ମାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କର ବୈଜ୍ଞାନିକ ମନୋବୃତ୍ତି, ଶୈକ୍ଷିକ ଚେତନା, ଅନ୍ତର୍ନିହିତ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ରଘୁନାଥ ମିଶ୍ର ପିଲାମାନଙ୍କୁ ନୀତିନିଷ୍ଠ, ସମୟାନୁବର୍ତ୍ତୀ ହେବା ପାଇଁ କହିଥିଲେ। କମିଟିର ମ୍ୟାନେଜର ପ୍ରତାପ କୁମାର ଜେନା ଓ ଆଡିଶନାଲ ମ୍ୟାନେଜର ଚିତ୍ତରଞ୍ଜନ ବରିଶାଲ ପିଲାମାନଙ୍କୁ ଶିକ୍ଷା ପ୍ରତି ଶ୍ରଦ୍ଧା ସହ ନୈତିକ ଓ ବୌଦ୍ଧିକ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଉପାଧକ୍ଷ ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ଶିବାନୀ ପଟ୍ଟନାୟକ, ସୁଚରିତା ଦାସ, ବରିଷ୍ଠ ଶିକ୍ଷକ ନଳିନୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୯୨ ଜଣ ଏବଂ ଦ୍ୱାଦଶ ବିଜ୍ଞାନର ୪୭, ବାଣିଜ୍ୟରେ ୯୦%ରୁ ଅଧିକ ନମ୍ବର ରଖିଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ ଧନ୍ୟବାଦ ଦେଇଥିଲେ।

## ■ ଛାତରୁ ଡେଇଁ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ
# ଟିଭି ଚ୍ୟାନେଲର ଭିଜୁଆଲ୍ ଏଡିଟର ଗିରଫ

**ଏଡିଟ୍ କରି ଅଶ୍ଳୀଳ ଫଟୋ ଭାଇରାଲ କରିଥିଲେ**

ଭୁବନେଶ୍ୱର, ୫।୭(ବ୍ୟୁରୋ)

ଜଣେ ନାବାଳିକାଙ୍କୁ ପ୍ରେମ କରି ଫସିଛନ୍ତି ଜଣେ ଘରୋଇ ଟିଭି ଚ୍ୟାନେଲର ଭିଜୁଆଲ ଏଡିଟର। ନାବାଳିକା ତାଙ୍କ ପ୍ରେମ ନିବେଦନକୁ ପ୍ରତ୍ୟାଖାନ କରିବା ପରେ ଯୁବକ ଜଣକ ତାଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ଏପରିକି ନାବାଳିକାଙ୍କର କିଛି ଫଟୋକୁ ଅଶ୍ଳୀଳ ଫଟୋରେ ଯୋଡ଼ି ସୋସିଆଲ ମିଡିଆରେ ଛାଡ଼ି ଦେଇଥିଲେ। ଏହାଜାଣିବା ପରେ ନାବାଳିକା ଜଣକ ଗୁରୁବାର ଦୁଇ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିଲେ। ତେବେ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ କାମାକ୍ଷାନଗର ଅଞ୍ଚଳର ପ୍ରକାଶ ପରିଡା(୨୨)। ପୋଲିସ ଆଇପିସି ଦଫା ୩୦୬, ୩୫୪(ଡି), ୫୦୬, ୨୯୪, ୫୦୭ ଓ ୧୨ ପସ୍‌କୋ ଆକ୍ଟ ଏବଂ ୬୭(ବି) ଆଇଟି ଆକ୍ଟରେ ମାମଲା (ନଂ.୨୪୭/୧୯) ରୁଜୁ କରି ପ୍ରକାଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ପ୍ରକାଶ ଏକ ଘରୋଇ ଟିଭି ଚ୍ୟାନେଲ୍‌ରେ ଭିଜୁଆଲ ଏଡିଟରଭାବେ କାମ କରନ୍ତି। ଏହାସହ ସେ କେତେକ ସଂସ୍ଥାରେ ଡକ୍ୟୁମେଣ୍ଟାରୀ ଓ ସିରିଏଲ୍ ଭିଜୁଆଲ ଏଡିଟିଂ କରନ୍ତି। ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ନାବାଳିକା ଜଣକ ପରିବାର ସହ ରୁହନ୍ତି। ଏକ ଦୋକାନରେ ନାବାଳିକାଙ୍କ ମା'ଙ୍କ ସହ ପ୍ରକାଶଙ୍କର ପରିଚୟ ହୋଇଥିଲା। ତାଙ୍କ ପୁଅକୁ ଫିଲ୍ମରେ ରୋଲ୍ କରାଇ ଦେବାକୁ କହି ସମ୍ପର୍କ ବଢ଼ାଇଥିଲେ। ଯାହାଫଳରେ ନାବାଳିକାର ଭାଇ ନାବାଳିକାର ଫୋନ୍ ନମ୍ବରରେ ପ୍ରକାଶ ସହ ଫିଲ୍ମରେ ରୋଲ କରାଇଦେବା ସମ୍ପର୍କରେ କଥା ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶ ମହିଳାଙ୍କ ଝିଅ ସଂସ୍ପର୍ଶରେ ଆସି ତାଙ୍କୁ ମିଛ କଥା କହି ପ୍ରେମ ଜାଲରେ ଫସାଇଥିଲେ। ଏପରିକି ନାବାଳିକାଙ୍କୁ ବାହାରକୁ ନେଇ ବୁଲାବୁଲି କରିଥିଲେ। ଏହି ସମୟରେ ପ୍ରକାଶ ନାବାଳିକାଙ୍କ ସହ କିଛି ଫଟୋ ନିଜ ମୋବାଇଲ୍ ଫୋନ୍‌ରେ ରଖିଥିଲେ। କୌଣସି କାରଣରୁ ନାବାଳିକା ଜଣକ ଦୂରେଇ ଯିବାରୁ ପ୍ରକାଶ ତାଙ୍କ ମୋବାଇଲ୍ ଫୋନ୍‌କୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ନାନା ଧମକ ଦେଇ ଆସୁଥିଲେ। ଶେଷରେ ପ୍ରତିଶୋଧ ପରାୟଣ ହୋଇ ଫଟୋ ଭାଇରାଲ କରିଥିଲେ।

## ବିଧାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୫।୭(ବ୍ୟୁରୋ)

ଭୁବନେଶ୍ୱର ଉତ୍ତର ଜୋନର ପୂର୍ବତନ କର୍ପୋରେଟର ଓ ମହିଳା ମହାସଂଘ ପକ୍ଷରୁ ନବନିର୍ବାଚିତ ବିଧାୟକମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ସାଧାରଣଉଦ୍ୟୋଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଛନ୍ତି। ୱାର୍ଡ ୧୨ସ୍ଥିତ ନ୍ୟୁ ଗଭର୍ନମେଣ୍ଟ କଲୋନୀରେ ହୋଇଥିବା ଏହି ସମ୍ବର୍ଦ୍ଧନା ସମାରୋହରେ ବିଧାୟକମାନେ ନିଜ ଅଭିଭାଷଣ ରଖିଥିଲେ, ଏସ୍ଏଚ୍‌ଜି ମହିଳାଙ୍କ ଲାଗି ସରକାର ବିଭିନ୍ନ ଯୋଜନା କରିଥିବାବେଳେ ଋଣ ଯୋଗାଇବାରେ ମଧ୍ୟ ଅବହେଳା କରୁନାହାନ୍ତି। ରାଜ୍ୟ ସରକାର ସଦାସର୍ବଦା ମହିଳାଙ୍କୁ ସମ୍ମାନ ଦିଅନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ସେଠୀ, ପ୍ରେମାନନ୍ଦ ଜେନା, ଝୁନିବାଳା ଦେଇ, ବାସନ୍ତି ସିଂ, ସ୍ୱର୍ଣ୍ଣପ୍ରଭା ରାୟ, ସୁକାନ୍ତି ସୁବୁଦ୍ଧି, ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।






▲ ମହାପ୍ରଭୁ ସୁଦର୍ଶନ, ବଳଭଦ୍ର, ମା’ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ଶୁକ୍ରବାର ପହଣ୍ଡିରେ ଆଡ଼ପମଣ୍ଡପକୁ ନିଆଯାଉଛି।

# ଜନ୍ମବେଦିରେ ଚତୁର୍ଦ୍ଧାବିଗ୍ରହ



## ସଅଳ ହେଲା ପହଣ୍ଡି

## ଆଜିଠୁ ମିଳିବ ଆଡ଼ପ ଅବଢ଼ା

**ପୁରୀ ଅଫିସ, ୫।୭**

ଜନ୍ମବେଦିରେ ଏବେ ଚତୁର୍ଦ୍ଧାବିଗ୍ରହ। ବଡ଼ଦାଣ୍ଡରେ ଦୁଇଦିନ ଭକ୍ତଙ୍କୁ ଦର୍ଶନ ଦେବା ପରେ ଶୁକ୍ରବାର ଆଡ଼ପମଣ୍ଡପକୁ ବିଜେ କରିଛନ୍ତି ମହାପ୍ରଭୁ। ଶନିବାରଠାରୁ ଜନ୍ମବେଦିରେ ଭକ୍ତଙ୍କୁ ଦର୍ଶନ ଦେବେ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ। ସେହିପରି ଆଡ଼ପ ଅବଢା ମଧ୍ୟ ମିଳିବ।

ଭଉଣୀଭାଇଙ୍କୁ ସାଥିରେ ଧରି ଗୁରୁବାର ଘୋଷଯାତ୍ରାରେ ବାହାରିଥିଲେ କଳାଠାକୁର। ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରୁ ରଥ ଟାଣିନେଇ ଶରଧାବାଲିରେ ପହଞ୍ଚାଇଥିଲେ। ତେବେ ରାତିରେ ବର୍ଷାରେ ଭିଜିଥିଲେ ଚତୁର୍ଦ୍ଧାବିଗ୍ରହ। ସେହିପରି ଅନେକ ଶ୍ରଦ୍ଧାଳୁ ବର୍ଷାରେ ଭିଜି ଠାକୁରଙ୍କ ଦର୍ଶନ କରିଥିଲେ। ରଥାରୂଢ ଶ୍ରୀବିଗ୍ରହମାନେ ଶୁକ୍ରବାର ଦିନତମାମ୍ ଭକ୍ତଙ୍କୁ ଦର୍ଶନ ଦେବା ପରେ ବାହାରିଥିଲେ ଜନ୍ମବେଦିକୁ। ସଅଳ ପହଣ୍ଡି ପାଇଁ ପ୍ରସ୍ତୁତି କରାଯାଇଥିଲା। ମଙ୍ଗଳ ଆଳତିଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ନ ୪ଟା ସୁଦ୍ଧା ସରିବା ପରେ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ମୁଦିରସ୍ତ ସେବକ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ତୁଳି ଲାଗି କରିଥିଲେ। ଅପରାହ୍ନ ୫ଟା ୫୫ରେ ବାଜିଥିଲା ବିଜେ କାହାଳୀ। ଚାରମାଳ ବନ୍ଧାବେଳେ ବର୍ଷା ଆରମ୍ଭ ହୋଇଥିଲା, ମାତ୍ର ମହାପ୍ରଭୁଙ୍କ ପହଣ୍ଡି ପୂର୍ବରୁ ଛାଡ଼ିଯାଇଥିଲା। ସନ୍ଧ୍ୟା ୬ଟାରେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପମଣ୍ଡପକୁ ବିଜେ ହୋଇଥିଲେ। ସନ୍ଧ୍ୟା ୬ଟା ୨୫ରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପ ଯାଇଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସନ୍ଧ୍ୟା ୬ଟା ୪୦ରେ ବଡଠାକୁର ବଳଭଦ୍ର ଏବଂ ସାଢେ ୭ଟାରେ ଦେବୀ ସୁଭଦ୍ରା ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଥିଲେ। ରାତି ୮ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ସାଢେ ୮ଟାରେ ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରମାନଙ୍କର ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବିଡ଼ିଆ ମଣୋହୀ କରିବା ସହିତ କର୍ପୁର ଆଳତି କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ରାତି ୯ଟା ସୁଦ୍ଧା ପହଣ୍ଡି ସରିଥିଲା। ଶନିବାର ଭୋର ୫ଟାରେ ଦ୍ୱାରଫିଟା ହୋଇ ଭିତର ଶୋଧ ସରିବା ପରେ ମଙ୍ଗଳ ଆଳତି ହେବ। ଏହାପରେ ମଇଲମ, ତଡ଼ପ ଲାଗି, ଅବକାଶ ସରି ସକାଳ ସାଢେ ୭ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ୧ଘଣ୍ଟା ସାହାଣମେଳା ଦର୍ଶନ ଅନୁଷ୍ଠିତ ହେବ ବୋଲି ସମୟ ନିର୍ଘଣ୍ଟ ହୋଇଛି। ସେହିପରି ଶନିବାରଠାରୁ ଭକ୍ତଙ୍କୁ ମିଳିବ ଆଡ଼ପ ଅବଢା। ଗୁଣ୍ଡିଚା ମନ୍ଦିର ରୋଷଘରେ ଏହା ପ୍ରସ୍ତୁତ କରାଯିବ।

# ଅଣଚାଶ ପବନ, ପିଙ୍ଗଳା ଯୋଗ ଓ ମା’ ସୁଭଦ୍ରା

**ଐତିହ୍ୟ ପୃଷ୍ଠାରୁ...**

ମରଣ ପୂର୍ବରୁ ଅର୍ଥାତ୍ ଦେହରୁ ଜୀବନ ଶକ୍ତି ଅଲଗା ହେବାବେଳେ ଯେଉଁ ମୁଖର ନିଃଶ୍ୱାସ ବହେ ତାକୁ ଅଣଚାଶ ପବନ ବୋହିଲାଣି ବୋଲି କୁହାଯାଏ। ବାୟୁର ଏହି ଅଣଚାଶ ବିଭାଗ ସମ୍ବନ୍ଧରେ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ମହର୍ଷି କଶ୍ୟପଙ୍କ ପତ୍ନୀ ଅଦିତି ବାୟୁଙ୍କୁ ଗର୍ଭରେ ଧାରଣ କରିଥିଲେ। ଅଦିତିଙ୍କ ସଉତୁଣୀ ଦିତି ଏଥିରେ ଈର୍ଷାନ୍ୱିତ ହୋଇ ପୁତ୍ର ଇନ୍ଦ୍ରଙ୍କୁ ଅଦିତିଙ୍କ ଗର୍ଭରେ ଥିବା ଭ୍ରୂଣକୁ ସାତଖଣ୍ଡ କରିଦେବାକୁ ଆଦେଶ ଦେଇଥିଲେ। ମା’ଙ୍କ ଇଚ୍ଛାକୁ ପୂରଣ କଲେ ଦେବରାଜ ଇନ୍ଦ୍ର, ତଥାପି ଖଣ୍ଡିତ ଭ୍ରୂଣ ନ ମରିବା ଦେଖି ପ୍ରତ୍ୟେକ ଖଣ୍ଡକୁ ଆଉ ସାତଖଣ୍ଡ କରି କାଟିଦେଇଥିଲେ। ଅଣଚାଶ ଖଣ୍ଡ ହେବା ପରେ ବି ଗୋଟିଏ ଖଣ୍ଡ ମରିବାର ଜଣାଗଲା ନାହିଁ। ଠିକ୍ ସମୟରେ ସେମାନେ ଗର୍ଭରୁ ବାହାରି ଆସିଥିଲେ। ତାହାଙ୍କୁ ଅଣଚାଶ ବାୟୁ କୁହାଯାଏ। ତାଙ୍କର ନାମ ମଧ୍ୟ ରହିଅଛି।

ଏମାନେ ଭିନ୍ନ ଭିନ୍ନ ଗୁଣ ନେଇ ମହାକାଳ ସହିତ ଜଡ଼ିତ ହୋଇଯାଇଥିଲେ। ପ୍ରାଣ ସହିତ ମିଶିଯିବା ପରେ କୁହାଗଲା–ସର୍ବଂ ପ୍ରାଣମୟଂ ଜଗତ୍। ଏମାନଙ୍କ ଦ୍ୱାରା ମେଘ ହେଉଥିବାରୁ ମେଘକୁ ବାୟୁଦାରୁ କୁହାଯାଏ। କୁଆପଥରକୁ ବାୟୁଫଳ କୁହାଯାଏ। ଶରୀରରେ ବାୟୁ ସଞ୍ଚାଳନ ହେଉଥିବା ଶିରାକୁ ବାୟୁବାହିନୀ ଶିରା କୁହାଯାଏ। ଓଡ଼ିଶାର ଯୋଗୀମାନେ ବାୟୁବାହିନୀ ଶିରାକୁ ପ୍ରୟୋଗ କରି ସିଦ୍ଧି ପାଇଁ ଏକ ଜପ ବ୍ୟବସ୍ଥା ଆରମ୍ଭ କରିଥିଲେ। ତାହା ଥିଲା–ଅଜପା ଜପ। ମଧ୍ୟଯୁଗୀୟ ପଞ୍ଚସଖା ମହାପୁରୁଷ ଅଚ୍ୟୁତାନନ୍ଦ ଓ ଯଶୋବନ୍ତ ପ୍ରଭୃତି ଅଜପା ଜପରେ ଆକାଶଗାମିନୀ ବିଦ୍ୟାରେ ପ୍ରବେଶ କରିଥିଲେ। ଜୀବନ୍ତ ଗଛ ଉପରେ ବସି ଯିବା, ନିର୍ଜୀବ କାନ୍ଥ ଉପରେ ବସି ଯିବାଆସିବାରେ ସେମାନେ ସଫଳ ହୋଇଥିଲେ। ଆମେ ଜାଣିଛେ ଅଜପା ଜପ କହିଲେ ଅ ଠାରୁ କ୍ଷ ପର୍ଯ୍ୟନ୍ତ ପୁଣି କ୍ଷ ଠାରୁ ଅ ପର୍ଯ୍ୟନ୍ତ ଓଲଟା ଜପ।

ପଞ୍ଚସଖା ଥିଲେ ଶୂନ୍ୟବାଦୀ। ଶୂନ୍ୟବାଦର ଇଷ୍ଟ ଥିଲେ ସେମାନଙ୍କ ପାଇଁ ଶ୍ରୀଜଗନ୍ନାଥ। ସେମାନେ ଶ୍ରୀଚତୁର୍ଦ୍ଧାବିଗ୍ରହଙ୍କୁ ଏକ, ଏକ ବିଗ୍ରହଙ୍କୁ ଚାରି, ଭାବରେ ଦର୍ଶନିକ ତତ୍ତ୍ୱ ଦୃଷ୍ଟିରୁ ସମୀକରଣ କରିଥିଲେ। ସେମାନଙ୍କ ପାଇଁ ମା’ ସୁଭଦ୍ରା ଥିଲେ ଇଚ୍ଛାଶକ୍ତିର ପ୍ରତୀକ। ଏକଥା ସେମାନେ ନିଜ ନିଜ ଲେଖାରେ ପ୍ରମାଣ କରି କହିଛନ୍ତି। ଇଚ୍ଛାଶକ୍ତିଙ୍କୁ ଆଧାର କରି ଅଜପା ସାଧନାରେ ସେମାନେ ପ୍ରବେଶ କରିଥିଲେ ପିଙ୍ଗଳା ଯୋଗରେ। ସନାତନ ଧାରାରେ ବର୍ଣ୍ଣିତ ଯୋଗଠାରୁ ଓଡ଼ିଆ ସାଧକମାନେ ଆପଣେଇ ନେଇଥିବା ପିଙ୍ଗଳା ଯୋଗ ସମ୍ପୂର୍ଣ୍ଣ ଅଲଗା ଏବଂ ସ୍ୱତନ୍ତ୍ର। ପୂର୍ବରୁ ଯୋଗ ଦର୍ଶନରେ ଏହି ଯୋଗ ନ ଥିଲା। ପିଙ୍ଗଳା ଯୋଗ ପାଇଁ ମାଧ୍ୟମ କଲେ ଶରୀରର ବାୟୁବାହିନୀ ଶିରାକୁ। ଲକ୍ଷ୍ୟ ରହିଲା ଇଚ୍ଛାଶକ୍ତିକୁ ଆୟତ୍ତ କରିବା। ଇଚ୍ଛାଶକ୍ତି ସ୍ୱରୂପା ଦେବୀ ସୁଭଦ୍ରାଙ୍କ ନିକଟତର ହେଲେ ଶୂନ୍ୟବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଆପଣେଇ ହେବ। ଏହି ଧାରାରେ ସେମାନେ ପିଣ୍ଡ/ବ୍ରହ୍ମାଣ୍ଡ ରହସ୍ୟର ସୂଚନା ଦେଇଛନ୍ତି। ପିଙ୍ଗଳା ଯୋଗର ଅନ୍ୟତମ ଯୋଗୀ ଥିଲେ ଓଡ଼ିଶାର ରଇ ଦାସ। ରଇ ଦାସଙ୍କ ଜୀବନଧାରା ଓ ସାଧନାର ସଫଳତା ସିଂହଦ୍ୱାର ଗୁମୁଟର ଡାହାଣ ପଟେ ଥିବା ଶ୍ରୀପତିତପାବନଙ୍କ ତଳେ ଦେଖିବାକୁ ମିଳେ।

– ଡ. ସୁରେନ୍ଦ୍ର କୁମାର ମିଶ୍ର

**ଭାରା ବନ୍ଧା ସରିଲା**

# ଆଜି ଗର୍ଭଗୃହ ଯାଞ୍ଚ କରିବେ ବିଶେଷଜ୍ଞ

**ପୁରୀ ଅଫିସ, ୫।୭**

ଘୋଷଯାତ୍ରାରେ ଯାଇ ଏବେ ଆଡ଼ପମଣ୍ଡପରେ ମହାପ୍ରଭୁ। ନଅଦିନ ବ୍ୟାପୀ ଜନ୍ମବେଦିରେ ଅବସ୍ଥାନ କରିବେ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ କରାଯିବ। ଗର୍ଭଗୃହର ପ୍ରଥମ ଓ ଦ୍ୱିତୀୟ ମହଲା ଯାଞ୍ଚ ଲାଗି ଶୁକ୍ରବାର ଭାରା ବନ୍ଧା କାମ ସରିଛି। ଯାଞ୍ଚ କରିବାକୁ ଥିବା କମିଟି ମଧ୍ୟରେ ରୁରକିସ୍ଥିତ ସେଣ୍ଟ୍ରାଲ ମାଇନିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ(ସିବିଆର୍ଆଇ)ର ବିଶେଷଜ୍ଞମାନେ ସାମିଲ ଅଛନ୍ତି। ଶନିବାର ପୂର୍ବାହ୍ନ ୧୦ଟାରେ ଏହି ଯାଞ୍ଚ ହେବ। ସିବିଆର୍ଆଇର ବିଶେଷଜ୍ଞ ଅଞ୍ଚଲ ମିତ୍ତଲ, ଏଏସ୍ଆଇର ଅଧୀକ୍ଷଣ ଯନ୍ତ୍ରୀ (ଦିଲ୍ଲୀ) ଅତୁଲ କୁଲକର୍ଣ୍ଣିଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର୍ କମିଟି, ଶ୍ରୀମନ୍ଦିର ଅଧିକାରୀ ଓ ଇଞ୍ଜିନିୟର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଅନୁଧ୍ୟାନ କରିବେ। ଜଗମୋହନ ପୋର୍ଟାଲ ଫ୍ରେମ୍‌ରେ ଲାଗିଥିବା ଲୋଡ୍‌ସେଲ, ନାଟମଣ୍ଡପ ବିମ୍‌ରେ ଲାଗିଥିବା ସେନ୍‌ସର ସ୍ଥିତି ପରଖିବେ। ଏତଦ୍‌ବ୍ୟତୀତ ଗର୍ଭଗୃହ ବାୟୁ ସଞ୍ଚାଳନ ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରାଯିବ। ଭୋଗ ମଣ୍ଡପ ଚଟାଣ ଓ ରୋଷଘର କାମ ମଧ୍ୟ ହେବ ବୋଲି ଜଣାପଡ଼ିଛି।




ସେବାୟତମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ଆଡ଼ପମଣ୍ଡପକୁ ନେଉଛନ୍ତି।

**ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ୨୭୯ ଷ୍ଟଲ**

# ୧୬ ରାଜ୍ୟର ବ୍ୟବସାୟୀ ମେଲିଛନ୍ତି ପସରା




**ପୁରୀ ଅଫିସ, ୫।୭**

ରଥଯାତ୍ରା ଅବସରରେ ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଛି ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା। ବୁଧବାର ସନ୍ଧ୍ୟାରେ ଏହି ମେଳାକୁ ଆଇନମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପଲ୍ଲିଶ୍ରୀ ମେଳା ଦ୍ୱାରା ବିଶେଷକରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେନେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସରକାର ଏ ଦିଗରେ ପ୍ରୋତ୍ସାହନ ଦେଇଆସୁଛନ୍ତି ବୋଲି ମନ୍ତ୍ରୀ ଜେନା କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳେଇ ଏଥିରେ ସଭାପତିତ୍ୱ କରିଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂହ, ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଓରମାସ୍‌ର ସହନିର୍ଦ୍ଦେଶକ ସୁଜୟ କର ଧନ୍ୟବାଦ ଦେଇଥିଲେ।

ଏହି ମେଳାରେ ମୋଟ ୨୭୯ଟି ଷ୍ଟଲ ପଡ଼ିଛି। ଏଥିରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ସମେତ ୧୭ଟି ଫୁଡ୍ ଷ୍ଟଲ ରହିଛି। ୧୬ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ପସରା ମେଲିଛନ୍ତି। ବିଶେଷକରି ଜମ୍ମୁକଶ୍ମୀର, ଦିଲ୍ଲୀ, ହରିଆନା, ପଞ୍ଜାବ, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ, ପଶ୍ଚିମବଙ୍ଗ, ନାଗାଲାଣ୍ଡ ଆଦି ରାଜ୍ୟରୁ ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରିବାକୁ ଆଣିଛନ୍ତି ବୋଲି ଓର୍‌ମାସର ପୁରୀ ଜିଲା ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମେଳାରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଚତୁର୍ଦ୍ଧାବିଗ୍ରହଙ୍କ ଆଡ଼ପମଣ୍ଡପ ପହଣ୍ଡି ବିଜେ ଦେଖି ଶ୍ରଦ୍ଧାଳୁମାନେ ମେଳା ପଡ଼ିଆକୁ ବୁଲି ଯାଇଥିଲେ। ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ଏଠାରେ ମିଳୁଥିବାରୁ ବିଶେଷକରି ମହିଳାମାନଙ୍କ ଅଧିକ ଗହଳି ହୋଇଥିଲା। ସନ୍ଧ୍ୟାରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା।

## ଷ୍ଟଲ୍ ପାଇଁ ଭିଡ଼

ଗତବର୍ଷ ପ୍ରବଳ ବର୍ଷା ହୋଇଥିଲା। ବ୍ୟବସାୟୀଙ୍କର ବ୍ୟାପକ ମାତ୍ରାରେ କ୍ଷତି ଘଟିଥିଲା। ଏପରି କି ପଲ୍ଲିଶ୍ରୀ ମେଳା ପଡ଼ିଆରେ ଆଣ୍ଠୁଏ ଉଚ୍ଚର ପାଣି ଜମିଯାଇଥିଲା।



ବ୍ୟବସାୟୀଙ୍କ ସାମଗ୍ରୀ ପାଣିରେ ଭାସିଥିଲା। କିନ୍ତୁ ଏଥର ପାଗ ଭଲ ରହିଛି। ତେଣୁ ଆଗରୁ ଷ୍ଟଲ୍ ବୁକିଂ କରି ନ ଥିବା ଅନେକ ବ୍ୟବସାୟୀ ଶେଷ ମୁହୂର୍ତ୍ତରେ ପହଞ୍ଚି ଷ୍ଟଲ ପାଇଁ ଭିଡ଼ କରୁଛନ୍ତି। ହେଲେ ଆଉ କୌଣସି ଷ୍ଟଲ୍ ଫାଙ୍କା ନ ଥିବା ଓର୍‌ମାସ ଅଧିକାରୀ ସେମାନଙ୍କୁ କହୁଥିଲେ ମଧ୍ୟ ଅନେକ ବୁଝିବାକୁ ନାରାଜ। ଆମକୁ ଯେମିତି ହେଉ ବିକ୍ରି ପାଇଁ ସୁଯୋଗ ଦିଅନ୍ତୁ ବୋଲି ଶୁକ୍ରବାର ଦୁଇଜଣ ବ୍ୟବସାୟୀ କହୁଥିବା ଦେଖିବାକୁ ମିଳିଥିଲା।

## କଖାରୁରେ ମହାପ୍ରଭୁ

ପୁରୀ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପଲ୍ଲିଶ୍ରୀ ମେଳାରେ ଖୋଲିଛି ଷ୍ଟଲ। ଏଥିରେ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଉଛି। ଏଥିସହ ଷ୍ଟଲରେ ବିଭିନ୍ନ ପ୍ରକାର ପନିପରିବା ପ୍ରଦର୍ଶିତ ହେଉଛି। କିଭଳି ବିଭିନ୍ନ ଫଳ ଓ ପନିପରିବା ଚାଷ କରାଯିବା ଦରକାର ସେ ସମ୍ପର୍କରେ ସୂଚନାଫଳକ ମାଧ୍ୟମରେ ସଚେତନ କରାଯାଉଛି। ଏହାବ୍ୟତୀତ ନଡ଼ିଆର ଜୀବନ ଚକ୍ର ଅର୍ଥାତ୍ ଫୁଲ ଧରିବାଠାରୁ ବଡ଼ ହେବା ପର୍ଯ୍ୟନ୍ତ ତା’ର ବିଭିନ୍ନ ଆକାର ମଧ୍ୟ ପ୍ରଦର୍ଶନ କରାଯାଉଛି। ଏହି ଷ୍ଟଲର ଆକର୍ଷଣ ସାଜିଛି କଖାରୁରେ ନିର୍ମିତ କଳାକୃତି। କଖାରୁକୁ ଖୋଦେଇ କରାଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର ସମେତ ଗଣେଶ, ଓଁ, ବୁଦ୍ଧମୁଣ୍ଡ ଆଦି ଚିତ୍ର କରାଯାଇଛି, ଯାହା ବେଶ୍ ଆକର୍ଷଣୀୟ ଲାଗୁଛି। ମେଳା ବୁଲିବାକୁ ଆସୁଥିବା ଲୋକେ ଏହି କଳାକୃତିକୁ ଦେଖି ଖୁସି ହେବା ସହ ପ୍ରଶଂସା କରୁଛନ୍ତି।



### ଏନ୍‌ଏଚ୍‌ରେ ପାଣି ଜମିବା ଘଟଣା

# ବିଧାନସଭା ଷ୍ଟାଣ୍ଡିଂକମିଟିର ଉଦ୍‌ବେଗ

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ରାଜ୍ୟରେ ଜାତୀୟ ରାଜପଥଗୁଡ଼ିକର ଅଧିକାଂଶ ସ୍ଥାନରେ ବର୍ଷାଦିନେ ପାଣି ଜମି ରହୁଛି। ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ଢଙ୍ଗରେ ହେଉ ନ ଥିବାରୁ ସମସ୍ୟା ଦେଖା ଦେଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ସହ ଏ ନେଇ ଉଚିତ ଯୋଗସୂତ୍ର ସ୍ଥାପନ କରିପାରୁ ନ ଥିବାରୁ ସମସ୍ୟା ଦେଖାଦେଉଛି। ବିଧାନସଭା ଷ୍ଟାଣ୍ଡିଂ କମିଟି ଏ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରିବ। ଶୁକ୍ରବାର ପୂର୍ବାହ୍ନରେ ବିଧାନସଭା ପରିସରରେ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ନଂ. ୩ ବସିଥିଲା। ବୈଠକରେ ପୂର୍ତ୍ତ, ପର୍ଯ୍ୟଟନ ବିଭାଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଜ୍ୟକୁ କିପରି ଅଧିକ ପର୍ଯ୍ୟଟକ ଆସିବେ ସେ ନେଇ ପଦକ୍ଷେପ ନେବାକୁ କମିଟି ବିଭାଗକୁ ପରାମର୍ଶ ଦେଇଛି। ଏଥିସହିତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶକୁ ଗୁରୁତର ସହ ନେବାକୁ କମିଟି ନିର୍ଦ୍ଦେଶ ଦେଇଛି । ଆସନ୍ତା ୮ ତାରିଖରେ ଷ୍ଟାଣ୍ଡିଂ କମିଟିର ପରବର୍ତ୍ତୀ ବୈଠକ ବସିବ ବୋଲି ସଦସ୍ୟ ଅମର ଶତପଥୀ କହିଛନ୍ତି।

### ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ତାଲିମ୍ ନେବେ ୧୫ଲକ୍ଷ ଯୁବତୀଯୁବକ

**ଭୁବନେଶ୍ୱର,୫।୭(ବ୍ୟୁରୋ):** ରାଜ୍ୟର ବେକାର ଯୁବତୀଯୁବକଙ୍କୁ ଦକ୍ଷତା ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ। ଶୁକ୍ରବାର ସଚିବାଳୟରେ ଅନୁଷ୍ଠିତ ବିଭାଗୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ନାୟକ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ୧୫ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ତାଲିମ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ଏହି ଅବସରରେ ମନ୍ତ୍ରୀ ନାୟକ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ତାଲିମ କାର୍ଯ୍ୟକ୍ରମକୁ କିଭଳି ସଫଳ ରୂପାୟନ କରାଯାଇପାରିବ ସେନେଇ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ଏବଂ ଏହାର ଅଗ୍ରଗତି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବୈଷୟିକ ଶିକ୍ଷାନୁଷ୍ଠାନରେ ୱାଇ-ଫାଇ ସଂଯୋଗୀକରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଏବଂ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ଜିବିଡାଟା ପ୍ରଦାନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ରମୁଖ ସେବାଗୁଡ଼ିକୁ ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସ୍ ଆକ୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ନିୟୋଜନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ତଥା ଓଏସ୍‌ଡିଏ ସିଇଓ ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡା, ଯୁଗ୍ମ ସଚିବ ଅଜୟ ନାୟକ, ଉପସଚିବ ସଂଗ୍ରାମ ରାୟ ସର୍ଦ୍ଦାର ଏବଂ ବ୍ୟକ୍ତିଗତ ସଚିବ ଗୌରହରି ବେହେରା ଉପସ୍ଥିତ ଥିଲେ।

[ ଇତିହାସର ଆଇନାରେ ]

## ଜୁଲାଇ ୬ର ପ୍ରମୁଖ ଘଟଣା

୨୦୧୩ ଜୁଲାଇ ୬ରେ ନାଇଜେରିଆର ୟୋବ ଷ୍ଟେଟ୍‌ର ଏକ ସ୍କୁଲ୍‌ରେ ଗୁଳିକାଣ୍ଡ ଯୋଗୁ ଅନ୍ୟୁନ ୪୨ ଲୋକଙ୍କ ମୃତ୍ୟୁ ଘଟିଥିଲା। ଉତ୍ତର-ପୂର୍ବ ନାଇଜେରିଆରେ ୟୋବ ରାଜ୍ୟ ଅବସ୍ଥିତ। ଏହା ମୁଖ୍ୟତଃ ଏକ କୃଷିପ୍ରଧାନ ରାଜ୍ୟ। ୧୯୯୧ ଅଗଷ୍ଟ ୨୭ରେ ଏହା ରାଜ୍ୟ ମାନ୍ୟତା ପାଇଥିଲା। ଏହି ରାଜ୍ୟର ରାଜଧାନୀ ଦାମାତୁରୁ। ବାଉଚି, ବର୍ନୋ, ଗୋମ୍ବେ ଏବଂ ଜିଗାୱା ରାଜ୍ୟ ଏହାକୁ ଘେରି ରହିଛି।

୧୯୮୮ ଜୁଲାଇ ୬ରେ ଉତ୍ତରସାଗରରେ ପାଇପର ଡ୍ରିଲିଂ ପ୍ଲାଟଫର୍ମରେ ବିସ୍ଫୋରଣ ଯୋଗୁ ନିଆଁ ଲାଗି ଧ୍ୱଂସ ହୋଇଯାଇଥିଲା। ୧୬୭ ତୈଳ କର୍ମଚାରୀ ଏଥିଯୋଗୁ ପ୍ରାଣ ହରାଇଥିଲେ। ଉତ୍ତରସାଗରରେ ପାଇପର ଆଲ୍‌ଫା ଥିଲା ଏକ ତୈଳ ଉତ୍ପାଦନକାରୀ ପ୍ଲାଟଫର୍ମ। ଆବରଡିନ୍‌ଠାରୁ ଉତ୍ତର-ପୂର୍ବକୁ ପାଖାପାଖି ୧୨୦ମାଇଲ ଦୂରରେ ଏହା ଅବସ୍ଥିତ। ଓସିଡେଣ୍ଟାଲ ପେଟ୍ରୋଲିୟମ୍ ଦ୍ୱାରା ଏହା ପରିଚାଳିତ ହେଉଥିଲା।


## ZILLA SWASTHYA SAMITI, ANGUL

**NOTICE**

No- 1317 Date- 05/07/19

**Ref:-** Advt No 2951 Dated 22.11.2018 & Corrigendum No-2950 Dated-22.11.2018 published in the daily Odiya News Paper the Samaj & Dharitri.

The scrutiny database of the applications of the applicants for the contractual posts MO RBSK Ayurvedic ( Female) & In house posting for the post of BDM, System In charge- Cum DEO, STLS (RNTCP) & Clinical Psychologist under NHM, Angul has been prepared and published in the District web portal i.e. www.angul.nic.in towards the information of the candidates and the candidate having objection (if any) can submit their objection to the undersigned on or before 15/07/2019 through Regd./Speed Post). mentioning on the top left hand corner of the envelop/ Subject line of the E-mail that "Objection for the post of "__________". No fresh documents shall be considered during the objection invitation period. The candidates are to visit the District website portal in a periodical manner for further process of recruitment.

Sd/-
CDM & PHO Cum District Mission Director, Angul

## DISTRICT RURAL DEVELOPMENT AGENCY, KANDHAMAL

**No.2696 / 2019** **Dated: 05.07.2019**

### ADVERTISEMENT

Applications are invited from the eligible candidates to fill up one post of Asst. Project Director (Rural Housing) on contractual basis with consolidated monthly remuneration of Rs.35,000/- in DRDA, Kandhamal, which should reach the Project Director, District Rural Development Agency, Kandhamal on or before 26.07.2019 by Registered Post/ Speed Post only and applications received through Courier service, by hand, e-mail and other means shall be rejected. The essential qualification for the said post must be Masters Degree in Sociology, Social Work/MBA in Rural Management or 2 years of PG Diploma in Rural Management/Rural Development from any recognized University/Institution.

The details of information regarding eligibility criteria, age, application format, etc. are available in the District website www.kandhamal.nic.in.

Sd./- Collector & CEO
DRDA, Kandhamal

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd.Office: Janapath, Bhubaneswar-751022
OFFICE OF THE G.M. (ELECT.) E.H.T.(O&M) CIRCLE, JAJPUR ROAD.
AT-TTS COLONY, PO-SOBRA, JAJPUR ROAD, DIST- JAJPUR, PIN-755019
(ODISHA) PHONE /FAX NO: - 06726 - 220965(off)
(off) E-mail:- ehtm.cle.jjp@optcl.co.in, CIN:- U40102OR2004SGC007553.

No.Tech/WO-31/OT-03 (19-20)/ 807 TENDER CALL NOTICE NO. 03/2019-20 Dated: 03.07.2019

Sealed tenders are invited from the registered travel agency/Private organization/Individual/ owner of the vehicle having GST registration certificate, PAN card for supply of 01 no. Diesel run hired vehicles (09 seated Non-AC Bolero or its equivalent) not older than 03 years for Grid Sub- Station,Jajpur Town & Anandapur on pool basis under E.H.T (O&M) Division,J.Road. Cost of tender paper is Rs.2, 000.00+GST @12% =Rs.2, 240/-(including GST), EMD =Rs. 3,000/-. Sale of tender documents is from Dated 06.07.2019 to Dated 18.07.2019 (during office hours). Last date of submission of tender is Date 19.07.2019 up to 01:00PM. Date of opening of tender is Date 19.07.2019 at 3:00PM. For details visit our website www.optcl.co.in.

**Corrigendum if any will be published in the OPTCL website only.**

Sd./- General Manager (Elect), EHT (O&M) Circle, Jajpur Road

## OFFICE OF THE REGULATED MARKET COMMITTEE HINJILICUT (GANJAM)

**Notice No.597** **Dated: 03.07.2019**

### EXPRESSION OF INTEREST

EOI are invited from the reputed manufacturers/ authorised dealers for supply, design, installation, testing & commissioning of 30 MT capacity cool room (Size 6.00 M x 6.00 M) on turn-key basis for preservation of Fruits, Vegetables and Flowers at Main Market Yard, R.M.C., Hinjilicut.

Interested bidders may visit the site to access the requirement for setting up of such cool room of adequate capacity before submitting their offer. For further details Secretary, R.M.C., Hinjilicut may be contacted (Mob-9337708257). The offer should reach R.M.C., Hinjilicut, At/Po-Hinjilicut, Pin- 761102, Dist-Ganjam through Registered/ Speed Post only on or before 18.07.2019. The authority shall not be responsible for any postal delay. However the bidders who have applied as per Notice No-563 Dated-10.06.2019 of R.M.C., Hinjilicut but received after due date i.e 01.07.2019 needn't to apply further.

The undersigned reserves the right to accept or reject any or all offers without assigning any reason thereof.

Sd./- Sub-Collector
Chatrapur-cum- Chairman, R.M.C., Hinjilicut

## DISTRICT EDUCATION OFFICE, NABARANGPUR

### ADVERTISEMENT

**No.: 3175/OAV-101-1/19** **Date the 27th June, 2019**

Applications are invited from interested eligible candidate for engagement of 02 (two) Nos. of Jr. Clerk-cum-Accountant on Contractual Basis in Odisha Adarsha Vidyalaya, Nandahandi & Jharigam of Nabarangpur district. Application must be sent to the **District Education Officer, Nabarangpur** through **Speed Post/Registered Post** only. The envelope must be superscribed as "APPLICATION FOR THE POST OF JR. CLERK-CUM-ACCOUNTANT IN ODISHA ADARSHA VIDYALAYAs". Indian Postal Order (IPO) for Rs.200/- (Rupees two hundred) only payable in favour of **District Education Officer, Nabarangpur** must be accompanied with complete filled in application form along with two photographs and self attested Xerox copies of relevant certificates and testimonials.

The details are available in the district website **www.nabarangpur.nic.in**. The same may be downloaded from the said website.

By Order of Collector-cum-Chairperson
OAVs, Nabarangpur
**Sd./- District Education Officer, Nabarangpur**

## CITY HEALTH SOCIETY

National Urban Health Mission, Rourkela
**National Health Mission, Odisha**
**Deptt. of Health & Family Welfare, Govt. of Odisha**

**CORRIGENDUM FOR ADVERTISEMENT FOR THE POST OF MEDICAL OFFICER (CONTRACTUAL) & PART TIME SPECIALIST (ON WEEKLY BASIS)**

**Adv No.2392** **Date:05.07.2019**

In Pursuance to the advertisement no. 2168/NUHM, Rourkela dt.20.06.2019 for the post of medical officer (contractual) & part time specialist (on weekly basis), the last date of inviting the application is hereby extended to 15.07.2019 by 5 p.m. through speed/ Regd. Post/ Courier to Sub-divisional Hospital, Panposh, and Rourkela. No application will be received after closing date & time. The other terms & conditions remain unchanged.

**Sd./- Additional District Urban Public Health Officer, NUHM, Rourkela**

## NOTICE INVITING TENDER
## OFFICE OF THE MUNICIPAL COUNCIL NAYAGARH

**NAYAGARH (ODISHA), PIN-752069**
**E-Mail:- nacnayagarh@yahoo.co.in**

### Tender Call Notice

**No.2488** **Dt: 05.07.2019**

**E-Procurement Notice No.MUNLNGR-1/2019-20**

| | | |
|---|---|---|
| 1 | Name of the Work | Civil Works |
| 2 | No. of Work | 3 No. |
| 3 | Value of Work | Rs.4,34,000/- to Rs.4,43,300/- |
| 4 | Class of Contractor | D and C |
| 5 | Period of Completion | 3 Months |
| 6 | Date of Publication | 06.07.2019 |
| 7 | Date and time of availability of document in the portal | from Dt: 06.07.2019 at 10 A.M. to Dt: 12.07.2019 up to 5.30 P.M. |
| 8 | Last date / Time for receipt of bids in portal | Dt: 12.07.2019 up to 5.30 P.M. |
| 9 | Last date of Submission of original documents in this Office | Dt: 16.07.2019 up to 4.00 P.M. at Municipality Office Nayagarh. |
| 10 | Date and time of opening Bid | Dt: 17.07.2019 at 11.00 A.M. at Municipality Office Nayagarh |
| | Name and address of the officer inviting bid | **Sd./- Executive Officer, Nayagarh Municipality** |

Further details can be seen from e-Procurement portal **https://tendersodisha.gov.in**

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## R&B DIVISION-V, BHUBANESWAR

Email ID: eernb5bbsr@gmail.com, Tel: (0674) 2392424
No. 3037 Dtd. 01.07.2019

### e-Procurement Notice for Building works

**Bid Identification No. 01 of 2019-20, dt.01.07.2019**

**No. 52-B:-**

1. Number of the work : 2 (Two) Nos. of Building work
2. Amount put to tender : Rs. 12.60 lakhs to 22.75 lakhs
3. Period of Completion : 3 (Three) months
4. Date & time of sale & receipt of bid document online : From 10.07.2019 at 4.00PM to 23.07.2019 at 3.00PM
5. Date & time of opening of bids : 23.07.2019 at 4.30PM
6. Name and address of inviting officer : Executive Engineer, R&B Division-V, Bhubaneswar

Further details can be seen from the State Govt. portal https://tendersodisha.gov.in. any amendment/ cancellation / retenders please refer to the above cited website.

*Sd./- Executive Engineer*
*R&B Division-V, Bhubaneswar*

34090/11/0002/1920

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଦ୍ରକ

**ପତ୍ର ସଂଖ୍ୟା.୨୯୩୫(A), ସାମାଜିକ ସମୀକ୍ଷା, ତା.୦୩।୦୭।୧୯ରିଖ**

ଏତଦ୍ୱାରା ଭଦ୍ରକ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି ଯେ,୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନା (MGNREGA) ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍ତର୍ଗତ କାର୍ଯ୍ୟସୂଚି ମୁତାବକ ଗ୍ରାମସଭା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଗ୍ରାମସଭାରେ ପଞ୍ଚାୟତ ଓ ପଞ୍ଚାୟତ ସମିତି ଜରିଆରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ମଷ୍ଟର ମେଲ୍‌ଗୁଡିକ ନିମ୍ନପଦାଧିକାରୀଙ୍କ ଦ୍ୱାରା ଶତପ୍ରତିଶତ ଯାଞ୍ଚ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ, ଗାଁ ସାଥି-(ମେଟ୍), ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ଅନୁଷ୍ଠାନ। ଶିକ୍ଷିତ ଯୁବକ/ଯୁବତୀ, ସମସ୍ତ କାର୍ଯ୍ୟପତ୍ର ଗ୍ରହୀତା ଶ୍ରମିକମାନେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ପ୍ରକଳ୍ପ ତଥା ମଷ୍ଟର ମେଲର ସତ୍ୟାସତ୍ୟ ଅନୁସନ୍ଧାନ କରିବେ ଏବଂ ସେମାନଙ୍କର ଦସ୍ତଖତ ଯାଞ୍ଚ କରାଇନେବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଦ୍ରକ ପଞ୍ଚାୟତ ସମିତି, ଭଦ୍ରକ**

**ସାମାଜିକ ସମୀକ୍ଷା ଗ୍ରାମସଭା କାର୍ଯ୍ୟସୂଚୀ - ସ୍ଥାନଃ- ଗ୍ରାମ ପଞ୍ଚାୟତ, କାର୍ଯ୍ୟାଳୟ, ସମୟ-ଘ.୧୧.୦୦**

| କ୍ର.ନଂ | ସାମାଜିକ ସମୀକ୍ଷାର ପ୍ରାରମ୍ଭିକ ତାରିଖ | ସାମାଜିକ ସମୀକ୍ଷାର ଶେଷ ତାରିଖ | ଜନଶୁଣାଣି ତାରିଖ ପ.ସମିତି କାର୍ଯ୍ୟାଳୟ | ଗ୍ରାମପଞ୍ଚାୟତର ନାମ | ପଦାଧିକାରୀ |
|---|---|---|---|---|---|
| ୧ | ତା. ୧୫।୦୭।୧୯ ରିଖ | ତା. ୨୯।୦୭।୧୯ ରିଖ | ତା. ୨୦।୦୧।୨୦୨୦ରିଖ | ଏରଡା, ସାବରଙ୍ଗ, ସାହାଡା, ଅଣ୍ଡେଇ ପଲ୍ଲୀ, ବହୁଦରଡା, ବେତରା, ଅର୍ଣ୍ଣପାଳ | ସମ୍ପୃକ୍ତ ଭାରପ୍ରାପ୍ତ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଜି.ପି.ଟି.ଏ, ସହାୟକ ଯନ୍ତ୍ରୀ,ଗ୍ରାମ ରୋଜଗାର ସେବକ, ଗ୍ରାମ ପଞ୍ଚାୟତ-ନିର୍ବାହୀ ଅଧିକାରୀ, ଗ୍ରାମସାଥି (ମେଟ୍) ଭି.ଆର.ପି, ବି.ଏସ୍.ଏ |
| ୨ | ତା. ୩୦।୦୭।୧୯ ରିଖ | ତା. ୧୩।୦୮।୧୯ ରିଖ | | ବି.ପି.ବିନ୍ଧା, ହରିପୁର, ଗେଲ୍‌ପୁର, କୋରକୋରା, କଲେଇ, ରନ୍ଧିଳା, ଜଗଦଳପୁର | |
| ୩ | ତା. ୧୬।୦୮।୧୯ ରିଖ | ତା. ୩୧।୦୮।୧୯ ରିଖ | | ରାହାଞ୍ଜ, କେଦାରପୁର, ବ୍ରହ୍ମପୁର, ଗୋରାମାଟି, ଆମ୍ବୋଳି, ବନ୍ଧଗାଁ,ବାଣିତିଆ | |
| ୪ | ତା. ୦୪।୦୯।୧୯ ରିଖ | ତା. ୧୮।୦୯।୧୯ ରିଖ | | କାଉପୁର, ଓଲଙ୍ଗ, ଦଇସିଂ, ଗେଲଟୁଆ, ଚରମ୍ପା, ବାଉତ୍‌ପୁର | |
| ୫ | ତା. ୦୬।୦୯।୧୯ ରିଖ | ତା. ୧୬।୦୯।୧୯ ରିଖ | | ରାନ୍ଦିଆ | |
| ୬ | ତା. ୧୯।୦୯।୧୯ ରିଖ | ତା. ୦୩।୧୦।୧୯ ରିଖ | | ଏରେଇ, ତାରସିଙ୍ଗା, ଚଣ୍ଡିଗାଁ, ବଣିଆ, କୋଡ଼ବରୁଆଁ, ବେନ୍ତାଳ, ଗୁଜିଦରଡା, ଖଣ୍ଡତଡା | |

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝାରସୁଗୁଡ଼ା
## PANCHAYAT SAMITI OFFICE, JHARSUGUDA

At/P.O.- Kalimandir Road, Jharsuguda, District - Jharsuguda, Odisha, PIN - 768202, E-mail: ori-bjharsuguda@nic.in

ପତ୍ର ସଂ: ୧୮୬୬ ତା୦୩।୦୭।୧୯

ଏତଦ୍ୱାରା ଝାରସୁଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (Mahatma Gandhi NREGA), ଆବାସ ଯୋଜନା (PMAY/BPGY) ଏବଂ NSAP ଯୋଜନା ଅଧୀନର ୨୦୧୮-୧୯ ଆର୍ଥିକ ବର୍ଷର ତା୦୧।୦୪।୨୦୧୮ରିଖଠାରୁ ୩୧।୦୩।୨୦୧୯ରିଖ ମଧ୍ୟରେ ଝାରସୁଗୁଡ଼ା ପଞ୍ଚାୟତ ସମିତି ଓ ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକରେ ସମ୍ପାଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ମଷ୍ଟରରୋଲ ତନଖି ଓ ସାମାଜିକ ସମୀକ୍ଷା OSSAT ତତ୍ତ୍ୱାବଧାନରେ V.R.P. ଏବଂ B.S.A.ଙ୍କ ଦ୍ୱାରା ଅନୁଷ୍ଠିତ ହେବ। ଏଣୁ ସର୍ବସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମର ତଦାରଖ କମିଟି, ହିତାଧିକାରୀ ଏବଂ ସମସ୍ତ ଅଣକୁଶଳୀ ଶ୍ରମିକ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପାଦନ ତଥା ମଷ୍ଟରରୋଲ ତନଖିର ସତ୍ୟାସତ୍ୟ ପ୍ରତିପାଦନ ପୂର୍ବକ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଯାଉଅଛି।

ବ୍ଲକସ୍ତରୀୟ ଜଣଶୁଣାଣି ତା୩୧।୧୦।୨୦୧୯ରିଖରେ ଝାରସୁଗୁଡ଼ା ବ୍ଲକ ପରିସରରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଅଛି।

| କ୍ର.ନଂ. | ତାରିଖ | ଗ୍ରାମସଭା ତାରିଖ | ସମୟ | ଗ୍ରାମପଞ୍ଚାୟତର ନାମ | ଯୋଗଦାନ ଦେଉଥିବା ପଦାଧିକାରୀଙ୍କ ନାମ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୧ | ୨୨।୦୮।୨୦୧୯ରୁ ୦୫।୦୯।୨୦୧୯ | ୦୫।୦୯।୨୦୧୯ | ପୂ.୧୦.୩୦ଘ. | ବଡ଼ମାଲ | GPEO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୨ | ୨୨।୦୮।୨୦୧୯ରୁ ୦୫।୦୯।୨୦୧୯ | ୦୫।୦୯।୨୦୧୯ | ପୂ.୧୦.୩୦ଘ. | ଦଲକି | BPM, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୩ | ୧୬।୦୭।୨୦୧୯ରୁ ୩୦।୦୭।୨୦୧୯ | ୩୦।୦୭।୨୦୧୯ | ପୂ.୧୦.୩୦ଘ. | ହିର୍ମା | ABDO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୪ | ୨୨।୦୮।୨୦୧୯ରୁ ୦୫।୦୯।୨୦୧୯ | ୦୫।୦୯।୨୦୧୯ | ପୂ.୧୦.୩୦ଘ. | କାଡିକେଲା | APO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୫ | ୧୦।୦୯।୨୦୧୯ରୁ ୨୪।୦୯।୨୦୧୯ | ୨୪।୦୯।୨୦୧୯ | ପୂ.୧୦.୩୦ଘ. | ତାଲପଟିଆ | AO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୬ | ୧୦।୦୯।୨୦୧୯ରୁ ୨୪।୦୯।୨୦୧୯ | ୨୪।୦୯।୨୦୧୯ | ପୂ.୧୦.୩୦ଘ. | ଦୁର୍ଲଗା | BDO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୭ | ୧୦।୦୯।୨୦୧୯ରୁ ୨୪।୦୯।୨୦୧୯ | ୨୪।୦୯।୨୦୧୯ | ପୂ.୧୦.୩୦ଘ. | ଜମେରା | ABDO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୮ | ୧୦।୦୯।୨୦୧୯ରୁ ୨୪।୦୯।୨୦୧୯ | ୨୪।୦୯।୨୦୧୯ | ପୂ.୧୦.୩୦ଘ. | ମରାକୁଟା | APO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୯ | ୦୩।୦୮।୨୦୧୯ରୁ ୧୭।୦୮।୨୦୧୯ | ୧୭।୦୮।୨୦୧୯ | ପୂ.୧୦.୩୦ଘ. | କୁଦୋପାଲି | AE, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୦ | ୦୩।୦୮।୨୦୧୯ରୁ ୧୩।୦୮।୨୦୧୯ | ୧୩।୦୮।୨୦୧୯ | ପୂ.୧୦.୩୦ଘ. | ଚାନ୍ଦନିମାଲ | GPEO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୧ | ୦୩।୦୮।୨୦୧୯ରୁ ୧୭।୦୮।୨୦୧୯ | ୧୭।୦୮।୨୦୧୯ | ପୂ.୧୦.୩୦ଘ. | ରାଜପୁର | PA, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୨ | ୧୬।୦୭।୨୦୧୯ରୁ ୩୦।୦୭।୨୦୧୯ | ୩୦।୦୭।୨୦୧୯ | ପୂ.୧୦.୩୦ଘ. | ପତ୍ରାପାଲି | PA, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୩ | ୨୨।୦୮।୨୦୧୯ରୁ ୦୫।୦୯।୨୦୧୯ | ୦୫।୦୯।୨୦୧୯ | ପୂ.୧୦.୩୦ଘ. | ହଂ.କଟାପାଲି | BSSO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୪ | ୧୬।୦୭।୨୦୧୯ରୁ ୩୦।୦୭।୨୦୧୯ | ୩୦।୦୭।୨୦୧୯ | ପୂ.୧୦.୩୦ଘ. | ଶ୍ରୀପୁରା | AFO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୫ | ୧୬।୦୭।୨୦୧୯ରୁ ୩୦।୦୭।୨୦୧୯ | ୩୦।୦୭।୨୦୧୯ | ପୂ.୧୦.୩୦ଘ. | ମଲଦା | MI, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୬ | ୦୩।୦୮।୨୦୧୯ରୁ ୧୭।୦୮।୨୦୧୯ | ୧୭।୦୮।୨୦୧୯ | ପୂ.୧୦.୩୦ଘ. | ଲୋଇସିଂହ | MI, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |
| ୧୭ | ୦୩।୦୮।୨୦୧୯ରୁ ୧୭।୦୮।୨୦୧୯ | ୧୭।୦୮।୨୦୧୯ | ପୂ.୧୦.୩୦ଘ. | ଗୌଡ଼ମାଲ | AFO, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, GRS |

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଝାରସୁଗୁଡ଼ା**

## ବିହନ ବିଶୋଧନ କାର୍ଯ୍ୟକ୍ରମ
## ଖରିଫ୍-୨୦୧୯

ଜିଲ୍ଲା କୃଷି ଅଧିକାରୀ, ଘୁ. ଉଦୟଗିରି ଆନୁକୂଲ୍ୟରେ ରାଜ୍ୟ ଯୋଜନା ଗାଁ ଗାଁରେ ନିରୋଗ ଫସଲ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଗତ ତା.୨୭।୦୬।୨୦୧୯ରିଖ ଠାରୁ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ ଘୁ. ଉଦୟଗିରିଙ୍କ ତତ୍ତ୍ୱାବଧାନରେ ଘୁ.ଉଦୟଗିରି,ରାଇକିଆ ଟିକାବାଲି ଓ ଚକାପାଦ ବ୍ଲକ୍‌ରେ ଚଳିତ ମାସ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ ସହିତ ଔଷଧ ବଣ୍ଟନ କରାଯିବା ସଙ୍ଗେସଙ୍ଗେ ବିହନ ବିଶୋଧନ ଉପରେ ଚାଷୀଭାଇ ଭଉଣୀମାନଙ୍କୁ ଅବଗତ କରାଯାଉଛି। ଏହାର ସଫଳ ରୂପାୟନ ଦ୍ୱାରା ଘୁ.ଉଦୟଗିରି କୃଷି ଜିଲ୍ଲାକୁ ଅଗ୍ରଣୀ କରିବା ପାଇଁ ଚାଷୀଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।

**ରମାକାନ୍ତ ଦିଗାଲ**
**ଜିଲ୍ଲା କୃଷି ଅଧିକାରୀ**
**ଘୁ. ଉଦୟଗିରି**

## O/O CHIEF DISTRICT MEDICAL & PUBLIC HEALTH OFFICER, DISTRICT PROGRAMME MANAGEMENT UNIT(NHM) NABARANGPUR

**e-mail- dhionab@gmail.com**

### TENDER NOTICE

**No.5089** **Date: 05.07.2019**

Sealed Tenders are invited from Travel Agencies / Individuals for hiring of vehicle (SCORPIO, XYLO, BOLERO, SUMO etc.) with or without A/c for engagement on rental basis at different CHCs and District & Sealed tenders are also invited for empanelment for printing/ supply of various items/Hoardings with erection, supply of office stationery, catering & boarding service etc for DPMU on, as and when require basis by the CDM & PHO cum District Mission Director, NHM, Nabarangpur. Interested bidders may send their complete bid in double cover system (Technical & Financial). The tender document may be downloaded from the District website **www.nabarangpur.nic.in.** Last date of for receipt of Tender Paper is 23/07/2019 latest by 5.00 PM only through Speed post/Regd Post/Courier. The undersigned reserves the right to cancel all or any of the bids without assigning any reason thereof.

**Sd./- CDM & PHO cum**
**District Mission Director NHM**
**Nabarangpur**

## SAMBALPUR DISTRICT CO-OPERATIVE CENTRAL BANK
## HEAD OFFICE: BARGARH-768028

Cooperatives
**Phone: (06646) 233157/ 232634**
**Fax: (06646) 232696**
**Email: sdccbgh@gmail.com**

**No. 1532/ CB/CT/2019-20** **Date: 02.07.2019**

### QUOTATION CALL NOTICE

Sealed Quotations are invited from reputed authorized company Dealers/ Firms/ Suppliers/ Distributors having valid GSTIN/ PAN Number/GST clearance certificate and having experience of 5(five) years in executing of same type of work in Banking Sector, for supply and installation of CC CAMERA (DAY/NIGHT VISION) at all Branches working under the SDCC Bank Ltd, Bargarh as per our specifications & following terms and conditions.

| Sl. No. | Particulars | Specifica-tions | rate to be quoted per unit inclusive of GST (in rupees) |
|---|---|---|---|
| 1 | CC CAMERA (DAY/ NIGHT VISION) | Secureye Make | |

The Quotations shall be submitted to Sri Ramesh Chandra Acharya, Deputy General Manager of the Bank in his name cover on or before **12th July 2019 upto 3.00 PM**, which shall be opened on same day at 3.30 PM by the Deputy General Manager of the Bank in his office chamber in presence of the Purchase Committee Members and the quotationers or their authorized representatives.

**Terms & Conditions:-**

1. Unit Price inclusive of GST & other charges should be mentioned and shall be valid for the financial year 2019-20.
2. No advance shall be provided for the purpose.
3. Dealer certificate & D-LINK system integrator certificate shall be attached.
4. Payment shall be made through A/C payee cheque after proper acknowledgement of installation certificate from authorized officer & bills.

The authority reserves the right to accept or reject any or all quotations at any time without assigning any reason thereof. The decision of the Purchase Committee shall be final and binding.

**Sd./- Chief Executive Officer**

## TENDER CALL NOTICE
## CSO-CUM-DISTRICT MANAGER
## ODISHA STATE CIVIL SUPPLIES CORPORATION LIMITED, NUAPADA

**www.nuapada.nic.in (Website of the District)**

**No.: 2153** **Dt.02.07.19**

CSO-cum-District Manager, OSCSC Ltd., Nuapada invites sealed tenders from reputed firms/companies/ persons for appointment as **Level-I Transport Contractor** for transportation of food grains from FSD, FCI to Rice Receiving Centre-cum-Departmental Storage Centre (RRC-cum-DSCs).

Interested Firms/Companies/Persons may obtain tender documents from the Office of the CSO-cum-District Manager, Nuapada from **06.07.2019 to 20.07.2019 upto 3.00 P.M.** The interested firms/companies/persons may also download the tender documents from the district website **www.nuapada.nic.in**.

Interested firms/companies/persons will have to submit the tender documents through **Registered Post/Speed Post/Courier Service only** as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any Postal/Courier delay. Tender paper received after the schedule date & time shall not be considered.**

Address for submission of Tender document:
District Manager, OSCSC Ltd., Nuapada
At/P.O.- Nuapada
Dist.: Nuapada
PIN - 766105 (ODISHA)

| | |
|---|---|
| Period of Sale of Tender Document | From 06.07.2019 to 20.07.2019 till 3.00 P.M. (In all working days) |
| Last date for receipt of Tender Document | Dt.20.07.2019 till 5.30 P.M. |
| Date of Opening of Technical Bid | On Dt.22.07.2019 at 11.00 A.M. |
| Date of Opening of Price Bid | On Dt.23.07.2019 at 11.00 A.M. |

**Sd./- CSO-cum-District Manager**
**OSCSC Ltd., Nuapada**

## OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION

**Tel:- 06846-243249, Fax:-06846-243066,**
**e-mail:- dfo_balliguda@yahoo.co.in**

**Notice No. ____________ Dt.______/______/2019.**

### Short Tender Call Notice for Supply of Hexa Fiber Net Tree Guard Gabion

**No.32-MM:-** Sealed Tenders are invited from the reputed Manufacturers/ Dealers/Individual for supply of good quality Hexa Fiber Net Tree Gabion UV protected of size -height 1.8Mt X Dia-0.45Mt of 400 GSM of mesh size -2.5cmX2.5cm or similar with better specification required at various locations of Balliguda Forest Division during the year 2019-20. The tender application forms and tender documents shall be obtained from the O/O the DFO, Balliguda Forest Division on any working days during office hour from dt.5.7.2019 to 20.7.2019 on payment of Rs.2000/- in shape of non-refundable Demand Draft drawn on any Nationalized Bank in favour of Divisional Forest Officer, Balliguda Forest Division, Balliguda payable at Balliguda. The last date for submission of sealed tender by Registered post/ speed post/ Courier Service or can be dropped by hand in the tender box available in O/O the DFO, Balliguda Forest Division, Balliguda is 20.7.2019 up to 5PM. The Technical Bids shall be opened on 21.7.2019 at 11AM and the Financial Bids shall be opened on 22.7.2019 at 11AM. Final selection of the bidder shall be based on the quality and cost of the materials. The undersigned reserves the rights to reject any or all tender without assigning any reason thereof.

08047/11/0001/1920

**Divisional Forest Officer,**
**Balliguda Forest Division**

## Government of Odisha
## Social Security & Empowerment of PwDs Department
## SIDR Building, Capital Hospital Campus, Unit-6, Bhubaneswar-751001

### Expression of Interest
**for providing/ managing services for protection, care and rehabilitation of beggars/ destitute under SAHAYA scheme**

**No. 5978** **Date: 03.07.19**

**No.04-gg:-** The EOI aims to approve successful agencies that will be responsible providing/managing services for protection, care and rehabilitation of beggars/ destitute under SAHAYA scheme. The details of scope of work, eligibility criteria and submission of details can be downloaded from website http://www.ssepd.gov.in. Last date and time for submission of the EOI documents by speed post/ Registered post/ courier/ hand in all working days up to 4.00 PM of 17.07.2019.

This EOI does not entail any commitment on the part of SSEPD Deptt, Govt. of Odisha either financial or otherwise. SSEPD Deptt, Govt. of Odisha reserves the right to accept or reject any or all without incurring any obligation to inform the affected applicant/s of the grounds. The EOI will be evaluated based on the information provided.

46001/11/0004/1920

**Sd./- Joint Secretary**
**SSEPD Deptt., Govt. of Odisha**



ୟୁନେସ୍କୋର ବିଶ୍ୱ ଐତିହ୍ୟ ତାଲିକାରେ ପ୍ରାଚୀନ ସଭ୍ୟତା ବେବିଲୋନ୍ ସ୍ଥାନ ପାଇଛି। ଏଥିପାଇଁ ଇରାକ୍ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା ଦାବି କରି ଆସୁଥିଲା। ୧୦ ବର୍ଗକିଲୋମିଟର ପରିବ୍ୟାପ୍ତ ଏହି ଅଞ୍ଚଳର ମାତ୍ର ୧୮% ଖନନ କରାଯିବା ପରେ ଏଠାରେ ପ୍ରାଚୀନ ସଭ୍ୟତା ଥିବା ପ୍ରମାଣ ମିଳିଛି। ବାଗଦାଦ୍‌ର ଦକ୍ଷିଣକୁ ୟୁଫ୍ରେଟିସ୍ ନଦୀ ଦୀର୍ଘ ୧୦୦କିଲୋମିଟର ବହିଯାଇଥିବାବେଳେ ଏହାର କୂଳରେ ଗଢ଼ିଉଠିଛି ପ୍ରାଚୀନ ବେବିଲୋନିଆ ସାମ୍ରାଜ୍ୟ।

# ପ୍ରତି ମାସରେ ଯାଞ୍ଚ ହେବ ଛାତ୍ରୀଛାତ୍ରଙ୍କ ଉପସ୍ଥାନ

ଭୁବନେଶ୍ୱର, ୫।୭ (ବ୍ୟୁରୋ)

ଏଥର କଲେଜରେ ସବୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୭୫% ପ୍ରତିଶତ ରହିବ। ନଚେତ୍ ପରୀକ୍ଷାରୁ ବଞ୍ଚିତ ହେବେ। ପ୍ରତି ମାସରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଯାଞ୍ଚ ହେବ। ଯଦି କେହି ନ ଆସୁଥିବାର ପରିଲକ୍ଷିତ ହୁଏ ; ତେବେ ଫୋନ୍, ଏସ୍‌ଏମ୍‌ଏସ୍ କିମ୍ବା ପୋଷ୍ଟ କାର୍ଡ ଜରିଆରେ ଅଭିଭାବକଙ୍କ ସହ ଯୋଗାଯୋଗ କରାଯିବ। ଯଦି ଛାତ୍ରୀଛାତ୍ରଙ୍କର ଉପସ୍ଥାନ ନିର୍ଦ୍ଧାରିତ ହାରଠାରୁ କମ୍ ରହିବ ସେମାନେ ଶେଷ ବର୍ଷ ପରୀକ୍ଷା ଦେଇ ପାରିବେ ନାହିଁ। ତେଣୁ ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଶୁକ୍ରବାର ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖାଯାଇଛି। କଲେଜରେ ଅଧ୍ୟାପକମାନେ ୭ଘଣ୍ଟା କାର୍ଯ୍ୟ କରିବେ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଅଧ୍ୟାପକମାନେ ପାଠପଢ଼ା ସମେତ ପାଠାଗାର, ଗବେଷଣା, ଏକ୍ସଟ୍ରା କ୍ଲାସ୍, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନେଇ ମଧ୍ୟ କାର୍ଯ୍ୟ କରିବେ। ଯଦି ଏଥିରେ କେହି ବିଚ୍ୟୁତ କରନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

- ଅଧ୍ୟକ୍ଷଙ୍କୁ ଚିଠି ଲେଖିଲା ଉଚ୍ଚ ଶିକ୍ଷା ବିଭାଗ
- ଅଧ୍ୟାପକମାନେ ମଧ୍ୟ ଏକ୍ସଟ୍ରା କାର୍ଯ୍ୟ କରିବେ

## ରାଜୀବ ହତ୍ୟା ମାମଲା: ନଳିନୀଙ୍କୁ ମାସେ ପାରୋଲ

ଚେନ୍ନାଇ, ୫।୭ (ଆଇଏଏନ୍‌ଏସ୍): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତଙ୍କ ମଧ୍ୟରୁ ଅନ୍ୟତମ ମୁଖ୍ୟ ଆସାମୀ ଏସ୍. ନଳିନୀଙ୍କୁ ମାସେ ପାରୋଲ୍‌ରେ ଛଡ଼ାଯାଇଛି। ମାଡ୍ରାସ ହାଇକୋର୍ଟ ତାଙ୍କୁ ଶୁକ୍ରବାର ଛୁଟି ମଞ୍ଜୁର କରିଛନ୍ତି। ଝିଅ ବିବାହ ପାଇଁ ପ୍ରସ୍ତୁତ ହେବା ଲାଗି ନଳିନୀ ୬ମାସ ଛୁଟି ନେବାକୁ ଆବେଦନ କରିଥିଲେ। ସେ ଅଦାଲତରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଦର୍ଶାଇଥିଲେ, ପ୍ରତ୍ୟେକ କଏଦୀ ଦୁଇବର୍ଷ ଜେଲ୍‌ରେ ରହିବା ପରେ ମାସେ ଛୁଟି ମିଳିବାର ବ୍ୟବସ୍ଥା ଅଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୫.୩ |
| ଚାନ୍ଦବାଲି | ୩୧.୭ | ୨୫.୬ |
| କଟକ | ୩୧.୦ | ୨୩.୬ |
| ପାରାଦ୍ୱୀପ | ୩୦.୪ | ୨୬.୧ |
| ଭୁବନେଶ୍ୱର | ୩୦.୪ | ୨୫.୮ |
| ଗୋପାଳପୁର | ୩୦.୬ | ୨୬.୦ |
| ପୁରୀ | ୩୦.୬ | ୨୫.୮ |
| ଅନୁଗୋଳ | ୩୦.୭ | ୨୧.୦ |
| ବାରିପଦା | ୩୨.୦ | ୨୭.୦ |
| ଝାରସୁଗୁଡ଼ା | ୨୮.୮ | ୨୫.୪ |
| କେନ୍ଦୁଝର | ୩୦.୦ | ୨୩.୮ |
| ସମ୍ବଲପୁର | ୨୮.୪ | ୨୪.୦ |
| ସୁନ୍ଦରଗଡ଼ | ୨୮.୦ | ୧୯.୦ |
| ହୀରାକୁଦ | ୨୭.୬ | ୨୪.୬ |
| ତାଳଚେର | ୩୦.୧ | ୨୩.୬ |
| ଭବାନୀପାଟଣା | ୩୦.୫ | ୨୪.୫ |
| ବଲାଙ୍ଗୀର | ୨୭.୬ | ୨୫.୦ |
| କୋରାପୁଟ | ୨୪.୮ | ୧୯.୬ |
| ଫୁଲବାଣୀ | ୨୭.୬ | ୨୪.୦ |
| ଟିଟିଲାଗଡ଼ | ୨୮.୫ | ୨୦.୫ |
| ମାଲକାନଗିରି | ୩୨.୦ | ୨୦.୬ |
| ସୋନପୁର | ୩୦.୨ | ୨୧.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

# ଶୁଟିଂ ଚାଲିଛି 'ଅଙ୍ଗ୍ରେଜି ମିଡିୟମ୍'

**ଲଣ୍ଡନ:** ବିଶିଷ୍ଟ ଅଭିନେତ୍ରୀ ଡିମ୍ପଲ କାପାଡିଆଙ୍କ ଅଭିନୀତ 'ଅଙ୍ଗ୍ରେଜି ମିଡିୟମ୍'ର ଶୁଟିଂ ଲଣ୍ଡନରେ ଆରମ୍ଭ ହୋଇଛି। ନିର୍ଦ୍ଦେଶକ ହୋମି ଆଦାଜାନିଆଙ୍କ ସହ ଡିମ୍ପଲଙ୍କ ପ୍ରଥମ ଶୁଟିଂ ବେଶ୍ ମଜାଦାର ହୋଇଛି। ଡିମ୍ପଲ ତାଙ୍କର ଗୋଟିଏ ପାଦ ହୋମିଙ୍କ କାନ୍ଧ ଉପରେ ରଖିଥିବାର ଫଟୋଗ୍ରାଫ୍ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରାଯାଇଛି। ଏହାକୁ ଶେୟାର କରିଛନ୍ତି ନିର୍ଦ୍ଦେଶକ ହୋମି। ଡିମ୍ପଲ କାପାଡିଆ ଗାଳିଦେବାକୁ ଉଦ୍ୟମ କରିବା ବେଳେ ଏଥିରୁ ରକ୍ଷା ପାଇବାକୁ ଯାଇ ହୋମି ପରିହାସ ଛଳରେ ଡିମ୍ପଲଙ୍କ କନ୍ୟା ଟୁଇଙ୍କିଲ୍ ଖାନ୍ନାଙ୍କ ସହାୟତା ଲୋଡ଼ିଛନ୍ତି। ଏହି ସମୟରେ ନିଜର ବାକ୍‌ଚାତୁରୀ ଏବଂ କୌତୁକିଆ ଢଙ୍ଗରେ ଜବାବ୍ ଦେଇଛନ୍ତି ଡିମ୍ପଲ। ସେ କହିଛନ୍ତି, 'ନିର୍ଯାତିତ ହୋଇ ବି ତଥାପି ଭଲ ପାଉଥାଅ। ରକ୍ଷା ଅଛି, ଘରେ ପଡିଥିବା ପନିକି ପଟାରେ ମା' ତୁମକୁ ବାଡେଇ ନାହାନ୍ତି।' ଦିନେଶ ବିଜନ୍‌ଙ୍କ ପ୍ରଯୋଜିତ 'ଅଙ୍ଗ୍ରେଜି ମିଡିୟମ୍' ୨୦୧୭ରେ ନିର୍ମିତ ଫିଲ୍ମ 'ହିନ୍ଦୀ ମିଡିୟମ୍'ର ସିକ୍ୱେଲ୍ (ରୂପାନ୍ତର)। ଏଥିରେ ଅନ୍ୟମାନଙ୍କ ସହ ମୁଖ୍ୟ ଭୂମିକାରେ ଅଛନ୍ତି, ଇର୍‌ଫାନ୍ ଖାନ୍ ଏବଂ କରୀନା କପୁର ଖାନ୍।



ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Bhubaneswar based Designers House ପାଇଁ Cutting & Stitching ରେ ଅଭିଜ୍ଞତା ଥିବା ମହିଳା ଆବଶ୍ୟକ। ସକାଳ ୭ରୁ ସନ୍ଧ୍ୟା ୭ ମଧ୍ୟରେ ଯୋଗାଯୋଗ କରନ୍ତୁ:
7978878192

नौकरी चेन्नई में | वेतन: 14000 से 16000 | हिंदी बोलनेवाला | केवल अनुभवी व्यक्ति | नौकर | घर सफाइवाला | जूनियर कुक | रसोईया | चपरासी | केयरटेकर |
संपर्क: अग्रवाल, 9884761210

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ପୁରୀ Dist. ପାଇଁ Water Purifier, Sells & Service, Front Office Executive (F) ପାଇଁ ପିଲା ଦରକାର। ଭଲ ଦରମା ଓ incentive
Cont.- 7440172321 9090700543

ସିକ୍ୟୁରିଟି ଆବଶ୍ୟକ
ସିକ୍ୟୁରିଟି ଗାର୍ଡ – ୩୦ଜଣ
ସିକ୍ୟୁରିଟି ସୁପରଭାଇଜର – ୫ଜଣ
ସିକ୍ୟୁରିଟି ଅଫିସର୍ – ୨ଜଣ
GISS SECURITY SERVICES Near Balikuda Traffic, Gopalpur, Cuttack
Contact : 9861744455

WANTED
ଟେକ୍ନିକାଲ କାମ କରିବା ପାଇଁ ୨ଜଣ କୁଶଳୀ କିମ୍ବା ଅଣକୁଶଳୀ ପିଲା ଆବଶ୍ୟକ।
ଯୋଗାଯୋଗ: ସୋନୁ ଇଲେକ୍ଟ୍ରିକାଲ୍ସ ୧୫୯, ବାପୁଜୀନଗର, ଗଳି ନଂ.–୧୨, ଭୁବନେଶ୍ୱର

FRESHER'S WANTED
Industry: Pharmaceutical
Job: Marketing and Sales
Skill: Well behaved and hard working
Education: Graduate (any stream)
Language: Odia, Hindi and English
Salary: ₹6000/- – ₹16000/- P.M.
Call: 7008162582 | 7894275800

ଆବଶ୍ୟକ
ଅଫିସ/ଗାଡ଼ି ସଫାସୁତୁରା, ବଗିଚା କାମ ପାଇଁ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ। ରହିବା ସୁବିଧା ଥାଇ ଦରମା ୮ ରୁ ୯ ହଜାର ଟଙ୍କା।
ଯୋଗାଯୋଗ - ସାଇଁ ଏଣ୍ଡ ଆସୋସିଏଟସ୍, ୭୭-ସତ୍ୟନଗର, ଭୁବନେଶ୍ୱର - ୯
ଫୋନ - ୯୩୩୭୦୮୬୧୬୯

Teacher's Required
ST. XAVIER'S HIGH SCHOOL, KHORDHA
English, Physics, Chemistry
Qualification- Bachelors / Master Degree
Experience- Minimum 2 Years.
Mail- xaviers.khurda@gmail.com
Contact- 9776360354 9937961754

IISER BERHAMPUR
भारतीय विज्ञान शिक्षा एवं अनुसंधान संस्थान बरहमपुर
Indian Institute of Science Education and Research Berhampur
Established by the Ministry of HRD, Govt. of India

Advt. No. NT- 02/19 Date: July 06, 2019

Recruitment Notice : Non-Teaching Positions

IISER Berhampur, an Institute of national importance established by the MHRD Govt. of India is looking for dedicated and committed candidates to fill-up the following vacancies on regular basis through Direct Recruitment/ Deputation/ Transfer-on-Absorption.

| Sl. No. | Name of the Post | Pay Level | Group | No. of Vacancy | UR |
|---|---|---|---|---|---|
| 1. | Assistant Librarian | 10 (AGP) | A | 01 | 01 |
| 2. | Assistant Engineer | 7 | B | 01 | 01 |
| 3. | Superintendent | 7 | B | 01 | 01 |
| 4. | ASO cum Transport Manager | 6 | B | 01 | 01 |
| 5. | Junior Translator(Rajbhasha) | 6 | B | 01 | 01 |
| | Total | | | 05 | 05 |

The following 03 vacancies are reserved ONLY for Persons with disability (PWD) (backlog):

| Sl. No. | Name of the Post | Pay Level | Group | No. of Vacancy (backlog for PwD) |
|---|---|---|---|---|
| 1. | Assistant Registrar | 10 | A | 01 |
| 2. | Junior Superintendent | 6 | B | 01 |
| 3. | Laboratory Technician | 5 | C | 01 |
| | Total | | | 03 |

Commencement of online application is on 06th July 2019. Last date for submission of online application will be till 05.30 pm on 26th July 2019. Last date for sending the hard copy of online-submitted application form within 05.30 pm on 06th August 2019. For details visit https://www.iiserbpr.ac.in> Careers > Staff Positions.

कुलसचिव

OrissaPOST HERE. NOW
English daily
WANTED

Anchors/ Reporters
- Candidates having Bachelors Degree in Journalism, Broadcasting or Communications and strong communication skills in English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.

Bulletin Producers
- Experienced producers to coordinate newscasts, editorial packages & bulletins for digital platform.

Visual Editors
- Candidate should be able to edit videos and create attractive news packages for digital audience.
- Should have working knowledge of uploading videos & creating Live Stream feeds.
- Experience in online video editing work will be given preference.

Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

SAMBALPUR UNIVERSITY
JYOTI VIHAR, BURLA- 768019, SAMBALPUR (ODISHA)
www.suniv.ac.in
Advertisement No. 4112/ Estt-III Dt. 02.07.2019

Applications in prescribed format (seven copies) are invited from the eligible candidates for the posts of Professor, Associate Professor and Assistant Professor in the following P.G. Departments of Sambalpur University, Jyoti Vihar, Burla and L.R. Law College, Sambalpur, Odisha

| Sl. No. | Department/ Constituent College | Name of the Post/Number of Vacancy/Category | | | Total |
|---|---|---|---|---|---|
| | | Professor [Scale of pay Rs. 37,400- Rs. 67,000 with AGP of Rs. 10,000/-] (6th Pay) | Associate Professor [Scale of pay Rs. 37,400- Rs. 67.000 with AGP of Rs. 9,000/-] (6th Pay) | Assistant Professor [Scale of pay Rs. 15,600- Rs. 39,100 with AGP of Rs. 6,000/-] (6th Pay) | |
| 1. | Anthropology | -- | 1 (UR) | -- | 1 |
| 2. | Business Administration | 2 (UR-1 UR- W-1) | 2 (UR-1 UR- W-1) | 1 (UR-W) | 5 |
| 3. | Chemistry | -- | -- | 3 (ST-1 SC-1 SEBC-1) | 3 |
| 4. | Computer Sc. & Application | 1 (UR) | -- | 1 (UR) | 2 |
| 5. | Earth Science | -- | 1 (UR) | -- | 1 |
| 6. | Economics | 1 (UR) | 2 (UR-1 UR-W-1) | -- | 3 |
| 7. | English | -- | 1 (UR) | 2 (UR-1 SC-1) | 3 |
| 8. | History | 1 (UR) | 3 (UR-2 UR-W-1) | 2 (ST-1 SEBC-1) | 6 |
| 9. | Home Science | 1 (UR) | -- | -- | 1 |
| 10. | Law | -- | 1 (UR) | 1 (UR) | 2 |
| 11. | Library & Info. Sc. | -- | 1 (UR) | -- | 1 |
| 12. | Life Science | 2 (UR) | 1 (UR-W) | 1 (ST) | 4 |
| 13. | Biotechnology & Bioinformatics | -- | 1 (UR) | -- | 1 |
| 14. | Mathematics | -- | -- | 2 (ST-1 SC-1) | 2 |
| 15. | Odia | 1 (UR) | 1 (UR) | 1 (UR) | 3 |
| 16. | Physics | -- | 1 (UR-W) | 2 (UR-1 SC-1) | 3 |
| 17. | Political Science & Public Administration | -- | 1 (UR) | -- | 1 |
| 18. | Sociology | -- | -- | 1 (UR) | 1 |
| 19. | Statistics | -- | -- | 1 (UR) | 1 |
| 20. | L.R. Law College, Sambalpur | -- | -- | 2 (ST-1 SC-1) | 2 |
| | Total | 9 | 17 | 20 | 46* |

For details of posts, eligibility criteria, qualification, reservations, experience, scale of pay, application format etc. please visit Sambalpur University website **www.suniv.ac.in.** The candidates are requested to download the application form from the website and submit the same through Speed Post/ Registered Post only so as to reach the office of the registrar, Sambalpur University on or before **02.08.2019.**

**UR=** Unreserved **SC=** Scheduled Caste **ST=** Scheduled Tribe SEBC= Socially & Educationally Backward Class **W-** Women

* Appropriate number of posts shall be filled up from the PwD category (as per functional classification given in detailed in the University website) in respect of Assistant Professor (3), Associate Professor (2) and Professor (1) as per the Rights of Persons with Disabilities Act. 2016, consequent upon the availability and attendance of candidates in the interview for the subjects.

**Sd./- Registrar**

OFFICE STAFF ଆବଶ୍ୟକ
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117/ 9042383450

PART / FULL TIME
ଘରକାମ/ରୋଷେଇ/ ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300 7381222430

WANTED
- AUTOCAD STAFF (CIVIL) FOR ARCHITECTURAL & STRUCTURAL CONSULTANCY FIRM. CIVIL DIPLOMA ENGINEERS OR DIPLOMA ARCHITECTS WITH AUTOCAD KNOWLEDGE CAN APPLY.
CONTACT-9777247762

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 8895725158 / 7327065424

URGENTLY REQUIRED
A division of furniture & timber unit requires MANAGER- 3 Nos. at Bhubaneswar.
Qal: Graduation/ MBA.
Cont.: 9692676868

କାର ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ।
ଯୋଗାଯୋଗ ପାଇଁ
Mob.- 7381075901 9437496020

BHARTI ENTERPRISE
WANTED
C.C. TV Camera Installation & Sale, All type of Building interior work
Urgent staff requirement
Qualification- 8th to Graduation,
Salery 6000 ରୁ 15000
Contact:- 9658576790, 9090211028, SAMBALPUR

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

See Career Appointment on every Wednesday & Saturday

WANTED
A leading publication house requires following personnel
SUB EDITORS: 10 Nos.
Qual: MJMC/PGJMC, Having at least 5 years exp. in ODIA DTP and Page Layout
DTP CUM LAYOUT OPERATORS: 10 Nos.
Qual: Graduate with at least 2 years exp. in ODIA DTP (Speed above 40)
Salary will not be a constraint for the right candidate.
Interested candidates may send their Resume through
Email: dkaur0001@gmail.com

TEAM ADMARK (P) LTD.
URGENTLY REQUIRED
1. SR. EXECUTIVE CUM ADMIN OFFICE: Graduate with min. 4-5 years' experience Male/ Female (Females will be preferred) in office work & having excellent computer knowledge. (Friendly in MS Office & Internet) independent job handing capacity preferable- Male/Female candidate. Salary: Rs. 10,000/- to Rs. 13,000/- depending on capability & experience per month.
2. SR. MARKETING EXECUTIVE (OUTDOOR): BBA Graduate (Male & Female) with min. 4-5 years marketing experience in outdoor advertising trade or in space selling. Preferably MBA, Salary: 15,000 to 18,000/- per month. Fuel and Mob. Expenses Extra, Two wheeler must.
3. MARKETING EXECUTIVE (OUTDOOR): BBA Graduate (Male & Female) with min. 2-3 years marketing experience in outdoor advertising trade or in space selling. Salary: 10,000/- to 12,000/- per month. Fuel and Mob. Expenses Extra.

Interested candidates may apply to our above address & mail ID with complete Bio-data with photo within 7 days from the date of advertisement.
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007, Phone-9238882225 / 7735220188, Mail id- teamadmark@gmail.com

RAVENSHAW UNIVERSITY
CUTTACK- 753003, ODISHA
WALK- IN -INTERVIEW
Applications are invited for walk-in-interview for engagement of Guest Faculty in Zoology, Environmental Science, Botany, Biotechnology, Biochemistry, Commerce, Business Administration (Finance & Accounting / NSE), Physics, Chemistry, Analytical Chemistry, Sociology, Economics, Rural Development, Business Economics, History, Education, Integrated B.Ed., Political Science, Philosophy, Psychology, Hindi, English, Sanskrit, Odia, Geology, Applied Geography, Mathematics, Statistics, Computer Science, MCA, ITM and ETC of Ravenshaw University.
Applications are also invited for walk-in-interview for engagement of Temporary Faculty in Integrated B.Ed. of Ravenshaw University. For details please visit 'www.ravenshawuniversity.ac.in'.
No.2254 / Dt.05.07.2019 Registrar

## ନୋଟିସ୍:

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଜୁଲାଇ, ୨୦୧୯



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ଫ୍ରାଙ୍କଲିନ



## ସଂକ୍ଷେପରେ

### ୨୫ କେଜି ଗଞ୍ଜେଇ, କାର ଜବତ: ୨ ଗିରଫ

**କଟକ ଅଫିସ, ୫।୭:** ବେଆଇନ ଗଞ୍ଜେଇ କାରବାର କରିବା ଅଭିଯୋଗରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କେନ୍ଦ୍ରପଡା ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ରଞ୍ଜିତ ପାତ୍ର। ପୋଲିସ ତାଙ୍କଠାରୁ ୨୫ କେଜି ଗଞ୍ଜେଇ ସହ ଏକ କାର ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ରଞ୍ଜିତ୍ କଟକରୁ ଗଞ୍ଜେଇ ନେଇ କାରରେ କେନ୍ଦ୍ରାପଡା ଯାଉଥିବାବେଳେ ମଧୁପାଟଣା ନିକଟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଯାଞ୍ଚ କରିବାରୁ କାର ଡିକିରୁ ୨୫ କେଜି ଗଞ୍ଜେଇ ବାହାରିଥିଲା।

### ବିବାହ ରୋକିବାକୁ ଯାଇ ପୋଲିସ ହଟହଟା

**କଟକ ସଦର, ୫।୭(ଡି.ଏନ୍.ଏ.):** ଏକ ଭୁଲ୍ ସୂଚନାକ୍ରମେ କଟକ ସଦର ପୋଲିସ ଓ କନ୍ଦରପୁର ଥାନା ପୋଲିସ ଏକ ବିବାହ ରୋକିବାକୁ ଯାଇ ହଟହଟା ହୋଇଛନ୍ତି। ଶୁକ୍ରବାର କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସନାଥ ମନ୍ଦିରରେ ଏକ ବିବାହ ହେଉଥିବା ସମୟରେ ଏହି ଦୁଇ ଥାନା ପୋଲିସ ସେଠାରେ ପହଞ୍ଚି ଏହାକୁ ବନ୍ଦ କରିବାକୁ କହିଥିଲେ। ବର ଓ କନ୍ୟା ପକ୍ଷରୁ ଏହାର କାରଣ ପଚରାଯିବାରୁ କନ୍ୟା ନାବାଳିକା ବୋଲି ଥାନାରେ ଅଭିଯୋଗ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ଏହାସହ କନ୍ୟାଙ୍କ ବୟସ ପ୍ରମାଣପତ୍ର ମଧ ମଗାଯାଇଥିଲା। କଟକ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ସଦର ସିଡିପିଓ ତନୁଜା ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ କନ୍ୟାଙ୍କ ପରିଚୟପତ୍ର ସଂଗ୍ରହ କରାଯାଇଥିଲା। ଏହି ସମୟରେ ଏ ନେଇ ଥାନାରେ ଅଭିଯୋଗ କରିଥିବା ବ୍ୟକ୍ତି ଜଣଙ୍କ ସେଠାରେ ପହଞ୍ଚି ବିବାହ କରୁଥିବା କନ୍ୟା ନାବାଳିକା ନୁହନ୍ତି ବୋଲି ଲିଖିତ ଭାବେ ଜଣାଇବାରୁ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଅଯଥାରେ ବିବାହରେ ପୋଲିସ ବାଧା ସୃଷ୍ଟି କରିଥିବାରୁ ବର ଓ କନ୍ୟାପକ୍ଷ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ଗୁରୁବାର ଉକ୍ତ ମନ୍ଦିରରେ ଜଣେ ନାବାଳିକାଙ୍କ ବିବାହ ହେଉଥିବା ନେଇ ଜନୈକ ବ୍ୟକ୍ତି କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଉକ୍ତ ବିବାହସ୍ଥଳରେ ପହଞ୍ଚି ଯାଞ୍ଚ କରିବା ପରେ ବିବାହ କରୁଥିବା କନ୍ୟା ନାବାଳିକା ନୁହନ୍ତି ବୋଲି ଜଣାପଡ଼ିଥିଲା। ପରେ ବିବାହ କରୁଥିବା ବରଙ୍କ ବଡ଼ଭାଇ ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ନାବାଳିକା କନ୍ୟାକୁ ନେଇ ଫେରାର ହୋଇଯାଇଥିବା ଘଟଣା ଜଣାପଡ଼ିଛି।

### ଜୋତା ପିନ୍ଧି ପୋଲିସଙ୍କ ରଥଟଣାକୁ ବିରୋଧ

**ପୁରୀ ଅଫିସ, ୫।୭:** କୋଟି ପ୍ରାଣର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ପବିତ୍ର ରଥଯାତ୍ରା ଅବସରରେ ବର୍ଷକୁ ଥରେ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ଭକ୍ତ-ଭଗବାନଙ୍କର ମହାମିଳନ ଘଟେ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଦାରୁବିଗ୍ରହଙ୍କ ଦିବ୍ୟ ଦର୍ଶନ ପାଇ ଭକ୍ତମାନେ କୃତ୍ୟ କୃତ୍ୟ ହୋଇଥାନ୍ତି। ବଡ଼ଦାଣ୍ଡରେ ରଥାରୂଢ଼ ଠାକୁରଙ୍କ ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳେ। ଶୁଦ୍ଧପୂତ ମନରେ ଭକ୍ତି ଓ ବିଶ୍ୱାସର ସହ ଭକ୍ତ ରଥ ଟାଣୁଥିବାବେଳେ ରଥଯାତ୍ରା ପାଇଁ ନିୟୋଜିତ ପୋଲିସ କର୍ମଚାରୀ କିନ୍ତୁ ବେପରୁଆ ଢଙ୍ଗରେ ଜୋତା ପିନ୍ଧି ରଥ ଟାଣିଥାନ୍ତି। ଏହାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେନା। ଏ ସଂକ୍ରାନ୍ତରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ପୋଲିସ କର୍ମଚାରୀ ଚମଡ଼ା ଜୋତା ପିନ୍ଧି ରଥ ଟାଣୁଛନ୍ତି। ଏହା ଅଗଣିତ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଛି। ହିନ୍ଦୁ ଧର୍ମ ଏବଂ ଜଗନ୍ନାଥ ସଂସ୍କୃତି ପ୍ରତି ଏହା ଅବମାନନା। ତେଣୁ ଜୋତା ପିନ୍ଧି ରଥ ଟାଣୁଥିବା ପୋଲିସ କର୍ମଚାରୀଙ୍କୁ ଡ୍ୟୁଟିରୁ ଦୂରେଇ ରଖାଯାଉ ବୋଲି ଏଥିରେ ଅନୁରୋଧ କରାଯାଇଛି। ଯଦି ଏ ଦିଗରେ ପଦକ୍ଷେପ ନିଆ ନ ଯାଏ ତେବେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରିୟଦର୍ଶନ କହିଛନ୍ତି।

# ଅପହୃତ ଯୁବକଙ୍କୁ ହତ୍ୟା ପରେ ପୋଡ଼ିଦେଲେ

**ଖୋର୍ଦ୍ଧା ଅଫିସ/ନୟାଗଡ ଅଫିସ/ ନିରାକାରପୁର,୫।୭(ଡି.ଏନ.ଏ.)**



- ମୃତକଙ୍କ ହାଡ କଙ୍କାଳ ଜବତ
- ଗିରଫ ଯୁବକ ଖୋଲିଲେ ହତ୍ୟାକାଣ୍ଡ ଗୁମର

ନୟାଗଡ ଜିଲା ଶରଣକୁଳ ଥାନା କଲ୍ୟାଣପୁର ଗ୍ରାମର ରବିପ୍ରଧାନ(୨୬)ଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ପରେ ମୃତଦେହକୁ ଜାଳି ଦିଆଯାଇଛି। ଶୁକ୍ରବାର ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ବଡପୋଖରିଆ ଓ ଉଗ୍ରତାରା ଛକ ମଧରେ ଥିବା ବୁଦୁବୁଦିଆ ଜଙ୍ଗଲରୁ ମୃତକଙ୍କ ହାଡ, କଙ୍କାଳ ଓ ପୋଡା ଟାୟାର ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଜାମୁଝେଲା ଗ୍ରାମର ବାଳକୃଷ୍ଣ ବରାଡଙ୍କୁ ପୋଲିସ ଗିରଫ କରିଛି। ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାରୁ ରବିଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ସୂଚନା ଅନୁଯାୟୀ, ଗତ ଜୁନ ୧୪ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ରବି ବାଇକ୍ ଯୋଗେ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ରାତି ପ୍ରାୟ ୯ଟାରେ ମା' ଉଜଳା ପ୍ରଧାନ ପୁଅକୁ ଫୋନ କରିବା ସହ ଶୀଘ୍ର ଫେରି ଆସିବାକୁ କହିଥିଲେ। ଏହି ସମୟରେ ତାଙ୍କ ଜୀବନ ସଙ୍କଟରେ ଥିବା ମା'ଙ୍କୁ ଉତ୍ତର ଦେଇଥିଲେ। କଲ୍ୟାଣପୁର ଗାଁର ଜ୍ୟୋତିର୍ମୟ ମହାନ୍ତି (କାଲୁ) ଓ ଶ୍ରୀନିବାସ ପାତ୍ର(ବୁଲୁ)ତାଙ୍କୁ ପିଛା କରୁଥିବା କହିଥିଲେ। ପୁଅର କଥା ଶୁଣି ମା' ଭୟଭୀତ ହୋଇ ଖୋଜାଖୋଜି କରିଥିଲେ। ହେଲେ ରବିଙ୍କ ସନ୍ଧାନ ପାଇ ନ ଥିଲେ। ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ ନେଇ ପୁଅକୁ ଅପହରଣ କରାଯାଇଥିବା ଉଜଳା ସନ୍ଦେହ କରିଥିଲେ। ପରେ ଗତ ଜୁନ ୧୫ରେ ତାଙ୍କ ପୁଅ ରବିଙ୍କୁ ଅପହରଣ କରାଯାଇଥିବା ନେଇ ସେ ଶରଣକୁଳ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ୩୬୩, ୩୪୧ ଦଫାରେ ମାମଲା (ନଂ.୫୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିଙ୍କ ସନ୍ଧାନ ନ ମିଳିବାରୁ ଉଜଳା ଜୁନ୍ ୧୭ରେ ନୟାଗଡ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିଭଳି ତାଙ୍କ ପୁଅ ଅପହରଣ ଘଟଣାରେ ଜାମୁଝୋଲା ଗାଁର ବାଳକୃଷ୍ଣ ବରାଡଙ୍କ ସମ୍ପୃକ୍ତି ଅଛି ବୋଲି ଜୁନ ୧୯ରେ ଶରଣକୁଳ ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ବାଳକୃଷ୍ଣଙ୍କୁ ପଚରାଉଚୁରା କରି ଛାଡି ଦେଇଥିଲା। କିନ୍ତୁ ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ପୋଲିସର ସନ୍ଦେହ ହେବା ପରେ ବାଳକୃଷ୍ଣଙ୍କୁ ଅଟକ ରଖି ଜେରା କରିବା ପରେ ହତ୍ୟାକାଣ୍ଡର ଗୁମର ଫିଟାଇଥିଲେ। ବାଳକୃଷ୍ଣଙ୍କ ବୟାନ ଅନୁଯାୟୀ, ସେ ଖୋର୍ଦ୍ଧାର ତାପଙ୍ଗ କ୍ରଶରରେ ହାଇୱା ଟ୍ରକର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜ୍ୟୋତିର୍ମୟ ମହାନ୍ତି(କାଲୁ)ଙ୍କ ଇସାରାରେ ବାଳକୃଷ୍ଣ ଓ ରବିଙ୍କ ସହ ମିତ୍ରତା ସ୍ଥାପନ କରି ଗତ ଜୁନ ୧୪ରେ ଡାକିଥିଲେ। ସେଠାରେ ପୂର୍ବରୁ ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସହ କେତେଜଣ ରବିଙ୍କ ସହ ନୟାଗଡରେ ମଦ ପିଇ ରଣପୁର ଥାନା କରଡାପଲ୍ଲୀ ଜଙ୍ଗଲକୁ ଆଣି ମାଡ଼ ମାରିବା ସହ ହତ୍ୟା କରିଥିଲେ। ପରେ ବାଇକ୍ ଯୋଗେ ମୃତଦେହ ନେଇ ବୁଦୁବୁଦିଆ ଜଙ୍ଗଲରେ ଫୋପାଡି ମାଙ୍କଡା ପଥର ପକାଇ ଚାଲି ଯାଇଥିଲେ। ପରେ ତୃତୀୟ ଦିନରେ ଦଶପଲାରୁ ପେଟ୍ରୋଲ ଓ କିରୋସିନି ଏବଂ ଦଧିମାଛଗାଡିଆରୁ ଟାୟାର କିଣି ରାତିରେ ମୃତଦେହକୁ ଜାଳି ଦେଇଥିଲେ। ତଦନ୍ତ ସମୟରେ ପୋଲିସ ରବିଙ୍କ ହାଡ,କଙ୍କାଳ ଓ ପୋଡା ଟାୟାରକୁ ଜବତ କରିଥିଲା। ଶରଣକୁଳ ଆଇଆଇସି କିରଣ ହେମ୍ବ୍ରମଙ୍କ ସୂଚନା ଅନୁଯାୟୀ, ରବିଙ୍କୁ ଗତ ଜୁନ୍ ୧୪ରେ ଅପହରଣ ପରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ସେ କହିଛନ୍ତି।



ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମାଇଗ୍ରେସନ ସାର୍ଟିଫିକେଟ ପାଇଁ ଛାତ୍ରୀଙ୍କ ଲମ୍ବା ଧାଡ଼ି।

# ଆନ୍ତଃ ରାଜ୍ୟ କାର୍ ଲୁଟେରା ଗ୍ୟାଙ୍ଗ୍‌ର ଆଉ ୪ ଗିରଫ

**କଟକ ଅଫିସ,୫।୭**

- ୬ କାର୍, ୬ ମୋବାଇଲ ଜବତ
- ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ମାମଲା

ବଙ୍କୁଦ କାର ଲୁଟ୍ ଘଟଣାର ତଦନ୍ତକରି କଟକ ସଦର ପୋଲିସ ଆନ୍ତଃ ରାଜ୍ୟ କାର୍ ଲୁଟେରା ଗ୍ୟାଙ୍ଗ୍‌ର ଆଉ ୪ ଜଣ ସଦସ୍ୟଙ୍କୁ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ହାଓଡା ଜିଲାର ଶ୍ରୀକାନ୍ତ ଶର୍ମା ଓରଫ ଗୁଡ୍ଡୁ, ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲାର ୱାରିସ୍ ଅଲ୍ଲୀ ଖାନ୍, ମହମ୍ମଦ ମୋକିମ୍ ଓରଫ ଚାଚା, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳର ଶଶାଙ୍କ ଶେଖର ପତି। ସେମାନଙ୍କଠାରୁ ପୋଲିସ ୬ଟି କାର(ଓଡି୩୩ଏଫ୍-୩୪୯୯), (ଓଡି୩୪ଏ-୧୬୦୩), (ଓଡି୦୨ଏସି-୪୦୮୮), (ଓଡି୦୫ୟୁ-୯୦୦୦), (ଓଆର୧୭କେ- ୧୭୧୭), (ଓଡି୦୫ଏଫ୍-୨୯୮୫) ଓ ୬ଟି ମୋବାଇଲ ଜବତ କରିଛି। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ କଟକ ସଦର ଥାନାରେ ଗୋଟିଏ, ଭୁବନେଶ୍ୱର ଶହୀଦନଗର ଥାନାରେ ତିନୋଟି, ମଞ୍ଚେଶ୍ୱର ଥାନାରେ ଦୁଇଟି ଏବଂ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲୁଟ୍ ମାମଲା ଥିବା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁଯାୟୀ, କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳରେ ରହୁଥିବା ସୁବାସ ଚନ୍ଦ୍ର ବେହେରା ଗତ ୨୮ ତାରିଖ ରାତିରେ ଭୁବନେଶ୍ୱରରେ କାମ ସାରି କାର୍‌ରେ ନିଜ ଘରକୁ ଫେରୁଥିଲେ। ବଙ୍କୁଦ ପାଖରେ ହୋଇଥିବା ବେଳେ ୭ ଜଣ ଅଭିଯୁକ୍ତ ଅନ୍ୟ ଏକ କାର୍‌ରେ ତାଙ୍କୁ ପିଛା କରିଥିଲେ। କିଛି ବାଟ ଯିବା ପରେ ସୁବାସଙ୍କ କାର ଆଗରେ ସେମାନଙ୍କ କାର ରଖିଦେଇଥିଲେ। ପରେ ଅଭିଯୁକ୍ତମାନେ ସୁବାସଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ କାର ସହ ମୋବାଇଲ ଏବଂ ଟଙ୍କା ଲୁଟି ନେଇଥିଲେ। ଏ ନେଇ ସୁବାସ ଅଭିଯୋଗ କରିବା ପରେ କଟକ ସଦର ପୋଲିସ ଏକ ମାମଲା(ନଂ.୨୮୨/୧୯) ରୁଜୁ କରିଥିଲା। ଏହି ମାମଲାର ତଦନ୍ତ କରି ପୋଲିସ ଗତ ୧ ତାରିଖରେ ବାଲେଶ୍ୱରରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୩ଟି ବାଇକ ଜବତ କରିଥିଲା। ପଚରାଉଚରା ପରେ ସେମାନେ ଏହି କାର୍ ସହ ଆହୁରି ଅନେକ କାର୍ ଲୁଟ୍ ଏବଂ ଚୋରି କରିଥିବା ପୋଲିସ ସମ୍ମୁଖରେ ମାନିଥିଲେ। ଏଥିସହିତ ଗ୍ୟାଙ୍ଗ୍ ଅନ୍ୟ ସଦସ୍ୟମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପୋଲିସ ବାଲେଶ୍ୱର ଏବଂ କଟକରୁ ଶୁକ୍ରବାର ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କାରଗୁଡିକ ଜବତ କରିଥିଲା। ବିଶେଷକରି ୧୬ନଂ. ଜାତୀୟ ରାଜପଥରେ ଅଭିଯୁକ୍ତମାନେ ଲୋକଙ୍କୁ ଟାର୍ଗେଟ କରୁଥିଲେ। କାର ଲୁଟ୍ କିମ୍ବା ଚୋରି କରିବା ପରେ ବାଲେଶ୍ୱର ନେଇଯାଉଥିଲେ। ସେଠାରୁ କଲିକତା ଯାଇ କାରଗୁଡିକୁ ବିକ୍ରି କରୁଥିଲେ। ଚୋରି କରିବାବେଳେ ସେମାନେ ପ୍ଲାସ୍, ଲୁହାରଡ୍, ନକଲି ଚାବି ସାହାଯ୍ୟରେ କାରକୁ ଖୋଲୁଥିଲେ। ପରେ ସୁଇଚ୍ ମେଶିନ ଦ୍ୱାରା କାରକୁ ଷ୍ଟାଟ କରୁଥିଲେ। ଏହାପରେ କାରକୁ ନେଇ କଲିକତାରେ ବିକ୍ରି କରୁଥିବା ସେମାନେ ମାନିଥିଲେ।

### ବୁଲେଟକୁ ପଛରୁ ଧକ୍କାଦେଲା ଇଟାବୋଝେଇ ଟ୍ରକ୍
# ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହଂସପାଳ ନିକଟ ଜାତୀୟ ରାଜପଥରେ ଶୁକ୍ରବାର ସକାଳ ପ୍ରାୟ ୯ଟା ୩୦ରେ ଏକ ସଡ଼କ ଦୁର୍ଘଟଣା ଘଟିଛି। କଟକରୁ ଭୁବନେଶ୍ୱର ଆସୁଥିବା ଏକ ବୁଲେଟକୁ ପଛରୁ ଏକ ଇଟା ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ ବୁଲେଟ ପଛରେ ବସିଥିବା ଜଣେ ମହିଳାଙ୍କ ଉପରେ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ କଟକ ଜ୍ୟୋତିବିହାର ଅଞ୍ଚଳରେ ରହୁଥିବା ଅନୁପମା ଆର୍. (୪୫) ଓ ଆହତ ସ୍ୱାମୀ ହେଲେ ଶ୍ରୀକୃଷ୍ଣପାଦ ପଟ୍ଟନାୟକ(୪୭)। ଦୁର୍ଘଟଣା ପରେ ଡ୍ରାଇଭର ଜଣକ ଟ୍ରକ୍ ସହ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁଟି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଦୁର୍ଘଟଣା ପରେ ଲୋକେ ରାସ୍ତାରୋକୋ କରିବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ସମୟ ଧରି ରାସ୍ତା ଉପରେ ହଜାର ହଜାର ଗାଡି ଅଟକି ରହିଥିଲା। ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀକୃଷ୍ଣପାଦ ଓ ସ୍ତ୍ରୀ ଅନୁପମା କୌଣସି କାମରେ ତାଙ୍କ ବୁଲେଟ (ଓଡି୦୫-ଏପି-୮୮୩୬)ରେ କଟକରୁ ଭୁବନେଶ୍ୱର ଆସୁଥିଲେ। ହଂସପାଳସ୍ଥିତ ପୁରୀ କେନାଲ ରୋଡ୍ ନିକଟରେ ସେମାନେ ବୁଲେଟରେ ବସି ଅଟକି ଥିଲେ। ଦ୍ରୁତଗତିରେ ଆସୁଥିବା ଇଟା ବୋଝେଇ ଟ୍ରକ୍(ଓଡି-୦୫ଏଇ-୫୧୨୨) ପଛରୁ ଧକ୍କା ଦେଇଥିଲା। ଫଳରେ ଉଭୟ ଖସି ପଡିଥିଲେ। ହେଲେ ସ୍ତ୍ରୀ ଅନୁପମା ଟ୍ରକର ଚକା ତଳକୁ ଖସି ପଡିବାରୁ ଟ୍ରକଟି ତାଙ୍କ ଉପରେ ଚଢି ଯାଇଥିଲା।

# ଦୁଇ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ 'ନିୟମଗିରି-ଦି ମାଉଣ୍ଟେନ୍ ଅଫ୍ ଲ'

**ଭୁବନେଶ୍ୱର,୫।୭(ବ୍ୟୁରୋ)**




କଳାହାଣ୍ଡି ଜିଲାର ନିୟମଗିରି ପାହାଡ଼ ଉପରେ ନିର୍ମିତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର 'ନିୟମଗିରି- ଦି ମାଉଣ୍ଟେନ୍ ଅଫ୍ ଲ' ଦୁଇଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାତା ସୂର୍ଯ୍ୟ ଶଙ୍କର ଦାଶଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମ ମାଲେସିଆରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ ଇଣ୍ଡିଜିନିୟସ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ କୁଚିଙ୍ଗ୍‌ରେ ପ୍ରଦର୍ଶିତ ହେବ। ସେହିଭଳି ଆମେରିକାରେ ହେବାକୁ ଥିବା ୩ୟ ଡୋକାଡେମିଆ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବାକୁ ଏହି ଫିଲ୍ମ ମନୋନୀତ ହୋଇଛି। ନିୟମଗିରି ପାହାଡ଼କୁ ଶିଳ୍ପାନ୍ୱୟନରୁ ରକ୍ଷା କରିବାକୁ ଦୀର୍ଘ ଦୁଇଦଶନ୍ଧି ଧରି ଏହାର ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନେ ଜାରି ରଖିଥିବା ସଂଘର୍ଷକୁ ଏହି ଫିଲ୍ମରେ ଦର୍ଶାଯାଇଛି। ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ପ୍ରଥମ ଇଣ୍ଡିଜିନିୟସ୍ ଫିଲ୍ମ ଫେଷ୍ଟିଭାଲରେ ଏହା ପ୍ରଦର୍ଶିତ ହୋଇଥିଲା।

# ୩୭୦୦ ଠିକା ଏଏନ୍‌ଏମ୍‌ଙ୍କୁ ସ୍ଥାୟୀ କରାଯିବ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆଲୋଚନା**

୫ଦିନ ହେବ ଲୋୟର ପିଏମ୍‌ଜିଠାରେ ଅନଶନରେ ବସିଥିବା ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍)ଙ୍କ ସହ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଆଲୋଚନା କରିଛନ୍ତି। ଦାବି ଅନୁସାରେ ଏଏନ୍‌ଏମ୍‌ମାନଙ୍କୁ ସ୍ଥାୟୀ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ନିଷ୍ପତ୍ତି ଅନୁଯାୟୀ ଅନଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଥିବା ସଂଘ ସଭାପତି ପାର୍ଥସାରଥି ଜେନା ଜଣାଇଛନ୍ତି। ସଚିବାଳୟସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ସଚିବ, ଉପସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହିତ ସଂଘ ସଭାପତି ଜେନା, ସମ୍ପାଦିକା ସଂଯୁକ୍ତା ସାହୁ, କୋଷାଧକ୍ଷା ମମତା ସାହୁ, ଗଣମାଧମ ସଂଯୋଜିକା ମଧୁସ୍ମିତା ସାହୁ ପ୍ରମୁଖ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସଂଘର ଦାବି ଯଥାର୍ଥ ବୋଲି ମନ୍ତ୍ରୀ ହୃଦବୋଧ କରିବା ପରେ ଶୀଘ୍ର ରାଜ୍ୟରେ ୩୭୦୦ଜଣ ଠିକା ଏଏନ୍‌ଏମ୍‌ଙ୍କୁ ସ୍ଥାୟୀ ନିଯୁକ୍ତି କରାଯିବ ବୋଲି କହିଥିଲେ। ଏଥିସହ ପ୍ରତ୍ୟେକ ବର୍ଷ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୦୬ରୁ କାର୍ଯ୍ୟ କରୁଥିବା ତଥା ବାର୍ଷିକ ତାଲିମ ଶେଷ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କ ବୟସସୀମା କୋହଳ କରି ଖାଲିଥିବା ପଦବୀରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିବା ସଂଘ ପକ୍ଷରୁ କୁହାଯାଇଛି।

### କୁକୁର କାମୁଡ଼ାରେ ୫ ଗୁରୁତର

**ଡେଲାଙ୍ଗ, ୫।୭(ଡି.ଏନ୍.ଏ.)**

ଡେଲାଙ୍ଗ ହାଟବଜାରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ଏକ ପାଗଳା କୁକୁର କାମୁଡ଼ାରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ରାତିରେ ଏହି କୁକୁରଟି ଲୋକଙ୍କୁ ଗୋଡ଼େଇ କାମୁଡ଼ିଥିଲା। ଆହତମାନେ ହେଲେ ଗୁଣ୍ଡୁଚିପାଟଣା ଗ୍ରାମର ସୁଦର୍ଶନ ବେହେରା (୫୫), ଗୁନ୍ଦୁପୁଟ ଗ୍ରାମର ବାନା ବେହେରା (୪୨), ହାଟଡେଲାଙ୍ଗର ଗଡିଆ ସେଠୀ (୬୨), ଗୁଆଚଉକା-ରାମଚନ୍ଦ୍ରପୁରର ମାନା ତ୍ରିପାଠୀ (୩୫) ଓ ମୋହନପୁର ଗ୍ରାମର ଶ୍ୟାମ ଦଳେଇ (୬୦)। ପାଗଳା କୁକୁରଟି ରତନପୁର ଗ୍ରାମରେ ରହିଛି। କୁକୁର ଭୟରେ ଛୋଟ ପିଲାମାନେ ବାହାରକୁ ବାହାରୁ ନ ଥିବାବେଳେ ବୟସ୍କମାନେ ହାତରେ ଠେଙ୍ଗା ଧରି ଯାତାୟାତ କରୁଛନ୍ତି।

# କୃଷ୍ଣସାର ମୃଗ ଛୁଆର ମୃତ୍ୟୁ

**ନରାଜ,୫।୭(ଡି.ଏନ୍.ଏ.)**

ଗତ କିଛିମାସ ହେଲା ନନ୍ଦନକାନନରେ ଗୋଟିଏ ପରେ ଗୋଟିଏ ପ୍ରାଣୀଙ୍କର ମୃତ୍ୟୁ ଘଟୁଥିବାବେଳେ ଶୁକ୍ରବାର ଏକ କୃଷ୍ଣସାର ମୃଗଛୁଆର ମୃତ୍ୟୁ ଘଟିଛି। ୬୬ ନମ୍ବର ଖୁଆଡରେ ରହୁଥିବା ଏହି କୃଷ୍ଣସାର ମୃଗ ୪ମାସ ତଳେ ଏକ ମୃଗ ଶାବକ ଜନ୍ମ ଦେଇଥିଲା। ଏହି କିଛିଦିନ ତଳେ ମା' ସହ ଛୁଆଟି ବୁଲୁ ଥିବାବେଳେ କୌଣସି ଏକ ଅଘଟଣ ଘଟି ଅସୁସ୍ଥ ହୋଇପଡିଥିଲା। ସେହିଦିନଠାରୁ ନନ୍ଦନକାନନର ପଶୁଚିକିତ୍ସକଙ୍କ ଦ୍ୱାରା ଶାବକଟି ତା'ର ଫିଡିଙ୍ଗ ଚାମ୍ବରରେ ରହି ଚିକିତ୍ସିତ ହେଉଥିଲା। ଚିକିତ୍ସା ସତ୍ତ୍ୱେ ଶାବକଟିର ଶୁକ୍ରବାର ଅପରାହ୍ନ ୨ଟାରେ ମୃତ୍ୟୁ ହୋଇଯାଇଛି । ବର୍ତ୍ତମାନ ନନ୍ଦନକାନନରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୫୦କୁ ଖସି ଆସିଛି ।

# ପେଟ୍ରୋଲ ପମ୍ପରେ ଉତ୍ତେଜନା

**କଟକ ଅଫିସ, ୫।୭**

- ପାଣିମିଶା ତେଲ ଦେଇଥିବା ଅଭିଯୋଗ
- ଟଙ୍କା ଫେରାଇଲେ ପମ୍ପ କର୍ତ୍ତୃପକ୍ଷ

ପାଣିମିଶା ତେଲ ଦେଉଥିବା ଅଭିଯୋଗରେ ଶୁକ୍ରବାର ରାତିରେ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମର୍କତ ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶୁକ୍ରବାର ରାତି ୯ଟାରେ ଉକ୍ତ ଟାଙ୍କିରେ ପହଞ୍ଚି ୨ ଜଣ ଯୁବକ ବାଇକ୍‌ରେ ପେଟ୍ରୋଲ ପକାଇଥିଲେ। ହେଲେ ପେଟ୍ରୋଲର ରଙ୍ଗ ଧଳା ଦେଖାଯାଉଥିବାରୁ ଏହା ପାଣି ମିଶା ତେଲ ବୋଲି ସେମାନେ ଅଭିଯୋଗ କରିଥିଲେ। ତାଙ୍କୁ ଦେଖି ପମ୍ପରେ ତେଲ ପକାଉଥିବା ସମସ୍ତେ ପାଟିତୁଣ୍ଡ କରିଥିଲେ। ତେଲରେ ପାଣି ମିଶାଇ ଲୋକମାନଙ୍କୁ ଠକୁଥିବା କହି ଲୋକମାନେ ହୋହଲ୍ଲା କରିଥିଲେ। ଖବରପାଇ ପୋଲିସ ଓ ପମ୍ପର ମାଲିକ ସେଠାରେ ପହଞ୍ଚିଥିଲେ। ପରେ ଅଭିଯୋଗ କରୁଥିବା ଲୋକମାନଙ୍କୁ ପମ୍ପ ପକ୍ଷରୁ ଟଙ୍କା ଫେରସ୍ତ କରାଯିବା ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା। ପମ୍ପ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ମାଟିତଳେ ଥିବା ତେଲ ଟାଙ୍କିରେ କିଛି କାର୍ଯ୍ୟ ଚାଲିଥିଲା। ଭୁଲ ବଶତଃ ଟାଙ୍କି ଭିତରକୁ କିଛି ପାଣି ପଶି ଆସିଥିଲା। ଏହା ଜଣାପଡ଼ି ନ ଥିଲା। ଲୋକମାନେ ଅଭିଯୋଗ କରିବା ପରେ ତେଲ ଯାଞ୍ଚ କରିବାରୁ ତାହା ଜଣାପଡ଼ିଥିଲା। ଏହାର ମରାମତି କାମ ଚାଲିଛି। କାର୍ଯ୍ୟ ଶେଷ ହେବା ପରେ ଲୋକମାନଙ୍କୁ ତେଲ ଦିଆଯିବ ବୋଲି ସେ କହିଛନ୍ତି।

# କମ୍ ଖର୍ଚ୍ଚରେ ସହଜରେ ପିଲା ପାଇପାରିବେ ସାର୍ଟିଫିକେଟ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

**ନାଡ୍‌ର ଜାତୀୟ ସମୀକ୍ଷା ବୈଠକ**




ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନ୍ୟାଶନାଲ ଏକାଡେମିକ ଡିପୋଜିଟୋରି (ନାଡ୍) କାର୍ଯ୍ୟକ୍ରମର ଜାତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଆଜିର ଯୁଗ ହେଉଛି ଅନ୍‌ଲାଇନ୍‌ର ଯୁଗ। ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ସୁଫଳ ପାଇବେ। ମୁଖ୍ୟମନ୍ତ୍ରୀ ସୁଶାସନର ଯେଉଁ ୫ଟି କଥା କହୁଛନ୍ତି ତାହା ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ ବୋଲି ନିରଞ୍ଜନ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପଦ୍ମଜା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନାଡ୍ କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ସହଜରେ ଓ କମ୍ ଖର୍ଚ୍ଚରେ ସାର୍ଟିଫିକେଟ ପାଇପାରିବେ ଏବଂ ଏହି ବ୍ୟବସ୍ଥା ଦ୍ୱାରା ସାର୍ଟିଫିକେଟଗୁଡ଼ିକ ନିରାପଦ ରହିବ ଓ ନଷ୍ଟ ହେବାର ସମ୍ଭାବନା ରହିବ ନାହିଁ ବୋଲି କୁଳପତି କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। କୁଳସଚିବ ଇତିଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ। ଅଧାପକ ଡ. ବିବୁଧେନ୍ଦୁ ପତି,ଡ. ମାନସ ବେହେରା, ଛବିରାଣୀ ପାଣିଗ୍ରାହୀ, ମୋନାଲିସା ଜେନା, ମନୀଷା ମିଶ୍ର ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ନାଡ୍ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏକ ଡିଜିଟାଲ କାର୍ଯ୍ୟକ୍ରମ, ଯେଉଁଥିରେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍, ମାର୍କଶିଟ୍ ଆଦିର କମ୍ପ୍ୟୁଟରୀକରଣ କରାଯାଇ ଅନ୍‌ଲାଇନ୍‌ରେ ପେଠାଗାରରେ ରଖାଯିବ। ଏହାକୁ ଯେକୌଣସି ସମୟରେ ବିଦ୍ୟାର୍ଥୀମାନେ ବ୍ୟବହାର କରିପାରିବେ। ଏହା ନିରାପଦ ଓ ଏହି ବ୍ୟବସ୍ଥାରେ ସାର୍ଟିଫିକେଟ୍ ଆଦି ନଷ୍ଟ ହେବାର ସମ୍ଭାବନା ନାହିଁ। ଗୋଟିଏ କ୍ଲିକ୍‌ରେ ଜଣେ ଏହା ସହଜରେ ପାଇପାରିବେ।



“ ୨୦୨୩ ବିଶ୍ୱକପ୍ ପାଇଁ ଦଳ ଗଢ଼ିବା ଲାଗି ୱେଷ୍ଟଇଣ୍ଡିଜକୁ ଇଂଲଣ୍ଡ ପଦାଙ୍କ ଅନୁସରଣ କରିବାକୁ ପଡ଼ିବ।

–କାର୍ଲୋସ ବ୍ରାଥୱେଟ୍, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



“ ପ୍ରଫେଶନାଲ କ୍ରିକେଟ ଖେଳିବାକୁ ହେଲେ ପ୍ରତ୍ୟେକ ବିଭାଗରେ ଶତ ପ୍ରତିଶତ ଫିଟ୍ ରହିବା ଜରୁରୀ।

–ଗୁଲ୍‌ବଦିନ ନାଇବ, ଆଫଗାନିସ୍ତାନ ଅଧିନାୟକ

## ସଂକ୍ଷେପରେ

### କ୍ୱାର୍ଟରରେ କାଶ୍ୟପ, ସୌରଭ

**କାଲଗାରି, ୫।୭(ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପାରୁପାଲ୍ଲୀ କାଶ୍ୟପ ଓ ସୌରଭ ବର୍ମା ଏଠାରେ ଚାଲିଥିବା ୭୫ ହଜାର ଆମେରିକୀୟ ଡଲାର କାନାଡା ଓପନ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ରାଜ୍ୟଗୋଷ୍ଠୀ ଚାମ୍ପିୟନ କାଶ୍ୟପ ୨୩-୨୧, ୨୧-୧୩, ୨୧-୧୯ ଗେମ୍‌ରେ ଚାଇନାର ରେନ୍ ପେଙ୍ଗଙ୍କୁ ହରାଇଛନ୍ତି। ତାଙ୍କୁ ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୨୪ ମିନିଟ୍ ଲାଗିଥିଲା। ଜାତୀୟ ଚାମ୍ପିୟନ ସୌରଭ ୨୧-୧୩, ୧୫-୨୧, ୨୧-୧୫ ଗେମ୍‌ରେ ଚାଇନିଜ ଖେଳାଳି ସୁନ୍ ଫେଇ ଜିଆଙ୍ଗଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ୬ଷ୍ଠ ସିଡ୍ କାଶ୍ୟପ ଫ୍ରାନ୍ସର ଲୁକାସ କ୍ଲାଏରବାଉଟ୍‌ଙ୍କୁ ଭେଟିବାକୁ ଥିବାବେଳେ ସୌରଭ ଚାଇନାର ଲିଶି ଫେଙ୍ଗ୍‌ଙ୍କ ସହ ମୁକାବିଲା କରିବେ।

### କୁଏତ୍ ଉପରୁ ବାସନ୍ଦ ଉଠାଇଲା ଆଇଓସି

**ପ୍ୟାରିସ, ୫।୭(ଏଏଫ୍‌ପି):** କୁଏତ୍ ଆସନ୍ତା ୨୦୨୦ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବ। ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। କ୍ରୀଡ଼ାକ୍ଷେତ୍ରରେ ଅଯଥା ସରକାରୀ ହସ୍ତକ୍ଷେପକୁ ନେଇ ୪ବର୍ଷ ପୂର୍ବେ ଆଇଓସି କୁଏତ୍ ଅଲିମ୍ପିକ କମିଟି (କେଓସି)କୁ ବାସନ୍ଦ କରିଥିଲା। ଶେଖ ଫାହଦ ନାସେର ସାବା ଅହମ୍ମଦ ଅଲ୍ ସାବା କେଓସିର ସଭାପତି ଭାବେ ନିର୍ବାଚିତ ହେବା ସପ୍ତାହେ ନ ପୂରୁଣୁ ଆଇଓସି ପକ୍ଷରୁ ଏହି ଘୋଷଣା କରାଯାଇଛି। ଫୁଟ୍‌ବଲ ୱାର୍ଲ୍ଡ ଗଭର୍ଣ୍ଣିଂ ବଡି ଫିଫା ମଧ୍ୟ ଏହି କାରଣରୁ ୨୦୧୫ ଅକ୍ଟୋବରରେ କୁଏତ୍ ଫୁଟ୍‌ବଲ ଆସୋସିଏଶନକୁ ସସ୍‌ପେଣ୍ଡ କରିଥିଲା। ମାତ୍ର ୨୦୧୭ରେ ଏହି ବାସନ୍ଦ ଦଣ୍ଡକୁ ଉଠାଇ ଦେଇଥିଲା।

### ଏଟିକେରୁ ଖେଳିବେ ଆନାସ

**କୋଲକାତା, ୫।୭ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍‌ର ଆସନ୍ତା ସିଜନ ପାଇଁ ପୂର୍ବତନ ଚାମ୍ପିୟନ ଏଟିକେ ଶୁକ୍ରବାର ପୂର୍ବତନ ଭାରତୀୟ ଡିଫେଣ୍ଡର ଆନାସ ଏଦାଥୋଡିକାଙ୍କୁ ଅନୁବନ୍ଧିତ କରିଛି। ଆନାସଙ୍କ ଯୋଗଦାନ ପରେ ଏଟିକେର ଡିଫେନ୍ସ ଲାଇନ୍ ଅଧିକ ଶକ୍ତିଶାଳୀ ହୋଇପାରିଛି। ତାଙ୍କ ସହିତ ଜାତୀୟ ଦଳର ସନ୍ଦେସ ଝିଙ୍ଗାନ ଏହି ପୋଜିଶନରେ ଖେଳିବେ। ୨୦୧୧ରେ ପୁଣେ ଏଫ୍‌ସିରେ ଯୋଗଦାନ କରିବା ପୂର୍ବରୁ ଆନାସ ଆଇ-ଲିଗ୍‌ରେ ମୁମ୍ବାଇ ତରଫରୁ ଖେଳି ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୩-୧୪ରେ ଦଳର ଅଧିନାୟକ ହୋଇଥିଲେ। ସେ ୨୦୧୨-୧୩ରେ ପୁଣେ ଫୁଟ୍‌ବଲ କ୍ଲବ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଥିଲେ। ସେ ପ୍ରଥମ ଭାରତୀୟ ତଥା ପ୍ରଥମ ଡିଫେଣ୍ଡର ଭାବେ ଏହି ପୁରସ୍କାର ଜିତିଥିଲେ। ଆଇଏସଏଲ୍‌ରେ ଆନାସ ୨୦୧୭-୧୮ ସିଜନରେ ଜାମଶେଦପୁର ଏଫ୍‌ସି ତରଫରୁ ଖେଳି ପ୍ରତିଯୋଗିତାରେ ପ୍ରଥମ ପଦାର୍ପଣ କରିଥିଲେ।

# ଦୋଛକିରେ ସଞ୍ଜୟ, ସୁପ୍ରିମକୋର୍ଟଙ୍କ ଶୁଣାଣିକୁ ଅପେକ୍ଷା

**କଟକ ଅଫିସ,୫।୭**

ରାଜ୍ୟ କ୍ରୀଡ଼ା ଜଗତରେ ଯେଉଁ କେତୋଟି ପ୍ରସଙ୍ଗ ଚର୍ଚ୍ଚାରେ ରହିଛି, ସେଗୁଡ଼ିକ ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ନିର୍ବାଚନ ପ୍ରସଙ୍ଗ ସବୁଠାରୁ ଆଗରେ। ରାଜ୍ୟର ସବୁଠାରୁ ଶକ୍ତିଶାଳୀ କ୍ରୀଡ଼ା ସଂଘ ଓସିଏର ମୁଖିଆ କିଏ ହେବ ତାହାକୁ ନେଇ ଏବେ ଚାଲିଛି ଅଙ୍କକଷା। ଏକଦା ରାଜ୍ୟ କ୍ରିକେଟର ସର୍ବେସର୍ବା ବିବେଚିତ ହେଉଥିବା ଆଶୀର୍ବାଦ ବେହେରା ଏବେ ଓସିଏର କୌଣସି ପଦବୀରେ ନ ଥିଲେ ମଧ୍ୟ ଆସୋସିଏଶନ ଗଠନ କରିବାରେ ତାଙ୍କ ଭୂମିକା ହିଁ ସବୁଠାରୁ ଅଧିକ ରହିବ ବୋଲି ଚର୍ଚ୍ଚା ହେଉଛି। ଆଶୀର୍ବାଦଙ୍କ ପତିଆରା ଏବେ ବି ସତେଜ ଓସିଏରେ। ତେବେ ଆଶୀର୍ବାଦଙ୍କ ପୁଅ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଓସିଏର ଭବିଷ୍ୟତ ମୁଖିଆ ଭାବେ ପ୍ରୋଜେକ୍ଟ କରାଯାଉଛି ବୋଲି କେତେକ କ୍ରୀଡ଼ା ସଙ୍ଗଠକ ମତ ଦେଇଛନ୍ତି। ଏ କଥାକୁ ଓସିଏ ସହ ଜଡ଼ିତ ଅନେକ ପୂର୍ବତନ କ୍ରୀଡ଼ା ସଙ୍ଗଠକ ଅସ୍ୱୀକାର ମଧ୍ୟ କରିନାହାନ୍ତି।

**ଅଗଷ୍ଟରେ ଫାଓ, ସେପ୍ଟେମ୍ବରରେ ଓସିଏ ନିର୍ବାଚନ**

ହେଲେ ସଞ୍ଜୟ ଏବେ ଦୋଛକିରେ ଅଛନ୍ତି। ଆଗାମୀ ଦୁଇ ମାସ ଭିତରେ ଉଭୟ ଫାଓ ଏବଂ ଓସିଏର ନିର୍ବାଚନ ଶେଷ ହେବ। ଦୀର୍ଘବର୍ଷ ଧରି ରାଜ୍ୟରେ ଫୁଟବଲର ବିକାଶ କରିଥିବା ସଞ୍ଜୟ ଫାଓ ହାତ ଛାଡ଼ି ଓସିଏ ସହ ଯୋଡ଼ି ହେବେ କିମ୍ବା ଫାଓର ଲଗାତର ତୃତୀୟ ଥର ସମ୍ପାଦକ ହେବେ ତାହା ଦେଖିବାକୁ ବାକି ରହିଛି। ଆସନ୍ତା ୧୦ ତାରିଖରେ ରାଜ୍ୟ କ୍ରିକେଟ ଆସୋସିଏଶନଗୁଡ଼ିକର ନିର୍ବାଚନକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ମଧ୍ୟ ରହିଛି। ଏହି ତାରିଖ ହିଁ ସଞ୍ଜୟଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

୨୦୦୦ ଜୁନ ୨୫ ତାରିଖରେ କଟକର ପୁରୁଖା ରାଜନେତା ତଥା କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଓସିଏର ସମ୍ପାଦକ ପଦବୀରେ ଅବସ୍ଥାପିତ ହୋଇଥିଲେ। ୧୬ବର୍ଷର ଦାୟିତ୍ୱ ପରେ ୨୦୧୭ ଜାନୁୟାରୀ ୪ ତାରିଖରେ ଆଶୀର୍ବାଦ ବାଧ୍ୟବାଧକତାରେ ଏହି ପଦବୀ ଛାଡ଼ି ଥିଲେ। ଲୋଧା କମିଟିର



“ ରାଜ୍ୟରେ ଫୁଟବଲ ବିକାଶ କେଉଁ ସ୍ତରକୁ ଯାଇଛି ତାହା ସମସ୍ତେ ଜାଣନ୍ତି। ଏଣୁ ଫାଓ ପ୍ରତି ଭଲପାଇବା ରହିଛି। ହେଲେ ଓସିଏ ସହ ଯୋଡ଼ି ହେବି ନା ନାହିଁ ସେ ନେଇ କୌଣସି ଯୋଜନା କରିନାହିଁ। କ୍ରିକେଟ ସଂଘର ଭାଗ୍ୟ, ବିଧାତା ହେଉଛନ୍ତି ସୁପ୍ରିମକୋର୍ଟ। ତାଙ୍କ ନିଷ୍ପତ୍ତି ଶୁଣିବା ଅପେକ୍ଷାରେ ଅଛି।

- ସଞ୍ଜୟ ବେହେରା, ସମ୍ପାଦକ, ଫାଓ

ସୁପାରିସ କ୍ରମେ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଶୀର୍ବାଦ ଓସିଏ ଛାଡ଼ିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତାଙ୍କ ବିନା ପରାମର୍ଶରେ ଓସିଏରେ କୌଣସି କାମ ଆଗେଇ ନାହିଁ। କାର୍ଯ୍ୟକାରୀ କମିଟି ଗଠନ ହୋଇ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଇତି ମଧ୍ୟରେ ଆୟୋଜନ ହୋଇଥିଲେ ମଧ୍ୟ ଅଭିଜ୍ଞ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦଙ୍କ ଉପସ୍ଥିତି ସବୁବେଳେ କାମରେ ଲାଗିଛି। ଓସିଏ ନିର୍ବାଚନ ତାରିଖ ଏଯାଏଁ ନିର୍ଦ୍ଧାରିତ ହୋଇନାହିଁ। ତଥାପି ଓସିଏ ଏହା ଆଉ ଅଧିକ ଦୂର ନୁହେଁ। ଆଗାମୀ ଓସିଏ ନିର୍ବାଚନରେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ହିଁ ବାପାଙ୍କ ପଦବୀ ସମ୍ଭାଳିବେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆଶୀର୍ବାଦଙ୍କୁ ପଚରାଯାଇଥିଲେ ମଧ୍ୟ ସେ ସ୍ପଷ୍ଟ ଉତ୍ତର କେବେ ଦେଇ ନାହାନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ରାଜ୍ୟ କ୍ରିକେଟ ସଂଘ ଗୁଡ଼ିକର ନିର୍ବାଚନ ନେଇ ଯୋଜନା ମଧ୍ୟ ଅଗ୍ରଗତି କରି ସାରିଲାଣି। କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ)ର ଘୋଷଣା ଅନୁଯାୟୀ, ଜୁଲାଇ ୧ ତାରିଖ ସୁଦ୍ଧା ସମସ୍ତ ରାଜ୍ୟ ଆସୋସିଏଶନ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ସହ ଅଗଷ୍ଟ ୧୪ ସୁଦ୍ଧା ନିର୍ବାଚନ ବିଧି ଓ ଭୋଟର ତାଲିକା ପ୍ରଚଳନ, ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନଗୁଡ଼ିକର ନିର୍ବାଚନ ହେବ। ଏଣୁ ସେପ୍ଟେମ୍ବରରେ ଓସିଏ ନିର୍ବାଚନ ହେବା ଥୟ। ରାଜ୍ୟ କ୍ରିକେଟ ଆସୋସିଏଶନଗୁଡ଼ିକର ନିର୍ବାଚନକୁ ନେଇ ସୁପ୍ରିମକୋର୍ଟରେ ଏକ ଶୁଣାଣି ତାରିଖ ରହିଛି। ଆଶାୟୀ ପ୍ରାର୍ଥୀଙ୍କ ପାଇଁ ଏହି ତାରିଖଟି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ପାଲଟି ସାରିଲାଣି। ଶୁଣାଣିରେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇ ପ୍ରାର୍ଥୀ ଚୟନ କରାଯିବ ତାହା ସ୍ପଷ୍ଟ ହେବ। ସଞ୍ଜୟଙ୍କ ପାଇଁ ମଧ୍ୟ ଆସନ୍ତା ୧୦ ତାରିଖ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପକ୍ଷରେ ଓଡ଼ିଶା ଫୁଟବଲ ଆସୋସିଏଶନରୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଗଠନ ହେବା ଦିନ ଠାରୁ ସଞ୍ଜୟ ହିଁ ଏହାର ସମ୍ପାଦକ ଅଛନ୍ତି। ୨୦୧୦ ମସିହାରେ ଗଠନ ହୋଇଥିଲା ଫାଓ। ଶେଷଥର ନିମନ୍ତେ ୨୦୧୪ରେ ଫାଓ ନିର୍ବାଚନ ହୋଇଥିବା ବେଳେ ୨୦୧୮ରୁ ଏହାର କାର୍ଯ୍ୟକାଳ ଶେଷ ହୋଇ ସାରିଲାଣି। ହେଲେ ଏଯାଏଁ ନିର୍ବାଚନ କରାଯାଇନାହିଁ। ଖୁବଶୀଘ୍ର ଫାଓର ସମ୍ବିଧାନକୁ ଅବଲମ୍ବନ କରି କାଉନସିଲ ବୈଠକ ଡାକିବା ସହ ନିର୍ବାଚନ ତାରିଖ ଧାର୍ଯ୍ୟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

### ମାର୍ଶ ବାଦ୍, ଅଷ୍ଟ୍ରେଲିଆ ଦଳରେ ହ୍ୟାଣ୍ଡ୍‌ସକମ୍ବ

**ଲିଡ୍ସ, ୫।୭:** ଟପ୍ ଅର୍ଡର ବାମହାତୀ ବ୍ୟାଟ୍ସମ୍ୟାନ ଶନ ମାର୍ଶ ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପିଟର ହ୍ୟାଣ୍ଡ୍‌ସକମ୍ବଙ୍କୁ ଦଳରେ ସାମିଲ କରାଯାଇଛି। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ କୁହାଯାଇଛି। ଓଲ୍ଡ ଟ୍ରାଫୋର୍ଡଠାରେ ଗୁରୁବାର ଅଭ୍ୟାସବେଳେ ପାଟ କମିନ୍ସଙ୍କ ରାଇଜିଂ ଡିଲେଭରୀ ୩୫ ବର୍ଷୀୟ ମାର୍ଶଙ୍କ ରିଷ୍ଟରେ ବାଜିଥିଲା। ବିଶ୍ୱକପ୍‌ର ଟେକ୍‌ନିକାଲ କମିଟି ମାର୍ଶଙ୍କ ବଦଳ ଖେଳାଳି ଭାବେ ହ୍ୟାଣ୍ଡ୍‌ସକମ୍ବଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ ହେବାକୁ ଅନୁମତି ଦିଆଯାଇଛି ବୋଲି ଆଇସିସି ସ୍ପଷ୍ଟ କରିଛି। ମାର୍ଶଙ୍କ ରିଷ୍ଟ ଫ୍ୟାକ୍ଚର ହୋଇଛି। ଏଥିରୁ ମୁକୁଳିବା ଲାଗି ତାଙ୍କୁ ଅସ୍ତ୍ରୋପଚାର କରାଇବାକୁ ପଡ଼ିବ। ଅଲରାଉଣ୍ଡ ଗ୍ଲେନ ମ୍ୟାକ୍ସୱେଲଙ୍କ ରିଷ୍ଟରେ ମଧ୍ୟ ଆଘାତ ଲାଗିଛି। ତାଙ୍କର ସ୍କାନ କରାଯାଇସାରିଛି। ସମସ୍ୟା ଗୁରୁତର ନୁହେଁ। ସେ ଶନିବାର ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଫିଟ୍ ହୋଇଯିବେ ଆଶା କରାଯାଉଛି ବୋଲି କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ୨୮ ବର୍ଷୀୟ ହ୍ୟାଣ୍ଡ୍‌ସକମ୍ବ ୨୧ ଦିନିକିଆ ଖେଳି ଗୋଟିଏ ଶତକ ଓ ୪ ଅର୍ଦ୍ଧଶତକ ଲଗାଇସାରିଛନ୍ତି।





କାରୋଲିନ୍ ଓଜନିଆକିଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳିବା ଅବସରରେ ଚାଇନାର ଝାଙ୍ଗ ଶୁଇ। ମ୍ୟାଚ ଜିତିବାପରେ ଖୁସି ମନାଉଛନ୍ତି ଚେକ୍ ରିପବ୍ଲିକର କାରୋଲିନା ମୁଚୋଭା।

# ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ

**ଲଣ୍ଡନ, ୫।୭:** ଗତଥରର ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ସର୍ବୀୟ ଖେଳାଳି ନୋଭାକ୍ ଜୋକୋଭିଚ୍ ୱିମ୍ବଲଡନ ଓପନ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ରନର୍ସଅପ୍ କେଭିନ ଆଣ୍ଡରସନ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ରବର୍ଟ ହର୍କାଜଙ୍କୁ ୭-୫, ୬-୭ (୫), ୬-୧, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଆର୍ଜେଣ୍ଟିନାର ଗୁଇଡୋ ପେଲା ଚତୁର୍ଥ ସିଡ୍ ତଥା ଦକ୍ଷିଣ ଆଫ୍ରିକାର ଆଣ୍ଡରସନଙ୍କୁ ୬-୪, ୬-୩, ୭-୬ (୭-୪)ରେ ହରାଇ ଦେଇଛନ୍ତି। ଏଥିସହିତ ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସେ ପ୍ରଥମ ଥର ପାଇଁ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବିଶ୍ୱର ଏହି ୨୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ବର୍ତ୍ତମାନ କାନାଡାର ମିଲୋସ ରାଓନିକ୍‌ଙ୍କୁ ଭେଟିବେ। ରାଓନିକ ଆମେରିକାର ରେଲି ଓପେଲକାଙ୍କୁ ୭-୬ (୭-୧), ୬-୨, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ ସ୍ପେନର ରବର୍ଟୋ ବଟିଷ୍ଟା ଅଗଟ୍, ଫ୍ରେଞ୍ଚ ଖେଳାଳି ବେନଏଟ ପାଇରେ ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମହିଳା ନମ୍ବର ୱାନ ଖେଳାଳି ଡେନମାର୍କର କାରୋଲିନ୍ ଓଜନିଆକିଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଶୁକ୍ରବାର ଏକ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ଚାଇନାର ଝାଙ୍ଗ୍ ଶୁଆଇ ୬-୪, ୬-୨ ସେଟ୍‌ରେ ୧୪ତମ ସିଡ୍ ଓଜନିଆକିଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ସିମୋନା ହାଲେପ୍, ପେଟ୍ରା ମାର୍ଟିକ, ଏଲିନା ସ୍ୱିତୋଲିନା ରହିଛନ୍ତି।

**ୱିମ୍ବଲଡେନ ଗ୍ରାଣ୍ଡସ୍ଲାମ୍ ଟେନିସ୍**

### ଭାରତ ଆଶା ଉଜ୍ଜୀବିତ କଲେ ଶରନ

**ଲଣ୍ଡନ, ୫।୭(ପି.ଟି.)**

ଚଳିତ ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍‌ରେ ଡିଭିଜ୍ ଶରନ ଭାରତୀୟ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ବ୍ରାଜିଲିଆନ ପାର୍ଟନର ମାର୍ସେଲୋ ଡିମୋଲିନରଙ୍କ ସହିତ ସେ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଯୋଡ଼ି ବେଲିଜିଆନ ଯୋଡ଼ି ସାଣ୍ଡର ଗିଲେ ଓ ଜୋରାନ ଭ୍ଲିଜେନଙ୍କୁ ୭-୬ (୧),୫-୭, ୭-୬(୬), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଶରନ ୱିମ୍ବଲଡନ୍‌ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିଥିଲେ। ସେତେବେଳେ ଆର୍ଟେମ ସିଟାକ୍ ତାଙ୍କର ପାର୍ଟନର ରହିଥିଲେ। ଶରନ ଅଷ୍ଟ୍ରେଲିଆନ ଓପନ (୨୦୧୮), ଫ୍ରେଞ୍ଚ ଓପନ (୨୦୧୭) ଏବଂ ୟୁଏସ୍ ଓପନ୍ (୨୦୧୩)ରେ ମଧ୍ୟ ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ। ଏଥର ୱିମ୍ବଲଡନରେ ରୋହନ ବୋପାନ୍ନା, ଲିଆଣ୍ଡର ପେସ୍, ପୂରବ ରାଜା ଏବଂ ଜୀବନ ନେଦୁନଚେଝିଆନ ପୁରୁଷ ଡବଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇ ସାରିଛନ୍ତି।

■ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ

## ଭାରତୀୟ ସମ୍ଭାବ୍ୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ଜୁଲାଇ ୭ରୁ ଅହମ୍ମଦାବାଦର ଏକା ଆରେନାଠାରେ ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ହେବ। ଏଥିଲାଗି ଭାରତୀୟ ଫୁଟ୍‌ବଲ ଟିମ୍ କୋଚ୍ ଇଗୋର ଷ୍ଟିମାକ୍ ଶୁକ୍ରବାର ୨୫ ଜଣିଆ ସମ୍ଭାବ୍ୟ ଫୁଟ୍‌ବଲ ଟିମ୍ ଘୋଷଣା କରିଛନ୍ତି। ପ୍ରଥମ ଦିବସରେ ଗତଥରର ଚାମ୍ପିୟନ ଭାରତ ତାଜିକିସ୍ତାନକୁ ଭେଟିବ। ଏଥିରେ ଅନ୍ୟ ଦୁଇ ଦଳ ସିରିଆ ଓ ଉତ୍ତର କୋରିଆ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳ ପ୍ରତ୍ୟେକଙ୍କୁ ଥରେ ଲେଖାଏଁ ଭେଟିବେ। ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଟୁର୍ନାମେଣ୍ଟ ଲାଗି ମୁମ୍ବାଇରେ ୧୦ ଦିନ ଧରି ପ୍ରସ୍ତୁତି କ୍ୟାମ୍ପ୍ ଚାଲିଥିଲା। ଏଥିରେ ସମସ୍ତ ଖେଳାଳି ବାସ୍ତବିକ କଠିନ ପରିଶ୍ରମ କରିଛନ୍ତି। ଆଗାମି ମ୍ୟାଚଗୁଡ଼ିକରେ ଦଳର ପ୍ରଦର୍ଶନକୁ ଆମେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛୁ ବୋଲି ଷ୍ଟିମାକ୍ କହିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଖେଳାଳି ତାଲିକା ୨୩କୁ ହ୍ରାସ କରାଯିବ। ଇଣ୍ଡିଆନ ଆରୋଜ ଡିଫେଣ୍ଡର ନରେନ୍ଦର ଗେହଲଟଙ୍କ ସହିତ ମନ୍ଦର ରାଓ ଦେଶାଇଙ୍କୁ ଦଳରେ ସ୍ଥାନ ମିଳିଛି। ଗୁଜରାଟରେ ପ୍ରଥମ ଥର ଏକ ସିନିୟର ପୁରୁଷ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ୨୦୧୪ ଫିଫା ବିଶ୍ୱକପ୍ ପାଇଁ କ୍ରୋଏସିଆକୁ ଦଳକୁ କୋଚିଂ ଦେଇଥିବା ଷ୍ଟିମାକ୍ କହିଛନ୍ତି, ସେପ୍ଟେମ୍ବରରେ ଆରମ୍ଭ ହେବାକୁଥିବା ୨୦୨୨ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ପୂର୍ବରୁ ଖେଳାଳିମାନେ



ଇଗୋର ଷ୍ଟିମାକ୍

କିପରି ଫର୍ମକୁ କିପରି ଫେରିପାରିବେ ସେଥିଲାଗି ସମସ୍ତ ଯୋଜନା କରାଯାଇଛି। ଜୁନ୍ ୨୫ରୁ ଆରମ୍ଭ ହୋଇଥିବା ପ୍ରସ୍ତୁତି କ୍ୟାମ୍ପ ଲାଗି ୩୫ ଜଣ ଖେଳାଳିଙ୍କୁ ଡକାଯାଇଥିଲା। ତନ୍ମଧ୍ୟରୁ ୨୫ଜଣଙ୍କୁ ମନୋନୀତ କରାଯାଇ ଅବଶିଷ୍ଟଙ୍କୁ ରିଲିଜ୍ କରିଦିଆଯାଇଥିଲା।

**ମନୋନୀତ ଖେଳାଳି: ଗୋଲକିପର:** ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ ସାନ୍ଧୁ, କମଲଜିତ୍ ସିଂ।

**ଡିଫେଣ୍ଡର:** ପ୍ରୀତମ କୋଟାଲ, ରାହୁଲ ଭେକେ, ସନ୍ଦେଶ ଝିଙ୍ଗାନ, ଅଦିଲ ଖାଁ, ଆନାସ ଏଦାଥୋଡିକା, ନରେନ୍ଦର ଗେହଲଟ, ସୁଭାଶିଷ ବୋଷ୍, ଜେରି ଲାଲ୍‌ରିନ୍‌ଜୁଆଲା।

**ମିଡ୍‌ଫିଲ୍ଡର:** ଉଦାନ୍ତ ସିଂ, ବ୍ରେଣ୍ଡନ ଫର୍ନାଣ୍ଡିଜ୍, ଅନିରୁଦ୍ଧ ଥାପ୍ପା, ପ୍ରଣୟ ହାଲ୍‌ଦାର, ରାଓଲିନ୍ ବର୍ଗେସ, ବିନିତ ରାୟ, ସହଲ ଅବ୍ଦୁଲ, ଅମରଜିତ୍ ସିଂ, ଲାଲ୍‌ଲିଆନଜୁଆଲା ଚାଙ୍ଗ୍‌ଟେ, ମନ୍ଦର ରାଓ ଦେଶାଇ।

**ଫରୱାର୍ଡ:** ଜୋବି ଜଷ୍ଟିନ, ସୁନୀଲ ଛେତ୍ରୀ, ଫାରୁକ୍ ଚୌଧାରୀ ଓ ମନଭିର ସିଂ।

## ଜୁଭେଣ୍ଟସ ଫେରିଲେ କିମ୍ବଦନ୍ତୀ ବଫନ

**ରୋମ,୫।୭**

ପୂର୍ବତନ ଇଟାଲିଆନ ଗୋଲକିପର ଗିଆନଲୁଇଗି ବଫନ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ସହ ଏକ ବର୍ଷୀୟା ଚୁକ୍ତି ଶେଷ କରିବା ପରେ ଜୁଭେଣ୍ଟସ କ୍ଲବକୁ ଫେରିଛନ୍ତି। ଏ ନେଇ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ୪୧ ବର୍ଷୀୟ ଗୋଲକିପର ପୂର୍ବରୁ ୧୭ ସିଜନରେ କ୍ଲବ ପାଇଁ ଖେଳିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଦଳ ୯ ଥର ସିରିଜ ଏ’ ଟାଇଟଲ ହାତେଇବା ସହ ୩ ଥର ଚାମ୍ପିୟନ୍ସ ଲିଗ୍ ଫାଇନାଲ ଖେଳିଥିଲା।

■ ଜାତୀୟ ଜୁନିୟର ମହିଳା ହକି କ୍ୟାମ୍ପ

## ସମ୍ଭାବ୍ୟ ଖେଳାଳି ତାଲିକାରେ ଓଡ଼ିଶାର ୩

**ନୂଆଦିଲ୍ଲୀ, ୫।୭(ପି.ଟି.)**

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ସେଣ୍ଟରରେ ଭାରତୀୟ ଜୁନିୟର ମହିଳା ହକି ଖେଳାଳିଙ୍କୁ ନେଇ କ୍ୟାମ୍ପ ଚଳିତମାସ ୮ରୁ ଆରମ୍ଭ ହେବ। ଶୁକ୍ରବାର ଏଥିପାଇଁ ଘୋଷିତ ୩୩ ଜଣିଆ କୋର୍ ତାଲିକାରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର, ଆଜମିନା କୁଜୁର ଓ ଫରୱାର୍ଡ ଜୀୱନ କିଶୋରୀ ଟପ୍ପୋ। କୋଚ୍ ବଲଜିତ ସିଂ ସଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ସପ୍ତାହ ବିଶିଷ୍ଟ ଏହି କ୍ୟାମ୍ପ ଅଗଷ୍ଟ ୩ରେ ଶେଷ ହେବ।

ଗତ ଆୟର୍ଲାଣ୍ଡ ଗସ୍ତ ଅବସରରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଚତୁଃରାଷ୍ଟ୍ରୀୟ ୨୧ ବର୍ଷରୁ କମ୍



ଆଜମିନା କୁଜୁର



ମାରିଆନା କୁଜୁର



ଜୀୱନ କିଶୋରୀ ଟପ୍ପୋ

କାଣ୍ଟର ଫଇଜ୍‌ଗେରାଲ୍ଡ ଟୁର୍ନାମେଣ୍ଟ ବିଜୟୀ ହୋଇଥିଲା। ସେଠାରେ ଦଳ ଆୟୋଜକ ଆୟର୍ଲାଣ୍ଡ, କାନାଡ଼ା, ସ୍କଟଲାଣ୍ଡ ବିପକ୍ଷରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲା। ପରେ ଭାରତୀୟ ଦଳ ବେଲାରୁଷ ଗସ୍ତ କରି ସେଠାକାର ଜୁନିୟର ଦଳକୁ ପରାସ୍ତ କରିଥିଲା। ଆୟର୍ଲାଣ୍ଡ ଓ ବେଲାରୁଷ ଗସ୍ତ ପରେ ଭାରତୀୟ ଦଳ ବିଶ୍ୱର ଶ୍ରେଷ୍ଠ ଜୁନିୟର ଦଳରେ ପରିଣତ ହୋଇଛି ବୋଲି ଅନୁଭବ କରୁଛନ୍ତି କୋଚ୍ ସଇନି। କ୍ୟାମ୍ପ ପରେ କେତେଜଣ ଖେଳାଳି ସିନିୟର ସ୍ତରରେ କ୍ୟାରିୟର ଆରମ୍ଭ କରିବାକୁ ପ୍ରସ୍ତୁତ ବୋଲି ସେ ସୂଚନା ଦେଇଛନ୍ତି।

# ଉପଯୁକ୍ତ ନିଷ୍ପତ୍ତି ନେବାର ସମୟ

**ଜ୍ୟାକ୍ସ କାଲିସ**

ଚଳିତ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନକୁ ନେଇ ଅନେକ କିଛି ଆଲୋଚନା ହୋଇଗଲା। ଆସନ୍ତା ଶନିବାର ସମ୍ମାନ ରକ୍ଷା ପାଇଁ ଦଳ ଲାଗି ଶେଷ ସୁଯୋଗ ରହିଛି। ଏହାର ସଦ୍‌ବ୍ୟବହାର କରି ଦଳ ନିଶ୍ଚିତ ଇମ୍ରାନ ତାହିର, ଜେପି ଡୁମିନି ଏବଂ ଆଉ ଜଣେ ଦୁଇଜଣଙ୍କୁ ନିଶ୍ଚିତ ଉପଯୁକ୍ତ ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଚାହିଁବ। ତାହିର ବିଳମ୍ବରେ ଗତ ୮ ବର୍ଷ ତଳେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଖେଳ ଆରମ୍ଭ କରିବା ସମୟରେ ଚୟନକର୍ତ୍ତାମାନେ ଦଳ ଜଣେ ନା ଦୁଇଜଣ ସ୍ପିନରଙ୍କୁ ନେବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଥିଲେ। ଏହା ଦକ୍ଷିଣ ଆଫ୍ରିକା ପାଇଁ ଏବେ ମଧ୍ୟ ପ୍ରଶ୍ନବାଚୀ ହୋଇ ରହିଛି। ତେବେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନିଜ ପ୍ରଦର୍ଶନର ଛାପ ଛାଡ଼ିଲେ। ତେଣୁ ତାଙ୍କ ଅନୁପସ୍ଥିତି ଅନୁଭୂତ ହେବ। ଦଳରେ ତାଙ୍କ ଉପସ୍ଥିତି କେତେ ଗୁରୁତ୍ୱପୂର୍ଣ୍ଣ ତାହା ସାଥୀ ଖେଳାଳିମାନେ ହିଁ ଭଲଭାବେ ଜାଣିଛନ୍ତି, ମାତ୍ର ଅଧିକାଂଶ ଦର୍ଶକ ଏହା ଚାହୁଁଥିବେ ବୋଲି ମୁଁ ଭାବିପାରୁନି। ସେ ଉଇକେଟ ଶୂନ୍ୟ ରହୁଥିବାବେଳେ ଦକ୍ଷିଣ ଆଫ୍ରିକା ଅନେକ ସଂଘର୍ଷପୂର୍ଣ୍ଣ ସମୟ ଦେଇ ଗତି କରିଛି।

ଇଂଲଣ୍ଡ କ୍ରମାଗତ ୨ଟି ବଡ଼ ମ୍ୟାଚରେ ବିଜୟ ଆବଶ୍ୟକ କରୁଥିଲା ଏବଂ ଦଳ ପ୍ରଭାବୀ ପ୍ରଦର୍ଶନ କରି ତାହା ହାସଲ କରିଛି। ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଦକ୍ଷତା ଅନୁସାରେ ଖେଳିଥିଲା। ସେମିଫାଇନାଲ ପ୍ରବେଶ ପୂର୍ବରୁ ଇଂଲଣ୍ଡ ପାଇଁ ପୂର୍ବ ୨ଟି ମ୍ୟାଚ ସେମିଫାଇନାଲ ସଦୃଶ ଥିଲା। ୨ଟି ଯାକ ମ୍ୟାଚରେ ବିଜୟ ହାସଲ କରିଥିବାରୁ ଖେଳାଳିଙ୍କ ମନୋବଳ ନିଶ୍ଚିତ ବୃଦ୍ଧି ପାଇଥିବ ବୋଲି ମୁଁ ଅନୁଭବ କରୁଛି। ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ନକ୍‌ଆଉଟ ପର୍ଯ୍ୟାୟରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ। କହିଲେ ଅତ୍ୟୁକ୍ତି ହେବନାହିଁ ଯେ , ଏପରି ପରିସ୍ଥିତିରେ ଭାରତ ଓ ଅଷ୍ଟ୍ରେଲିଆ ପୂର୍ବରୁ ନିଜ ଦକ୍ଷତା ପ୍ରତିପାଦନ କରି ସାରିଛନ୍ତି। ତେଣୁ ସେମିଫାଇନାଲ ପରି ବଡ଼ ମ୍ୟାଚରେ ସେମାନେ କିଛି ଅସୁବିଧାର ସମ୍ମୁଖୀନ ହେବେ ବୋଲି ମୁଁ ଭାବି ପାରୁନି। ସେମିଫାଇନାଲରେ ପ୍ରବେଶ କରିଥିବା ପ୍ରତି ଦଳରେ ଆହତ ସମସ୍ୟା ରହିଛି।

THE ULTIMATE INVERTER BATTERY
EXIDE INVATUBULAR

ତେଣୁ କେଉଁ ଦଳ କେତେ ଶକ୍ତିଶାଳୀ ତାହା ଏଠାରେ ପରୀକ୍ଷା ହୋଇଯିବ।

ଆଠ ନମ୍ବର ସ୍ଥାନରେ ରବୀନ୍ଦ୍ର ଜାଡେଜା ଓ ଭୁବନେଶ୍ୱର କୁମାରଙ୍କ ପରି ଅତିରିକ୍ତ ବ୍ୟାଟିଂ ବିକଳ୍ପଙ୍କ ଅଭାବ ଯୋଗୁ ଭାରତର ବ୍ୟାଟିଂ ବିଭାଗ ପ୍ରଭାବିତ ହୋଇଛି। ମାତ୍ର ମହମ୍ମଦ ସାମି ପ୍ରତ୍ୟାବର୍ତ୍ତନ କରିବା ପରଠାରୁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ତେଣୁ ଭାରତ ନିଶ୍ଚିତ ୪ ସ୍ପେଶାଲିଷ୍ଟ ବୋଲର ଏବଂ ଜଣେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଖୁସି ରହିବ। କେତେକ ଆଶ୍ଚର୍ଯ୍ୟଜନକ ଫଳାଫଳ ଯୋଗୁ ଟୁର୍ନାମେଣ୍ଟରେ ଏବେ ମଧ୍ୟ ରୋମାଞ୍ଚ ଭରି ରହିଛି। ମାତ୍ର ୨ ସପ୍ତାହ ପୂର୍ବରୁ ମୁଁ କହି ସାରିଛି ଯେ, ଶ୍ରେଷ୍ଠ ୪ଟି ଦଳ ହିଁ ସେମିଫାଇନାଲରେ ପହଞ୍ଚି ପାରିବେ। ଏବେ ସେ ସମୟ ଉପନୀତ।

ଏବେ ବଡ଼ ସ୍କୋର କିମ୍ବା ରେକର୍ଡ କରିବା, ଛକା ମାରି ଦର୍ଶକଙ୍କୁ ଉଲ୍ଲସିତ କରିବା ସମୟ ନୁହେଁ, ଥଣ୍ଡାମନରେ ବିଚାର କରି ଉପଯୁକ୍ତ ନିଷ୍ପତ୍ତି ନେବାର ସମୟ। ଏବେ କେବଳ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବାର ସମୟ। ଶୀଘ୍ର ଉଇକେଟ ହରାଇବା କିମ୍ବା ୩ ଓଭରରେ ୩୦ ରନ ବ୍ୟୟ କରିବାର ସମୟ ଏହା ନୁହେଁ। ଏପରି ସ୍ପେଲ୍ ଦଳ ପାଇଁ ମହଙ୍ଗା ପଡ଼ିପାରେ। ସମ୍ଭବତଃ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ହେବ ଏବଂ ଏକ ଶ୍ରେଷ୍ଠ ଦଳ ହିଁ ବିଜୟ ମୁକୁଟ ପିନ୍ଧିବ।

(ଟିଭାକ୍ ସ୍ପୋର୍ଟ୍ସ/ଗେମ୍ ପ୍ଲାନ)




# ସେମିଫାଇନାଲ ପୂର୍ବରୁ ଶେଷ ଲଢ଼େଇ

## ମିଡଲ ଅର୍ଡର ସୁଧାରିବା ଲକ୍ଷ୍ୟରେ ଭାରତ

**ଲିଡ୍ସ, ୫।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଭାରତ ବିଜୟଧାରା ବଜାୟ ରଖିବାରେ ସକ୍ଷମ ହୋଇଛି। ତେବେ ଏହା ସତ୍ତ୍ୱେ ଦଳର ମିଡଲଅର୍ଡର ସମସ୍ୟା ତଥା ଦୁର୍ବଳତା ପଦାରେ ପଡିଛି। ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଶନିବାର ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ତେଣୁ ହାଇଭୋଲ୍‌ଟେଜ ସେମିଫାଇନାଲ ଖେଳିବା ପୂର୍ବରୁ ଭାରତ ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଏହି ମ୍ୟାଚ୍‌ରେ ନିଜର ପୁରୁଣା ଫର୍ମ ଫେରିପାଇବାକୁ ଚେଷ୍ଟା କରିବେ। ଶ୍ରୀଲଙ୍କାକୁ ଭାରତ ହରାଇଲେ ଓ ଅନ୍ୟପଟେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହେଲେ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିବ। ଏହା ହେଲେ ଭାରତ ସେମିଫାଇନାଲରେ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡକୁ ଭେଟିବ। ଇଂଲଣ୍ଡକୁ ସେମିଫାଇନାଲରେ ଭେଟିବା ଅପେକ୍ଷା ଭାରତ ସେମିରେ ନ୍ୟୁଜିଲାଣ୍ଡକୁ ଭେଟିଲେ ଅପେକ୍ଷାକୃତ ସୁବିଧାଜନକ ସ୍ଥିତିରେ ରହିବ। ଭାରତ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୬ଟି ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୩ ପଏଣ୍ଟ ପାଇଁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଶ୍ରୀଲଙ୍କା ୮ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଦୁଇଟି ବିନା ଫଳାଫଳ ସହ ୮ ପଏଣ୍ଟ ପାଇ ଟେବୁଲର ଷଷ୍ଠ ସ୍ଥାନରେ ରହିଛି।




ନେଟ୍ସରେ ଶୁକ୍ରବାର ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀ।

ଭାରତର ମିଡଲଅର୍ଡର ସମସ୍ୟା ଏବେ ବି ଜାରି ରହିଥିବା ବେଳେ ଟିମ୍ ମ୍ୟାନେଜମେଣ୍ଟ ଏ ନେଇ ଚିନ୍ତିତ ରହିଛି। ଟପ୍ ଅର୍ଡର ଭଲ ପ୍ରଦର୍ଶନ ଉପରେ ଦଳ ନିର୍ଭରଶୀଳ ହୋଇଛି। ଉପଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କ ଉପରେ ଦଳ ଅଧିକ ନିର୍ଭର କରୁଛି। ରୋହିତ ଏପର୍ଯନ୍ତ ୫୪୪ ରନ କରି ସର୍ବାଧିକ ରନ୍ ସଂଗ୍ରହ ତାଲିକାର ଶୀର୍ଷରେ ରହିଛନ୍ତି। ସେ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୪ଟି ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସାଙ୍ଗକାରାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଉ ଗୋଟିଏ ଶତକ ହାସଲ କଲେ ରୋହିତ ବିଶ୍ୱକପ୍ ଇତିହାସରେ ନୂଆ ରେକର୍ଡ ସୃଷ୍ଟି କରିବେ। ସେହିପରି ଅଧିନାୟକ ବିରାଟ କୋହଲି କ୍ରମାଗତ ୫ଟି ଅର୍ଦ୍ଧଶତକ ହାସଲ କରି ୪୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିସାରିଛନ୍ତି। ତେବେ ସେ ଏପର୍ଯ୍ୟନ୍ତ ତାଙ୍କ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରିନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଧୋନୀଙ୍କୁ ଡେଥ୍ ଓଭରରେ କମାଲ କରିବାକୁ ପଡିବ। ଲସିଥ ମାଲିଙ୍ଗାଙ୍କ ୟର୍କର ଓ ଭେରିଏସନ ସହ ମନ୍ଥର ବୋଲିଂକୁ ସେ କିପରି ସାମ୍ନା କରୁଛନ୍ତି ତାହା ଏହି ମ୍ୟାଚ୍‌ରେ ଜଣାପଡିବ।

ଶ୍ରୀଲଙ୍କା ସ୍ପିନର ଧନଞ୍ଜୟ ଡି ସିଲ୍‌ଭା ବେଶ୍ ଏପର୍ଯ୍ୟନ୍ତ ବେଶ୍ କଞ୍ଜୁସ୍ ବୋଲିଂ କରିଛନ୍ତି। ମିଡଲ ଓଭରରେ ଧୋନୀ ତାଙ୍କୁ ଉଚିତ ମୁକାବିଲା କରି ରନ୍ ସଂଗ୍ରହ କରି ଆତ୍ମବିଶ୍ୱାସ ଫେରିପାଇବେ ବୋଲି ଆଶା କରାଯାଉଛି। ସବୁ ମ୍ୟାଚ୍‌ରେ ଧୋନୀ ସ୍ପିନରଙ୍କ ବିପକ୍ଷରେ ୮୧ଟି ବଲ ଖେଳି ମାତ୍ର ୪୭ ରନ ସଂଗ୍ରହ କରିଛନ୍ତି। ମିଡଲ ଓଭରରେ ସ୍ଲୋ ବୋଲରଙ୍କ ବିପକ୍ଷରେ ସେ ତାଙ୍କର ଦୁର୍ବଳତା ଏବେ ପଦାରେ ପଡିଛି। ଏଥିପାଇଁ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଧୋନୀଙ୍କ ବିପକ୍ଷରେ ବାମହାତୀ ସ୍ପିନର ମିଲିନ୍ଦା ସିରିବର୍ଦ୍ଧନାଙ୍କୁ ବ୍ୟବହାର କରିବେ ବୋଲି ଆଶା କରାଯାଉଛି। ଅଧିନାୟକ କୋହଲି ଭାରତ ପାଇଁ ପ୍ରେରଣା ଉତ୍ସ ହୋଇ ରହିବେ ଓ ସେ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସବୁ ପ୍ରକାର ପ୍ରୟାସ କରିବେ।

ସେମିରେ ପହଞ୍ଚିସାରିଥିବାରୁ ଶ୍ରୀଲଙ୍କା ବିପକ୍ଷରେ ଭାରତ କୋତେଟି ପରୀକ୍ଷା ନିରୀକ୍ଷା କରିବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ମିଳିପାରେ। ନୂଆକରି ଦଳରେ ସାମିଲ ହୋଇଥିବା ମୟଙ୍କ ଅଗ୍ରୱାଲଙ୍କ ସମେତ ଜାଡେଜା ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ଖେଳିନାହାନ୍ତି। ଶ୍ରୀଲଙ୍କା ଦଳରେ ଏକାଧିକ ବାମହାତୀ ବ୍ୟାଟ୍ସମ୍ୟାନ ଥିବାରୁ ଜାଡେଜା ଖେଳିବାର ସମ୍ଭାବନା କମ୍ ରହିଛି। ଫଳରେ ଭଲ ଅଫ୍ ବ୍ରେକ୍ ବୋଲିଂ କରୁଥିବାରୁ କେଦାର ଯାଦବଙ୍କୁ ଖେଳାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ ବାଂଲାଦେଶ ବିପକ୍ଷରେ ବେଶି ବଲ୍ ଖେଳି ନ ଥିବା ଦୀନେଶ କାର୍ତ୍ତିକ ଏହି ମ୍ୟାଚ୍‌ରେ ନ ଖେଳିଲେ ଅନ୍ୟାୟ ହେବ। ଧୋନୀଙ୍କୁ ୪ ନମ୍ବରରେ ଖେଳାଇବା ନେଇ କୋହଲି ସେତେଟା ଉତ୍ସାହ ଦେଖାଇନାହାନ୍ତି। ଏହା ହେଲେ ପାୱାର ହିଟର ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ନିମ୍ନ କ୍ରମରେ ସ୍ୱାଭାବିକ ଖେଳ ପ୍ରଦର୍ଶନ କରନ୍ତେ। କେତୋଟି ଅର୍ଦ୍ଧ ଶତକ ହାସଲ କରିଥିବା ଲୋକେଶ ରାହୁଲ ରୋହିତଙ୍କ ସହ ଇନିଂସ ଓପନ କରିବେ। ପୂର୍ବରୁ ରୋହିତ ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଦ୍ୱିଶତକ ଅର୍ଜନ କରିଛନ୍ତି। ତେବେ ସେ ମୁମ୍ବାଇ ଇଣ୍ଡିଆନ୍ସ ସାଥୀ ମାଲିଙ୍ଗାଙ୍କ ତରଫରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

୧୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କୁ ସେମିଫାଇନାଲ ପୂର୍ବରୁ ବିଶ୍ରାମର ଆବଶ୍ୟକତା ରହିଛି। ତେବେ ଭାରତ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିବା ଲକ୍ଷ୍ୟରେ ଥିବାରୁ ଅତିକମ୍‌ରେ ଏହି ଦୁଇଜଣଙ୍କ ମଧ୍ୟରୁ ଜଣକୁ ବିଶ୍ରାମ ଦେବ ବୋଲି ଆଶା କରାଯାଉଛି।




**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହତ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, ଦୀନେଶ କାର୍ତ୍ତିକ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମୀ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା ଓ କେଦାର ଯାଦବ।

**ଶ୍ରୀଲଙ୍କା ଦଳ:** ଦିମୁଥ କରୁଣାରତ୍ନେ (ଅଧିନାୟକ), କୁଶଲ ମେଣ୍ଡିସ୍, କୁଶାଲ ପେରେରା, ଲାହିରୁ ଥିରିମାନେ, ଆଞ୍ଜେଲୋ ମାଥ୍ୟୁସ, ଲସିଥ ମାଲିଙ୍ଗା, ଜୀବନ ମେଣ୍ଡିସ୍, ଧନଞ୍ଜୟ ଡି ସିଲଭା, କସୁନ ରଜିଥା, ଇସୁରୁ ଉଡ଼ାନା, ସୁରଙ୍ଗା ଲାକମଲ, ମିଲିନ୍ଦା ସିରିବର୍ଦ୍ଧନା, ଜେଫ୍ରି ଭାଣ୍ଡରସେ, ଥିସାରା ପେରେରା ଓ ଅଭିଷ୍କା ଫର୍ନାଣ୍ଡୋ।

## ଭାବବିହ୍ୱଳ ବିଦାୟ ଲାଗି ପ୍ରସ୍ତୁତ ତାହିର



**ମାଞ୍ଚେଷ୍ଟର,୫।୭**

ଦକ୍ଷିଣ ଆଫ୍ରିକା ଲେଗ୍ ସ୍ପିନର ଇମ୍ରାନ ତାହିର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ସନ୍ନ୍ୟାସ ନେବା ଲାଗି ପ୍ରସ୍ତୁତ। ଶନିବାର ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ତାଙ୍କ କ୍ୟାରିୟରର ୧୦୭ତମ ଓ ଅନ୍ତିମ ଦିନିକିଆ ମ୍ୟାଚ୍ ହେବ। ପାକିସ୍ତାନରେ ଜନ୍ମିତ ତାହିର ଦକ୍ଷିଣ ଆଫ୍ରିକୀୟ ନାଗରିକଙ୍କୁ ବିବାହ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ ଲାଗି ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ପ୍ରାୟ ୩୨ ବର୍ଷ ବୟସରେ ୨୦୧୧ ଫେବୃୟାରୀରେ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିଥିଲେ। ଏବେ ୪୦ ବର୍ଷୀୟ ତାହିର ଦିନିକିଆ ଫର୍ମାଟରେ ଏପର୍ଯ୍ୟନ୍ତ ୧୭୨ ଉଇକେଟ ନେଇସାରିଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଚଳିତ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିପାରି ନାହିଁ। ଦଳ ୮ ମ୍ୟାଚ୍‌ରୁ ମାତ୍ର ୨ ବିଜୟ ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଦଳଗତ ଭାବେ ଆମେ ବିଜୟ ସହ ଅଭିଯାନ ଶେଷ କରିବାକୁ ଚାହୁଁ। କିନ୍ତୁ ଏହା ମୋ ପାଇଁ ଦୁଃଖର ବିଷୟ। କାରଣ ମୁଁ ଏବେ ୫୦ ଓଭରିଆ ଫର୍ମାଟ ଛାଡ଼ିବାକୁ ଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ମୋ ପାଇଁ ସ୍ୱପ୍ନ ଥିଲା। ମୋତେ ସାହାଯ୍ୟ ଓ ସମର୍ଥନ କରିଥିବା ପ୍ରତ୍ୟେକଙ୍କ ଲାଗି ମୁଁ କୃତଜ୍ଞ। ମୁଁ ଯେତେ ଲମ୍ବା କ୍ରିକେଟ ଖେଳିପାରିଥାନ୍ତି, ଖେଳିଛି। ଏବେ ଅଲ୍‌ବିଦା କହିବାକୁ ସମୟ ଆସିଯାଇଛି। ଏହା ମୋ ପାଇଁ ଦୁଃଖର ବିଷୟ ଓ ଏଥିନେଇ ମୁଁ ପ୍ରସ୍ତୁତ। ଦଳ ଓ ମୁଁ ଅନ୍ତିମ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିପାରିବୁ ବୋଲି ଆଶା କରୁଛି।

# ବିଜୟ ସହ ପାକିସ୍ତାନର ଅଭିଯାନ ଶେଷ

**ଲଣ୍ଡନ,୫।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ପୂର୍ବତନ ଚାମ୍ପିୟନ ପାକିସ୍ତାନ ତା'ର ଶେଷ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଅଭିଯାନ ଶେଷ କରିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ୯୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ସାନ୍ତ୍ୱନାମୂଳକ ବିଜୟ ହାସଲ କରିଥିଲେ ମଧ୍ୟ ପାକିସ୍ତାନ ନେଟ ରନରେଟ୍‌ରେ ପଛରେ ପଡିବା କାରଣରୁ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୩୧୫ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୪.୧ ଓଭରରେ ୨୨୧ ରନ କରି ଅଲ୍‌ଆଉଟ ହୋଇଛି। ବାଂଲାଦେଶ ୯ଟି ମ୍ୟାଚ୍ ଖେଳି ୩ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ଟେବୁଲର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅନ୍ୟପଟେ ଏହି ବିଜୟ ସହ ପାକିସ୍ତାନ ୯ଟି ମ୍ୟାଚ୍ ଖେଳି ୫ ବିଜୟ, ୩ ପରାଜୟ, ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ହାସଲ କରି ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ସମାନ ୧୧ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ନେଟ୍ ରନ୍‌ରେଟ୍‌ରେ ନ୍ୟୁଜିଲାଣ୍ଡ ଟେବୁଲର ଚତୁର୍ଥ ସ୍ଥାନ ଅଧିକାର କରି ସେମିକୁ ଉଠିଛି। ସେମିକୁ ଉଠିବା ପାଇଁ ପାକିସ୍ତାନକୁ ୩୦୦ରୁ ଉର୍ଦ୍ଧ୍ୱ ରନରେ ବିଜୟୀ ହେବା ଜରୁରୀ ଥିଲା ଓ ପ୍ରଥମେ ବ୍ୟାଟିଂ କରି ଅତିକମ୍‌ରେ ୪୫୦ ରନ ସଂଗ୍ରହ କରିବା ଆବଶ୍ୟକ ହେଉଥିଲା ଓ ଏହା ଏକ ପ୍ରକାର ଅସମ୍ଭବ ଥିଲା। ଆୟୋଜକ ଇଂଲଣ୍ଡ ୯ଟି ମ୍ୟାଚ୍ ଖେଳି ୬ ବିଜୟ, ୩ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଟେବୁଲର ତୃତୀୟ ସ୍ଥାନରେ ରହିଛି। ଏବେ ୧ ଓ ୨ ନମ୍ବର ସ୍ଥାନ ପାଇଁ ଭାରତ ଓ ଅଷ୍ଟ୍ରେଲିଆ ଅଲଗା ଅଲଗା ମ୍ୟାଚ୍‌ରେ ଶନିବାର ଅବତୀର୍ଣ୍ଣ ହେବେ ଓ ଏହାପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ୬ ଉଇକେଟ ଅକ୍ତିଆର କରି ଶାହିନ ଶାହ ଆଫ୍ରିଦୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ସେ ଏଥିସହିତ ପ୍ରଥମ ପାକିସ୍ତାନ ବୋଲର ଭାବେ ବିଶ୍ୱକପ୍ ଇତିହାସରେ ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି।



ଶତକ ହାସଲ ପରେ ଇମାମ ଉଲ ହକ୍।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶାହିନ ଶାହ ଆଫ୍ରିଦୀ।

୩୧୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଂଲାଦେଶ ଇନ୍‌ଫର୍ମ ସୌମ୍ୟ ସରକାରଙ୍କୁ ପ୍ରଥମେ ହରାଇଥିଲା। ସୌମ୍ୟ ୨୨ ରନ କରିଥିବା ବେଳେ ମହମ୍ମଦ ଅମୀରଙ୍କ ବଲ୍‌ରେ ପଏଣ୍ଟରେ ଫଖର ଜମାନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ତାମିମ ଇକ୍‌ବାଲ ମାତ୍ର ୮ ରନ କରିଥିବା ବେଳେ ଶାହିନ ଶାହ ଆଫ୍ରିଦୀଙ୍କ ସ୍ଲୋ ବଲ୍‌ରେ ଜଲ୍‌ଦି ଷ୍ଟ୍ରେଟ୍ ଡ୍ରାଇଭ କରିବାକୁ ଯାଇ ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। ମୁସ୍‌ଫିକର ରହିମ ୧୬ ରନକରିଥିବା ବେଳେ ୱାହାବ ରିୟାଜଙ୍କ ଲେନ୍ଥ ବଲକୁ ଶଟ୍ ଖେଳିବାକୁ ଯାଇ ବୋଲ୍ଡ ହୋଇଥିଲେ। ଲିଟନ ଦାସ ୩୨ ରନକରି ଆଫ୍ରିଦୀଙ୍କ ବଲ୍‌ରେ ହାରିସ ସୋହେଲଙ୍କୁ କ୍ୟାଚ୍ ଦେଇଥିଲେ। ଇନ୍‌ଫର୍ମ ଅଲରାଉଣ୍ଡର ସାକିବ ଅଲ ହାସନ ୭୭ ବଲରୁ ୬ ଚୌକା ସହ ୬୪ ରନ କରି ଆଫ୍ରିଦୀଙ୍କ ବଲ୍‌ରେ ଉଇକେଟ କିପର ସର୍ଫରାଜ ଅହମ୍ମଦଙ୍କୁ କ୍ୟାଚ୍ ଦେଇଥିଲେ। ମୋସାଡେକ ହୋସେନ ୧୬ ରନ କରି ସଦାବ ଖାଁ, ମହମୁଦୁଲ୍ଲା ୨୯ ରନ କରି ଆଫ୍ରିଦୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦୀ ସର୍ବାଧିକ ୬, ଶଦାବ ୨, ଅମୀର ଓ ରିୟାଜ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଚିରାଚରିତ ଢ଼ଙ୍ଗରେ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଓପନର ଫଖର ଜମାନ ମାତ୍ର ୧୩ ରନ କରିଥିବାବେଳେ ମହମ୍ମଦ ସୈଫୁଦ୍ଦିନଙ୍କ ବଲ୍‌ରେ ମେହିଦି ହାସନ ମିରାଜଙ୍କୁ ପଏଣ୍ଟରେ କ୍ୟାଚ୍ ଦେଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଇମାମ ଓ ଇନ୍‌ଫର୍ମ ତାରକା ବ୍ୟାଟ୍ସମ୍ୟାନ ବାବର ଆଜମ ୧୪୮ ବଲରୁ ୧୫୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ତେବେ ୯୮ ବଲରୁ ୧୧ ଚୌକା ସହ ୯୬ରନର ଇନିଂସ ଖେଳି ବାବର ଲାଇନ୍ ମିସ୍ କରି ସୈଫୁଦ୍ଦିନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଇମାମ୍ ୧୦୦ ରନ (୧୦୦ ବଲ, ୭ ଚୌକା) ଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ଶତକ ହାସଲ କରିବା ଠିକ ପରେ ସେ ଇମାମ ମୁସ୍ତାଫିଜୁର ରହମାନଙ୍କ ବଲ୍‌ରେ ବ୍ୟାକ୍‌ଫୁଟ୍‌ରେ ଫ୍ଲିକ୍ କରିବାକୁ ପ୍ରୟାସ କରୁଥିବା ବେଳେ ତାଙ୍କ ପଛ ଗୋଡ ଷ୍ଟମ୍ପରେ ବାଜିଥିଲା। ଫଳରେ ସେ ହିଟ୍ ଉଇକେଟ ହୋଇ ପ୍ରଶଂସକଙ୍କୁ ନିରାଶ କରିଥିଲେ। ଏଥିସହିତ ଇମାମ ୨୩ ବର୍ଷରେ ବିଶ୍ୱକପ୍‌ରେ ପାକିସ୍ତାନର ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି ଓ ସେ କ୍ୟାରିୟରର ସପ୍ତମ ଦିନିକିଆ ଶତକ ଅର୍ଜନ କରିଛନ୍ତି। ଅଭିଜ୍ଞ ମହମ୍ମଦ ହାଫିଜ୍ ୨୫ ବଲରୁ ୩ ଚୌକା ସହ ୨୭ ରନ କରିଥିବାବେଳେ ମିରାଜଙ୍କ ବଲ୍‌ରେ ସାକିବ ଅଲ ହାସନଙ୍କୁ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାରରେ କ୍ୟାଚ୍ ଦେଇଥିଲେ। ଇମାଦ ୱାସିମ ୨୬ ବଲରୁ ୬ ଚୌକା ଓ ୧ ଛକା ସହ ଦ୍ରୁତ ୪୩ ରନ କରିଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ସର୍ବାଧିକ ୫, ସୈଫୁଦ୍ଦିନ ୩, ମିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ପାକିସ୍ତାନ ୫୦ ଓଭରରେ ୩୧୫/୯ (ଇମାମ– ୧୦୦, ବାବର– ୯୬, ଇମାଦ– ୪୩, ମୁସ୍ତାଫିଜୁର– ୫/୭୫, ସୈଫୁଦ୍ଦିନ– ୩/୭୭ )।

**ବାଂଲାଦେଶ ୪୪.୧ ଓଭରରେ ୨୨୧ ଅଲଆଉଟ୍**

(ସାକିବ– ୬୪, ଲିଟନ– ୩୨, ମହମୁଦୁଲ୍ଲା– ୨୯, ସୌମ୍ୟ– ୨୨, ଆଫ୍ରିଦି– ୬/୩୫, ସଦାବ– ୨/୫୯)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୮** | **୬** | **୧** | **୦** | **୧** | **୧୩** | **+୦.୮୧୧** |
| ଇଂଲଣ୍ଡ | ୯ | ୬ | ୩ | ୦ | ୦ | ୧୨ | +୧.୧୫୨ |
| ନ୍ୟୁଜିଲାଣ୍ଡ | ୯ | ୫ | ୩ | ୦ | ୧ | ୧୧ | +୦.୧୭୫ |
| ପାକିସ୍ତାନ | ୯ | ୫ | ୩ | ୦ | ୧ | ୧୧ | –୦.୪୩୦ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | –୦.୯୩୪ |
| ବାଂଲାଦେଶ | ୯ | ୩ | ୫ | ୦ | ୧ | ୭ | –୦.୪୧୦ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | –୦.୦୮୦ |
| ୱେଷ୍ଟଇଣ୍ଡିଜ | ୯ | ୨ | ୬ | ୦ | ୧ | ୫ | –୦.୨୨୫ |
| ଆଫଗାନିସ୍ତାନ | ୯ | ୦ | ୯ | ୦ | ୦ | ୦ | –୧.୩୨୨ |

# ଅଷ୍ଟ୍ରେଲିଆ- ଦକ୍ଷିଣ ଆଫ୍ରିକା ମୁକାବିଲା ଆଜି

**ମାଞ୍ଚେଷ୍ଟର,୫।୭(ଏଏଫପି)**

ଚଳିତ ବିଶ୍ୱକପର ଅନ୍ତିମ ଲିଗ୍ ମ୍ୟାଚରେ ଗତଥର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ। ଶନିବାର ଖେଳାଯିବାକୁ ଥିବା ଏହି ଦ୍ୱିତୀୟ ମ୍ୟାଚ୍ ଅଷ୍ଟ୍ରେଲିଆ ପାଇଁ ଅଧିକ ଗୁରୁତ୍ୱବହନ କରୁଛି। ସେମିଫାଇନାଲ ଦୌଡ଼ରୁ ଦକ୍ଷିଣ ଆଫ୍ରିକା ବାଦ୍ ପଡିସାରିଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ହାର ଜିତ୍ ଉପରେ ସେମିଫାଇନାଲର ରୂପରେଖ ସ୍ପଷ୍ଟ ହେବ। ଅର୍ଥାତ୍ ଅନ୍ତିମ ତାଲିକାରେ କେଉଁ ଦଳଗୁଡ଼ିକ ଶ୍ରେଷ୍ଠ ୪ଟି ସ୍ଥାନରେ ରହିବେ ତାହା ସ୍ପଷ୍ଟ ହେବ। ବଲ ଟ୍ୟାମ୍ପରିଂ ମାମଲାରେ ଦକ୍ଷିଣ ଆଫ୍ରିକା ବିପକ୍ଷ କେପ୍ ଟାଉନ ଟେଷ୍ଟରେ ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ଗୋଟିଏ ବର୍ଷ ବାସନ୍ଦାଦେଶ କଟାଇବା ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ତେବେ ଏହି ମ୍ୟାଚ୍‌ରେ ଦୁଇ ଖେଳାଳି ଚାପର ବଶବର୍ତ୍ତୀ ହେବେ ନାହିଁ ବୋଲି ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ଅଷ୍ଟ୍ରେଲିଆ ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ରହିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୮ଟି ମ୍ୟାଚ୍ ଖେଳି ୨ଟି ବିଜୟ, ୫ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ଟେବୁଲର ଅଷ୍ଟମ ସ୍ଥାନରେ ରହି ସେମି ଦୌଡ଼ରୁ ବାଦ୍ ପଡ଼ିସାରିଛି। ଏହି ମ୍ୟାଚ୍ ଏକାଧିକ ଖେଳାଳିଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି ବୋଲି ଲାଙ୍ଗର କହିଛନ୍ତି। ବିଜୟୀ ହେଲେ ଅଷ୍ଟ୍ରେଲିଆ ଶୀର୍ଷରେ ରହିବ ଓ ସେମିଫାଇନାଲରେ ଇଂଲଣ୍ଡ ଭେଟିବ ନାହିଁ। ଫଳରେ ଦଳ ସେମିରେ ନ୍ୟୁଜିଲାଣ୍ଡକୁ ଭେଟିବାର ଯଥେଷ୍ଟ ସମ୍ଭାବନା ରହିବ। ବିଜୟଧାରା ବଜାୟ ରଖି ଶୀର୍ଷକୁ ଉଠିବାର ଆମର ଲକ୍ଷ୍ୟ ବୋଲି ଲାଙ୍ଗର କହିଛନ୍ତି।

ବିଶ୍ୱକପରେ ୱାର୍ନର ସର୍ବାଧିକ ସ୍କୋର କରିବାରେ ଅନ୍ୟତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେ ତୃତୀୟ ସନ୍ତାନର ଜନକ ହୋଇଛନ୍ତି। ୱାର୍ନର ଓ ସ୍ମିଥ୍ ଉଭୟ ଭଲ ଖେଳିଛନ୍ତି ଓ ଏହି ମ୍ୟାଚ୍‌ରେ ମଧ୍ୟ ଅଶାନୁରୂପ ପ୍ରଦର୍ଶନ କରିବେ ବୋଲି ଲାଙ୍ଗର ଆଶା ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ପୂର୍ବରୁ ୫ଥର ବିଶ୍ୱକପ୍ ହାସଲ କରିଛି। ଗତଥର ମଧ୍ୟ ଘରୋଇ ମାଟିରେ ଅଷ୍ଟ୍ରେଲିଆ ଟାଇଟଲ ଜିତିଥିଲା। ଏଥର ପ୍ରଥମଦଳ ଭାବେ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉଠିଥିଲା। ବଲ ଟ୍ୟାମ୍ପରିଂ ମାମଲା ତଥା କଳଙ୍କକୁ ପଛରେ ପକାଇ ଅଷ୍ଟ୍ରେଲିଆ ଭଲ ପ୍ରଦର୍ଶନ କରି ଦଳର ହୃତ ଗୌରବକୁ ଫେରାଇ ଆଣିବା ଲକ୍ଷ୍ୟରେ ରହିଛି ବୋଲି ଲାଙ୍ଗର କହିଛନ୍ତି।

**ଆଜିର ମ୍ୟାଚ୍**

| | |
|---|---|
| ଭାରତ | ଅଷ୍ଟ୍ରେଲିଆ |
| ବନାମ | ବନାମ |
| ଶ୍ରୀଲଙ୍କା | ଦକ୍ଷିଣ ଆଫ୍ରିକା |
| ସ୍ଥାନ | ସ୍ଥାନ |
| ଲିଡ୍ସ | ମାଞ୍ଚେଷ୍ଟର |
| ସମୟ | ସମୟ |
| ଅପରାହ୍ନ ୩ଟା | ସନ୍ଧ୍ୟା ୬ଟା |

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଲଛମନ ମହାନ୍ତି**
ବିନିଶପୁର, କଟକ
ଆବିର୍ଭାବ: ୧୯୩୭
ତିରୋଧାନ: ୦୧।୦୭।୨୦୧୪
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲାଣି କିନ୍ତୁ ଆଜି ବି ଆପଣଙ୍କ ସ୍ମୃତି ଆମ୍ଭମାନଙ୍କ ମନ ମଧ୍ୟରେ ଅଛି। ଯେଉଁଠି ଥାଅ ନା କାହିଁକି ଆପଣଙ୍କର ଆଶୀର୍ବାଦ ଆମ୍ଭର କାମ୍ୟ। ତୁମ୍ଭର ଆତ୍ମାର ଶାନ୍ତି ଏବଂ ସଦଗତି ନିମନ୍ତେ ପରମ ଦୟାଳୁ ଠାକୁରଙ୍କ ଚରଣ ତଳେ ଆମ୍ଭର କୋଟି କୋଟି ପ୍ରଣାମ।
**ଶୋକସନ୍ତପ୍ତ:**
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସପରିବାରବର୍ଗ।
ଧ-୬୫୬୬୨

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ମନୋରଞ୍ଜନ ମିଶ୍ର**
୮୫,ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ -୧୯.୦୬.୧୯୫୭
ତିରୋଧାନ-୧୯.୦୭.୨୦୧୫
ଆଜି ୪ର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ :**
ମିଶ୍ର ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ।
ଧ-୬୬୭୨୫

**ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଆକୁଳି ଚରଣ ମହାନ୍ତି**
(ବୈପାରୀଗୁଡ଼ା)
ଆବିର୍ଭାବ: ୦୮।୧୨।୧୯୪୪
ତିରୋଧାନ: ୨୭।୦୬।୨୦୧୯
ବାପା, ଆମ୍ଭମାନଙ୍କୁ ପରକରି ଆରପାରିକୁ ଚାଲିଗଲ। ବହୁତ ମନେପଡ଼ନ୍ତି। ସର୍ବଦା ଆପଣଙ୍କ ଆଶୀର୍ବାଦ ଆମ ପ୍ରତି ରହୁ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଗୁହାରି କରୁଛୁ।
**ଆପଣଙ୍କ ଶୋକସନ୍ତପ୍ତ:**
ପତ୍ନୀ: ସୁଷମା, ପୁଅ, ବୋହୂ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୨୭୦










## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ, ଅନ୍ୟ ଜଣେ ଗୁରୁତର

**ଟାଙ୍ଗୀ(କଟକ), ୫।୭(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ରଜକଣା ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଶୁକ୍ରବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ନିଶ୍ଚିନ୍ତା(ଦମକା) ଗ୍ରାମର ଯୁଧିଷ୍ଠିର ମଲ୍ଲିକ ଓ ଆହତ ଜଣକ ବାବୁଲି ସ୍ୱାଇଁ। ପ୍ରକାଶ ଯେ, ଯୁବକଦ୍ୱୟ ସ୍କୁଟରରେ ଟାଙ୍ଗୀରୁ ଗ୍ରାମକୁ ଫେରୁଥିଲେ। ରଜକଣା ଛକ ରୋଡ଼ ଡିଭାଇଡରରେ ରାସ୍ତା ପାର ହେଉଥିବାବେଳେ ନିକଟସ୍ଥ ପେଟ୍ରୋଲ ପମ୍ପରୁ ଫେରୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ଛିଟିକି ପଡ଼ି ମୁଣ୍ଡ ମାଡ଼ ହୋଇଯିବାରୁ ଘଟଣାସ୍ଥଳରେ ଯୁଧିଷ୍ଠିରଙ୍କ ମୃତ୍ୟୁ ହେବା ସହ ବାବୁଲି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇ ଦେଇଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି।

# ପିଜି ପ୍ରବେଶିକା ପରୀକ୍ଷାରେ ଅବ୍ୟବସ୍ଥା

**କଟକ ଅଫିସ,୫।୭**

ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ତଥା ପିଜି ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଶୁକ୍ରବାର ଦେଖିବାକୁ ମିଳିଛି। ଗତ ୩ ତାରିଖଠାରୁ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଜାରି ରହିଥିବାବେଳେ ଆସନ୍ତା ୧୩ରେ ଏହା ଶେଷ ହେବ। ହେଲେ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍ କିମ୍ବା ଅନ୍ୟାନ୍ୟ ସୂଚନା ପାଇବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଭିଭାବକମାନଙ୍କ ଭିତରେ ଶୁକ୍ରବାର ବାଣିଜ୍ୟ ବିଭାଗ ନିକଟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ଗତ ୩ରୁ ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ୨୮ଟି ବିଭାଗର ୧୩୮୦ ସିଟ୍ ନିମନ୍ତେ ମୋଟ୍ ୧୨,୪୮୩ଜଣ ଆବେଦନ କରିଛନ୍ତି। ୧୩ରେ ପ୍ରବେଶିକା ପରୀକ୍ଷା ଶେଷ ହେବା ପରେ ୧୫ରେ ପରୀକ୍ଷାଫଳ ପ୍ରକାଶ ଓ ୨୨ରୁ ନାମଲେଖା ଆରମ୍ଭ ହେବ। ଶୁକ୍ରବାର ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଅର୍ଥନୀତି ବିଭାଗର ପ୍ରବେଶିକା ପରୀକ୍ଷା ଥିଲା। ପୂର୍ବରୁ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଧ୍ୟ ହେଲ୍ପଡେସ୍କର ବ୍ୟବସ୍ଥା ହୋଇଥାଏ। ହେଲେ ଚଳିତବର୍ଷ ଗୋଟିଏ ବି ହେଲ୍ପଡେସ୍କ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରୀକ୍ଷାର୍ଥୀଙ୍କ ପାଇଁ କରାଯାଇନାହିଁ। ଫଳରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷା ରୁମ୍ ଖୋଜି ପାଇବାକୁ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ଏତଦ୍‌ବ୍ୟତୀତ ବାଣିଜ୍ୟ ବିଭାଗ ନିକଟରେ ସୂଚନାର୍ଥେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଅସ୍ଥାୟୀ ସୂଚନାଫଳକ ଲଗାଯାଇଛି। ମାତ୍ର ଫଳକରେ ଅନେକ ତ୍ରୁଟି ଥିବାବେଳେ ଏହାକୁ ପୁନର୍ବାର ସଂଶୋଧନ କରାଯାଇଛି। ଯାହାକୁ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ମଧ୍ୟ ସନ୍ଦେହରେ ପଡୁଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝରରୁ ନିଜ ଭଉଣୀଙ୍କୁ ନେଇ ଆସିଥିବା ଅଭିଭାବକ ଅଜିତ ସ୍ୱାଇଁ କହିଛନ୍ତି, ରାଜ୍ୟର କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ହେଉ ନ ଥିବ। ଘଣ୍ଟାଏରୁ ଅଧିକ ସମୟ ଲାଗୁଛି ପରୀକ୍ଷା ରୁମ୍ ଖୋଜିବାକୁ, ଯାହା ପରୀକ୍ଷାର୍ଥୀଙ୍କୁ ନିରୁତ୍ସାହିତ କରୁଛି। ସେହିପରି କଟକର ଜଣେ ପରୀକ୍ଷାର୍ଥୀ ନିଜ ନାମ ଗୋପନ ରଖି କହିଥିଲେ, ବୋର୍ଡରେ କ'ଣ ଲେଖାଯାଇଛି ତାହା ବୁଝାପଡୁନି। ଏହାକୁ ବୁଝାଇବାକୁ ମଧ୍ୟ କେହି ନାହାନ୍ତି। ଆଗାମୀ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ପାଇଁ ଏହି ସମସ୍ୟାର ସମାଧାନ କରାଯାଉ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ ଦାସ କୁହନ୍ତି, ମୋ' ନିକଟରେ ଏଯାଏଁ କୌଣସି ଅଭିଯୋଗ ହୋଇନାହିଁ। ଏହାଛଡ଼ା ପରୀକ୍ଷା ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଡ. ଧର୍ମବ୍ରତ ମହାପାତ୍ର ପରୀକ୍ଷା କାର୍ଯ୍ୟ ଠିକ୍ ଭାବେ ଚାଲିଛି ବୋଲି କହିଛନ୍ତି।

**ରେଭେନ୍ସା ବିଶ୍ୱବିଦ୍ୟାଳୟ**



■ଚଳିତବର୍ଷ ହୋଇନି ହେଲ୍ପଡେସ୍କ ବ୍ୟବସ୍ଥା

■ଅସୁବିଧାର ସମ୍ମୁଖୀନ ହେଲେ ଛାତ୍ରୀଛାତ୍ର







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ରହିଥାଏ।
- ମହାତ୍ମାଗାନ୍ଧୀ



# ବର୍ଷାରେ ଉବୁଟୁବୁ କଟକ

**କଟକ ଅଫିସ,୫।୭**

ବର୍ଷାରେ ଉବୁଟୁବୁ ହୋଇଛି କଟକ। ସହରର ସମସ୍ତ ଗଳିକନ୍ଦି, ମୁଖ୍ୟଛକରେ ବର୍ଷା ଜଳର ଲହଡ଼ି। ସନ୍ଧ୍ୟା ପରଠାରୁ ଅଧିକମାତ୍ରାରେ ବର୍ଷା ହେବା ଫଳରେ ସହର ଜଳବନ୍ଦୀ ହୋଇଯାଇଛି। ଏପରିକି ଘରେ ବର୍ଷାଜଳ ପଶିବା ମଧ୍ୟ ଆରମ୍ଭ ହୋଇ ସାରିଛି। ଶନିବାର ବର୍ଷା ନ କମିଲେ ପରିସ୍ଥିତି ଅସମ୍ଭାଳ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ ସିଏମ୍‌ସି ପକ୍ଷରୁ ତତ୍ପରତା ଦେଖାଦେଇଛି। ସନ୍ଧ୍ୟା ସୁଦ୍ଧା ୨୦୫ଟି ସ୍ଥାନରେ ପମ୍ପସେଟ ଲଗାଯାଇଛି। ଆବଶ୍ୟକ ସ୍ଥଳେ ସିଏମ୍‌ସି ପାଖରେ ଥିବା ମୋଟ୍ ୨୭୫ ପମ୍ପସେଟ କାର୍ଯ୍ୟରେ ଲଗାଯିବ ବୋଲି ଯନ୍ତ୍ରୀ ଡି.ଆର. ତ୍ରିପାଠୀ କହିଛନ୍ତି। ଏହାଛଡ଼ା ଅଗ୍ନିଶମ ବିଭାଗର ୧୫ଟି ପମ୍ପସେଟ ମଧ୍ୟ କାର୍ଯ୍ୟରେ ଲାଗିଛି। ବଡ଼ ଧରଣର ଜଳବନ୍ଦୀକୁ ଏଡାଇବା ପାଇଁ ସିଏମ୍‌ସି ଜାଇକାର ସହାୟତା ଲୋଡ଼ିଛି। ଜାଇକା ନିକଟରେ ଥିବା ୮୨ଏଚ୍‌ପି କ୍ଷମତାସମ୍ପନ୍ନ ୪ଟି ପମ୍ପସେଟ ସିଏମ୍‌ସି ଆଣିଛି। ମାତୃଭବନ, ବଜ୍ରକବାଟି, ରାଉସାପାଟଣା ଓ ଓଡ଼ିଆ ବଜାରରେ ଏହି ୪ଟି ପମ୍ପସେଟ ଲଗାଯାଇଛି ବୋଲି ଯନ୍ତ୍ରୀ ତ୍ରିପାଠୀ କହିଛନ୍ତି। ଏବେ ୪ଟି ୮୨ଏଚ୍‌ପି ପମ୍ପସେଟ ମଗାଯାଇଥିବା ବେଳେ ଆବଶ୍ୟକସ୍ଥଳେ ଅଧିକ ସଂଖ୍ୟାରେ ଜାଇକା ଠାରୁ ଅଣାଯିବ ବୋଲି ସେ କହିଥିଲେ।



କଟକସ୍ଥିତ ବୁଢ଼ୀ ଠାକୁରାଣୀ ଛକରେ ବର୍ଷା ପାଣି ଜମି ରହିଛି।

## ସଂକ୍ଷେପରେ

### ଦାଦାବଟି ମାଗି ୨ ଗିରଫ

**କଟକ ଅଫିସ, ୫।୭:** ବସ୍ କଣ୍ଡକ୍ଟରଙ୍କ ଠାରୁ ଦାଦାବଟି ମାଗିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର ପ୍ରଦୀପ ସାହୁ ଓ ପରିକ୍ଷିତ ସାହୁ। ତେବେ ଏହି ଘଟଣାରେ ଆଉ କେତେଜଣ ଫେରାର ଥିବା ବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଅଭିଯୁକ୍ତ ଦ୍ୱୟଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତି ଓଏମ୍‌ପି ଛକରେ ଯାତାୟାତ କରୁଥିବା ବସ୍ କଣ୍ଡକ୍ଟରଙ୍କମାନଠାରୁ ବଟି ଆଦାୟ କରୁଥିଲେ। ବଟି ନ ଦେଲେ ଓଏମ୍‌ପି ଛକରୁ ଯାତ୍ରୀ ନେଇ ଯାଇପାରିବେନି ବୋଲି ଧମକ ଦେଉଥିଲେ। ଏ ସମ୍ପର୍କରେ କେହି ବ୍ୟକ୍ତି ପୋଲିସକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ପୋଲିସକୁ ଦେଖି କେତେଜଣ ପଳାଇ ଯାଇଥିବା ବେଳେ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୨୦୩/୧୯) ରୁଜୁ ହୋଇଛି।

### ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଦାଣ୍ଡଭୋଗ

**ନିଶ୍ଚିନ୍ତକୋଇଲି, ୫।୭(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁର ବ୍ରହ୍ମକ୍ଷେତ୍ର ପୀଠରେ ଗୁରୁବାର ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ମାଉସୀ ମା ମନ୍ଦିର ପାଖରେ ପହଞ୍ଚିଛି। ବିଳମ୍ବିତ ରାତିରେ ରଥରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ଶୁକ୍ରବାର ପାରମ୍ପରିକ ରୀତି ଅନୁସାରେ ପ୍ରତ୍ୟୁଷରେ ଶ୍ରୀଜୀଉଙ୍କ ସ୍ନାନ, ମଙ୍ଗଳ ଆଳତୀ ଓ ନିତ୍ୟସେବା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ପରେ ତାଙ୍କ ନିକଟରେ ପ୍ରସିଦ୍ଧ ଦାଣ୍ଡ ଭୋଗ ଲାଗି ହୋଇଥିଲା।ଏହି ଦାଣ୍ଡ ଭୋଗରେ ମୁଖ୍ୟତଃ ଖିରି ଖେଚୁଡ଼ି, ଡାଲମା ସମେତ ଅନ୍ୟାନ୍ୟ କିସମର ତରକାରି ପ୍ରସ୍ତୁତ କରାଯାଇ ଲାଗି ହୋଇଥାଏ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଗ୍ରାମାଞ୍ଚଳର ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ଜଗନ୍ନାଥଙ୍କ ଜଣାଣ ଓ ଭଜନ ପରିବେଷଣ କରାଯାଉଛି।

### ବେଲଗଛିଆ ବିଦ୍ୟାଳୟରେ ବନ ମହୋତ୍ସବ

**ନରାଜ,୫।୭(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ବେଲଗଛିଆ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ୭୦ତମ ବନ ମହୋତ୍ସବ ଓ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଚାରାରୋପଣ, ବୃକ୍ଷଙ୍କ ଜନ୍ମଦିନ ପାଳନ, କାନ୍ଥପତ୍ରିକା ''ପରଶମଣି''ଓ ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମାହାନାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବେଲଗଛିଆ ପଞ୍ଚାୟତର ସରପଞ୍ଚ ମାନିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶକୁ ଧ୍ୱଂସାଭିମୁଖୀରୁ ରକ୍ଷା କରିବା ପାଇଁ ସମସ୍ତେ ପ୍ରତିବର୍ଷ ଗଛ ଲଗାଇବା ସହ ସେହି ବୃକ୍ଷର ଜନ୍ମଦିନ ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ସରୋଜିନୀ ସାହୁ, ସମ୍ମାନିତ ଅତିଥିଭାବେ ସିଆରସିସି ନାରାୟଣ ବେହେରା, ବନଅଧିକାରୀ ଆଲୋକ ପରିଡା ଓ ଭାଗମାତ୍ ଟୁଡୁ, ଗାୟତ୍ରୀ ପରିବାର ସଦସ୍ୟ ମନୋଜ ସ୍ୱାଇଁ ଉପସ୍ଥିତ ଥିଲେ। ଡଲି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗଣେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନା କରିଥିବାବେଳେ ବେଲେଶ୍ୱର କ୍ଲବ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

### କଏରାପାରୀରେ ରଥଯାତ୍ରା

**କଟକ ଅଫିସ,୫।୭:** ଟାଙ୍ଗୀର କଏରାପାରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ପହଣ୍ଡିରେ ଅଣାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଡ୍ରିମ୍‌ସ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଲା ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧାପକ, ଅଧାପିକା ଓ କର୍ମଚାରୀ ଏବଂ ପରିଚାଳନା କମିଟିର କର୍ମକର୍ତ୍ତା ରଥାରୂଢ଼ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରଥ ସଙ୍କଟମୋଚନ ହନୁମାନଜୀଉ ମନ୍ଦିର ନିକଟରେ ରହିଥିଲା ଓ ଶ୍ରୀଜୀଉ ଆଡପ ମଣ୍ଡପକୁ ବିଜେ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରମୋଦ ଚନ୍ଦ୍ର ରଥ, ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଲୋରାମିତ୍ରା ରଥ, ଜଗମୋହନ ରଥ, ସୁବ୍ରତ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଅଶୋକ ନାୟକ, ନବକିଶୋର ଦାଶ, ପପୁ ଦାଶ, ନୃସିଂହ ମଲ୍ଲ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

■ ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ଧରିବା ପାଇଁ କର୍ମଚାରୀଙ୍କ ଦାବି

**କଣ୍ଟାପଡ଼ା, ୫।୭(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କ ଗାଡ଼ି ଉପରକୁ ଗତ ବୁଧବାର ଅପରାହ୍ନରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଧରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିର୍‌ତାର କର୍ମଚାରୀମାନେ ଶୁକ୍ରବାର କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ବୁଧବାର ଅପରାହ୍ନ ୫ଟା ୩୦ରେ ଡା. ଦାସ ଓଡି ୦୨ ଏଜେ ୫୨୫୬ ନଂ. କାରରେ କଟକ ଫେରୁଥିଲେ। ଫୁଲନଖରା-ନିଆଳି ରାସ୍ତାର କୁଅଁରପୁର-ଦାମୋଦରପୁର ମଝିରାସ୍ତାରେ ୨ଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ପିଛାକରି ତାଙ୍କ ଗାଡ଼ି ଉପରକୁ ଢେଲା ଓ ବନ୍ଧୁକରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରୁ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ ମଧ୍ୟ ତାଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିଲା। ଏହି ଘଟଣାରେ ଓଲଟପୁର ଥାନାରେ କେସ୍ ନଂ.୫୬/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁଛି। ଇତିମଧ୍ୟରେ ପୋଲିସ କେତେଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ଓଲଟପୁର ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କୁ ପଚାରିବାରେ ତଦନ୍ତ ଚାଲୁଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଆଠଗଡ଼,୫।୭(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅନ୍ତର୍ଗତ ଜେନା ପଦା ଗ୍ରାମର ଜଣେ ମହିଳାଙ୍କ ଶୁକ୍ରବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ କଲ୍ୟାଣୀ ବେହେରା(୨୮)। ତିଗିରିଆ ଥାନା ଅନ୍ତର୍ଗତ ପାଇକିଆରା ଗ୍ରାମର କୁନୁଦୁଆରୀ ଝିଅ କଲ୍ୟାଣୀକୁ ହତ୍ୟା କରାଯାଇଛି ବୋଲି କହୁଥିବା ବେଳେ ଅଦ୍ୟାବଧି ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଆଠଗଡ଼ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳ ପହଞ୍ଚି ମୃତଦେହ ଜବତ କରିଛି। ମୃତକାଙ୍କ ବାପାଙ୍କ କହିବାନୁଯାୟୀ, ଅଢ଼େଇ ବର୍ଷ ପୂର୍ବେ କଲ୍ୟାଣୀଙ୍କ ବିବାହ ଜେନାପଦା ଗ୍ରାମର ଅମିୟ କୁମାର ବେହେରାଙ୍କ ସହ ହୋଇଥିଲା। ତାଙ୍କର ୧୦ ମାସର ଶିଶୁପୁତ୍ର ରହିଛି। ତେବେ କଲ୍ୟାଣୀଙ୍କୁ ମାନସିକ ଓ ଶାରିରୀକ ଯନ୍ତ୍ରଣା ଦିଆଯାଇ ହତ୍ୟା କରାଯାଇଛି ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି। ଅପରପକ୍ଷେ ଅମିୟ ଏହି ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ କଲ୍ୟାଣୀ ଦୌଡିଦେଇ ଆତ୍ମହତ୍ୟା କରିଛନ୍ତି ବୋଲି କହିଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

■ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

# ଯୌତୁକ ଲାଗି ହତ୍ୟା ହୋଇଥିବା ଅଭିଯୋଗ

**କଟକ ସଦର,୫।୭(ଡି.ଏନ୍.ଏ.)**

କିଶୋର ନଗର ଥାନା ଅନ୍ତର୍ଗତ ବାବୁଜଙ୍ଗ ଗ୍ରାମର ଜଣେ ନବବଧୂଙ୍କ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେ ହେଲେ ଉକ୍ତ ଗ୍ରାମର ଜୟନ୍ତ ସେଠୀଙ୍କ ସ୍ତ୍ରୀ ରାଜସ୍ମିତା ସେଠୀ(୨୪)। କିନ୍ତୁ ମୃତକାଙ୍କ ମା' ସଞ୍ଜୁକ୍ତା ସେଠୀ ଶୁକ୍ରବାର ଏହି ଥାନାରେ ଯୌତୁକ ପାଇଁ ତାଙ୍କ ଝିଅକୁ ବିଷ ପିଆଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ ୬୭/୧୯ ଦଫା ୩୦୨, ୪୯୮(କ), ୩୦୪(ଖ), ୩୪ ଓ ୪ ଯୌତୁକ ନିରୋଧ ଆଇନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ଗତ ମେ ୧୨ତାରିଖରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସଞ୍ଜୁକ୍ତାଙ୍କ ଝିଅ ରାଜସ୍ମିତା ଜୟନ୍ତଙ୍କ ସହ ବିବାହ ହୋଇଥିଲା। ତେବେ ବୁଧବାର ରାତିରେ କୌଣସି କାରଣକୁ ନେଇ ରାଜସ୍ମିତା ବିଷ ପିଇଦେଇଥିଲେ। ପରେ ପରିବାର ଲୋକ ଜାଣିବାବେଳେ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଫଳରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ନିଆଯାଇଥିଲା। ମୃତ୍ୟୁ ପରେ ପୋଲିସ ସହାୟତାରେ ସେହିଦିନ ରାଜସ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

# ପ୍ରଣାମ ମହାନଦୀ ଅଭିଯାନ ଆରମ୍ଭ

**କଟକ ଅଫିସ,୫।୭**

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଜୋବ୍ରାସ୍ଥିତ ଜେଟିଠାରେ ପ୍ରଣାମ ମହାନଦୀ ଅଭିଯାନ ଶୁକ୍ରବାର ଶୁଭାରମ୍ଭ ହୋଇଛି। ମହାନଦୀର ଜଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ତେଣୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପରିପ୍ରେକ୍ଷୀରେ ଏକ ସଙ୍ଗୀତ ଆସରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାନଦୀର ଜଳ ପ୍ରଦୂଷିତ ହେବା ଦ୍ୱାରା କିଭଳି ସମସ୍ୟା ସୃଷ୍ଟି ହେଉଛି ତାହାକୁ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାରାଦ୍ୱୀପ ପର୍ଯ୍ୟନ୍ତ ଚାଲିବ। ଆବାହକ ସୁଦର୍ଶ ଦାସ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ ସାମନ୍ତରାୟ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏଥିରେ ସଂଯୋଜକ ବିଜୟ ପ୍ରଧାନ, ମୁଖପାତ୍ର ପ୍ରସନ୍ନ ବିଷୋୟୀ, ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ, ଡ. ବିଶ୍ୱଜିତ, ନିରାକର ବେଉରା ପ୍ରମୁଖ ଉପସ୍ଥିତ ଥଲେ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

**କଟକ ଅଫିସ,୫।୭** ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ନିକଟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଶିବିରକୁ ଜିଲାପାଳ ଭବାନୀ ଶଙ୍କର ଚଇନି ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଭୂତି ନାୟକ, ସିଏମ୍‌ସିର ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, ଜଗତଜ୍ୟୋତି ପଟ୍ଟନାୟକ, ପ୍ରବୀଣ ବରାଳ, ବିକ୍ରମ ଛାଟୋଇ, ପ୍ରସନ୍ନଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ପ୍ରସନ୍ନମଣି

**ତିଗିରିଆ,୫।୭(ଡି.ଏନ୍.ଏ.)**

ତିଗିରିଆର ଆରାଧ୍ୟ ଦେବତା ପ୍ରସନ୍ନମଣିଙ୍କ ଘୋଷଯାତ୍ରା ଶୁକ୍ରବାର ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ପୀଠର ତିନି ରଥ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଗୁରୁବାର ରଥାରୂଢ଼ ହୋଇ ରହିଥିବା ପ୍ରସନ୍ନମଣି ପୀଠର ଚତୁର୍ଦ୍ଧା ବିଗ୍ରହ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ମା ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନ ଅପରାହ୍ନ ସମୟରେ ଥାନା ଛକସ୍ଥିତ ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ରଥରେ ଟେରାଫିଟା, ସନ୍ଧ୍ୟା ଆଳତି ଓ ଅଧରପଣା ଆଦି ନୀତି ଆୟୋଜିତ ହୋଇଥିଲା। ଏହାପରେ ଗୋଟିପହଣ୍ଡିରେ ଯାଇ ଚତୁର୍ଦ୍ଧା ବିଗ୍ରହ ମନ୍ଦିରରେ ଅବସ୍ଥାନ କରିବେ । ଯାତ୍ରା ସମୟରେ ଘଣ୍ଟ, ଝାଞ୍ଜ, ଢ଼ୋଲ ଓ ନାମ ସଂକୀର୍ତ୍ତନ ଆଦି କରାଯାଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୀଠର ପାରମ୍ପରିକ ରୀତି ଅନୁସାରେ ଗୁରୁବାର ଶ୍ରୀବିଗ୍ରହଙ୍କୁ ପହଣ୍ଡି ପରେ ରଥାରୂଢ଼ କରାଯାଇଥିଲା। ପରେ ରାଜା ଶ୍ରୀ ବୀରପ୍ରତାପ କ୍ଷେତ୍ରୀୟ ବୀରବର ଚମ୍ପୁପତି ସିଂ ମହାପାତ୍ର ରଥରେ ଛେରା ପହଁରା କରିଥିଲେ। ରାଜବାଟୀରେ ରଥ ଉପରେ ଚତୁର୍ଦ୍ଧା ବିଗ୍ରହ ରହି ଗୋଟିଏ ଦିନ ଦର୍ଶନ ଦେବା ପରେ ରଥ ଭିଡ଼ା ଆରମ୍ଭ ହୋଇଥିଲା। ତିଗିରିଆ ନିଜିଗଡ଼ ସମେତ ପାଖ ପଡ଼ୋଶୀ ତିଗିରିଆ ବ୍ଲକର ବିଭିନ୍ନ ଗ୍ରାମରୁ ଆସି ପ୍ରସନ୍ନମଣିଙ୍କ ରଥ ଟାଣିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟି ଲଳିତକୃଷ୍ଣ ଦାସଙ୍କ ସମେତ ସେବାୟତମାନେ ଏହି କାର୍ଯ୍ୟ ପରିଚାଳନା କରିଥିବା ବେଳେ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ପୋଲିସ ଫୋର୍ସ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଗୁଣ୍ଡିଚା ମନ୍ଦିର ବାହାରେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହ।

ଶ୍ରୀଗୁଣ୍ଡିଚା ଭଜନ ସମାରୋହରେ ଝୁମିଲେ ଦର୍ଶକ

# 'ଆଠଗଡ଼ ମାଟିର ଏକ ସ୍ୱତନ୍ତ୍ର ମହକ ରହିଛି'

**ଆଠଗଡ,୫।୭(ସ୍ୱ.ପ୍ର.)**

ରଥଯାତ୍ରା ଉପଲକ୍ଷେ ଆଠଗଡ ଶ୍ରୀଜଗନ୍ନାଥ ସେବା ସଂସ୍ଥା ଆନୁକୂଲ୍ୟରେ ୯ ଦିନ ବ୍ୟାପୀ ୩୮ତମ ରାଜ୍ୟସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହେଉଛି। ଗୁରୁବାର ଶ୍ରୀ ଅଙ୍ଗାଳି ଜଗନ୍ନାଥ ଦେବଙ୍କ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ସନ୍ଧ୍ୟାରେ ଏହି ସମାରୋହୋକୁ ଉଦ୍‌ଘାଟନ କରାଯାଇଥିଲା। ଶ୍ରୀ ଜଗନ୍ନାଥ ସେବା ସଂସ୍ଥାର ବରିଷ୍ଠ ସଦସ୍ୟ ତଥା ରାଜ୍ୟର ସୁନାମଧନ୍ୟ ଗୀତିକାର ରାଧାନାଥ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସେ ସମାରୋହକୁ ଉଦ୍‌ଘାଟନ କରି ଆଠଗଡ ମାଟିର ଏକ ସ୍ୱତନ୍ତ୍ର ମହକ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆଠଗଡ ଉପଜିଲାପାଳ ଅମିୟ କୁମାର ସାହୁ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଭଜନ ଗାୟକ ଶ୍ରୀଚରଣ, ସ୍ଥାନୀୟ ଅଞ୍ଚଳର କଳାକାର ଅମିତ କୁମାର ପ୍ରମୁଖ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଶ୍ରୀ ଜଗନ୍ନାଥ ସେବା ସଂସ୍ଥାର ସମ୍ପାଦକ ପାର୍ଥସାରଥି ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜଗଦାନନ୍ଦ ତ୍ରିପାଠୀ, ଚିତ୍ତରଞ୍ଜନ ମିଶ୍ର, ଅଜୟ କୁମାର ଦାସ ଓ ପ୍ରଦୀପ ଦାସ, ପ୍ରମୁଖ ସହଯୋଗ କରିଥିଲେ । ଶୁକ୍ରବାର ୨ୟ ସନ୍ଧ୍ୟାରେ ଜୟ ମାତାଦୀ ଭଜନ ସନ୍ଧ୍ୟା ପକ୍ଷରୁ ଦୀପକ କୁମାର, ସୁବ୍ରତ, ମୋନାଲି, ମଧୁସ୍ମିତା, ସୁସ୍ମିତା ଓ ରବି ନାରାୟଣ ପ୍ରମୁଖ ଯୋଗଦେଇ ଭଜନ ପରିବେଷଣ କରିଛନ୍ତି।




ଭଜନ ସମାରୋହ ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

# ତାଲୁକ ଆଇନସେବା କମିଟି ପକ୍ଷରୁ ବନ ମହୋତ୍ସବ

**ଆଠଗଡ଼,୫।୭(ସ୍ୱ.ପ୍ର.)**

ଆଠଗଡ ତାଲୁକ ଆଇନସେବା କମିଟି ପକ୍ଷରୁ ବନବିଭାଗ ସହଯୋଗରେ ଗୁରୁବାର ସ୍ଥାନୀୟ ଷ୍ଟାଡିୟମଠାରେ ବନମହୋତ୍ସବ ପାଳିତ ହୋଇଛି। ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବୃକ୍ଷ ହିଁ ଏକମାତ୍ର ମାଧ୍ୟମ, ଏଥି ନିମନ୍ତେ ବ୍ୟାପକ ବନୀକରଣ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଜେଏମ୍ ସାସ୍ୱତୀ ମିଶ୍ର, ଜେଏମ୍‌ଏଫ୍‌ସି ସୌମ୍ୟଶେଖର ମହନ୍ତ, ଉପଜିଲାପାଳ ଅମୀୟ ସାହୁ, ସହକାରୀ ବନଅଧିକାରୀ ରାଜେନ୍ଦ୍ର ଦାସ, ଓକିଲ ସଂଘ ସଭାପତି ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ବନୀକରଣର ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପରେ ଷ୍ଟାଡିୟମ ପାର୍ଶ୍ୱରେ ଥିବା ପଡ଼ିଆରେ ଚାରାରୋପଣ କରାଯାଇଥିଲା। ଏତଦ୍‌ବ୍ୟତୀତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଚାରାରୋପଣ ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ସଦର ରେଞ୍ଜର ରବୀନ୍ଦ୍ର ନାୟକ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମାୟାଧର ସାହୁ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ବିଷ୍ଣୁ ପ୍ରସାଦ ସାହୁ, ଓକିଲ ସଂଘ ସମ୍ପାଦକ ମନୋରଞ୍ଜନ ମହାନ୍ତି, ସତ୍ୟେନ ପଣ୍ଡା, ପ୍ରଶାନ୍ତ ମିଶ୍ର ଓ ପଦାରବିନ୍ଦ ଜେନାଙ୍କ ସମେତ ବହୁ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସାଧାରଣ ଲୋକ ଯୋଗଦେଇ ଚାରାରୋପଣ କରିଥିଲେ।



ବନ ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ବଡ଼ମ୍ବା ଓକିଲ ସଂଘ ବୈଠକ

**ବଡମ୍ବା, ୫।୭ (ଡି.ଏନ୍.ଏ.)**

ବଡମ୍ବାର ସ୍ୱାଭିମାନ ପାଇଁ ଲଢେଇ ଜାରି ରହିବ ବୋଲି ଓକିଲ ସଂଘ ଦ୍ୱାରା ଶୁକ୍ରବାର ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ଆସନ୍ତା ୧୧ରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତାଙ୍କୁ ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ସଂଘ ସମ୍ପାଦକ ପରେଶ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ଅମିୟ ପଟ୍ଟନାୟକ, ଦାମୋଦର ରଣା, ଖଗେଶ୍ୱର ମହାପାତ୍ର, ସୁଜିତ ପଟ୍ଟନାୟକ ଓ ଯୋଗୀନାଥ ମଲ୍ଲିକ ଯୋଗଦେଇଥିଲେ।

# ବଜେଟ ଶ୍ରମଜୀବୀ, ଜନଗଣଙ୍କ ପାଇଁ ନୁହେଁ

**ଏଆଇଟିୟୁସିର ବିରୋଧ**

**କଟକ ଅଫିସ, ୫।୭**

କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱିତୀୟ ଦଫାର ପ୍ରଥମ ବଜେଟ୍ ଶ୍ରମିକ ବିରୋଧୀ ଏବଂ ମହାକାଳ ଫଳ ବୋଲି କହିଛି ଏଆଇଟିୟୁସି। ସଙ୍ଗଠନ ପକ୍ଷରୁ ଏହି ବଜେଟ୍‌ର ବିରୋଧ କରାଯାଇଛି । ବଜେଟରେ ଶ୍ରମ ସଂସ୍କାର ନାମରେ କେନ୍ଦ୍ର ସରକାର ଯେଉଁ ୪ଟି କୋର୍ଡ କରିବାକୁ ଯାଉଛନ୍ତି ତାହା କେବଳ କର୍ପୋରେଟ ଓ ମାଲିକମାନଙ୍କୁ ସୁହାଇବା ପାଇଁ କରାଯାଉଛି। ଏହି ଶ୍ରମ ଆଇନ କୋର୍ଡରେ ପଞ୍ଜୀକରଣଠାରୁ ଧର୍ମଘଟ ଓ ସାମୂହିକ ମୂଲଚାଲରେ କଟକଣା ଲଗାଯାଇଛି। ଏହି ପ୍ରକାରର ଶ୍ରମ ସଂସ୍କାରକୁ ଗତ ୪ ବର୍ଷ ହେବ ଦେଶର ଶ୍ରମିକ ଶ୍ରେଣୀ ବିରୋଧ କରି ଧର୍ମଘଟ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ୫୧ ପ୍ରତିଶତ ଅଂଶଧନ ହ୍ରାସ କରି ଦେଶର ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସଂସ୍ଥାଗୁଡ଼ିକୁ ଦେଶୀ ବିଦେଶୀ କର୍ପୋରେଟଙ୍କ ମୁନାଫା ପାଇଁ ଖୋଲି ଦେବା ଉଦ୍ଦିଷ୍ଟ ରହିଛି। ୩୦ ଲକ୍ଷ ଅସଂଗଠିତ ଶ୍ରମିକଙ୍କ ପାଇଁ ୩୦୦୦ ଟଙ୍କା ପେନସନ ଘୋଷଣା ସାମାନ୍ୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଦେଶର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନେ ସମସ୍ତ ଶ୍ରମିକ ଏପରି କି କୃଷକ ଓ କୃଷି ଶ୍ରମିକଙ୍କୁ ମାସକୁ ସର୍ବନିମ୍ନ ୬୦୦୦ ଟଙ୍କାର ମାସିକ ପେନସନ ଦେବା ପାଇଁ ଦାବି କରି ଦୁଇଥର ଦେଶବ୍ୟାପୀ ସାଧାରଣ ଧର୍ମଘଟ କରିଥିଲେ। ବୀମା ସଂସ୍ଥାରେ ସମ୍ପୂର୍ଣ୍ଣ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଆମ ଦେଶର ଶକ୍ତିଶାଳୀ ବୀମା ସଂସ୍ଥାଗୁଡ଼ିକୁ ଦୁର୍ବଳ କରିଦେବ ବୋଲି ଏଆଇଟିୟୁସି ପକ୍ଷରୁ କୁହାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପାଇଁ ୭୦ହଜାର କୋଟି ଟଙ୍କାର ପୁଞ୍ଜି ଦେବାର ଘୋଷଣାକୁ ସଂଗଠନ ସ୍ୱାଗତ କରିଛି। କିନ୍ତୁ ବିପୁଳ ପରିମାଣର ଅଚଳ ଅନାଦାୟ ଋଣ ଏନ୍‌ପିଏର ପୁନରୁଦ୍ଧାର ପାଇଁ କଠୋର କାର୍ଯ୍ୟାନୁଷ୍ଠାନର କୌଣସି ଘୋଷଣା ବଜେଟ୍‌ରେ କରାଯାଇ ନାହିଁ। ୧ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ହ୍ରାସ ପାଇଛି ବୋଲି ଯାହା କୁହାଯାଉଛି ତାହା କେବଳ ଗତ ଆର୍ଥିକବର୍ଷର ୨ ଲକ୍ଷ ୪୦ହଜାର କୋଟି ଟଙ୍କା ଲାଭରୁ ପ୍ରାବଧାନ କରାଯାଇ ଖରାପ ଋଣକୁ ଲିଭାଇଦେବା ଉଦ୍ୟମ ହୋଇଛି। ୮ଟି ବ୍ୟାଙ୍କ ରଖିବାର ଘୋଷଣା ଆଉ ଏକ ବିପଜ୍ଜନକ ପଦକ୍ଷେପ। ମୋଟାମୋଟି ଭାବେ ଏହି ବଜେଟ୍ ସାଧାରଣ ଲୋକଙ୍କ ପାଇଁ ନୁହେଁ। ସର୍ବୋପରି ଡିଜେଲ ଓ ପେଟ୍ରୋଲ ଉପରେ ସେସ୍ ବୃଦ୍ଧି ବଜାରରେ ସବୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିବ ବୋଲି ଏଆଇଟିୟୁସି ପକ୍ଷରୁ କୁହାଯାଇଛି।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ରହିଥାଏ

- ମହାତ୍ମାଗାନ୍ଧୀ



# ବର୍ଷାରେ ଉବୁଟୁବୁ କଟକ



ବୁଢ଼ୀ ଠାକୁରାଣୀ ଲେନ୍



କେ.ଭି.କେ. ରୋଡ୍



ଗଙ୍ଗା ମନ୍ଦିର



ବଡ଼ପଥର କେନାଲ

କଟକ ଅଫିସ,୫।୭: ବର୍ଷାରେ ଉବୁଟୁବୁ ହୋଇଛି କଟକ। ସହରର ସମସ୍ତ ଗଳିକନ୍ଦି, ମୁଖ୍ୟଛକରେ ବର୍ଷା ଜଳର ଲହଡ଼ି। ସନ୍ଧ୍ୟା ପରଠାରୁ ଅଧିକମାତ୍ରାରେ ବର୍ଷା ହେବା ଫଳରେ ସହର ଜଳବନ୍ଦୀ ହୋଇଯାଇଛି। ଏପରି କି ଘରେ ବର୍ଷାଜଳ ପଶିବା ମଧ୍ୟ ଆରମ୍ଭ ହୋଇ ସାରିଛି। ଶନିବାର ବର୍ଷା ନ କମିଲେ ପରିସ୍ଥିତି ଅସମ୍ଭାଳ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ ସିଏମ୍‌ସି ପକ୍ଷରୁ ତତ୍ପରତା ଦେଖାଦେଇଛି। ସନ୍ଧ୍ୟା ସୁଦ୍ଧା ୨୦୫ଟି ସ୍ଥାନରେ ପମ୍ପସେଟ ଲଗାଯାଇଛି। ଆବଶ୍ୟକ ସ୍ଥଳେ ସିଏମ୍‌ସି ପାଖରେ ଥିବା ମୋଟ୍ ୨୭୫ ପମ୍ପସେଟ କାର୍ଯ୍ୟରେ ଲଗାଯିବ ବୋଲି ଯନ୍ତ୍ରୀ ଡି.ଆର. ତ୍ରିପାଠୀ କହିଛନ୍ତି। ଏହାଛଡ଼ା ଅଗ୍ନିଶମ ବିଭାଗର ୧୫ଟି ପମ୍ପସେଟ ମଧ୍ୟ କାର୍ଯ୍ୟରେ ଲାଗିଛି। ବଡ଼ ଧରଣର ଜଳବନ୍ଦୀକୁ ଏଡାଇବା ପାଇଁ ସିଏମ୍‌ସି ଜାଇକାର ସହାୟତା ଲୋଡିଛି। ଜାଇକା ନିକଟରେ ଥିବା ୮୨ଏଚ୍‌ପି କ୍ଷମତାସମ୍ପନ୍ନ ୪ଟି ପମ୍ପସେଟ ସିଏମ୍‌ସି ଆଣିଛି। ମାତୃଭବନ, ବଜ୍ରକବାଟି, ରାଉସାପାଟଣା ଓ ଓଡ଼ିଆ ବଜାରରେ ଏହି ୪ଟି ପମ୍ପସେଟ ଲଗାଯାଇଛି ବୋଲି ଯନ୍ତ୍ରୀ ତ୍ରିପାଠୀ କହିଛନ୍ତି। ଏବେ ୪ଟି ୮୨ଏଚ୍‌ପି ପମ୍ପସେଟ ମଗାଯାଇଥିବା ବେଳେ ଆବଶ୍ୟକସ୍ଥଳେ ଅଧିକ ସଂଖ୍ୟାରେ ଜାଇକା ଠାରୁ ଅଣାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଦାଦାବଟି ମାଗି ୨ ଗିରଫ

**କଟକ ଅଫିସ, ୫।୭:** ବସ୍ କଣ୍ଡକ୍ଟରଙ୍କ ଠାରୁ ଦାଦାବଟି ମାଗିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର ପ୍ରଦୀପ ସାହୁ ଓ ପରିକ୍ଷିତ ସାହୁ। ତେବେ ଏହି ଘଟଣାରେ ଆଉ କେତେଜଣ ଫେରାର ଥିବା ବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଅଭିଯୁକ୍ତ ଦ୍ୱୟଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତି ଓଏମ୍‌ପି ଛକରେ ଯାତାୟାତ କରୁଥିବା ବସ୍ କଣ୍ଡକ୍ଟରଙ୍କମାନଠାରୁ ବଟି ଆଦାୟ କରୁଥିଲେ। ବଟି ନ ଦେଲେ ଓଏମ୍‌ପି ଛକରୁ ଯାତ୍ରୀ ନେଇ ଯାଇପାରିବେନି ବୋଲି ଧମକ ଦେଉଥିଲେ। ଏ ସମ୍ପର୍କରେ କେହି ବ୍ୟକ୍ତି ପୋଲିସକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ପୋଲିସକୁ ଦେଖି କେତେଜଣ ପଳାଇ ଯାଇଥିବା ବେଳେ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୨୦୩/୧୯) ରୁଜୁ ହୋଇଛି।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

**କଟକ ଅଫିସ,୫।୭:** ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ନିକଟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଶିବିରକୁ ଜିଲାପାଳ ଭବାନୀ ଶଙ୍କର ଚଇନି ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଭୂତି ନାୟକ, ସିଏମ୍‌ସିର ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, ଜଗତଜ୍ୟୋତି ପଟ୍ଟନାୟକ, ପ୍ରବୀଣ ବରାଳ, ବିକ୍ରମ ଛାଟୋଇ, ପ୍ରସନ୍ନଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ହନୁମାନ ମନ୍ଦିର ବାର୍ଷିକୋତ୍ସବ

**ଚୌଦ୍ୱାର, ୫।୭(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକାର ୧୭ନଂ ୱାର୍ଡ କଳିଙ୍ଗନଗରସ୍ଥିତ ହନୁମାନ ମନ୍ଦିରରେ ବାର୍ଷିକୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ପାଠ, ହୋମଯଜ୍ଞ ଓ ପ୍ରସାଦସେବନ ଆଦି ଅନୁଷ୍ଠିତ ହୋଇଥିଲା। ପୂଜକ ଅଜୟ କୁମାର କର ଓ ସନ୍ତୋଷ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋମଯଜ୍ଞରେ କର୍ତ୍ତା ପ୍ରେମାନନ୍ଦ ପ୍ରଧାନ ଓ ହରପ୍ରିୟା ପ୍ରଧାନ ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଦୀପ୍ତ ରଥ, ଗୋପୀନାଥ ମହାପାତ୍ର, ଭଗବାନ ଦାସ ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### କଏରାପାରୀରେ ରଥଯାତ୍ରା

କଟକ ଅଫିସ,୫।୭: ଟାଙ୍ଗୀର କଏରାପାରୀରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ପହଣ୍ଡିରେ ଅଣାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଡ୍ରିମ୍‌ସ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଲା ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧାପକ, ଅଧାପିକା ଓ କର୍ମଚାରୀ ଏବଂ ପରିଚାଳନା କମିଟିର କର୍ମକର୍ତ୍ତା ରଥାରୂଢ଼ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରଥ ସଙ୍କଟମୋଚନ ହନୁମାନଜୀଉ ମନ୍ଦିର ନିକଟରେ ରହିଥିଲା ଓ ଶ୍ରୀଜୀଉ ଆଡପ ମଣ୍ଡପକୁ ବିଜେ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରମୋଦ ଚନ୍ଦ୍ର ରଥ, ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଲୋରାମିତ୍ରା ରଥ, ଜଗମୋହନ ରଥ, ସୁବ୍ରତ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଅଶୋକ ନାୟକ, ନବକିଶୋର ଦାଶ, ପପୁ ଦାଶ, ନୃସିଂହ ମଲ୍ଲ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲରେ ବନ ମହୋତ୍ସବ

**କଟକ ଅଫିସ, ୫।୭:** ଗତ ୧ ତାରିଖରୁ ସପ୍ତାହ ବ୍ୟାପୀ ବନୋ ମହୋତ୍ସବ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲରେ ପାଳିତ ହୋଇଯାଇଛି। ବିଭିନ୍ନ ଦିନ ଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ବନୀକରଣର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଛି। ବନ ମହୋତ୍ସବର ପ୍ରଥମ ଦିବସରେ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ସ୍ୱାଇଁ ବୃକ୍ଷରୋପଣର ଉପଯୋଗିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କର ମାର୍ଗଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଦିବସରେ ନାଟ୍ୟାଭିନୟ, ବକ୍ତୃତା ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ତଥା ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ସବୁଜ ପୋଷାକ ପରିଧାନ ପୂର୍ବକ ପୃଥିବୀକୁ ସବୁଜମୟ କରିବାର ଆହ୍ୱାନ ଦେଇଥିଲେ।

# ବଜେଟ ଶ୍ରମଜୀବୀ, ଜନଗଣଙ୍କ ପାଇଁ ନୁହେଁ

## ଏଆଇଟିୟୁସିର ବିରୋଧ

**କଟକ ଅଫିସ, ୫।୭**

କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱିତୀୟ ଦଫାର ପ୍ରଥମ ବଜେଟ୍ ଶ୍ରମିକ ବିରୋଧୀ ଏବଂ ମହାକାଳ ଫଳ ବୋଲି କହିଛି ଏଆଇଟିୟୁସି। ସଙ୍ଗଠନ ପକ୍ଷରୁ ଏହି ବଜେଟ୍‌ର ବିରୋଧ କରାଯାଇଛି। ବଜେଟରେ ଶ୍ରମ ସଂସ୍କାର ନାମରେ କେନ୍ଦ୍ର ସରକାର ଯେଉଁ ୪ଟି କୋର୍ଡ କରିବାକୁ ଯାଉଛନ୍ତି ତାହା କେବଳ କର୍ପୋରେଟ ଓ ମାଲିକମାନଙ୍କୁ ସୁହାଇବା ପାଇଁ କରାଯାଉଛି। ଏହି ଶ୍ରମ ଆଇନ କୋର୍ଡରେ ପଞ୍ଜୀକରଣଠାରୁ ଧର୍ମଘଟ ଓ ସାମୂହିକ ମୂଲଚାଲରେ କଟକଣା ଲଗାଯାଇଛି। ଏହି ପ୍ରକାରର ଶ୍ରମ ସଂସ୍କାରକୁ ଗତ ୪ ବର୍ଷ ହେବ ଦେଶର ଶ୍ରମିକ ଶ୍ରେଣୀ ବିରୋଧ କରି ଧର୍ମଘଟ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ୫୧ ପ୍ରତିଶତ ଅଂଶଧନ ହ୍ରାସ କରି ଦେଶର ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସଂସ୍ଥାଗୁଡ଼ିକୁ ଦେଶୀ ବିଦେଶୀ କର୍ପୋରେଟଙ୍କ ମୁନାଫା ପାଇଁ ଖୋଲି ଦେବା ଉଦ୍ଦିଷ୍ଟ ରହିଛି। ୩୦ ଲକ୍ଷ ଅସଂଗଠିତ ଶ୍ରମିକଙ୍କ ପାଇଁ ୩୦୦୦ ଟଙ୍କା ପେନସନ ଘୋଷଣା ସାମାନ୍ୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଦେଶର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନେ ସମସ୍ତ ଶ୍ରମିକ ଏପରି କି କୃଷକ ଓ କୃଷି ଶ୍ରମିକଙ୍କୁ ମାସକୁ ସର୍ବନିମ୍ନ ୬୦୦୦ ଟଙ୍କାର ମାସିକ ପେନସନ ଦେବା ପାଇଁ ଦାବି କରି ଦୁଇଥର ଦେଶବ୍ୟାପୀ ସାଧାରଣ ଧର୍ମଘଟ କରିଥିଲେ। ବୀମା ସଂସ୍ଥାରେ ସମ୍ପୂର୍ଣ୍ଣ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଆମ ଦେଶର ଶକ୍ତିଶାଳୀ ବୀମା ସଂସ୍ଥାଗୁଡ଼ିକୁ ଦୁର୍ବଳ କରିଦେବ ବୋଲି ଏଆଇଟିୟୁସି ପକ୍ଷରୁ କୁହାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପାଇଁ ୭୦ହଜାର କୋଟି ଟଙ୍କାର ପୁଞ୍ଜି ଦେବାର ଘୋଷଣାକୁ ସଂଗଠନ ସ୍ୱାଗତ କରିଛି। କିନ୍ତୁ ବିପୁଳ ପରିମାଣର ଅଚଳ ଅନାଦାୟ ଋଣ ଏନ୍‌ପିଏର ପୁନରୁଦ୍ଧାର ପାଇଁ କଠୋର କାର୍ଯ୍ୟାନୁଷ୍ଠାନର କୌଣସି ଘୋଷଣା ବଜେଟ୍‌ରେ କରାଯାଇ ନାହିଁ। ୧ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ହ୍ରାସ ପାଇଛି ବୋଲି ଯାହା କୁହାଯାଉଛି ତାହା କେବଳ ଗତ ଆର୍ଥିକବର୍ଷର ୨ ଲକ୍ଷ ୪୦ହଜାର କୋଟି ଟଙ୍କା ଲାଭରୁ ପ୍ରାବଧାନ କରାଯାଇ ଖରାପ ଋଣକୁ ଲିଭାଇଦେବା ଉଦ୍ୟମ ହୋଇଛି। ୮ଟି ବ୍ୟାଙ୍କ ରଖିବାର ଘୋଷଣା ଆଉ ଏକ ବିପଜ୍ଜନକ ପଦକ୍ଷେପ। ମୋଟାମୋଟି ଭାବେ ଏହି ବଜେଟ୍ ସାଧାରଣ ଲୋକଙ୍କ ପାଇଁ ନୁହେଁ। ସର୍ବୋପରି ଡିଜେଲ ଓ ପେଟ୍ରୋଲ ଉପରେ ସେସ୍ ବୃଦ୍ଧି ବଜାରରେ ସବୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିବ ବୋଲି ଏଆଇଟିୟୁସି ପକ୍ଷରୁ କୁହାଯାଇଛି।

# ବୃକ୍ଷ ହିଁ ଜୀବନ

## ଓଏସଏପି ହାଇସ୍କୁଲରେ ବନ ମହୋତ୍ସବ

**କଟକ ଅଫିସ, ୫।୭**

ମାନବ ସମାଜର ପ୍ରାଥମିକ ଆବଶ୍ୟକତା ଖାଦ୍ୟ, ବାସଗୃହ, ପୋଷାକ ଯୋଗାଣ କ୍ଷେତ୍ରରେ 'ବୃକ୍ଷ' ହିଁ ମୁଖ୍ୟଭୂମିକା ଗ୍ରହଣ କରୁଛି। ଏଥିଲାଗି ବିପୁଳ ପରିମାଣରେ ବୃକ୍ଷରୋପଣ ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ଅଧୀନ ଭୁବନେଶ୍ୱରସ୍ଥିତ ସେଣ୍ଟର ଫର୍ ଏନଭାଇରନମେଣ୍ଟାଲ ଷ୍ଟଡିଜ୍ (ସିଇସି)ର ନିର୍ଦ୍ଦେଶକ ତଥା ପରିବେଶବିତ୍ ଡ. ଆଶୁତୋଷ ଦେବତା କହିଛନ୍ତି। ଓଏସଏପି ହାଇସ୍କୁଲର ଇକୋ କ୍ଲବ ଏବଂ ସିଇସିର ମିଳିତ ସହଯୋଗରେ ଷଷ୍ଠ ବାଟାଲିୟନ ପରିସରରେ ଶୁକ୍ରବାର ଆୟୋଜିତ ଜାତୀୟ ବନମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ଦେବତା କହିଥିଲେ, ଇତିମଧ୍ୟରେ ସିଇସି ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୯୫୦୦ଟି ଇକୋ କ୍ଲବ୍ ଗଠନ କରାଯାଇ ବୃକ୍ଷରୋପଣ ସାଙ୍ଗକୁ ପରିବେଶ ସୁରକ୍ଷା ଲାଗି ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯାଇଛି। ଚଳିତବର୍ଷ ଏହି ସଂଖ୍ୟା ୧୭ ହଜାରକୁ ବୃଦ୍ଧି କରାଯିବା ପାଇଁ ଯୋଜନା ରହିଛି। ଏଥିରେ ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ସହିତ ଅଧିକ ସଂଖ୍ୟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ମାନିତ ଅତିଥି ସିଇସିର ପ୍ରକଳ୍ପ ଅଧିକାରୀ ଡ. ଅର୍ଜୁନ ବିଶ୍ୱାଳ କହିଥିଲେ, ବୃକ୍ଷ ହିଁ ଆମ ଜୀବନ। ବୃକ୍ଷଠାରୁ ଆମେ ସବୁ ପାଉଛୁ। ପରିବେଶ ବଞ୍ଚାଇବା ଲାଗି ଆମେ ସମସ୍ତେ ମିଳିମିଶି ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ ଷଡଙ୍ଗୀ ଯୋଗଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ଜିଲାକୁ ଏକ ନମ୍ବର ମାନ୍ୟତା ଦେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦେଈ ଯୋଗଦେଇ ଫନୀରେ ଉଜୁଡିଯାଇଥିବା ବିଦ୍ୟାଳୟ ପରିବେଶକୁ ସଜାଡିବା ଲାଗି ପର୍ଯ୍ୟାପ୍ତ ଚାରା ଯୋଗାଇ ଦେବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଅତିଥିମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ଲାଗି ଷଷ୍ଠ ବାଟାଲିୟନ ପରିସରରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏଥିସହ 'ପରିବେଶ ସୁରକ୍ଷା-ଜୀବନ ରକ୍ଷା' ଶୀର୍ଷକ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ପୌରପାଳିକା ତରଫରୁ ସଫେଇ ଅଭିଯାନ

**ଚୌଦ୍ୱାର, ୫।୭(ଡି.ଏନ୍.ଏ.)**



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ।

ଚୌଦ୍ୱାର ପୌରପାଳିକା ତରଫରୁ ବିଭିନ୍ନ ୱାର୍ଡ଼ରେ ପରିମଳ ବ୍ୟବସ୍ଥା ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମ ୧୭ନଂ ୱାର୍ଡରୁ ଆରମ୍ଭ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ପୌର ସଫେଇ କର୍ମଚାରୀ, ୱାର୍ଡ଼ର ଯୁବଗୋଷ୍ଠୀ ଓ ବରିଷ୍ଠ ନାଗରିକମାନେ ୱାର୍ଡରେ ଥିବା ସମସ୍ତ ଗଳିକନ୍ଦି ବୁଲି ପଡିଥିବା ଅଳିଆ ଆବର୍ଜନା ଓ ନାଳନର୍ଦ୍ଦମା ସଫା କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପୌର କର୍ମଚାରୀଙ୍କ ସହିତ ଘରକୁ ଘର ଯାଇ ଲୋକମାନଙ୍କୁ ଡଷ୍ଟବିନ ପ୍ରଦାନ କରିବା ସହିତ ପଲିଥିନ୍ ବ୍ୟବହାର ନ କରିବା, ରାସ୍ତାଘାଟରେ ଅଳିଆ ଆବର୍ଜନା ନ ପକାଇ ଘରେ ଡଷ୍ଟବିନ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତି ୱାର୍ଡ଼ରେ ପରିମଳ ବ୍ୟବସ୍ଥାର ତଦାରଖ ପାଇଁ ଏକ ୱାର୍ଡ଼ କମିଟି ଗଠନ କରାଯାଇଥିଲା। ୱାର୍ଡ଼ରେ ଥିବା ବିଭିନ୍ନ ସମସ୍ୟାକୁ କମିଟି ମାଧ୍ୟମରେ ସୁଧାରିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପୌରାଞ୍ଚଳରେ ସଫେଇ ବ୍ୟବସ୍ଥା ଠିକ୍ ଭାବେ ହେଉ ନ ଥିବା ପୂର୍ବତନ ବିଧାୟକ ବିଶ୍ୱାଳ ଅସନ୍ତୋଷ ବ୍ୟକ୍ତ କରି ପ୍ରତି ୱାର୍ଡ଼ରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ଧରିବା ପାଇଁ କର୍ମଚାରୀଙ୍କ ଦାବି

**କଣ୍ଟାପଡ଼ା, ୫।୭(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କ ଗାଡ଼ି ଉପରକୁ ଗତ ବୁଧବାର ଅପରାହ୍ନରେ ଆକ୍ରମଣ ହୋଇଥିଲା। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଧରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିର୍‌ତାର କର୍ମଚାରୀମାନେ ଶୁକ୍ରବାର କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ବୁଧବାର ଅପରାହ୍ନ ୫ଟା ୩୦ରେ ଡା. ଦାସ ଫୁଲନଖରା-ନିଆଳିରାସ୍ତାର କୁଆଁରପୁର-ଦାମୋଦରପୁର ମଝିରାସ୍ତାରେ ୨ଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ପିଛାକରି ତାଙ୍କ ଗାଡ଼ି ଉପରକୁ ଢେଲା ଓ ବନ୍ଧୁକରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରୁ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ ମଧ୍ୟ ତାଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିଲା। ଏହି ଘଟଣାରେ ଓଲଟପୁର ଥାନାରେ କେସ୍ ନଂ.୫୬/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।



ସିଏମ୍‌ସି ସ୍କ୍ୱାଡ ପକ୍ଷରୁ ଶୁକ୍ରବାର କଟକ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ପରେ ଜବତ ହୋଇଥିବା ପଲିଥିନ।

# ପ୍ରଣାମ ମହାନଦୀ ଅଭିଯାନ ଆରମ୍ଭ

**କଟକ ଅଫିସ,୫।୭:** ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଜୋବ୍ରାସ୍ଥିତ ଜେଟିଠାରେ ପ୍ରଣାମ ମହାନଦୀ ଅଭିଯାନ ଶୁକ୍ରବାର ଶୁଭାରମ୍ଭ ହୋଇଛି। ମହାନଦୀର ଜଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ତେଣୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପରିପ୍ରେକ୍ଷୀରେ ଏକ ସଙ୍ଗୀତ ଆସରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାନଦୀର ଜଳ ପ୍ରଦୂଷିତ ହେବା ଦ୍ୱାରା କିଭଳି ସମସ୍ୟା ସୃଷ୍ଟି ହେଉଛି ତାହାକୁ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାରାଦ୍ୱୀପ ପର୍ଯ୍ୟନ୍ତ ଚାଲିବ। ଆବାହକ ସୁଦର୍ଶ ଦାସ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରାୟ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏଥିରେ ସଂଯୋଜକ ବିଜୟ ପ୍ରଧାନ, ମୁଖପାତ୍ର ପ୍ରସନ୍ନ ବିଷୋୟୀ, ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ, ଡ. ବିଶ୍ୱଜିତ, ନିରାକର ବେଉରା ପ୍ରମୁଖ ଉପସ୍ଥିତ ଥଲେ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

# ଯୌତୁକ ପାଇଁ ହତ୍ୟା ଅଭିଯୋଗ

**କଟକ ସଦର,୫।୭(ଡି.ଏନ୍.ଏ.)**

କିଶୋର ନଗର ଥାନା ଅନ୍ତର୍ଗତ ବାବୁଜଙ୍ଗ ଗ୍ରାମର ଜଣେ ନବବଧୂଙ୍କ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେ ହେଲେ ଉକ୍ତ ଗ୍ରାମର ଜୟନ୍ତ ସେଠୀଙ୍କ ସ୍ତ୍ରୀ ରାଜସ୍ମିତା ସେଠୀ(୨୪)। କିନ୍ତୁ ମୃତକାଙ୍କ ମା' ସଞ୍ଜୁକ୍ତା ସେଠୀ ଶୁକ୍ରବାର ଏହି ଥାନାରେ ଯୌତୁକ ପାଇଁ ତାଙ୍କ ଝିଅକୁ ବିଷ ପିଆଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ ୬୭/୧୯ ଦଫା ୩୦୨, ୪୯୮(କ), ୩୦୪(ଖ), ୩୪ ଓ ୪ ଯୌତୁକ ନିରୋଧ ଆଇନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ଗତ ମେ ୧୨ତାରିଖରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସଞ୍ଜୁକ୍ତାଙ୍କ ଝିଅ ରାଜସ୍ମିତା ଜୟନ୍ତଙ୍କ ସହ ବିବାହ ହୋଇଥିଲା। ତେବେ ବୁଧବାର ରାତିରେ କୌଣସି କାରଣକୁ ନେଇ ରାଜସ୍ମିତା ବିଷ ପିଇଦେଇଥିଲେ। ପରେ ପରିବାର ଲୋକ ଜାଣିବାବେଳେ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଫଳରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ନିଆଯାଇଥିଲା। ମୃତ୍ୟୁ ପରେ ପୋଲିସ ସହାୟତାରେ ସେହିଦିନ ରାଜସ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

## ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ

# ସବୁଜିମାମୟ ହେବ କଟକ

**କଟକ ଅଫିସ, ୫।୭**

କଟକ ସହରରେ ଫନୀ ପ୍ରଭାବରେ ବହୁ ବୃକ୍ଷ ଭାଙ୍ଗି ପଡିଛି। ଏହି କ୍ଷତିକୁ ଭରଣା କରିବା ତଥା କଟକ ସହରକୁ ସବୁଜିମାମୟ କରିବା ପାଇଁ ସିଏମ୍‌ସି ତରଫରୁ 'ପ୍ୟାରେଣ୍ଟ ଏ ଟ୍ରି' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବନମହୋତ୍ସବ ଉପଲକ୍ଷେ ଶୁକ୍ରବାର ତୁଳସୀପୁରସ୍ଥିତ ପାର୍କରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ଅନନ୍ୟା ଦାସ ଚାରାରୋପଣ କରି ଲୋକମାନଙ୍କୁ ନିଜ ପିଲାର ଅଭିଭାବକ ପରି ଚାରାର ଯତ୍ନ ନେବାକୁ କହିଥିଲେ। ସହରାଞ୍ଚଳରେ ୬ ହଜାର କରଞ୍ଜ, ବଉଳ, ଜାମୁ, ଅର୍ଜୁନ, ଖଇର, ଅଶୋକ, ହରିଡା, ବାହାଡା, କାଠଚମ୍ପା ଓ ଡିମିରି ଭଳି ଚାରାରୋପଣ କରିବା ଲକ୍ଷ୍ୟ ରଖାଯାଇଛି ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ କଲେଜର ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ସାହି କମିଟି ଓ ବେସରକାରୀ ସେବା ସଂସ୍ଥା ଜଡିତ ହେବା ଆବଶ୍ୟକ। ଏଥିରେ ଯୋଗଦେଇ ସିଟି ଫରେଷ୍ଟ ଡିଭିଜନ ଡିଏଫ୍‌ଓ ଅଶୋକ କୁମାର ମିଶ୍ର ପରିବେଶ ସନ୍ତୁଳନ ନିମନ୍ତେ ବୃକ୍ଷର ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ ମଦନ ମୋହନ ଦାଶ, ପିଡି ଡିଆରଡିଏ ମହମ୍ମଦ ଅବଦଲ ଅଖତର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ସିଏମ୍‌ସି ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଗୋପାଳ ନନ୍ଦ, ଶିକ୍ଷାବିତ୍ ମନୋରମା ମହାପାତ୍ର, ସାମାଜିକ କର୍ମୀ ନମିତା ପଣ୍ଡା, ପରିବେଶବିତ୍ ପ୍ରମୋଦ ମହାପାତ୍ର, ଡ. ମଞ୍ଜୁଶ୍ରୀ ପଟ୍ଟନାୟକଙ୍କ ସିଏମ୍‌ସି ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



ଜଷ୍ଟିସ୍ ମଦନ ମୋହନ ଦାଶ ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ରହିଥାଏ।

- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ସ୍କୁଲ ପରିସରରୁ ନାଗ ଉଦ୍ଧାର



**ଯାଁଳା,୫।୭(ଡି.ଏନ୍.ଏ.):** ନଁପୁଟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଶୁକ୍ରବାର ଏକ ନାଗସାପ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ସ୍କୁଲ ଚାଲିଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଛାତ୍ରୀଛାତ୍ରମାନେ ଏକ ସାପ ଦେଖି ଭୟଭୀତ ହେବା ସହ ଶିକ୍ଷକଙ୍କୁ ଜଣାଇଥିଲେ। ପରେ ଖବରପାଇ ସ୍ନେକ ହେଲ୍ପ ଲାଇନ ସଦସ୍ୟ ହେମନ୍ତ କୁମାର ବେହେରା ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ଏହାପରେ ପାଠପଢା ସ୍ୱାଭାବିକ ହୋଇଥିଲା।

### ନୂଆପଡ଼ା ଭାଜପା କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୫।୭(ଡି.ଏନ୍.ଏ.)**-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା, ନୂଆପଡ଼ା ପଞ୍ଚାୟତସ୍ଥ ଭାଜପା କର୍ମୀ ସମ୍ମିଳନୀ ଶୁକ୍ରବାର ମା'ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ତଥା ଚିଲିକା, ନୂଆପଡ଼ା ପଞ୍ଚାୟତ ସମିତି ସଭ୍ୟ ଉତ୍ତମ କୁମାର ତରେଇଙ୍କ ଆହ୍ୱାନକ୍ରମେ ପଞ୍ଚାୟତ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସାଧାରଣ ନିର୍ବାଚନ ପରେ ୨୧ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସଭାରେ ନିଷ୍ପତ୍ତି ହୋଇଥିଲା। ବିପଜ୍ଜନକ ଅବସ୍ଥାରେ ଥିବା ଚିଲିକା, ନୂଆପଡ଼ା ପଇଶାଣ ସେତୁ ରାସ୍ତା ତୁରନ୍ତ ମରାମତି ନିମନ୍ତେ ଦଳ ତରଫରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଚିଲିକା, ନୂଆପଡା ସରପଞ୍ଚ ମମତାମୟୀ ପ୍ରଧାନ, ନୂଆପଡା ଭାଜପା ସମ୍ପାଦକ ସୁଶାନ୍ତ କୁମାର ଜେନା, ସ୍ଥାନୀୟ ଯୁବନେତା ପ୍ରବୀର କୁମାର ଜେନା ପ୍ରମୁଖ ସଂଗଠନର ସୁଦୃଢ଼ୀକରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ପଲେଇ, ବିଶ୍ୱରଞ୍ଜନ ପ୍ରଧାନ, ଅକ୍ଷୟ କୁମାର ମାନସିଂହ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୫।୭(ବ୍ୟୁରୋ)**- ଭୁବନେଶ୍ୱର ଉତ୍ତର ଜୋନର ପୂର୍ବତନ କର୍ପୋରେଟର ଓ ମହିଳା ମହାସଂଘ ପକ୍ଷରୁ ନବନିର୍ବାଚିତ ବିଧାୟକମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ସାଧାରଣଉଦ୍ୟୋଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଛନ୍ତି। ୱାର୍ଡ ୧୨ସ୍ଥିତ ନ୍ୟୁ ଗଭର୍ନମେଣ୍ଟ କଲୋନୀରେ ହୋଇଥିବା ଏହି ସମ୍ବର୍ଦ୍ଧନା ସମାରୋହରେ ବିଧାୟକମାନେ ନିଜ ଅଭିଭାଷଣ ରଖି କହିଥିଲେ, ଏସ୍‌ଏଚ୍‌ଜି ମହିଳାଙ୍କ ଲାଗି ସରକାର ବିଭିନ୍ନ ଯୋଜନା କରିଥିବାବେଳେ ଋଣ ଯୋଗାଇବାରେ ମଧ୍ୟ ଅବହେଳା କରୁନାହାନ୍ତି। ରାଜ୍ୟ ସରକାର ସଦାସର୍ବଦା ମହିଳାଙ୍କୁ ସମ୍ମାନ ଦେଇ ଆସୁଥିବା ବେଳେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ସଞ୍ଜୟ ସେଠୀ, ପ୍ରେମାନନ୍ଦ ଜେନା, ଝୁନିବାଳା ଦେଇ, ବାସନ୍ତି ସିଂ, ସ୍ୱର୍ଣ୍ଣପ୍ରଭା ରାୟ, ସୁକାନ୍ତି ସୁବୁଦ୍ଧି, ରଶ୍ମିତା ଜେନାଙ୍କ ସହିତ ବହୁ ମହିଳା ଏସ୍‌ଏଚ୍‌ଜି କର୍ମୀ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଖୋର୍ଦ୍ଧା ଅଫିସ,୫।୭**



ଅସ୍ଥାୟୀ ଡମ୍ପିଂୟାର୍ଡରେ ଘୁଷୁରି ଚରୁଛନ୍ତି ।

- ସହରରେ ନାହିଁ ଡମ୍ପିଂୟାର୍ଡ
- ବାଜପୁର ରାସ୍ତାରେ ପୋଡ଼ାଯାଉଛି ଆବର୍ଜନା

ଖୋର୍ଦ୍ଧା ଜିଲା ସଦର ମହକୁମାରେ ମ୍ୟୁନିସିପାଲିଟି ରହିଥିଲେ ମଧ୍ୟ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ଡମ୍ପିଂୟାର୍ଡ ନ ଥିବାବେଳେ ବାଜପୁର ରାସ୍ତାରେ ଅସ୍ଥାୟୀ ଡମ୍ପିଂୟାର୍ଡ କରାଯାଇ ପରିବେଶକୁ ପ୍ରଦୂଷିତ କରାଯାଉଛି। ଅସ୍ଥାୟୀ ଡମ୍ପିଂୟାର୍ଡ ହଟାଇବା ପାଇଁ ବିଭିନ୍ନ ସମୟରେ ପ୍ରତିବାଦ, ଅଭିଯୋଗ ହେଉଥିଲେ ମଧ୍ୟ ସୁଫଳ ମିଳୁନି।

ଖୋର୍ଦ୍ଧା ସହରରେ ଜନସଂଖ୍ୟା ବଢି ଚାଲିଥିବା ବେଳେ ସେହି ମାତ୍ରାରେ ପ୍ରଦୂଷଣ ମଧ୍ୟ ବଢି ଚାଲିଛି। ପଲିଥିନ କିମ୍ବା ପଇଡର ସ୍ତୂପ ନୁହଁ ଆଖି ବୁଲାଇଲେ ଦେଖିବାକୁ ମିଳୁଛି କୁଢ କୁଢ ଅଳିଆ ଆବର୍ଜନା। ପୌରାଞ୍ଚଳରେ ସଫେଇ ଓ ପରିମଳ ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ୨୦୧୬ ମେ' ୧୬ରେ ସଫେଇ ବ୍ୟବସ୍ଥାକୁ ଘରୋଇକରଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି। ସହରରେ ଡମ୍ପିଂୟାର୍ଡ ନ ଥିବାବେଳେ ପୌର କର୍ତ୍ତୃପକ୍ଷଙ୍କ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଖୋର୍ଦ୍ଧା ସହର ଗଠନ ଲକ୍ଷ୍ୟ ସ୍ୱପ୍ନରେ ରହିଯାଇଛି। ବିଭିନ୍ନ ସମୟରେ ବାଜପୁର ରାସ୍ତାରେ ଗଦା ହୋଇଥିବା ଆବର୍ଜନାରେ ନିଆଁ ଲଗାଇ ପୋଡାଯାଉଥିବାରୁ ଦୁର୍ଗନ୍ଧ ହେଉଛି। ନିକଟରେ ଖୋର୍ଦ୍ଧା ଏସପିଙ୍କ କାର୍ଯ୍ୟାଳୟ, ଜାନକୀ ବଲ୍ଲଭ ପଟ୍ଟନାୟକ ପାର୍କ, ସତ୍‌ସଙ୍ଗ ମନ୍ଦିର, ସ୍କୁଲ, ଜିଲାପାଳ ଓ ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟ ରହିଛି। ବାଜପୁର ରାସ୍ତା କଡରେ ଆବର୍ଜନା ନପକାଇବା ପାଇଁ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରି ଆସୁଛନ୍ତି। ହେଲେ କେହି ଶୁଣୁ ନାହାନ୍ତି। ସେହିପରି ଖୋର୍ଦ୍ଧା ସହରର ବିଭିନ୍ନ ୱାର୍ଡ ନିୟମିତ ଭାବେ ସଫେଇ ହେଉନି ବୋଲି ଅଭିଯୋଗ ହେଉଛି। ଯେଉଁଠାରେ କରାଯାଉଛି ସେଠାରେ ଅଳିଆ ଆବର୍ଜନା ପୋଡି ପରିବେଶକୁ ପ୍ରଦୂଷିତ କରାଯାଉଛି। ସହରବାସିନ୍ଦା ଆବର୍ଜନା ପୋଡିବା ସମ୍ପର୍କରେ ବିଭିନ୍ନ ସମୟରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏନେଇ ଭାଜପା ଯୁବ ନେତା ରଞ୍ଜନ ମଙ୍ଗରାଜ କୁହନ୍ତି, ଗତ କିଛି ଦିନ ତଳେ ଭାଜପା ପକ୍ଷରୁ ବାଜପୁର ରାସ୍ତା କଡରେ ଆବର୍ଜନା ପକାଇବା ବନ୍ଦ କରିବା ଓ ଆବର୍ଜନାକୁ ନ ପୋଡିବା ପାଇଁ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ହେଲେ କିଛି ସୁଫଳ ମିଳିଲାନି। ଏ ସମ୍ପର୍କରେ ଜିଲାପାଳ ସିତାଂଶୁ ରାଉତ କୁହନ୍ତି, ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଖୁବ ଶୀଘ୍ର ଏହାର ସମାଧାନ ହେବ।

## ୬୦ ହଜାର ଟଙ୍କାର କାଠ ଜବତ: ଟ୍ରାକ୍ଟର ଚାଳକ ଫେରାର

**ବାଲୁଗାଁ, ୫।୭ (ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ମୂଲ୍ୟବାନ କାଠ ଚାଲାଣ ହେଉଥିବା ବେଳେ ବନ ବିଭାଗ ଅଧିକାରୀ ଚଢାଉ କରି କାଠ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ତେବେ ଚାଳକ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ବାଣପୁର ବ୍ଲକ ଭାଲେରୀ ପାହାଡରେ ମୂଲ୍ୟବାନ ଶାଳ ଓ ଆକାଶିଆ ଜଙ୍ଗଲ ରହିଛି । ଗ୍ରାମବାସୀଙ୍କ ସହାୟତାରେ ବନ ବିଭାଗ କର୍ମଚାରୀମାନେ ଏହାର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ କେତେକ କାଠ ଚୋର ଏକ ଟ୍ରାକ୍ଟରରେ ବେଆଇନ ଭାବେ କାଠ ଚାଲାଣ କରୁଥିବା ବନ କର୍ମଚାରୀ ସୂଚନା ପାଇଥିଲେ । ପରେ କର୍ମଚାରୀମାନେ ଖୁଣ୍ଟପଲ୍ଲୀସ୍ଥିତ ତାରିଣୀ ମନ୍ଦିର ନିକଟରେ ଛପି ରହିଥିଲେ । କାଠ ବୋଝେଇ ଟ୍ରାକ୍ଟର ମନ୍ଦିର ଅତିକ୍ରମ କରିବା ସମୟରେ କର୍ମଚାରୀମାନେ ଚଢାଉ କରି କାଠ ସହ ଗାଡି ଜବତ କରିଥିଲେ। ତେବେ ବିଭାଗୀୟ କର୍ମଚାରୀଙ୍କୁ ଦେଖି ଟ୍ରାକ୍ଟର ଚାଳକ ଦୌଡି ପଳାଇଥିଲେ । କର୍ମଚାରୀମାନେ ଜବତ ଟ୍ରାକ୍ଟର ଓ କାଠକୁ ବାଲୁଗାଁ ବନ ବିଭାଗ କାର୍ଯ୍ୟାଳୟକୁ ନେଇଯାଇଛନ୍ତି । ଜବତ କାଠର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ପ୍ରକାଶ।

### ଆମ ସ୍କୁଲ ଆମ ଗାଁରେ ରହୁ

## ମିଶ୍ରଣ ହେଲେ ଛାତ୍ରୀଛାତ୍ର ପାଠ ଛାଡ଼ିବେ



ବୋଲଗଡ ବିଇଓ ଏବଂ ଅନ୍ୟମାନେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ।

**ଖୋର୍ଦ୍ଧା ଅଫିସ/ବୋଲଗଡ, ୫।୭ (ଡି.ଏନ.ଏ.)**

ବୋଲଗଡ ବ୍ଲକ ବାରବାଟିଆ ପ୍ରାଥମିକ ବିଦ୍ୟାଳୟ ବାଙ୍କୋଇ ଦେଶ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ନହେଉ। ଆମ ସ୍କୁଲ ଆମ ଗାଁରେ ରହୁ। ସ୍କୁଲ ମିଶ୍ରଣ ପ୍ରକ୍ରିୟାରେ ଗାଁ ପିଲା ପାଠ ଛାଡିବେ ବୋଲି ଗ୍ରାମବାସୀ ତଦନ୍ତ କମିଟି ସମ୍ମୁଖରେ ଶୁକ୍ରବାର ମତ ରଖିଛନ୍ତି । ବାରବାଟିଆରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୧୬ ଛାତ୍ରୀଛାତ୍ର ଅଛନ୍ତି। ଏଠାରେ ୨ଜଣ ଶିକ୍ଷକ ଥିବାବେଳେ ପ୍ରତ୍ୟହ ୯୦ପ୍ରତିଶତ ଛାତ୍ରୀଛାତ୍ର ଉପସ୍ଥାନ ରୁହେ। ବାରବାଟିଆଠାରୁ ବାଙ୍କୋଇଦେଶର ଦୂରତା ୧କମି ୭୦୦ ମିଟର। ଗ୍ରାମର ଅଧିକାଂଶ ବ୍ୟକ୍ତି ଶ୍ରମଜୀବୀ। ମହାନଦୀରେ ବନ୍ୟାଜଳ ଆସିଲେ ବାରବାଟିଆ ବିଛିନ୍ନ ହୋଇ ପଡ଼େ। ସେହିପରି କଳାପଥରରୁ ସୁନାଖଳା ରାସ୍ତାରେ ସବୁବେଳେ ଭାରିଯାନ ଯାତାୟାତ କରେ। ଫଳରେ ଛାତ୍ରୀଛାତ୍ର ଯିବା ଆସିବାରେ ବାଧକ ସାଜିବ। ତଦନ୍ତ କମିଟି ସମ୍ମୁଖରେ ଗ୍ରାମବାସୀ ଗାଁ ରେ ସ୍କୁଲ ରହିବାକୁ ବିଭିନ୍ନ ଯୁକ୍ତି ଉପସ୍ଥାପନ କରିଥିଲେ। ଏପରିକି ଛାତ୍ରୀଛାତ୍ର ବୃଦ୍ଧି କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ତଦନ୍ତ କମିଟି ବୋଲଗଡ ବିଇଓ ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବ୍ଲକ ସାଟେଲାଇଟ୍ ବିଦ୍ୟାଳୟକୁ ଯାଇ ରିପୋର୍ଟ ସଂଗ୍ରହ କରୁଛନ୍ତି।

### ରଥଚକ ତଳେ ପଡି ବାଳକଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ୪ଘଣ୍ଟା ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ,୫।୭**



ଚିଆଙ୍କଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

ଖୋର୍ଦ୍ଧା ଜିଲା ବାଣପୁର ସହରାଞ୍ଚଳ ପଲଟନ ପଡିଆସ୍ଥିତ ବଡହନୁଆଡର ଚରଣ ଚକାଦେବଙ୍କ ରଥ ଚକା ତଳେ ପଡି ଗୁରୁବାର ଅପରାହ୍ନରେ ସ୍ଥାନୀୟ ଚିଆଙ୍କ ସାହିର ଅକ୍ଷୟ ପାତ୍ରଙ୍କ ପୁଅ ସୁନୀଲ(୭)ଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ମୃତଦେହ ରଖି ଗୁରୁବାର ସନ୍ଧ୍ୟା ୬ଟାରେ ବାଣପୁର ଥାନା ଘେରାଉ କରାଯାଇଥିଲା। ସେହିପରି ଥାନା ସମ୍ମୁଖରେ ଟାୟାର ଜାଳି ବାଣପୁର ବଜାର ରାସ୍ତା ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ବାଲୁଗାଁ ଏସଡିପିଓ, ଚିଲିକା ବିଧାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ୩୫ହଜାର ଟଙ୍କା ସହାୟତା ରାଶି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୁଣି ଶୁକ୍ରବାର ରଥ କମିଟି ଓ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ରାଶିର ବୃଦ୍ଧି ଦାବି କରି ବାଣପୁର ଚିଆଙ୍କ ସାହିରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିବାବେଳେ ଗାଲୁଆ ଛକରେ ବାଇକ ରଖି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ପହଞ୍ଚି ସରକାରଙ୍କ ଠାରୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଦେବୋତ୍ତର ବିଭାଗ ପକ୍ଷରୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବାକୁ ଚରଣ ଚକାଦେବଙ୍କ କମିଟି ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଅନ୍ୟପକ୍ଷେ ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିଆଳ ୨୦ହଜାର ଟଙ୍କା ସହାୟତା ଦେବେ ବୋଲି ଘୋଷଣା କରିବା ପରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇଥିବା ରାସ୍ତାରୋକୋ ଅପରାହ୍ନ ୨ଟାରେ ହଟିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଥାଉକି, ଚରଣ ଚକାଦେବଙ୍କ ରଥ ଟଣା ହେଉଥିବାବେଳେ ଏକ ଖାଲ ପଡିଥିଲା। ଖାଲଟିରେ ଚକ ପଡିଯିବାରୁ ରଥ ଏପଟସେପଟ ହୋଇଥିଲା। ଏହି ସମୟରେ ଠେଲାପେଲା ଆରମ୍ଭ ହୋଇ ଯାଇଥିଲା। ନିକଟରେ ଥିବା ସୁନୀଲ ରଥ ଚକ ତଳେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା।

### ଓୟୁଏଟିକୁ ଗଲା ବାରାସିଙ୍ଗାର ମାଂସ ନମୁନା

**ବାରଙ୍ଗ,୫।୭(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୮ନଂ ଏନ୍‌କ୍ଲୋଜରରେ ଥିବା ୮ବର୍ଷର ଏକ ମାଈ ବାରାସିଙ୍ଗାର ମାଂସ ନମୁନା ଶୁକ୍ରବାର ପରୀକ୍ଷା ପାଇଁ ଓୟୁଏଟିକୁ ପଠାଯାଇଛି। ଗତ କିଛିଦିନ ହେବ ବାରାସିଙ୍ଗାଟିର ବାମପଟ ଆଖିପତା ଫୁଲିଥିଲା। ଧୀରେ ଧୀରେ ଏହି ଫୁଲା ପରିମାଣ ବଢିବାରୁ ନନ୍ଦନକାନନର ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ସାଜିବା ସହ ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସା ସତ୍ତ୍ୱେ ଫୁଲା ପରିମାଣ କମି ନଥିଲା। ଫଳରେ ଏହାର କାରଣ ଜାଣିବା ପାଇଁ ଶୁକ୍ରବାର ନନ୍ଦନକାନନ ତରଫରୁ ବାରାସିଙ୍ଗାଟିର ଫୁଲାସ୍ଥାନରୁ ମାଂସ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି। ଏହି ରିପୋର୍ଟ ଆସିବା ପରେ ଫୁଲାର କାରଣ ଜଣାପଡିବା ସହ ନିରାକରଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ୍ ଅଶୋକ କୁମାର ଦାସ କହିଛନ୍ତି। ଏବେ ନନ୍ଦନକାନନରେ ବାରାଶିଙ୍ଗା ସଂଖ୍ୟା ୧୦ ଥିବାବେଳେ ସେଥିମଧ୍ୟରେ ୪ ମାଈ ଓ ୬ ଅଣ୍ଡିରା ରହିଛନ୍ତି।

### ୮ରୁ ଶ୍ରୀଜଗନ୍ନାଥଙ୍କ ଭକ୍ତିସଂଗୀତ ସମାରୋହ 'ଗୁହାରି'

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଂଗୀତ ଉତ୍ସବ 'ଗୁହାରି' ଆସନ୍ତା ୮ତାରିଖରୁ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହେବ। ୩ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟର ବହୁ ଖ୍ୟାତନାମା କଣ୍ଠଶିଳ୍ପୀମାନେ ଯୋଗଦେଇ ଭକ୍ତି ସଂଗୀତ ପରିବେଷଣ କରିବେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ଏବଂ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବିଦ୍ୟାଳୟରେ ବନ ସପ୍ତାହ ପାଳନ

**ବେଗୁନିଆ,୫।୭(ଡି.ଏନ୍.ଏ.)**

ପ୍ରକୃତିଦତ୍ତ ଜଙ୍ଗଲ ଏବେ ନିଶ୍ଚିହ୍ନ ହେବାକୁ ବସିଲାଣି। ବହୁ ମୂଲ୍ୟବାନ ଓ ଔଷଧୀୟ ଗଛକୁ କାଟି ମନୁଷ୍ୟ ଏବେ ମୂଲ୍ୟବୋଧ ହରାଇବାକୁ ବସିଲାଣି। ଫଳରେ ଆମେ ଯେଉଁ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛେ ସେଥିରୁ ମୁକ୍ତି ପାଇବାକୁ ହେଲେ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ ବୋଲି ଶୁକ୍ରବାର ସିଆରସିସି ରବି ଦାସ କହିଛନ୍ତି। ବେଗୁନିଆ ବ୍ଲକ ତଳଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ସବୁଜ ବାହିନୀ ପକ୍ଷରୁ ଅନୁଷ୍ଠିତ ଏହି ସଚେତନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଆରସିସି ଦାସ ଯୋଗଦେଇ ଏହା କହିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାଭାବେ ଶିକ୍ଷକ ଉଦ୍ଧବ ବାରିକ, ଅତିଥିଭାବେ ପ୍ରଭାକର ମହାପାତ୍ର, ଅନ୍ନପୂର୍ଣ୍ଣା ମହାପାତ୍ର, ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ଗଗନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

## ଏଟିଏମ୍ ପାଲଟିଛି ମାନସିକ ଦିବ୍ୟାଙ୍ଗଙ୍କ ଆଶ୍ରୟସ୍ଥଳ

**ନିରାକାରପୁର,୫।୭(ଡି.ଏନ୍.ଏ.)**



ଏଟିଏମ୍‌ରେ ବସିଥିବା ଜଣେ ବ୍ୟକ୍ତି।

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ୭ଟି ଏଟିଏମ୍ କେନ୍ଦ୍ର ରହିଛି । ସେଥିରୁ ମାତ୍ର ଗୋଟିଏ ଏଟିଏମ୍‌ରେ ସୁରକ୍ଷା କର୍ମୀ ଥିବାବେଳେ ଆଉ ୬ଟିରେ କେହି ନାହାନ୍ତି । ତେଣୁ ପୂର୍ବରୁ ଏସବୁ ବୁଲା କୁକୁର ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ବର୍ତ୍ତମାନ ମାନସିକ ଦିବ୍ୟାଙ୍ଗଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏହି କେନ୍ଦ୍ରଗୁଡ଼ିକରେ ଯେଉଁ ସିସି କ୍ୟାମେରା ବ୍ୟବସ୍ଥା ହୋଇଛି ତାହା ଠିକ୍ ଭାବେ କାମ କରୁ ନ ଥିବା ଯୋଗୁ ବିଭିନ୍ନ ସମୟରେ ଚୋରି ଏବଂ ଠକେଇ ଭଳି ବିଭିନ୍ନ ଘଟଣା ନେଇ ଅଭିଯୋଗ ହୋଇଆସୁଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଗ୍ରୀଷ୍ମପ୍ରବାହ ବେଳେ କୁକୁର ଓ ଅନ୍ୟମାନେ ଏଟିଏମ୍ ପରିସରରେ ବିଶ୍ରାମ ନେଉଥିବାବେଳେ ଏବେ ଝିପିଝିପ ବର୍ଷା ଯୋଗୁ ଏହା ମାନସିକ ଦିବ୍ୟାଙ୍ଗଙ୍କ ଆଶ୍ରୟସ୍ଥଳ ପାଲଟିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ହେବାମାନେ ଏଟିଏମ୍ ମେଶିନ ଉପରେ ନିଜର ଗାମୁଛା ଘୋଡ଼େଇ ଦେବା ସହ ଏଠାରେ ଶୋଇ ପଡୁଛନ୍ତି। ଭୟରେ ଅନେକେ ଟଙ୍କା ଉଠାଇବାକୁ ସାହସ କରିପାରୁନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି।

## ସ୍ୱଚ୍ଛତା ଓ ପରିମଳ ନେଇ ସଚେତନତା କାର୍ଯ୍ୟକ୍ରମ

**ଯାଁଳା,୫।୭(ଡି.ଏନ୍.ଏ.):**

କଳିଙ୍ଗବିହାର କେ-୪ ଶତାକ୍ଷୀ ମହିଳା ସଙ୍ଗଠନ ପକ୍ଷରୁ ଶୁକ୍ରବାର ପୁଲେଶ୍ୱରୀ ବସ୍ତିରେ ସ୍ୱଚ୍ଛତା ଓ ପରିମଳ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨ଶହରୁ ମହିଳା ଯୋଗଦେଇଥିଲେ। ମହିଳାମାନଙ୍କୁ ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ବୁଝାଇବା ସହ ମାଗଣାରେ ନାପକିନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଙ୍ଗଠନର ସମ୍ପାଦିକା ପରିଚାଳନା କରିଥିଲେ। ସଙ୍ଗଠନର ଉପସଭାପତି ଭାଗ୍ୟବତୀ ମଲ୍ଲିକ, କଳ୍ପଲତା ନାୟକ, ସୁଜାତାରାଣୀ ବେହେରା, ସ୍ୱାଗତିକା ଲେଙ୍କା, ସ୍ନିଗ୍ଧା ମିଶ୍ର, ନର୍ମଦା ରଥ, ମଧୁସ୍ମିତା ପାତ୍ର, ଉର୍ମିଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ଶତାକ୍ଷୀ ମହିଳା ସଂଗଠନ ପକ୍ଷରୁ ସଚେତନ କରାଯାଉଛି ।

### ଏଡିଟ୍ କରି ଅଶ୍ଳୀଳ ଫଟୋ ଭାଇରାଲ

## ଛାତରୁ ଡେଇଁ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

**ଘରୋଇ ଟିଭି ଚ୍ୟାନେଲର ଭିଜୁଆଲ୍ ଏଡିଟର ଗିରଫ**

ଜଣେ ନାବାଳିକାଙ୍କୁ ପ୍ରେମ କରି ଫସିଛନ୍ତି ଜଣେ ଘରୋଇ ଟିଭି ଚ୍ୟାନେଲର ଭିଜୁଆଲ ଏଡିଟର। ନାବାଳିକା ତାଙ୍କ ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିବା ପରେ ଯୁବକ ଜଣକ ତାଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ଏପରିକି ନାବାଳିକାଙ୍କର କିଛି ଫଟୋକୁ ଅଶ୍ଳୀଳ ଫଟୋରେ ଯୋଡ଼ି ସୋସିଆଲ ମିଡିଆରେ ଛାଡ଼ି ଦେଇଥିଲେ। ଏହାଜାଣିବା ପରେ ନାବାଳିକା ଜଣକ ଗୁରୁବାର ଦୁଇ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିଲେ। ତେବେ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ କାମାକ୍ଷାନଗର ଅଞ୍ଚଳର ପ୍ରକାଶ ପରିଡା(୨୨)। ପୋଲିସ ଆଇପିସି ଦଫା ୩୦୬, ୩୫୪(ଡି), ୫୦୬, ୨୯୪, ୫୦୭ ଓ ୧୨ ପସ୍‌କୋ ଆକ୍ଟ ଏବଂ ୬୭(ବି) ଆଇଟି ଆକ୍ଟରେ ମାମଲା(ନଂ.୨୪୭/୧୯) ରୁଜୁ କରି ପ୍ରକାଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପ୍ରକାଶ ଏକ ଘରୋଇ ଟିଭି ଚ୍ୟାନେଲ୍‌ରେ ଭିଜୁଆଲ ଏଡିଟରଭାବେ କାମ କରନ୍ତି। ଏହାସହ ସେ କେତେକ ସଂସ୍ଥାରେ ଡକ୍ୟୁମେଣ୍ଟାରୀ ଓ ସିରିଏଲ୍ ଭିଜୁଆଲ ଏଡିଟିଂ କରନ୍ତି। ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ନାବାଳିକା ଜଣକ ପରିବାର ସହ ରୁହନ୍ତି। ଏକ ଦୋକାନରେ ନାବାଳିକାଙ୍କ ମା'ଙ୍କ ସହ ପ୍ରକାଶଙ୍କର ପରିଚୟ ହୋଇଥିଲା। ତାଙ୍କ ପୁଅକୁ ଫିଲ୍ମରେ ରୋଲ୍ କରାଇ ଦେବାକୁ କହି ସମ୍ପର୍କ ବଢ଼ାଇଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶ ମହିଳାଙ୍କ ଝିଅ ସଂସ୍ପର୍ଶରେ ଆସି ତାଙ୍କୁ ମିଛ କଥା କହି ପ୍ରେମ ଜାଲରେ ଫସାଇଥିଲେ। ଏପରିକି ନାବାଳିକାଙ୍କୁ ବାହାରକୁ ନେଇ ବୁଲାବୁଲି କରିଥିଲେ। ଏହି ସମୟରେ ପ୍ରକାଶ ନାବାଳିକାଙ୍କ ସହ କିଛି ଫଟୋ ନିଜ ମୋବାଇଲ୍ ଫୋନ୍‌ରେ ରଖିଥିଲେ। କୌଣସି କାରଣରୁ ନାବାଳିକା ଜଣକ ଦୂରେଇ ଯିବାରୁ ପ୍ରକାଶ ତାଙ୍କ ମୋବାଇଲ୍ ଫୋନ୍‌କୁ ଅଶ୍ଳୀଳ ମେସେଜ୍ ପଠାଇବା ସହ ନାନା ଧମକ ଦେଇ ଆସୁଥିଲେ। ଶେଷରେ ପ୍ରତିଶୋଧ ପରାୟଣ ହୋଇ ଫଟୋ ଭାଇରାଲ କରିଥିଲେ।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ରହିଥାଏ।

- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଲୁଟ ଅଭିଯୋଗରେ ୧୫ ଗିରଫ

ପୁରୀ ଅଫିସ, ୫।୭:ପୁରୀ ସହରରେ ବାହାର ରାଜ୍ୟର ଲୁଟେରା ଗ୍ୟାଙ୍ଗ ମାତିଛନ୍ତି। ରଥଯାତ୍ରାରେ ଗହଳିର ସୁଯୋଗ ନେଇ ଭକ୍ତଙ୍କଠାରୁ ସୁନାଚେନ, ମୋବାଇଲ ଓ ଟଙ୍କା ଲୁଟ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୧୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ଦେବେନ୍ଦ୍ର ମହାନ୍ତି, ଆର.କାର୍ତ୍ତିକ, ରତିକାନ୍ତ ପ୍ରଧାନ, ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣାର ପିଙ୍କୁ କହ୍ନାଇ, ସି.ସର୍ଦ୍ଦାର, କେ.ଶମ୍ଭୁ ସିଂ, ଦିନା ସିଂ, ଛତିଶଗଡ଼ର ଗୋଲି ଶୁଭାଶିଷ,ଅନୁପ ଶର୍ମା, ଉତ୍ତରପ୍ରଦେଶର ଚୁନୁରା ଥୋର, ରାୟପୁରର ମଧୁସୂଦନ ବାଗ, ଜଗତପୁରର ଦିଲୀପ କୁମାର ବିଶ୍ୱାଳ, ଭୁବନେଶ୍ୱରର ସୁକାନ୍ତ କୁମାର ବରାଳ, ପାରଦ୍ୱୀପର ଜଗବନ୍ଧୁ ଜେନା,ପଶ୍ଚିମବଙ୍ଗର ସଇଫୁଲ ତସ୍କର, ମହାରାଷ୍ଟ୍ରର ପଙ୍କଜ ଦୀପକ କାଲେ ଏବଂ କଟକ କନ୍ଦରପୁର ର ମୀରେନଧର ଶୁକ୍ଲା। ଏମାନଙ୍କଠାରୁ ୧୨ଟି ମୋବାଇଲ ଓ ୨ଟି ସୁନାଚେନ ଜବତ କରାଯାଇଛି।

### ବେଳାଭୂମିରୁ ବୃଦ୍ଧଙ୍କ ମୃତଦେହ ଜବତ

ପୁରୀ ଅଫିସ, ୫।୭: ସମୁଦ୍ରକୂଳ ଥାନା ପୋଲିସ ଶୁକ୍ରବାର ସମୁଦ୍ର ବେଳାଭୂମିର ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପ୍ରାୟ ୬୦ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ରାଜଭବନ ପଛପଟ ବେଳାଭୂମିରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

### ଭଙ୍ଗାରୁଜା ଅଭିଯୋଗରେ ଯୁବତୀ ଗିରଫ

ପୁରୀ ଅଫିସ,୫।୭: ହୋଟେଲ ଭଙ୍ଗାରୁଜା ଓ ହତ୍ୟା ଧମକ ଦେବା ଅଭିଯୋଗରେ ଶୁକ୍ରବାର ସମୁଦ୍ରକୂଳ ଥାନା ପୋଲିସ ଜଣେ ବଙ୍ଗୀୟ ଯୁବତୀଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗର କୀର୍ତ୍ତି ମୁନ୍ଦାରା। ସୂଚନା ଅନୁଯାୟୀ, ଗତ ୪ତାରିଖରେ କାର୍ତ୍ତି ଓ ତାଙ୍କ ମା' ସିଟି ରୋଡସ୍ଥିତ ଏକ ହୋଟେଲରେ ରହିଥିଲେ। କୌଣସି କାରଣକୁ ନେଇ ହୋଟେଲ କର୍ତ୍ତୃପକ୍ଷଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କୀର୍ତ୍ତି ହୋଟେଲର କିଛି ସାମଗ୍ରୀ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ହତ୍ୟା ଧମକ ଦେଇଥିଲେ। ପୂର୍ବରୁ ଉକ୍ତ ମା' ଓ ଝିଅ ଭକ୍ତ ନିବାସ ରୁମ ଛାଡ଼ିବାକୁ ନେଇ ଗଣ୍ଡଗୋଳ କରିଥିବା ଜଣାପଡ଼ିଛି।

### ସ୍ୱେଚ୍ଛାସେବୀଙ୍କୁ ହତ୍ୟା ଧମକ

ପୁରୀ ଅଫିସ, ୫।୭: ରଥଯାତ୍ରାରେ ଜନୈକ ସ୍ୱେଚ୍ଛାସେବୀଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଶୁକ୍ରବାର କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱରସ୍ଥ ଆଇଆର୍‌ସି ଭିଲେଜର ସୁନିଲ ଅଗ୍ରୱାଲ ତାଙ୍କ ସାଥିଙ୍କ ସହ ଗୁଣ୍ଡିଚା ମନ୍ଦିର ନିକଟରେ ଲୋକଙ୍କୁ ମାଗଣା ଖାଦ୍ୟ ବାଣ୍ଟୁଥିଲେ। କୌଣସି କାରଣକୁ ନେଇ ପ୍ରମୋଦ କୁମାର ଚନ୍ଦୁକା ନାମକ ଯୁବକ ଓ ତାଙ୍କ ସହଯୋଗୀ ତାଙ୍କ ସହ ଗଣ୍ଡଗୋଳ କରିଥିଲେ। ସୁନିଲ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ।

### ଯୁବକଙ୍କୁ ଗରମ ତେଲ ଫିଙ୍ଗିଲେ ଦୋକାନୀ

ପୁରୀ ଅଫିସ, ୫।୭: ଗଛକଟାକୁ କେନ୍ଦ୍ରକରି ଜଣେ ଦୋକାନୀ ଗରମ ତେଲ ପକାଇ ଦେବାରୁ ଜଣେ ଯୁବକ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଛି। ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ବାଲିପୁଟ ଗ୍ରାମର ଗଣେଶ ଶତପଥି। ଏ ନେଇ ତାଙ୍କ ଭାଇ ଗଙ୍ଗାଧର ଥାନାରେ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ କରୁଛି ପୋଲିସ। ଅଭିଯୋଗ ଅନୁଯାୟୀ, ଗଙ୍ଗାଧର ଶୁକ୍ରବାର ଘର ନିକଟ ପୋଖରୀରେ ଲାଗିଥିବା କିଛି ଚାରା ଉପାଡ଼ି ତାଙ୍କ ଘର ସମ୍ମୁଖରେ ପୋତିଥିଲେ। ଏହି ସମୟରେ ସୁଶାନ୍ତ ଶତପଥି ନାମକ ଦୋକାନୀ ତାଙ୍କୁ ବିରୋଧ କରିଥିଲେ। ଏ ନେଇ ଗଙ୍ଗାଧର ତାଙ୍କ ସାନଭାଇ ଗଣେଶଙ୍କୁ ଜଣାଇଥିଲେ। ପରେ ଦୁଇଭାଇ ମିଶି ସୁଶାନ୍ତଙ୍କ ଦୋକାନକୁ ଯାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ସୁଶାନ୍ତ ଚୁଲିରେ ବସିଥିବା କଡେଇରୁ ଗରମ ତେଲ ସେମାନଙ୍କ ଉପରକୁ ପକାଇ ଦେଇଥିଲେ। ଗରମ ତେଲ ଗଣେଶଙ୍କ ମୁହଁ ଛାତି, ଗୋଡ଼, ହାତରେ ପଡ଼ିଥିଲା।

# ଠେଲାଦୋକାନୀଙ୍କ ତରକାରି ଢାଳିଦେଲା ପୋଲିସ

ପୁରୀ ଅଫିସ, ୫।୭:

ରଥଯାତ୍ରାରେ ପୁରୀରେ ଭଲ ବ୍ୟବସାୟ ହେବ। ଦି'ପଇସା ଅଧିକ ରୋଜଗାର ହେବ। ଏହି ଆଶାରେ ଗୋପ ନାଗପୁର ଅଞ୍ଚଳର ଜଣେ ଠେଲା ଦୋକାନୀ ଶରଧାବାଲିକୁ ଆସିଥିଲେ। ବରା, ପକୁଡ଼ି, ମଟର ତରକାରୀ ଇତ୍ୟାଦି ବିକୁଥିଲେ। ପାର୍କିଂସ୍ଥଳ ବିଷୟରେ ତାଙ୍କୁ ଜଣା ନ ଥିଲା। ତେବେ ପୋଲିସ ପହଞ୍ଚି ତାଙ୍କ ଉପରେ ହାକିମାତି ଦେଖାଇଥିଲା। ଜାଗା ଛାଡ଼ିବାକୁ ଧମକ ଦେଇଥିଲା। ବ୍ୟବସାୟୀଙ୍କର ସାମାନ୍ୟ ବିଳମ୍ବ ହେବାରୁ ପୋଲିସ ହିତାହିତ ଜ୍ଞାନ ଭୁଲିଯାଇଥିଲା। ତାଙ୍କ ମଟର ତରକାରୀ ହାଣ୍ଡିକୁ ଢାଳି ଦେଇଥିଲା। ଛିନଛତ୍ର ହୋଇ ମଟର ସବୁ ଏଣେତେଣେ ଗଡ଼ି ଯାଇଥିଲା। ବ୍ୟବସାୟୀ ଜଣଙ୍କ ମନଦୁଃଖରେ ଚାଲି ଯିବାକୁ ପ୍ରସ୍ତୁତ ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ଦୋକାନୀଙ୍କ ସମ୍ପର୍କୀୟ କାନ୍ଦି କାନ୍ଦି ମଟରଗୁଡ଼ିକୁ ତୋଳୁଥିବା ଦେଖିବାକୁ ମିଳିଥିଲା। କାହିଁକି ତଳେ ପଡ଼ି ଅଳିଆ ହେବ ତେଣୁ ଏହାକୁ ଗୋଟାଇ ବାହାରକୁ ନେଇ ଫିଙ୍ଗିଦେବୁ ବୋଲି ସେ କହିଥିଲେ।

ମଟରଗୁଡ଼ିକୁ ତୋଳୁଥିବା ମହିଳା କହିଥିଲେ, ଗତ ବାତ୍ୟାରେ ଘରଦ୍ୱାର ସବୁ ଭାଙ୍ଗିଯାଇଛି। ପେଟପାଟଣା ପାଇଁ ଠେଲାଗାଡ଼ିରେ ବରା, ତରକାରୀ ବ୍ୟବସାୟ କରୁଛୁ। ଆମେ ପାର୍କିଂ କଥା ଜାଣି ନ ଥିଲୁ। ବଡ଼ଦାଣ୍ଡରେ ବିଭିନ୍ନ ସ୍ଥାନରେ ଉଠାବ୍ୟବସାୟୀ ବସିଛନ୍ତି। ତେଣୁ ଆମେ ଫାଙ୍କା ଜାଗା ଦେଖି ଠେଲାଗାଡ଼ି ରଖିଥିଲୁ। ପୋଲିସ ପହଞ୍ଚି ପଳାଇଯିବାକୁ କହିଲା। କାହିଁକି ଏଠି ଠେଲାଗାଡ଼ି ରଖିଛୁ କହି ଧମକ ଦେଲା। ସାଜସରଞ୍ଜାମ ଉଠାଇବାରେ ଟିକେ ବିଳମ୍ବ ହେବାରୁ ମଟର ତରକାରୀ ହାଣ୍ଡି ତଳେ ଢାଳିଦେଲା ବୋଲି କାନ୍ଦି କାନ୍ଦି ମହିଳା ଜଣଙ୍କ ପ୍ରକାଶ କରିଥିଲେ।

**ଖାକିର ନାଲିଆଖି**



ପୋଲିସ ଢାଳିଦେଇଥିବା ମଟର ତରକାରିକୁ ଗୋଟାଉଛନ୍ତି ମହିଳା।

# ୨ଶହ ବର୍ଷର ପୁରୁଣା ପଥୁରିଆ ସାହି ରଥଯାତ୍ରା



ପଥୁରିଆ ସାହିର ନନ୍ଦିଘୋଷ ରଥ।

ପୁରୀ ଅଫିସ, ୫।୭ :

ପଥୁରିଆ ସାହିରେ ନନ୍ଦିଘୋଷ ରଥ ବହୁ ପୁରୁଣା। ଏହା ପ୍ରାୟ ୨୦୦ ବର୍ଷ ହେବ ଆୟୋଜିତ ହୋଇଆସୁଛି। ଏହାର ଆୟୋଜନ କରୁଛନ୍ତି ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା। ସେ କୁହନ୍ତି ମୋ' ବାପା ପଣ୍ଡିତ ସଦାଶିବ ରଥଶର୍ମା ଓ ଜେଜେ ପଣ୍ଡିତ ରାମଚନ୍ଦ୍ର ରଥଶର୍ମା ଏହାର ଆରମ୍ଭ କରିଥିଲେ।

ପିଲାଦିନେ ଘୋଷଯାତ୍ରା ବେଳେ ସାଙ୍ଗସାଥି ମେଳରେ କୁନି ରଥ ଧରି ବଡଦାଣ୍ଡ ବୁଲି ଗୁଣ୍ଡିଚା ଘର ନିକଟକୁ ଯାଉଥିଲି। ପରେ କାର୍ଯ୍ୟବ୍ୟସ୍ତତା ଯୋଗୁ ଆଉ ଯାଇପାରୁନାହିଁ। ଏବେ ରଥ ଆମ ସାହିରୁ ବାହାରିବା ପରେ କୁନି ପିଲାମାନେ ଏହାକୁ ଟାଣି ନେଇ ଗୁଣ୍ଡିଚା ଘର ପର୍ଯ୍ୟନ୍ତ ଯାଆନ୍ତି। ସେଠାରୁ ସାହିକୁ ଫେରି ଆସନ୍ତି। ଘର ଆଗରେ ରଥରେ ମହାପ୍ରଭୁ ପୂଜା ପାଆନ୍ତି। ଗୁଣ୍ଡିଚା ଯାତ୍ରାରେ ଯେପରି ମହାପ୍ରଭୁମାନଙ୍କ ଯେପରି ରୀତିନୀତି ପାଳନ କରାଯାଏ ଏଠାରେ ମଧ ସେପରି କରାଯାଏ । ସ୍ନାନ ପୂର୍ଣ୍ଣିମା ଦିନ ଠାରୁ ପତିତପାବନ ଅଣସର ଘରେ ରୁହନ୍ତି । ଏହି ଅଣସର ଘର ପଥୁରିଆ ସାହିରେ କରାଯାଏ। ଏହାପରେ ପଟି ଦିଅଁ ପୂଜା ପାଆନ୍ତି। ଆଖପାଖ ସାହିର ଲୋକମାନେ ନବଯୌବନ ଦର୍ଶନ କରିବାକୁ ଆମ ସାହିକୁ ଆସିଥାନ୍ତି । ରଥଯାତ୍ରା ଦିନ ପ୍ରାତଃ ସମୟରେ ଖେଚଡି ଭୋଗ କରାଯାଏ। କୁନି ପିଲାମାନେ ଏହି ରଥକୁ ଟାଣିଥାନ୍ତି । ମରିଚିକୋଟ ଛକ ଦେଇ ଏହି କୁନି ରଥ ବଡ଼ଦାଣ୍ଡରେ ପହଞ୍ଚିଥାଏ । ମହାପ୍ରଭୁଙ୍କ ରଥ ପଛରେ ଏହି ରଥ ଗଡ଼ିଥାଏ ଓ ଗୁଣ୍ଡିଚା ମନ୍ଦିର ନିକଟରେ ରହିଥାଏ। ସେଠାରେ ଏକ ଘରେ ପତିତପାବନ ରହିଥାନ୍ତି । ତାହାକୁ ଆମେ ଗୁଣ୍ଡିଚା ଘର ବୋଲି କହିଥାଉ । ଏଠାରେ ପତିତପାବନଙ୍କ ସୁନାବେଶ କରାଯାଇଥାଏ। ସେଥିପାଇଁ ସୁନାରେ ସମସ୍ତ ଅଳଙ୍କାର ପ୍ରସ୍ତୁତ ହୋଇଛି । ସେହିପରି ନିଳାଦ୍ରିବିଜେ ନୀତି କରାଯାଇଥାଏ ବୋଲି କୁହନ୍ତି ପଣ୍ଡିତ ରଥଶର୍ମା।

# +୩ ବିଜ୍ଞାନ ବିଭାଗ ଖୋଲିବା ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**ଗୋପ କଲେଜ**

ଗୋପ, ୫।୭(ଡି.ଏନ୍.ଏ.)

ଗୋପ ବ୍ଲକର ପ୍ରଥମ ମହାବିଦ୍ୟାଳୟ ଭାବେ ଗୋପ ମହାବିଦ୍ୟାଳୟ ନିଜର ସ୍ଥିତି ଜାହିର କରିଥିବାବେଳେ ଏବେ ଭିତ୍ତିଭୂମି ନ ଥିବାରୁ +୩ ବିଜ୍ଞାନ ବିଭାଗ ଖୋଲିପାରୁନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର କଲେଜ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ସମ୍ମୁଖରେ ୨ ଘଣ୍ଟା ଧାରଣାରେ ବସିଥିଲେ। ପରେ ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ହସ୍ତକ୍ଷେପ ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଦୀର୍ଘବର୍ଷ ଧରି ଗୋପ ମହାବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ସାଙ୍ଗକୁ ଖୋଲିଥିବା ବିଭିନ୍ନ ବିଭାଗରେ ପାଠପଢ଼ା ଠିକ୍ ଭାବେ ହୋଇପାରୁନାହିଁ। କଲେଜ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ +୩ ବିଜ୍ଞାନ ବିଭାଗ ଖୋଲିପାରୁନାହିଁ। ମହାବିଦ୍ୟାଳୟର ପାଚେରି, ଖେଳପଡ଼ିଆ, ଶୌଚାଳୟ, ପାନୀୟ ଜଳ ସାଙ୍ଗକୁ ଅନ୍ୟାନ୍ୟ ମୌଳିକ ସୁବିଧା ଛାତ୍ରୀଛାତ୍ରୀଙ୍କ ପାଇଁ ନାହିଁ। ଦୀର୍ଘବର୍ଷ ଧରି ଏହି ମହାବିଦ୍ୟାଳୟରେ ଥିବା ଅଧ୍ୟାପକମାନେ ଠିକ୍ ଭାବେ କଲେଜକୁ ଆସୁ ନ ଥିବା, ପାଠ ପଢ଼ାଉ ନ ଥିବା ସହିତ ସ୍ଥାୟୀ ଅଧକ୍ଷ ପଦ ପୂରଣ ହୋଇପାରୁ ନ ଥିବା ନେଇ ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିକ୍ଷୋଭ ପ୍ରତିବାଦ ସହିତ ଧାରଣା ମଧ ଦିଆଯାଇଥାଏ। ପରିଚାଳନା କମିଟି ସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ମହାବିଦ୍ୟାଳୟ ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଥିଲେ ମଧ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି।

## ରଥଯାତ୍ରାରେ ସେବା
# ନିୟମ ମାନୁନାହାନ୍ତି ବହୁ ସଙ୍ଗଠନ

ପୁରୀ ଅଫିସ,୫।୭:

ରଥଯାତ୍ରା ଅବସରରେ କୌଣସି ସଙ୍ଗଠନ ସିଂହଦ୍ୱାରଠାରୁ ମାର୍କେଟ ଛକ ମଧରେ ରନ୍ଧା ଖାଦ୍ୟ ବିତରଣ କରିପାରିବେ ନାହିଁ ବୋଲି ପ୍ରଶାସନ କଟକଣା ଲଗାଇଥିଲା। ମାତ୍ର ଏହାକୁ ଅନେକ ସଙ୍ଗଠନ ମାନିନାହାନ୍ତି। ଦାୟିତ୍ୱରେ ଥିବା ଅଧିକାରୀ ପ୍ରିୟାପ୍ରୀତି ତୋଷଣ କରିଥିବା କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ ପଣ୍ଡା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ପ୍ରଶାସନ ନିଷ୍ପତ୍ତିକୁ ମାନି ଆମେ ବଡ଼ଦାଣ୍ଡଠୁ ୧ କିମି ଦୂରରେ ଖାଦ୍ୟ ପ୍ରସ୍ତୁତ କଲୁ। ଟ୍ରଲିରେ ଲୋକ ଲଗାଇ ବୁହାଇ ଆଣିବା ବେଳେ ୧ କୁଇଣ୍ଟାଲ ଦହି ଏବଂ ଗୋଟିଏ ବଡ଼ ଟପ୍ ହାଲୁଆ ତଳେ ପଡ଼ି ନଷ୍ଟ ହୋଇଗଲା। କେବଳ ଟ୍ରଲି ନେବା ଆଣିବା ଭଡ଼ା ବାବଦକୁ ୭ ହଜାର ଟଙ୍କା ଖର୍ଚ୍ଚ ହେଲା। ଆମେ କ୍ଷତି ସହିଲୁ। ଅଥଚ ରଥଯାତ୍ରା ଦିନ ଏକାଧିକ ସଙ୍ଗଠନ ସିଂହଦ୍ୱାରଠାରୁ ମାର୍କେଟ ଛକ ମଧରେ ରନ୍ଧାଖାଦ୍ୟ ବାଣ୍ଟିଥିଲେ। ତେଣୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପକ୍ଷପାତିତା ଏଥିରୁ ସ୍ପଷ୍ଟ ହେଉଛି। ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ପ୍ରଶାସନର ବୈଠକରେ ଆମେ ଦୁଦୁୱାଲା ଧର୍ମଶାଳା ଭିତରେ ପର୍ଯ୍ୟାପ୍ତ ଜାଗା ଅଛି। ସେଠାରେ ଭକ୍ତଙ୍କୁ ଖାଦ୍ୟ ଦେବୁ ବୋଲି କହିଥିଲୁ। କିନ୍ତୁ ଜଣେ ପୋଲିସ ଅଧିକାରୀ ପୂର୍ବରାଗ ରଖି କିଛି ଶୁଣି ନ ଥିଲେ ବୋଲି ସ୍ୱାଧୀନ ଅଭିଯୋଗ କରିଛନ୍ତି।

# ବନ୍ତିଳୋରେ ବାସି ରଥଯାତ୍ରା

କାକଟପୁର, ୫।୭(ଡି.ଏନ୍.ଏ.)

ଶ୍ରୀଗୁଣ୍ଡିଚା ଦିନ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଥିବାବେଳେ ଅସ୍ତରଙ୍ଗ ବ୍ଲକର ବନ୍ତିଳୋ ଗ୍ରାମରେ ଶୁକ୍ରବାର ବାସି ରଥଯାତ୍ରା ଅନୁଷ୍ଠିତ ହୋଇଛି। ଗୁରୁବାର ପୂଜକ ବେଲାଲସେନ ପାଢ଼ୀ ଓ ଗ୍ରାମବାସୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ମନ୍ଦିରରୁ ନେଇ ରଥାରୂଢ଼ କରାଇଥିଲେ। ଗୁରୁବାର ରାତିରେ ଶ୍ରୀଜୀଉମାନେ ରଥରେ ରହିଥିଲେ। ଶୁକ୍ରବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ, ମାଜଣା, ପହିଲିଧୂପ ନୀତି ରଥ ଉପରେ ଅନୁଷ୍ଠିତ ହୋଇଥିବାବେଳେ ଅପରାହ୍ନରେ ରଥଟଣା ହୋଇଥିଲା। ଠାକୁରମାନେ ଘରକୁ ଘର ଯାଇ ଭୋଗ ଖାଇ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ସନ୍ଧ୍ୟା ଆଳତି, ବାଲଧୂପ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସେଠାରେ ଦଶାବତାର ବୋଲାଯାଇଥିଲା। ଝିପି ଝିପି ବର୍ଷା ସତ୍ତ୍ୱେ ବନ୍ତିଳୋ ବାସି ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



ବନ୍ତିଳୋରେ ଆୟୋଜିତ ରଥଯାତ୍ରାରେ ଜନସମାଗମ।

# ଦିବ୍ୟାଙ୍ଗଙ୍କୁ ରିଲିଫ ବଣ୍ଟନ

ସାକ୍ଷୀଗୋପାଳ, ୫।୭(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକର ବାତ୍ୟା ପ୍ରଭାବିତ ଦିବ୍ୟାଙ୍ଗମାନଙ୍କୁ ଶୁକ୍ରବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ଅନୁଷ୍ଠାନ 'ଶ୍ରଦ୍ଧା ଫାଉଣ୍ଡେଶନ ଟ୍ରଷ୍ଟ' ଓ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା 'ଅଧିକାର'ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧିକାରର ସ୍ଥାନୀୟ ଶାଖା ପରିଚାଳକ ଶୁଭେନ୍ଦୁ କୁମାର ଦଳେଇ ଓ ଶ୍ରଦ୍ଧା ଫାଉଣ୍ଡେଶନର ଅଧକ୍ଷ ଇଂ. ସୌମ୍ୟାକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଫାଉଣ୍ଡେଶନର ସମ୍ପାଦକ ପ୍ରଭାତ ଚନ୍ଦ୍ର ସାମନ୍ତରାୟ।



ଦିବ୍ୟାଙ୍ଗମାନଙ୍କୁ ରିଲିଫ ପ୍ରଦାନ କରାଯାଉଛି।

# ରଥଯାତ୍ରାରେ ଶୋଭନୀୟ ବାହିନୀର ସେବାକାର୍ଯ୍ୟ

ପୁରୀ ଅଫିସ, ୫।୭

ପୁରୀ ରଥଯାତ୍ରାରେ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର, ପରିମଳ କାର୍ଯ୍ୟକ୍ରମ, ଆମ୍ବୁଲାନ୍ସ ସେବା, ଜଳସେବା ଆଦି ଆରମ୍ଭ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରାଠାରେ କଟକ ବଡ ମେଡ଼ିକାଲ୍‌ର ପୂର୍ବତନ ଭାରପ୍ରାପ୍ତ ଅଧକ୍ଷା ପ୍ରଫେସର ଡାକ୍ତର ଇନ୍ଦିରାଜୀ ଏହି ସେବା କାର୍ଯ୍ୟକୁ ଉଦ୍‌ଘାଟନ କରିଛନ୍ତି। ଡାକ୍ତର ବନବିହାରୀ ମିଶ୍ର, ସରୋଜିନୀ ବାରିକ, ଶିବବ୍ରତ କରଣ, ଉମାଶଙ୍କର ଦାସ, ରାକେଶ କୁମାର ଜେନା ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ। ଡଃ. ଅରୁନ୍ଧତୀ ଦେବୀଙ୍କ ପରିଚାଳନାରେ ରୁକ୍ମିଣୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡାକ୍ତର ସେବା ମହାପାତ୍ର, ପ୍ରଫେସର ଡାକ୍ତର ଶାନ୍ତି କାନୁନ୍‌ଗୋ, ପ୍ରଫେସର ଡାକ୍ତର ସନାତନ ବିଶିଙ୍କ ସମେତ ଶୋଭନୀୟ ବାହିନୀ ଏଥିରେ ସହଯୋଗ କରୁଛନ୍ତି।




ସେବା କାର୍ଯ୍ୟରେ ସାମିଲ ହୋଇଥିବା ଡାକ୍ତର ଓ ଶୋଭନୀୟ ଆନ୍ଦୋଳନ କର୍ମକର୍ତ୍ତା।

# 'କାଳିଆ ଦର୍ଶନଠୁ ବଡ଼ ଖୁସି ନାହିଁ'

ପୁରୀ ଅଫିସ, ୫।୭:

**ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତବତ୍ସଳ ଠାକୁର। ଶୁକ୍ରବାର ଶରଧାବାଲିରେ ରଥ ଉପରେ ତାଙ୍କ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଭକ୍ତ। ଏ ନେଇ କେତେଜଣ ଶ୍ରଦ୍ଧାଳୁଙ୍କ ଅନୁଭୂତି ଏଠାରେ ଉପସ୍ଥାପନ କରୁଛୁ।**



ଆତୁର ମନରେ ଡାକିଲେ କାଳିଆ ଠାକୁର ଶୁଣନ୍ତି। ଅତୀତରେ ଦାସିଆ ବାଉରି, ବଳରାମ ଦାସ ଆଦି ପ୍ରମୁଖ ଭକ୍ତଙ୍କ ଡାକ ଶୁଣିଥିଲେ। ମୁଁ ମହାପ୍ରଭୁଙ୍କୁ ଯେତେବେଳେ ଯାହା ମାଗିଛି ତାହା ମିଳିଛି। ଆଜି ମଧ ରଥରେ ଦର୍ଶନ ବେଳେ ଜଣେ ସେବାୟତ ତମ ମନସ୍କାମନା ପୂରଣ ହେବ କହି ତୁଳସୀ ଟିକେ ହାତରେ ଧରାଇ ଦେଇ କେଉଁ ଆଡ଼େ ଚାଲିଗଲେ। ଦେଖିଲା ବେଳକୁ କାଳିଆ ହସୁଛନ୍ତି। ମନ ଭରି କାଳିଆକୁ ଦର୍ଶନ କରିଛି। ଏହାଠାରୁ ଜୀବନରେ ଆଉ କିଛି ଖୁସି ନାହିଁ।

-ସାଗରିକା ରଥ, ଗଜପତି ନଗର, ପୁରୀ



ରଥାରୂଢ ଶ୍ରୀଜୀଉଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ରହିଛି। କାଳିଆ ଠାକୁରଙ୍କ ଚକାନୟନକୁ ଥରେ ଦେଖିଦେଲେ, ମନ ସେଠି ଅଟକି ଯାଏ। ଠେଲାପେଲା, ପ୍ରବଳ ଗହଳି ମଧରେ ବର୍ଷାରେ ଭିଜି ତାଙ୍କ ଦର୍ଶନ କରିବା ଥିଲା ନିଆରା। ପ୍ରତିବର୍ଷ ରଥଯାତ୍ରାକୁ ମୁଁ ଅପେକ୍ଷା କରି ରହିଥାଏ।

-ଶିବାନୀ ଭୂୟାଁ, ନୀଳଚକ୍ର ନଗର, ପୁରୀ



ସେ ଭାବର ଠାକୁର। ରଥରେ ତାଙ୍କ ଦର୍ଶନ ଅତି ଦୁର୍ଲଭ। ଶୁକ୍ରବାର ଭୋରରେ ଅତି ନିକଟରୁ ରଥରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଛି। ମହାପ୍ରଭୁଙ୍କ ମୁଖକୁ ଥରେ ଦେଖିଦେଲେ, ମୁଁ ସବୁକିଛି ଭୁଲିଯାଏ। ବିଶ୍ୱନିୟନ୍ତାଙ୍କ ଏଭଳି ଦର୍ଶନ ଭାଗ୍ୟରେ ଥିଲେ ମିଳେ।

-ବବିତା ଦାସ, ମୁକୁନ୍ଦମିଶ୍ର ନଗର, ପୁରୀ



ଗୁରୁବାର ରାତି ଓ ଶୁକ୍ରବାର ସକାଳେ ରଥରେ ମହାପ୍ରଭୁଙ୍କ ଦର୍ଶନ କରି ମୁଁ ଭାବ ବିହ୍ୱଳ ହୋଇପଡ଼ିଥିଲି। ଭାବ ବିନୋଦିଆ କାଳିଆ ସାଆନ୍ତଙ୍କୁ ହାତ ଟେକିଦେଲେ, ସେ ସବୁ ଦୁଃଖ ହରଣ କରି ନିଅନ୍ତି।

- ଦେବସ୍ମିତା ସାହୁ, ଶ୍ୟାମାକାଳୀ ଲେନ, ପୁରୀ

ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ ଗୁଣ୍ଡିଚା ଦର୍ଶନର ସୌଭାଗ୍ୟ ମିଳେ। ଶୁକ୍ରବାର ସକାଳେ ମହାପ୍ରଭୁଙ୍କୁ ରଥରେ ଦେଖିଥିଲି। ସେ ମୋର ଆରାଧ ଦେବତା। ତାଙ୍କୁ ଦର୍ଶନ ପରେ ଆଉ କିଛି ଆଶା ନ ଥାଏ। ତାଙ୍କ ନିକଟରେ ମଥା ଟେକିଦେଲେ ସବୁ ଆଶା ଆପେ ଆପେ ପୂର୍ଣ୍ଣ ହୋଇଯାଏ।



-ପ୍ରଦୋଷ୍ଟା ମହାପାତ୍ର, ତାଳବଣିଆ, ପୁରୀ

ଘୋଷଯାତ୍ରାରେ ଲକ୍ଷ ଲକ୍ଷ ଲୋକ ଭାବବିହ୍ୱଳ ହୋଇ ଟଥ ଦଉଡ଼ି ଟାଣିବା ଲାଗି ବ୍ୟାକୁଳ ହେଉଥିବା ଦେଖି ଆନନ୍ଦିତ ହେଲି। ରଥରେ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମଣୁଛି।



-ରେବତୀଲତା କୁଅଁର, ବାରିପଦା, ମୟୂରଭଞ୍ଜ